
230
64361
23/11/93
Feb + March - 1986

# ଉତ୍କଳ ପ୍ରସଙ୍ଗ



Vol. XLII No. 6 UTKAL PRASANGA Regd. No. O-05/86
Licence No. C. R. N. P. 5—Licensed to post without Pre-Payment



ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ........





“ ଫଗୁଣ ମାସରେ ଦୋଳଗୋବିନ୍ଦ
ଫଗୁ ଖେଳୁଥାନ୍ତି ପରମାନନ୍ଦ
ଅବିର ସଙ୍ଗେ ଝିଲେରି ମିଶାଇ
[illegible] ”

# ଉତ୍କଳ ପ୍ରସଙ୍ଗ

ମାଘ/ଫାଲ୍‌ଗୁନ ୧୯୦୭ ଶକାବ୍ଦ ୪୨ ଭାଗ ୭/୮ମ ସଂଖ୍ୟା ଫେବୃଆରି/ମାର୍ଚ୍ଚ ୧୯୮୬

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର

ସମ୍ପାଦକ : ଶ୍ରୀ ମଦନ ମୋହନ ମିଶ୍ର

ସହଯୋଗୀ ସମ୍ପାଦକ .. ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ସହସମ୍ପାଦକ .. ପ୍ରହରାଜ ସତ୍ୟନାରାୟଣ ନନ୍ଦ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିକି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଅଭିନବ ବାରାଣସୀ କଟକ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଦାରିଦ୍ର୍ୟ ମୂଳୋତ୍ପାଟନ ସନ୍ଧାନେ ସପ୍ତମ ଯୋଜନା | ଡକ୍ଟର ମନମୋହନ ସିଂହ | ୬ |
| ଜନମଙ୍ଗଳ ରାଷ୍ଟ୍ର ଭାରତବର୍ଷ | ସ୍ୱର୍ଗତଃ ଡଃ ଭସର ଚନ୍ଦ୍ର ଦାଶ | ୭ |
| ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଉତ୍କଳ ବିଜୟ | ଶ୍ରୀ ଭକ୍ତବନ୍ଧୁ ପୂଜାରୀ | ୧୩ |
| ଆମ ଶିକ୍ଷା ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି | ଡକ୍ଟର ରାମଚନ୍ଦ୍ର ପଟ୍ଟନାୟକ | ୧୫ |
| ଭାରତର ମୁକ୍ତି ସଂଗ୍ରାମର ଏକ ଅଭୁଲା ସ୍ମୃତି | ଶ୍ରୀ ବସନ୍ତ କୁମାର ଦାଶ | ୧୭ |
| ଜାତୀୟ ଚେତନାର ଉନ୍ମେଷ | ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ଶର୍ମା | ୨୧ |
| ସଞ୍ଚିତ କାହାଣୀ | | ୨୩ |
| ଘରଟି ପ୍ରସଙ୍ଗ | | ୨୯ |
| ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଶ୍ରୀ ଚୈତନ୍ୟଦେବ | ଶ୍ରୀ ସଦାଶିବ ରଥ ଶର୍ମା | ୩୭ |
| ପାଷାଣ କାବ୍ୟ କଥା କହେ | ଶ୍ରୀ ନୃସିଂହ ପ୍ରସାଦ ଦେବ | ୪୩ |
| ବୋଲୋ ସବେ ବୋଲ ଗୋବିନ୍ଦମ୍ | ଶ୍ରୀ ପଙ୍କଜ ସାହୁ | ୪୯ |
| ଚଳଚ୍ଚିତ୍ର ବିକାଶରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ । | ଶ୍ରୀ ରଣଧୀର ଦାସ | ୫୭ |



# ଅଭିନବ ବାରାଣସୀ କଟକ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

କଟକ ସହର ଓଡ଼ିଶାର ସବୁଠାରୁ ପ୍ରାଚୀନ ସହର । ସମ୍ଭବତଃ ଜଗନ୍ନାଥ ପୁରୀ ପରେ କଟକର ନାମ ଭାରତବର୍ଷରେ ସୁବିଦିତ । ଯେଉଁମାନେ ଇତିହାସ ଅଧ୍ୟୟନ କରନ୍ତି ସେମାନେ କଟକକୁ କେବେହେଲେ ଭୁଲିପାରିବେ ନାହିଁ । କାରଣ ବହୁଦିନ ଧରି କଟକ ଓଡ଼ିଶାର ରାଜଧାନୀ ଥିଲା । ଓଡ଼ିଶାର ବିଭିନ୍ନ ରାଜବଂଶ କଟକ ସହରକୁ ତାଙ୍କର ରାଜଧାନୀ ରୂପେ ବାଛିଥିଲେ । ରାଜଧାନୀ ରୂପେ ବାଛିବାର କାରଣ, ଏହାର ତିନିପାଖ ମହାନଦୀ ଓ କାଠଯୋଡ଼ି ଦ୍ୱାରା ପରିବେଷ୍ଟିତ । ରାଜଧାନୀକୁ ଶତ୍ରୁମାନଙ୍କ ଆକ୍ରମଣରୁ ସୁରକ୍ଷା କରିବା ଲାଗି ନଦୀଗୁଡ଼ିକ ପରିଖା ଭଳି କାର୍ଯ୍ୟ କରନ୍ତି । ଇତିହାସ ପ୍ରସିଦ୍ଧ ନୃପକେଶରୀ କଟକ ସହର ପ୍ରତିଷ୍ଠା କରିଥିଲେ । କେଶରୀ ବଂଶର ମର୍କତ କେଶରୀ ପଥରବନ୍ଧ ନିର୍ମାଣ କରି ସହରକୁ ସୁଦୃଢ଼ କରିଥିଲେ । ଓଡ଼ିଶାର ଗଙ୍ଗବଂଶ, ସୂର୍ଯ୍ୟବଂଶ, ଭୋଇ ବଂଶର ରାଜାମାନେ କଟକ ସହରକୁ ସେମାନଙ୍କର ରାଜଧାନୀ ରୂପେ ସୁବିଦିତ କରାଇ ଭାରତବର୍ଷରେ ପ୍ରସିଦ୍ଧ କରାଇଥିଲେ । ମୋଗଲ ରାଜତ୍ୱ କାଳରେ ମଧ୍ୟ କଟକ ସହର ଓଡ଼ିଶାର ରାଜଧାନୀ ଥିଲା । ମୋଗଲ ସମ୍ରାଟ ଆକବର କଟକ ସହର ଦ୍ୱାରା ଏଭଳି ଅନୁପ୍ରାଣିତ ହୋଇଥିଲେ ଯେ ସେ ଏହାର ନାଁ ବାରାଣସୀ କଟକ ରଖିଥିଲେ । ଭାରତବର୍ଷକୁ ବର୍ଣ୍ଣନା କଲାବେଳେ ରାଜନୈତିକ ଇତିହାସ ଦୃଷ୍ଟିରୁ କୁହାଯାଇଥାଏ : "କଟକସେ ଅଟକତକ" । ଏହାର ଅର୍ଥ ହେଲା କଟକଠାରୁ ଆରମ୍ଭ କରି ଅଟକ୍ ପର୍ଯ୍ୟନ୍ତ । ଅଟକ ହିମାଳୟ ନିକଟବର୍ତ୍ତୀ ଚୀନ୍-ହିମାଳୟ ସୀମାନ୍ତ ଭିତରେ ଲାଦାଖ ଅନ୍ତର୍ଗତ ଏକ ସହର । ତେଣୁ କଟକ ସହର ଏକ ଐତିହାସିକ ନଗରୀ ।

କାଳକ୍ରମେ କଟକ ସହରର ଜନସଂଖ୍ୟା ବଢ଼ିବାକୁ ଲାଗିଲା । ଶହେବର୍ଷ ତଳେ କଟକ ସହରର ଲୋକସଂଖ୍ୟା ପଚିଶ ହଜାର ଥିଲାବେଳେ ସଂପ୍ରତି ଏହାର ଲୋକସଂଖ୍ୟା ସାଢ଼େ ତିନି ଲକ୍ଷ । ଅର୍ଥାତ୍ ସାତ ଗୁଣରୁ ବେଶୀ । ଶହେ ବର୍ଷ ମଧ୍ୟରେ ଗୋଟିଏ ସହରର ଲୋକସଂଖ୍ୟା କିଭଳି ସାତ ଗୁଣ ବୃଦ୍ଧି ପାଇଲା ତାହାହିଁ ପ୍ରଣିଧାନ ଯୋଗ୍ୟ । କଟକର ଚତୁଃପାର୍ଶ୍ୱରେ କାଠଯୋଡ଼ି ଓ ମହାନଦୀ ରହିଥିବାରୁ ଏହା ସଂପ୍ରସାରିତ ହେବାର କୌଣସି ଉପାୟ ନାହିଁ । ଏଣୁ ସୀମିତ ପରିସର ମଧ୍ୟରେ କିଭଳି ଯେ ସାଢ଼େ ତିନି ଲକ୍ଷ ଲୋକ ବାସ କରୁଛନ୍ତି ତାହା ସମ୍ଭବତଃ ବିଶ୍ୱାସ କରିହେବ ନାହିଁ । ଯଦି ଜନସଂଖ୍ୟା ବର୍ଗମାଇଲ ହିସାବରେ ବିଚାର କରାଯାଏ ତେବେ କଟକ ସହର ଭାରତର ସବୁଠାରୁ ଜନାକୀର୍ଣ୍ଣ ସହର ହେବ ।

କଟକ ସହରର ସର୍ବାଙ୍ଗୀନ ଉନ୍ନତି ଓ ଏହାକୁ ଏକ ସୁନ୍ଦର ସହର ରୂପେ ଗଢ଼ି ତୋଳିବାପାଇଁ କଟକ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ନାମକ ଏକ ସଂସ୍ଥା ଗଠନ କରାଯାଇଛି । କଟକ ସହର ମଧ୍ୟରେ କେଉଁ ସ୍ଥାନରେ ବାସଗୃହ, ଦୋକାନ ବଜାର, ବ୍ୟବସାୟ କେନ୍ଦ୍ର, କଳକାରଖାନା ସ୍ଥାପନ କରାଯାଇ ପାରିବ, ସେଗୁଡ଼ିକ ସବୁ ଦିଗରୁ ବିଚାର କରି କାର୍ଯ୍ୟକାରୀ କରିବା ଏହି ସଂସ୍ଥାର ଦାୟିତ୍ୱ । କଟକ ସହରର ବାଲୁବଜାର, ନୟାସଡ଼କ, ଚୌଧୁରୀ ବଜାର ଅଞ୍ଚଳ ସବୁଠାରୁ ଜନାକୀର୍ଣ୍ଣ । ଏହି ଜନାକୀର୍ଣ୍ଣ ଅଞ୍ଚଳକୁ ଭାଙ୍ଗିଦେଇ ଓସାରିଆ ରାସ୍ତା ସହ କଟକ ସହରକୁ ପୁନଃନିର୍ମାଣ କରାଯିବା ଲାଗି ଏକ ଉଦ୍ଭଟ ଚିନ୍ତାଧାରା ଏକଦା ପ୍ରକାଶ ପାଇଥିଲା । ଘରଦ୍ୱାର ଭାଙ୍ଗିଲେ କେତେଲୋକ ବାସଚ୍ୟୁତ ହେବେ ସରକାରଙ୍କୁ କେତେ କ୍ଷତିପୂରଣ ଦେବାକୁ ପଡ଼ିବ, ଏସବୁ ବିଷୟରେ କେବେ ଚିନ୍ତା କରାଯାଇ ନଥିଲା ।

ପରବର୍ତ୍ତୀ କାଳରେ କଟକ ସହରର ସଂପ୍ରସାରଣ ନିମନ୍ତେ ତା'ର ଆଖପାଖ ଅଞ୍ଚଳକୁ ଉନ୍ନତ ନକଲେ କଟକ ସହର ଯେ କେବେହେଲେ ସଂପ୍ରସାରିତ ହୋଇ ପାରିବ ନାହିଁ ତାହା ଉପଲବ୍ଧି କରାଗଲା । କଟକ ସହର ନିକଟବର୍ତ୍ତୀ ବିଦ୍ୟାନାସୀ ଅଞ୍ଚଳ ବିସ୍ତୃତ ଓ ବିଲୁପ୍ତ ଅବସ୍ଥାରେ ରହିଥିଲା । କୌଣସି ଲୋକ ଏ ଅଞ୍ଚଳ ବିଷୟରେ ଚିନ୍ତା କରୁ ନଥିଲେ । ଏହି ଅଞ୍ଚଳରେ ପ୍ରାୟ ଦୁଇ ହଜାର ଏକର ଜମି ଉନ୍ନତ କରାଯାଇ ପାରିବ । ବନ୍ୟା ସମୟରେ ଏ ଅଞ୍ଚଳରେ ପାଣି ଜମି ରହେ । ବିଦ୍ୟାନାସୀ ଏକ ପ୍ରାଚୀନ




ଗ୍ରାମ । କଟକ ସହରଠାରୁ ତାହା ମଧ୍ୟ ପ୍ରାଚୀନ । କାରଣ କଟକ ସହର ସ୍ଥାପିତ ହେବା ପୂର୍ବରୁ ବିଡ଼ାନାସୀ ସ୍ଥାପିତ ହୋଇ ସାରିଥିଲା ।

ନୃପ କେଶରୀ ଯେତେବେଳେ କଟକରେ ତାଙ୍କ ନଗରର ଭିତ୍ତି ସ୍ଥାପନ କଲେ ସେ ସମୟରେ ବିଡ଼ାନାସୀ ତାର ଦୁର୍ଗ ଥିଲା । କାଳକ୍ରମେ ସେସବୁ ଲୋପ ପାଇଯାଇଛି । ତହିଁର ଚିହ୍ନ ବର୍ଣ୍ଣ ନାହିଁ । ବର୍ତ୍ତମାନ ବିଡ଼ାନାସୀ କହିଲେ ଗୋଟିଏ କ୍ଷୁଦ୍ର ଗ୍ରାମ ଓ କଟକ କହିଲେ ଗୋଟିଏ ବଡ଼ ସହର । କିନ୍ତୁ ପ୍ରକୃତରେ କଟକ ଜନ୍ମ ନେଇଥିଲା ବିଡ଼ାନାସୀରେ । କଟକରେ ଯଦି ବନ୍ୟାର ପ୍ଲାବନ ହୁଏ, ତେବେ ବିଡ଼ାନାସୀର ଲୋକେ ସବୁଠାରୁ ବେଶୀ ଦୁଃଖ କଷ୍ଟ ଭୋଗ କରନ୍ତି । ସଂପ୍ରତି କଟକରେ ଯେଉଁ ପୁରୁଣା ପଥର ବନ୍ଧ ରହିଛି ତାହା ଭେଦ କରି ଜଳ ସହର ଆଡ଼କୁ ପ୍ରବେଶ କରୁଥିବା ପରିଲକ୍ଷିତ ହେବାରୁ କଟକରେ ଏକ ରିଂ ବନ୍ଧ କରି ବନ୍ଧକୁ ମଜବୁତ୍ କରିବା ଲାଗି ଉଦ୍ୟମ କରାଗଲା । ଏହା ଫଳରେ କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରାଯାଇ ପାରିବ । ରିଂ ରୋଡ଼ ନିର୍ମାଣ କରାଯିବାର ଅନ୍ୟ ଏକ କାରଣ ହେଲା ଜନାକୀର୍ଣ୍ଣ କଟକ ସହର ମଧ୍ୟରେ ଯାତାୟତ କରୁଥିବା ଯାନବାହାନର ନିୟନ୍ତ୍ରଣ । ଏଥିନିମନ୍ତେ ଚଉଦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ସେଥିମଧ୍ୟରୁ ଅର୍ଦ୍ଧାଧିକ ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି । ଅବଶିଷ୍ଟ ଟଙ୍କା ବିନିଯୋଗ କରାଯାଇ କଟେଇଠାରୁ ଆରମ୍ଭ କରି ଗଡ଼ଗଡ଼ିଆ ଘାଟ ପର୍ଯ୍ୟନ୍ତ ରାସ୍ତାଟିକୁ ସଂପୂର୍ଣ୍ଣ କରିବାକୁ ପଡ଼ିବ । କଟକ ଭଳି ଏକ ଐତିହାସିକ ସହରକୁ ରକ୍ଷା କରିବାପାଇଁ ବିପୁଳ ଅର୍ଥ ବିନି-ଯୋଗ କରାଯାଉଛି । ଏହି ସହିତ ବିଡ଼ାନାସୀ ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବାପାଇଁ ଏକ ଘେରିବନ୍ଧ ନିର୍ମାଣ କରିବାର ଆବଶ୍ୟକତା ଉପଲବ୍ଧି କରାଗଲା । କଟକ ସହରର ସଂପ୍ରସାରଣ ନିମନ୍ତେ ବିଡ଼ାନାସୀର ବିକାଶ ଅପରିହାର୍ଯ୍ୟ । ବିଡ଼ାନାସୀ ଅଞ୍ଚଳର ବିକାଶପରେ ସଂପୃକ୍ତ ଅଞ୍ଚଳରେ ଜମିର ମୂଲ୍ୟ ଯଥେଷ୍ଟ ବୃଦ୍ଧିପାଇଛି ।

ସଂପ୍ରତି ଅତ୍ୟାଧୁନିକ ସହର କହିଲେ ନୂଆଦିଲ୍ଲୀକୁ ବୁଝାଉଥାଏ । ଯେପରି ଭୁବନେଶ୍ୱରକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବାକୁ ଉଦ୍ୟମ କରାଯାଉଛି, ସେହିଭଳି କଟକ ସହରକୁ ନିର୍ମାଣ କରିବାକୁ ପଡ଼ିବ । ଏଥିନିମନ୍ତେ ଓସାରିଆ ରାସ୍ତା, ଜଳ ନିଷ୍କାସନ ପାଇଁ ନଳା ଓ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ପଡ଼ିବ । ଆଧୁନିକ ନଗର କହିଲେ ଯାହା ବୁଝାଯାଏ, ସେ ସବୁ ବ୍ୟବସ୍ଥା ଯଥା ଉଦ୍ୟାନ, ଡାକ୍ତରଖାନା, ସ୍କୁଲ, କଲେଜ ନିର୍ମାଣ କରିବାକୁ ପଡ଼ିବ । ଯେଉଁଭଳି ଭାବେ ନୂଆଦିଲ୍ଲୀ ଓ ପୁରୁଣା ଦିଲ୍ଲୀ ରହିଛି ସେହିଭଳି ଭାବେ ରହିବ, ନୂଆ କଟକ ଓ ପୁରୁଣା କଟକ । ବର୍ତ୍ତମାନ ଯେଉଁ ଅଂଶ କରାଯାଉଛି, ସେଥି ନିମନ୍ତେ ୪କୋଟି ଟଙ୍କା ଆବଶ୍ୟକ । ସେଥିମଧ୍ୟରୁ ଦୁଇ କୋଟି ଟଙ୍କା ଓଡ଼ିଶା ସରକାର ଦେଇଛନ୍ତି ଏବଂ ଯେଉଁମାନଙ୍କୁ ସଂପୃକ୍ତ ଅଞ୍ଚଳର ଜମି ଦିଆଯିବ ସେମାନଙ୍କଠାରୁ ଅବଶିଷ୍ଟ ଦୁଇ କୋଟି ଟଙ୍କା ମିଳିବ ବୋଲି ଅଟକଳ କରାଯାଉଛି । ଏଥି ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରାଯାଉଛି । ସେହି ଯୋଜନାନୁଯାୟୀ ଲୋକମାନେ ନିଜ ନିଜର ବାସଗୃହ ନିର୍ମାଣ କରିବେ ଓ ଯେଉଁମାନେ ନିଜେ ଘର ତିଆରି କରିପାରିବେ ନାହିଁ, ସେସବୁ ଲୋକଙ୍କ ପାଇଁ ଫ୍ଲାଟ ଘର ନିର୍ମାଣ କରାଯିବ । ଗରିବ ଲୋକମାନେ କିସ୍ତିୱାରୀ ହିସାବରେ ଘର କିଣି ପାରିବେ । ଏହି ନଗରରେ ସମାଜର ସବୁ ଶ୍ରେଣୀର ଲୋକେ ଯେପରି ବସବାସ କରି ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଉଛି ।

କଟକ ସହରକୁ ସର୍ବାଙ୍ଗ ସୁନ୍ଦର କରିବା ଲାଗି ଯେଉଁ ସ୍ୱପ୍ନ ବହୁ ଦିନରୁ ରହିଥିଲା ତାହା ଆଜି ସାର୍ଥକ ହେବାକୁ ଯାଉଛି । ଏହି ସହରର ଚାରି ପାଖରେ ସଡ଼କ ହେବ ଓ କାଳକ୍ରମେ ନଈ ପଟେ ବାରଙ୍ଗ ଦେଇ ଭୁବନେଶ୍ୱରକୁ ଯାତାୟତ କରିବା ନିମନ୍ତେ ଗୋଟିଏ ପୋଲ ନିର୍ମାଣ କରାଯିବ । ଏହା ଫଳରେ କଟକ ସହର ବିଡ଼ାନାସୀ ଅଞ୍ଚଳର ଲୋକମାନେ ବାରଙ୍ଗ ଦେଇ ଭୁବନେଶ୍ୱର ଯିବା ଆସିବା କରିପାରିବେ । ଏହି ଅଞ୍ଚଳଟି ସଂପୂର୍ଣ୍ଣ ଭାବେ ଏକ [illegible] ଅଞ୍ଚଳ ହେବ ଓ ଏଠାରେ କୌଣସି ବଡ଼ କାରଖାନା ସ୍ଥାପନ କରାଯିବ ନାହିଁ । କଟକ ସହରର ଅପର ପାର୍ଶ୍ୱରେ ଥିବା ଜଗତପୁର ଅଞ୍ଚଳକୁ ଶିଳ୍ପାଞ୍ଚଳ ରୂପେ [illegible]

ସାରିଛି । ଏହାଛଡ଼ା ମହାନଦୀ-ବିରୂପା ବ୍ୟାରେଜର ନିର୍ମାଣ କାର୍ଯ୍ୟ ଶେଷ ହୋଇଗଲେ ଲୋକମାନେ ଜଗତ୍‌ପୁର ଓ ଚୌଦ୍ୱାରକୁ ସହଜରେ ଯାତାୟତ କରିପାରିବେ । ମହାନଦୀ-ବିରୂପା ବ୍ୟାରେଜ୍ ୧୯୮୭-୮୮ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ସେହିଭଳି ଗୋଟିଏ ଛୋଟିଆ ରାସ୍ତା ମୁଣ୍ଡଳି ବ୍ୟାରେଜ୍ ପର୍ଯ୍ୟନ୍ତ ନିର୍ମାଣ କରାଗଲେ ନରାଜ ପର୍ଯ୍ୟନ୍ତ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ । ଏହା ଫଳରେ କଟକ ସହରର ସଂକୀର୍ଣ୍ଣତା ଦୂର ହୋଇ ପାରିବ । ଚତୁର୍ଦ୍ଦିଗରେ ଗମନାଗମନପାଇଁ ରାସ୍ତା ନିର୍ମାଣ ହୋଇଗଲେ ବାଣିଜ୍ୟ ବ୍ୟବସାୟର ସଂପ୍ରସାରଣ ଘଟିବ ଏବଂ କଟକ ସହରର ଉତ୍ତରୋତ୍ତର ଉନ୍ନତି ସମ୍ଭବ ହୋଇ ପାରିବ । ଏକ ଅତ୍ୟାଧୁନିକ ତଥା ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଏ ସହରର ବାସିନ୍ଦାମାନେ ଜୀବନଯାପନ କରିପାରିବେ ।

ବିଡ଼ାନାସୀ ଅଞ୍ଚଳର ପତିତ ଜମିକୁ ଉନ୍ନତ କରାଯାଇ କଟକ ସହରକୁ ସଂପ୍ରସାରଣ କରିବା ଦିଗରେ ଯେଉଁ ଯୋଜନା ଆରମ୍ଭ କରାଯାଇଛି ସେ କ୍ଷେତ୍ରରେ ବିଡ଼ାନାସୀ ଲୋକଙ୍କର ଆବଶ୍ୟକତା ଦୃଷ୍ଟିରୁ ସେମାନଙ୍କୁ ଜମି ଯୋଗାଇ ଦିଆଯିବ ଏବଂ କୌଣସି ପରିସ୍ଥିତିରେ ସେମାନଙ୍କୁ ଅସନ୍ତୁଷ୍ଟ କରାଯିବ ନାହିଁ । ବିଡ଼ାନାସୀର ଉନ୍ନତି ବିଧାନ କରିବା ଲାଗି ଯେଉଁ ପଦକ୍ଷେପ ନିଆଯାଉଛି ତାହା ଫଳରେ ଏ ଅଞ୍ଚଳରୁ ବନ୍ୟାର ଭୟାବହତା ସଂପୂର୍ଣ୍ଣରୂପେ ଦୂର କରାଯାଇ ପାରିବ । ଏ ଅଞ୍ଚଳରେ ଯେଉଁ ନୂତନ ସହର ଗଢ଼ି ଉଠିବ ସେଥିରେ ବାଣିଜ୍ୟ ବ୍ୟବସାୟ କରି ବିଡ଼ାନାସୀର ଲୋକମାନେ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇ ପାରିବେ । କଟକ ସହରରୁ ଜଳ ନିଷ୍କାସନ କରିବା ଲାଗି ଯଥାଯଥ ପଦକ୍ଷେପ ନିଆଯାଉଛି ଓ ଏଥି ନିମନ୍ତେ ଅଠର କୋଟି ଟଙ୍କା ଆବଶ୍ୟକ । ଅଦ୍ୟାବଧି ଏ ଦିଗରେ ୪ କୋଟି ଟଙ୍କା ବିନିଯୋଗ କରାଯାଇ ସାରିଲଣି । ସରକାରଙ୍କ ଯୋଜନାନୁଯାୟୀ ଯେଉଁ ବଳକା ଜମି ମିଳୁଛି ତହିଁରେ ମାର୍କେଟ ପ୍ରତିଷ୍ଠା କରିବାପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଟକରେ ଅନେକ ଛୋଟ ଛୋଟ ବ୍ୟବସାୟୀ ଅଛନ୍ତି । କଟକର ବିକାଶ ପ୍ରକ୍ରିୟାରେ ଯେଉଁ ବ୍ୟବସାୟୀମାନେ ବ୍ୟବସାୟଚ୍ୟୁତ ହୋଇଯିବେ ସେମାନଙ୍କୁ ଉପରୋକ୍ତ ମାର୍କେଟରେ ଥଇଥାନ କରାଇବା ଆମର ଲକ୍ଷ୍ୟ । ଏହା ଫଳରେ ସେମାନଙ୍କର ସମସ୍ୟା ସମାଧାନ ହୋଇ ପାରିବ ଓ ସେମାନେ ନିଜ ନିଜର ଗୁଜୁରାଣ ମେଣ୍ଟାଇ ପାରିବେ ।

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ନୂତନ ବିଡ଼ାନାସୀ କଟକର ଶୁଭାରମ୍ଭ କରାଯାଉଛି । ଆଉ ପନ୍ଦର ବର୍ଷ ପରେ ବିଂଶ ଶତାବ୍ଦୀ ଶେଷ ହୋଇ ଆମେ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିବା । ଏହି ସୀମିତ ସମୟ ଭିତରେ କଟକ ସହରକୁ ଏକ କର୍ପୋରେସନ୍ ପରିସରଭୁକ୍ତ କରି ଏହାକୁ ଏକ ଅତ୍ୟାଧୁନିକ ସହରରେ ପରିଣତ କରିବାପାଇଁ ଆମେ ସଂକଳ୍ପବଦ୍ଧ । କେବଳ ନୂତନ କଟକ ନୁହେଁ, ଓଡ଼ିଶାରୁ ଦାରିଦ୍ର୍ୟ ଦୂରକରି ଓ ବେକାର ସମସ୍ୟା ସମାଧାନ କରି ଆମ ରାଜ୍ୟକୁ ଦେଶର ଅନ୍ୟତମ ଉନ୍ନତ ରାଜ୍ୟରେ ପରିଣତ କରିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ୍ ।

(୨ । ୧୦ । ୮୫ ତାରିଖରେ କଟକଠାରେ କଟକ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦତ୍ତ ଭାଷଣରୁ ସଂଗୃହୀତ) ।



# ଦାରିଦ୍ର୍ୟ ମୂଳୋତ୍ପାଟନର ପ୍ରତିଶ୍ରୁତି ସପ୍ତମ ଯୋଜନା

—ଡଃ ମନମୋହନ ସିଂହ

ଦାରିଦ୍ର୍ୟ ଦୂରୀକରଣ, ଏକ ଆଧୁନିକ ସମାଜ ଗଠନ, ବିଜ୍ଞାନ ଓ କାରିଗରୀର ସର୍ବାଧିକ ଉପଯୋଗ ଏବଂ ସ୍ୱାବଲମ୍ବନଶୀଳତା ହାସଲ ଭାରତରେ ଯୋଜନାର ମୂଳ ଉଦ୍ଦେଶ୍ୟ । ଏହି ସବୁ ଜାତୀୟ ଲକ୍ଷ୍ୟ ହାସଲ କରିବାରେ ପୂର୍ବତନ ଯୋଜନାଗୁଡ଼ିକର ଉଲ୍ଲେଖନୀୟ ଅବଦାନ ରହିଛି । ଦାରିଦ୍ର୍ୟ, ଅଶିକ୍ଷା ଓ ରୋଗବ୍ୟାଧି କବଳରୁ ଦେଶକୁ ମୁକ୍ତ କରିବା ପାଇଁ ସପ୍ତମ ଯୋଜନା ଆଉ ଏକ ମାଇଲ ଖୁଣ୍ଟି ।

ଆମ ଦେଶରେ ଯୋଜନା ବିଧିବଦ୍ଧ ପ୍ରଗତିର ଏକ ସନ୍ଦ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କହିଥିଲେ । ଏହା ବିଭିନ୍ନ କ୍ଷେତ୍ର, ଅଞ୍ଚଳ ଓ ରାଜ୍ୟକୁ ଏକତ୍ର ବାନ୍ଧି ରଖିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବର୍ଷର ଉଦ୍ୟମକୁ ପରବର୍ତ୍ତୀ ବର୍ଷ ସହିତ ସଂଯୁକ୍ତ କରିବା ଭଳି ସମୟ ଓ ଶୂନ୍ୟତାର ଏକ ସୁସଂହତ ଢାଞ୍ଚା ଯୋଗାଇ ଦିଏ । ଦେଶର ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥା ସାମୂହିକ ଭାବରେ ମଜବୁତ କରିବା ସାଙ୍ଗକୁ ବିଭିନ୍ନ ଅଞ୍ଚଳ ଓ ରାଜ୍ୟ ମଧ୍ୟରେ ସଂପର୍କ ପ୍ରତିଷ୍ଠା ଫଳରେ ଏହାଦ୍ୱାରା ଜାତୀୟ ସଂହତି ଦୃଢ଼ୀଭୂତ ହୁଏ । ମୌଳିକ ଲକ୍ଷ୍ୟ, କୌଶଳ ଓ ଆମ ବିକାଶ ନୀତିର ନକ୍ସା ପ୍ରଭୃତି ସଂକ୍ରାନ୍ତ ଏକ ବ୍ୟାପକ ଜାତୀୟ ମତୈକ୍ୟ ପ୍ରତିଷ୍ଠାରେ ଯୋଜନା ପ୍ରକ୍ରିୟା ବିଶେଷ ସହାୟକ ହୁଏ ବୋଲି ଶ୍ରୀମତୀ ଗାନ୍ଧୀ କହିଥିଲେ ।

## ମୁଖ୍ୟ ଲକ୍ଷ୍ୟ

ଭବିଷ୍ୟତର ସ୍ୱପ୍ନହିଁ ସଫଳ ଯୋଜନାର ମୂଳ ଭିତ୍ତି । ସ୍ୱପ୍ନକୁ ବାସ୍ତବରେ ପରିଣତ କରି କାର୍ଯ୍ୟକ୍ଷେତ୍ରରେ ତା'ର ସୁଚାରୁ ରୂପାୟନ ପ୍ରସାରୀ ଅଭିମୁଖ୍ୟ ହେବା ଉଚିତ । ସୁତରାଂ ଆଗାମୀ ପନ୍ଦର ବର୍ଷର ଅଭିମୁଖ୍ୟକୁ ନେଇ ସପ୍ତମ ଯୋଜନା ପ୍ରଣୟନ କରାଯାଇଛି । ଦୁଇ ହଜାର ମସିହା ସୁଦ୍ଧା ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ କରି ସ୍ୱୟଂକ୍ରିୟ ଅଭିବୃଦ୍ଧି ହାସଲ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ସପ୍ତମ ଯୋଜନାର ଲକ୍ଷ୍ୟ ।

ଏକ ଦୀର୍ଘ ମିଆଦୀ କୌଶଳ ଭାବରେ ସପ୍ତମ ଯୋଜନାର ଉଦ୍ଦେଶ୍ୟ ଓ ଅଗ୍ରାଧିକାର ପ୍ରସ୍ତୁତ କରାଯାଇଛି । ଏହାର ଲକ୍ଷ୍ୟ ହେଲା ଦୁଇହଜାର ମସିହା ସୁଦ୍ଧା ଦାରିଦ୍ର୍ୟ ଓ ଅଶିକ୍ଷାର ମୂଳୋତ୍ପାଟନ, ମୋଟାମୋଟି ସଂପୂର୍ଣ୍ଣ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି, ଖାଦ୍ୟ, ପୋଷାକ ଓ ବାସଗୃହ କ୍ଷେତ୍ରରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ଏବଂ ସମସ୍ତଙ୍କ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବା ।

ଗତ ଦଶନ୍ଧିରେ ଭାରତର ଅଭିବୃଦ୍ଧି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ଏହି ଅନୁକୂଳ ପରିସ୍ଥିତିର ସୁଯୋଗ ନେଇ ଅର୍ଥନୀତିର ଅଭିବୃଦ୍ଧି ହାର ବର୍ଷକୁ ହାରାହାରି ଶତକଡ଼ା ୫ ଭାଗରେ ସ୍ଥିର ରଖିବା ପାଇଁ ସପ୍ତମ ଯୋଜନାରେ ଲକ୍ଷ୍ୟ ରଖାଯାଇଛି ।

ଯୋଜନା ପ୍ରଣୟନ କଲାବେଳେ ଯୋଜନା କମିଶନ ପକ୍ଷରୁ ଗତବର୍ଷ ଜାତୀୟ ଉନ୍ନୟନ ପରିଷଦ ଦ୍ୱାରା ଅନୁମୋଦିତ ଆଭିମୁଖ୍ୟ ଦଲିଲ ଦୃଷ୍ଟିରେ ରଖାଯାଇଛି । ଖାଦ୍ୟ, କାର୍ଯ୍ୟ ଓ ଉତ୍ପାଦକତା—ଏହି ତିନୋଟି ମୌଳିକ ଆଭିମୁଖ୍ୟକୁ ଦିଗ୍‌ଦର୍ଶନ ଭାବରେ ଗ୍ରହଣ କରାଯାଇ ଯୋଜନା ପ୍ରଣୟନ କରାଯାଇଛି । ଅଭିବୃଦ୍ଧି ପ୍ରକ୍ରିୟା ଚଳୁ ରଖିବାରେ ଏହି ତିନୋଟିର ଗୁରୁତ୍ୱ ଦୃଷ୍ଟିରୁ ଭିତ୍ତିଭୂମି ପ୍ରସ୍ତୁତି ଓ ମାନବିକ ସମ୍ବଳର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

## ଅଧିକ କର୍ମ ସଂସ୍ଥାନ

କର୍ମନିଯୁକ୍ତି କ୍ଷେତ୍ରରେ ବର୍ଦ୍ଧିଷ୍ଣୁ ଶ୍ରମ ଶକ୍ତି ତୁଳନାରେ ଯେଉଁଭଳି ନିଯୁକ୍ତି ସୁଯୋଗର ଅଭିବୃଦ୍ଧି ଅଧିକ ହୁଏ ସେଥିପ୍ରତି

ଯୋଜନାରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଦ୍ରୁତ କୃଷି ଉନ୍ନୟନ, ଜଳସେଚନ ସୁଯୋଗର ପ୍ରସାର, ଅଧିକ ସଘନ ଚାଷ ଏବଂ ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମ୍ୟ ଭୂମିହୀନଙ୍କ କର୍ମସଂସ୍ଥାନ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଆଦି ଚାଲୁ ରଖିବା ଦ୍ୱାରା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।

ଦ୍ରୁତ ଶିଳ୍ପ ପ୍ରସାର ଓ ଋଣ ଯୋଗାଣ ସଂସ୍ଥା ସହାୟତାରେ ଘରୋଇ କ୍ଷେତ୍ରରେ ହାତକୁ ନିଆଯାଉଥିବା ଗୃହ ନିର୍ମାଣ ଯୋଜନା ଦ୍ୱାରା ଅଣକୃଷି କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବ । ତେଣୁ ସପ୍ତମ ଯୋଜନା ମୁଖ୍ୟତଃ ଏକ କର୍ମ–ସଂସ୍ଥାମୂଳକ ଯୋଜନା । ଯୋଜନା କାଳରେ ମୋଟ ଶ୍ରମ ଶକ୍ତି ୩୯ ନିଯୁତ ଲୋକ ବୃଦ୍ଧି ପାଉଥିବା ବେଳେ ନିଯୁକ୍ତି ସୁଯୋଗ ୪୦ ନିଯୁତ ଲୋକଙ୍କ ପାଇଁ ସୃଷ୍ଟି ହୋଇ ପାରିବ ବୋଲି ଆଶା କରାଯାଉଛି । କର୍ମ ସଂସ୍ଥାନର ସୁଯୋଗ ବର୍ଷକୁ ଶତକଡ଼ା ୪ ଭାଗ ବୃଦ୍ଧି ପାଇବ । ସପ୍ତମ ଯୋଜନା କାଳରେ ଶ୍ରମ ଶକ୍ତି ଶତକଡ଼ା ୨.୫ ରୁ ୨.୬ ଭାଗ ବଢ଼ିବ ବୋଲି ଯେଉଁ ହିସାବ କରାଯାଇଛି ଏହା ତା'ଠାରୁ ଅଧିକ ।

## ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ

ଦାରିଦ୍ର୍ୟ ଦୂରୀକରଣ ଭାରତରେ ଯୋଜନାର କେନ୍ଦ୍ର ବିନ୍ଦୁ ହୋଇ ଆସିଛି । ସୁତରାଂ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ଯୋଜନାରେ ବ୍ୟାପକ ବ୍ୟବସ୍ଥା ରଖାଯାଇଛି । ତଫସିଲଭୁକ୍ତ ଜାତି, ଉପଜାତି, ମହିଳା ଓ ଶିଶୁମାନଙ୍କ ସମସ୍ୟାର ସମାଧାନ ପାଇଁ ଯୋଜନାରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଯେଉଁଠାରେ ଦାରିଦ୍ର୍ୟହିଁ ସର୍ବବ୍ୟାପୀ ସେଠାରେ କେବଳ ପୁରୁଷମାନଙ୍କ ଆବଶ୍ୟକତା ପ୍ରତି ଅଗ୍ରାଧିକାର ଦେଲେ ଚଳିବ ନାହିଁ । ମହିଳାମାନଙ୍କ ଆବଶ୍ୟକତା ତଥା ସମସ୍ୟା ପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରୀ । ଏହି ସବୁ ପଦକ୍ଷେପ ଫଳରେ ହାରାହାରି ଦାରିଦ୍ର୍ୟ ହାର ୧୯୮୪-୮୫ ର ଶତକଡ଼ା ୩୭ ଭାଗରୁ ହ୍ରାସ ପାଇ ୧୯୮୯-୯୦ ବେଳକୁ ଶତକଡ଼ା ୨୬ ଭାଗରେ ପହଞ୍ଚିବ ଅର୍ଥାତ ୧୯୮୪-୮୫ ରେ ଗରିବ ଲୋକଙ୍କ ସଂଖ୍ୟା ୨୭୩ ନିଯୁତ ଥିଲାବେଳେ ୧୯୮୯-୯୦ ବେଳକୁ ତାହା ୨୧୧ ନିଯୁତକୁ କମିଯିବ ।

ଦକ୍ଷତା ବୃଦ୍ଧି ଓ ଅଧିକ ଉତ୍ପାଦକତା ହାସଲ ସପ୍ତମ ଯୋଜନାର ଅନ୍ୟ ଏକ ମୁଖ୍ୟ ବିଷୟ । ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଥିବା ବର୍ତ୍ତମାନର ସଂପତ୍ତିକୁ ଦକ୍ଷ ଭାବରେ ବୃଦ୍ଧି କରିବା ପ୍ରଚେଷ୍ଟା ଦ୍ୱାରା ସମ୍ବଳର ଉପଯୋଗରେ ଅଧିକ ଦକ୍ଷତା ହାସଲ ହୋଇ ପାରିବ ଏବଂ ମୂଳଧନ ଉତ୍ପାଦନ ଆନୁପାତର ବୃଦ୍ଧି ସୀମିତ ରଖାଯାଇ ପାରିବ । କୃଷିରେ ନୂଆ ନୂଆ କୌଶଳର ଉପଯୋଗ ଦ୍ୱାରା ଯେଉଁଳି ବହୁ କିସମ ଫସଲ ଚାଷ କରାଯାଇ ପାରିବ ସେହି ଉଦ୍ଦେଶ୍ୟରେ ଜଳ-ସେଚନ, ଜଳ ବଣ୍ଟନ ଓ ଜମିର ଯଥୋଚିତ ବ୍ୟବହାର କ୍ଷେତ୍ରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ କରାଯିବ । ଶିଳ୍ପ କ୍ଷେତ୍ରରେ ଆଧୁନିକୀ-କରଣ, ଯନ୍ତ୍ରପାତିର ଦକ୍ଷମ ପ୍ରୟୋଗ ଓ ଉନ୍ନତ ଧରଣ କୌଶଳର ଅଧିକରୁ ଅଧିକ ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ।

## ଉନ୍ନତ ଭିତ୍ତିଭୂମି

କୃଷି ଓ ଶିଳ୍ପରେ ଦ୍ରୁତ ଅଭିବୃଦ୍ଧି ନିମନ୍ତେ ସପ୍ତମ ଯୋଜନାରେ ଲକ୍ଷ୍ୟ ରଖାଯାଇଥିବାରୁ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଅଧିକ ବିନିଯୋଗ କରାଯିବ । ଏହା ଫଳରେ ବିଦ୍ୟୁତ ଶକ୍ତି, ପରିବହନ ଓ କୋଇଲା କ୍ଷେତ୍ରରେ ଦେଖାଯାଉଥିବା ଅଭାବ ଦୂର କରାଯାଇ ଉତ୍ପାଦନ ଅବ୍ୟାହତ ରଖିବା ସମ୍ଭବ ହେବ ।

ଯୋଜନାରେ ଶକ୍ତି ପାଇଁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରାଯାଇଛି । ମୋଟ ରାଷ୍ଟ୍ରାୟତ୍ତ ଅଟକଳର ପ୍ରାୟ ଶତକଡ଼ା ୩୧ ଭାଗ ଶକ୍ତି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ । ଯୋଜନା କାଳରେ ହାରାହାରି ଶକ୍ତି ଉତ୍ପାଦନ ବର୍ଷକୁ ଶତକଡ଼ା ୧୨.୨ ଭାଗ ହାରରେ ବୃଦ୍ଧି ପାଇବାର ଆଶା । ଗ୍ରାମାଞ୍ଚଳର ଶକ୍ତି ଚାହିଦା ବୃଦ୍ଧି ପାଇଁ ମଧ୍ୟ ଯୋଜନାରେ ବ୍ୟବସ୍ଥା ରଖା-ଯାଇଛି । ଦେଶର ୧.୧୫ ଲକ୍ଷ ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ଜଳସେଚନ ପାଇଁ ଉଦ୍ଦିଷ୍ଟ ୨୩.୯ ଲକ୍ଷ ପମ୍ପସେଟକୁ ଶକ୍ତି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

ଉଭୟ ସହର ଓ ଗ୍ରାମାଞ୍ଚଳର ସବୁ ଲୋକଙ୍କ ପାଇଁ ଯଥେଷ୍ଟ ପରିମାଣର ପାନୀୟଜଳ ଯୋଗାଇ ଦେବା ଲାଗି ଯୋଜନାରେ ଲକ୍ଷ୍ୟ ରଖା ଯାଇଛି । ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଯୋଜନା ଶେଷ ସୁଦ୍ଧା ଗ୍ରାମ୍ୟ ଚିକିତ୍ସା ସହାୟକ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଆଦି ସୁବିଧା ସୁଯୋଗ ଯୋଗାଇ ଦେବା କ୍ଷେତ୍ରରେ ସଫଳତା ହାସଲ ହୋଇଥିବ । ଫଳରେ ପ୍ରତିଷେଧକ ଚିକିତ୍ସା ଓ ଉନ୍ନୟନମୂଳକ କ୍ଷେତ୍ରରେ ଦେଶ ବ୍ୟାପୀ ଏକ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ପ୍ରତିଷ୍ଠିତ ହୋଇ ପାରିବ । ପରିବେଶର ସୁରକ୍ଷା ଓ ପ୍ରାକୃତିକ ଭାରସାମ୍ୟ ପ୍ରତିଷ୍ଠା ପ୍ରତି ମଧ୍ୟ ସପ୍ତମ ଯୋଜନାରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## ଦକ୍ଷ କାର୍ଯ୍ୟକାରିତା

ଯୋଜନାର ସଫଳତା ଉଦ୍ଦେଶ୍ୟ ପରିବର୍ତ୍ତେ ଲକ୍ଷ୍ୟ ହାସଲ ଓ ଅର୍ଥ ବରାଦ ପରିବର୍ତ୍ତେ ଉପକାର ଉପରେ ପର୍ଯ୍ୟବେକ୍ଷିତ ବୋଲି ଭୁଲିଗଲେ ଚଳିବ ନାହିଁ । ଏହି ସାଧାରଣ ଧାରଣା ସବୁ କ୍ଷେତ୍ରପାଇଁ ପ୍ରଯୁଜ୍ୟ ଏବଂ ସପ୍ତମ ଯୋଜନା ତଥା ଅତୀତର ଯୋଜନାଗୁଡ଼ିକ ପାଇଁ ମଧ୍ୟ ସମଭାବରେ ପ୍ରଯୁଜ୍ୟ । ତେଣୁ ସପ୍ତମ ଯୋଜନାର ସଫଳତା ଏହା କାର୍ଯ୍ୟକାରୀ କରିବାର ନିଷ୍ଠା ଓ ଦୃଢ଼ତା ଉପରେ ନିର୍ଭର କରେ । ଯୋଜନାର ଲକ୍ଷ୍ୟ ଓ ସଫଳତା ହାସଲ କରିବାକୁ ହେଲେ ଆମକୁ କେତେକ କ୍ଷେତ୍ରରେ ଅତୀତର ସାଫଲ୍ୟକୁ ଅତିକ୍ରମ କରିବାକୁ ପଡ଼ିବ ।

ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଉତ୍ପାଦକତା, ଦକ୍ଷତା ଓ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କ୍ଷେତ୍ରରେ ଉନ୍ନତି ଘଟିବା ଉଚିତ । ବିଶେଷ କରି ଶକ୍ତି, କୋଇଲା, ଇସ୍ପାତ, ପରିବହନ ଓ ସାର ଆଦି ମୂଳଧନୀ ଶିଳ୍ପ କ୍ଷେତ୍ରରେ ଆଭ୍ୟନ୍ତରୀଣ ସମ୍ବଳ-

ସଂଗ୍ରହ ଦୁର୍ବଳ । ମୂଳଧନ ସଂଗ୍ରହରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଯେଉଁଳି ନିଜ ନିଜର ଦାୟିତ୍ୱ ତୁଲାଇ ପାରନ୍ତି ସେଥିପାଇଁ ଆମର ଦରକାର ନୂତନ ପ୍ରଶାସନିକ ବ୍ୟବସ୍ଥା ଓ ଆଧୁନିକ ପରିଚାଳନାଗତ ଜ୍ଞାନ ।

ଜାତୀୟ ଉନ୍ନୟନର ପ୍ରତ୍ୟେକ ସ୍ତରରେ ଜନସାଧାରଣଙ୍କ ସକ୍ରିୟ ଅଂଶ ଗ୍ରହଣ ପାଇଁ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବା ଆମର କର୍ତ୍ତବ୍ୟ । ଦେଶ ଗଠନ ପ୍ରକ୍ରିୟାରେ ଯେଉଁଳି ଜନସାଧାରଣଙ୍କ ଶକ୍ତି ନିୟୋଜିତ ହୁଏ ସେଥିପାଇଁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ପରିସର ପୂର୍ଣ୍ଣ ବିକଶିତ ହେବା ଆବଶ୍ୟକ । ଏହି ସଙ୍ଗେ ସଙ୍ଗେ ଉନ୍ନୟନକାର୍ଯ୍ୟରେ ନିୟୋଜିତ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଯେଉଁଳି ରଚନାତ୍ମକ ବିକାଶ ଘଟେ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଦରକାର ।

## ଆଗାମୀ ଯାତ୍ରା

ଦେଶର ମୌଳିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଯୋଜନା ଏକ ମାଧ୍ୟମ ମାତ୍ର । ପ୍ରତ୍ୟେକ ଲୋକଙ୍କର ଆଖିରୁ ଲୁହ ପୋଛି ଦେବା ମହାତ୍ମା ଗାନ୍ଧୀଙ୍କ ଆନ୍ତରିକ କାମନା ଥିଲା । ଯୋଜନାବଦ୍ଧ ଭାବରେ ବିକାଶ ହାସଲ କରିବା ଲକ୍ଷ୍ୟ ନେଇ ଯାତ୍ରା ଆରମ୍ଭ କରିବା ପରଠାରୁ ଆମେ ଯେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ ଏହା ନିଶ୍ଚିତ ରୂପେ ଗର୍ବ ଓ ଗୌରବର ବିଷୟ । ତଥାପି ବହୁ ଲୋକ ଅଛନ୍ତି ଯେଉଁମାନଙ୍କ ଆଖିରୁ ଏପର୍ଯ୍ୟନ୍ତ ଲୁହ ପୋଛି ଦେବା ସମ୍ଭବ ହୋଇନାହିଁ । ତେଣୁ ଆମର ଯାତ୍ରାପଥ ସୁସ୍ପଷ୍ଟ । ଆମକୁ ଦାରିଦ୍ର୍ୟ ବିରୁଦ୍ଧରେ ଆହୁରି ଜୋରସୋରରେ ଅଭିଯାନ ଚଳାଇବାକୁ ପଡ଼ିବ ।

ଆଗାମୀ ଯାତ୍ରାପଥ କିନ୍ତୁ ଏତେ ସହଜ ନୁହେଁ । ଆମେ ବହୁ ଆହ୍ୱାନ ଓ ଅନିଶ୍ଚୟତାର ସମ୍ମୁଖୀନ ହୋଇପାରୁ । କିନ୍ତୁ ଆମ ଦେଶର ଦୃଢ଼ତା ଓ ଶକ୍ତି ଅମାପ । ଅତୀତରେ ବହୁ ଝଡ଼ଝଞ୍ଜା ଆମେ ଅତିକ୍ରମ କରି ଯାଇଛୁ ।

ପ୍ରଗତି, ସମୃଦ୍ଧି, ସାମାଜିକ ନ୍ୟାୟ ଓ ସ୍ୱାବଲମ୍ବନଶୀଳତା ହାସଲ ନିମନ୍ତେ ଆରମ୍ଭ ହୋଇଥିବା ଯାତ୍ରାର ବେଗ ବୃଦ୍ଧି କରି ଅଗ୍ରଗତି କରିବା ପାଇଁ ଭାରତବାସୀଙ୍କ ସମ୍ମିଳିତ ଆକାଂକ୍ଷା ହିଁ ଯୋଜନାରେ ପ୍ରତିଫଳିତ ।

---

ଉପାଧ୍ୟକ୍ଷ
କେନ୍ଦ୍ରୀୟ ଯୋଜନା କମିଶନ
ନୂଆଦିଲ୍ଲୀ



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ କ୍ଷୁଦ୍ର ନାଟକ ଉତ୍ସବରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଉତ...

# ଜନମଙ୍ଗଳ ରାଷ୍ଟ୍ର ଭାରତବର୍ଷ

ଡଃ ଭାସ୍କର ଚନ୍ଦ୍ର ଦାଶ

ବ୍ୟକ୍ତିବାଦ ଏବଂ ସମାଜବାଦ ପରି ଚରମପନ୍ଥୀ ମତ ଦ୍ୱୟ ଛାଡ଼ି ଜନମଙ୍ଗଳ ରାଷ୍ଟ୍ର ମଧ୍ୟବର୍ତ୍ତୀ ପନ୍ଥା ରୂପେ ଦେଖା-ଦେଇଛି । ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ରାଷ୍ଟ୍ରରେ ବ୍ୟକ୍ତିବାଦର ଜନ୍ମ । କିନ୍ତୁ ସୋଭିଏତ୍ ରୁଷ୍ ଭଳି ରାଷ୍ଟ୍ରରେ ସମାଜବାଦର ସୃଷ୍ଟି । ବସ୍ତୁବାଦୀ ଅର୍ଥନୈତିକ ସଙ୍ଗଠନରେ ପୂରାପୂରି ସମାଜବାଦ ବାଞ୍ଛନୀୟ ନୁହେଁ । ଅର୍ଥନୈତିକ ବୈଷମ୍ୟ ଯେହେତୁ ଧନୀକ ଓ ନିର୍ଦ୍ଧନ ଶ୍ରେଣୀ ମଧ୍ୟ ମୁଣ୍ଡ ଟେକିଲେଣି । ସେଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବ୍ୟବହିତ ପରେ ଜନମଙ୍ଗଳ ରାଷ୍ଟ୍ରର ଅବତାରଣା କରା-ଯାଉଛି । ବ୍ୟକ୍ତିବାଦ ଏବଂ ସମାଜବାଦ ସମନ୍ୱୟରେ ଏହାର ସୃଷ୍ଟି । ବ୍ୟକ୍ତିଗତ ସ୍ୱାଧୀନତା ସହ ଅର୍ଥନୈତିକ ସମାନତା ଆନୟନ କରିବା ଏହାର ଉଦ୍ଦେଶ୍ୟ । ଏବେ ସରକାର ଜନସାଧାରଣଙ୍କର ସେବକ ରୂପେ ପ୍ରତିଭାତ । ଜନସାଧାରଣଙ୍କର ସବୁ କ୍ଷେତ୍ରରେ ସାର୍ବଜନୀନ ସେବା କରିବା ସରକାରଙ୍କର କାମ୍ୟ । ଅଷ୍ଟାଦଶ ଶତାବ୍ଦୀରେ ରାଷ୍ଟ୍ରର କର୍ତ୍ତବ୍ୟ ଥିଲା ବ୍ୟକ୍ତି ଓ ସମାଜ ମଧ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ଦଣ୍ଡ ବିଧାନ କରିବା ବା ଆରକ୍ଷୀ ରାଷ୍ଟ୍ର ରୂପେ କାର୍ଯ୍ୟ କରିବା । କିନ୍ତୁ କାଳକ୍ରମେ ରାଷ୍ଟ୍ରର ଉଦ୍ଦେଶ୍ୟ ପରିବର୍ତ୍ତିତ ହୋଇଛି । ସର୍ବବିଧ ଭୌତିକ ଓ ନୈତିକ ଉନ୍ନତି ବିଧାନ ରାଷ୍ଟ୍ରର କର୍ତ୍ତବ୍ୟ ରୂପେ ଗୃହୀତ ହୋଇଛି । ଏହି ଜନମଙ୍ଗଳ ନୀତି ଭଣା ଅଧିକେ ସବୁ ଦେଶର ସରକାରଙ୍କୁ ପ୍ରଭାବିତ କରିଛି । ସେଥିପାଇଁ ଆଜିକାଲିର ରାଷ୍ଟ୍ରକୁ ସେବକ ରାଷ୍ଟ୍ର ବା ଜନମଙ୍ଗଳ ରାଷ୍ଟ୍ର ରୂପେ ଅଭିହିତ କରା-ଯାଇଥାଏ । ସ୍ୱାଧୀନ ଭାରତ ମଧ୍ୟ ଏହିପରି ଏକ ଜନମଙ୍ଗଳ ରାଷ୍ଟ୍ର ରୂପେ ଖ୍ୟାତି ଅର୍ଜିଛି । ଆଜି କାଲିର ଦୁନିଆଁରେ ପ୍ରତ୍ୟେକ ରାଷ୍ଟ୍ର ନିଜକୁ ଯୁଗୋପଯୋଗୀ କରିବା ପାଇଁ ଜନମଙ୍ଗଳ ଆଦର୍ଶରେ ପ୍ରଭାବିତ ହେବା ଅପରିହାର୍ଯ୍ୟ ହୋଇ ପଡ଼ିଛି । ଜନମଙ୍ଗଳ ରାଷ୍ଟ୍ର ଗଠନ ଏକ ସାର୍ବଜନୀନ ଲୋକପ୍ରିୟ ବ୍ୟବସ୍ଥା । ଉତ୍ତମ ସରକାର ଏବଂ ଏହା ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ରହିଛି । ମାତ୍ର ଉତ୍ତମ ସରକାର ଅର୍ଥ ଜନମଙ୍ଗଳ ରାଷ୍ଟ୍ର ଅପେକ୍ଷା ଅଧିକ ବ୍ୟାପକ । ଜନମଙ୍ଗଳ ରାଷ୍ଟ୍ର କହିଲେ ଜଣାଯାଏ ଯେ ସଂପୃକ୍ତ ରାଷ୍ଟ୍ରର ନାଗରିକମାନେ ଉନ୍ନତ ସମୃଦ୍ଧ ଓ ସୁଖମୟ ଜୀବନଯାପନ କରନ୍ତି । ଏହା ମୁଖ୍ୟତଃ ଜନସାଧାରଣଙ୍କ ଆର୍ଥିକ ସ୍ୱଚ୍ଛଳତା ଓ ସମୃଦ୍ଧି ପ୍ରତି ଦୃଷ୍ଟିପାତ କରିଥାଏ । ଏତଦ୍‌ବ୍ୟତୀତ ଜନସାଧାରଣଙ୍କର ଶିକ୍ଷା, ସାହିତ୍ୟ, ଭାଷା, ସଂସ୍କୃତି, ସ୍ୱାସ୍ଥ୍ୟ ଓ ନୈତିକ ଚରିତ୍ରର ଅଗ୍ରଗତି ପାଇଁ ଜନମଙ୍ଗଳ ରାଷ୍ଟ୍ର ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥାଏ । ଆଜିକାଲି 'ପ୍ରଗତି' ଶବ୍ଦର ଅର୍ଥ ହେଉଛି ଅର୍ଥନୈତିକ ବିକାଶ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଅର୍ଥନୈତିକ ବୈଷମ୍ୟ ଦୂରକରି ସମାନତା ଆନୟନ କରିବା ରାଷ୍ଟ୍ରର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ ।

ଭାରତରେ ସ୍ୱାଧୀନତାର ସୂର୍ଯ୍ୟୋଦୟ ହେଲାପରେ ଏବଂ ସମ୍ବିଧାନ ପ୍ରଣୀତ ବ୍ୟବସ୍ଥାନୁସାରେ ଶାସନ ଚାଲିବା ପରଠାରୁ ଭାରତରେ ଜନମଙ୍ଗଳକର ବ୍ୟବସ୍ଥା ପ୍ରଚଳନ କରା-ଯାଉଛି । ଇତିହାସର ପୃଷ୍ଠା ଅବଲୋକନ କଲେ ପ୍ରାଚୀନ ଭାରତରେ ଜନମଙ୍ଗଳ ରାଷ୍ଟ୍ରର ମଧ୍ୟ ପ୍ରମାଣ ମିଳେ । ରାମାୟଣ ବର୍ଣ୍ଣିତ 'ରାମରାଜ୍ୟ' ଜନମଙ୍ଗଳ ରାଷ୍ଟ୍ରର ଏକ ଚରମ ନିଦର୍ଶନ ଥିଲା । ତାହାଛଡ଼ା ବିଭିନ୍ନ ରାଜାମହାରାଜାଙ୍କ ଅମଳରେ ସ୍ୱେଚ୍ଛାଚାରୀ ଏକଛତ୍ରବାଦ ପ୍ରଚଳିତ ଥିଲେ ହେଁ ଜନମଙ୍ଗଳ ବ୍ୟବସ୍ଥା ପ୍ରତି ସମୁଚିତ ଦୃଷ୍ଟି ଦିଆଯାଉଥିଲା । ଇଂରେଜ ଶାସନ କାଳରେ ବିଦେଶୀ ସରକାରର ସ୍ୱାର୍ଥ ଦୃଷ୍ଟିରୁ ଭାରତର ଶାସନ ପ୍ରଚଳିତ ହେଉଥିଲା । ଭାରତୀୟ ସମ୍ବିଧାନର ପ୍ରଣେତା ମାନେ ଆଧୁନିକ ବାଦୀ ହୋଇଥିବାରୁ ସମ୍ବିଧାନରେ ଜନମଙ୍ଗଳକର ବ୍ୟବସ୍ଥା ସନ୍ନିହିତ କରିଥିଲେ । ଶାସନ ବିଧାୟକ ସଭାରେ ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଦ୍ୱାରା ଆଗତ ଉଦ୍ଦେଶ୍ୟ-ମୂଳକ ପ୍ରସ୍ତାବ ବା Objectives Resolution ସମ୍ବିଧାନ ପ୍ରାକ୍ କଥନ ବା Preamble ରୂପେ ସ୍ଥାନ ପାଇଛି । ଏହି ଅନୁସାରେ ଭାରତରେ ସାମାଜିକ, ଆର୍ଥିକ ଓ ରାଜନୈତିକ

ନ୍ୟାୟ ପ୍ରତିଷ୍ଠିତ ହେବ । ସମସ୍ତ ନାଗରିକ ନ୍ୟାୟ, ବିଚାର ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଉପାସନାର ସ୍ୱଚ୍ଛତା ପ୍ରତିଷ୍ଠା ଓ ସୁଯୋଗର ସମାନ ସ୍ୱାଧୀନତା ଉପଭୋଗ କରିବେ । ବ୍ୟକ୍ତିର ଗୌରବ ରାଷ୍ଟ୍ରର ଏକତା ଓ ପାରସ୍ପରିକ ଭାତୃଭାବ ବୃଦ୍ଧି ଆଜି ଭାରତୀୟ ରାଷ୍ଟ୍ରରେ ମୌଳିକ ନୀତି ରୂପେ ଅଙ୍ଗୀକୃତ କରାଯାଇଛି । ସ୍ୱାଧୀନ ଭାରତର ସମ୍ବିଧାନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଣୀତ ହୋଇଥିବାରୁ ଶାସକ ବିଧାୟକ ସଭା ଅନ୍ୟ ରାଷ୍ଟ୍ର ଗୁଡ଼ିକର ସମ୍ବିଧାନର ଅଭିଜ୍ଞତାକୁ ଭିତ୍ତିକରି ଅନୁରୂପ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ।

ସମ୍ବିଧାନର ୧୪ରୁ ୧୮ ଧାରାରେ ସମାନତା ଅଧିକାରର ବ୍ୟବସ୍ଥା କରାଯାଇଛି । ଆଇନ ଆଗରେ ସମସ୍ତେ ସମାନ । ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ ରାଷ୍ଟ୍ର କୌଣସି ନାଗରିକଙ୍କ ବିରୁଦ୍ଧରେ ପାତର ଅନ୍ତର କରିବ ନାହିଁ ବୋଲି ସ୍ୱୀକାର କରାଯାଇଛି । ରାଷ୍ଟ୍ର ଅଧୀନରେ ଯେକୌଣସି ନିଯୁକ୍ତି ପାଇଁ ସମସ୍ତ ନାଗରିକଙ୍କ ନିମିତ୍ତ ସୁଯୋଗର ସମତା ରହିବ । ସମ୍ବିଧାନ ଅସ୍ପୃଶ୍ୟତାର ବିଲୋପ ସାଧନ କରିଛି । ଏହିପରି ସମ୍ବିଧାନର ତୃତୀୟ ଭାଗରେ ସନ୍ନିବେଶିତ ବିଭିନ୍ନ ମୌଳିକ ଅଧିକାର ମାଧ୍ୟମରେ ଆଇନଗତ ସମାନତାର ବ୍ୟବସ୍ଥା କରାଯାଇଛି ।

ତାହାବ୍ୟତୀତ ବାକ୍ ସ୍ୱାତନ୍ତ୍ର୍ୟ ଅଧିକାର, ସଂସ୍କୃତି ଓ ଶିକ୍ଷା ସମ୍ବନ୍ଧୀୟ ଅଧିକାର ଏବଂ ଶୋଷଣ ବିରୁଦ୍ଧରେ ଅଧିକାର ବ୍ୟବସ୍ଥା ବ୍ୟକ୍ତି ବିଶେଷଙ୍କ ସୁରକ୍ଷା କରି ଭାରତରେ ରାଜନୈତିକ ଗଣତନ୍ତ୍ର ତଥା ଶୋଷଣ ବିହୀନ ସମାଜ ଗଠନରେ ସହାୟକ ହୋଇଛି ।

ସମ୍ବିଧାନର ପ୍ରଥମ, ଚତୁର୍ଥ, ସପ୍ତଦଶ, ପଞ୍ଚବିଂଶ, ଊନତ୍ରିଂଶ ଓ ବୟାଳିଶ ସଂଶୋଧନ ଆଇନ ୩୧ ଧାରାକୁ ସଂଶୋଧନ କରି ସମାଜବାଦୀ ଆଭିମୁଖ୍ୟରେ ଜନସ୍ୱାର୍ଥମୁଖୀ କରିଛନ୍ତି । ଏହିସବୁ ଉଦ୍ୟମ ଭାରତୀୟ ରାଷ୍ଟ୍ରକୁ ଅଧିକରୁ ଅଧିକ ଜନମଙ୍ଗଳବ୍ରତୀ କରାଇଛି ।

ସମ୍ବିଧାନ ଅନ୍ତର୍ଗତ ରାଷ୍ଟ୍ରନୀତିର ନିୟାମକ ତତ୍ତ୍ୱଗୁଡ଼ିକ (Directive Principles of State Policies) ଭାରତକୁ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହୋଇଛି । ଲୋକ କଲ୍ୟାଣ ଉଦ୍ଦେଶ୍ୟରେ ରାଷ୍ଟ୍ରସାମାଜିକ ବ୍ୟବସ୍ଥାକୁ ଏପରି ଭାବରେ ତ୍ୱରାନ୍ୱିତ କରିବ ଯଦ୍ୱାରା ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ରାଷ୍ଟ୍ରୀୟ ଜୀବନର ସମସ୍ତ ସଂସ୍ଥାକୁ ଅନୁପ୍ରାଣିତ କରିବ । ନିୟାମକ ତତ୍ତ୍ୱଦ୍ୱାରା ଅର୍ଥନୈତିକ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ । ନ୍ୟାୟ ପ୍ରତିଷ୍ଠା ପାଇଁ ସମାନତା ଏକାନ୍ତ ଆବଶ୍ୟକ । ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଥିବା ଅସମାନତା ସ୍ପଷ୍ଟ ରୂପେ ପ୍ରତିଭାତ । ଆମ ନିକଟ ପାଖ ଆଖୁଟିକୁ ଲକ୍ଷ୍ୟ କଲେ ଏହା ସହଜରେ ବୁଝିହେବ । ସର୍ବସାଧାରଣର ସମାନତା ପାଇଁ ଆର୍ଥିକ ସମାନତା ଅପରିହାର୍ଯ୍ୟ । ଆର୍ଥିକ ସମାନତା ପ୍ରତିଷ୍ଠିତ ହେଲେ ଯାଇ ସାମାଜିକ ବା ରାଜନୈତିକ ସମାନତା ମୂଲ୍ୟପ୍ରଦ ବୋଲି ପ୍ରତିଭାତ ହେବ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଅର୍ଥନୈତିକ ଅସାମଞ୍ଜସ୍ୟ ଦୂରୀକରଣ ସର୍ବାଦୌ କର୍ତ୍ତବ୍ୟ ସେଥିପାଇଁ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଅର୍ଥନୈତିକ ପ୍ରଗତି ଆନୟନ କରାଯାଇଛି, କାରଣ ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ର ଯୋଜନାବଦ୍ଧ ରାଷ୍ଟ୍ର । ଯୋଜନାବଦ୍ଧ କାର୍ଯ୍ୟକ୍ରମ ଦ୍ୱାରା ଭୌତିକ ବିଭବର ବିକାଶ କରାଯାଇଥାଏ । ଦ୍ରୁତ ଶିଳ୍ପ ପ୍ରସାର କରାଯାଇ ବେକାରି ସମସ୍ୟାର ନିରାକରଣ ଏବଂ ଅର୍ଥନୈତିକ ବୈଷମ୍ୟର ଦୂରୀକରଣ କରାଯାଇ କାଳକ୍ରମେ ଅର୍ଥନୈତିକ ସମାନତା ଆନୟନ କରାଯାଏ । ଗଣତାନ୍ତ୍ରିକ ସମାଜବାଦ ଆଦର୍ଶ ଗୃହୀତ ହୋଇଥିବାରୁ ଗରିବୀହଟାଓ ବ୍ୟବସ୍ଥା ସମ୍ଭବ ହୋଇ ପାରିବ । ଜନମଙ୍ଗଳ ରାଷ୍ଟ୍ରରୂପେ ଭାରତୀୟ ରାଷ୍ଟ୍ର ଜନସାଧାରଣଙ୍କର ଅର୍ଥନୈତିକ ଉନ୍ନତି ନିମିତ୍ତ ଦାୟିତ୍ୱ ବହନ କରିଛି । ସେଥିପାଇଁ ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ ଓ ନିୟନ୍ତ୍ରିତ କରାଯାଉଛି । ବେକାର ସମସ୍ୟାର ଦୂରୀକରଣ ନିମିତ୍ତ କର୍ମହୀନ ବ୍ୟକ୍ତିମାନଙ୍କର କର୍ମସଂସ୍ଥାନ କରାଯାଉଛି । ଭାରତର ହରିଜନ ଗିରିଜନ ଏବଂ ଅନ୍ୟାନ୍ୟ ଦୁର୍ବଳ ଜାତିର ଲୋକଙ୍କ ଶିକ୍ଷାଗତ ଓ ଆର୍ଥିକ ଉନ୍ନୟନ ପାଇଁ ନାନାବିଧ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଶ୍ରମିକ ଓ କର୍ମଚାରୀମାନଙ୍କର ମଜୁରୀ ଓ ବେତନ ନିର୍ଦ୍ଧାରଣ ଜନମଙ୍ଗଳ ରାଷ୍ଟ୍ରର ଅନ୍ୟତମ କର୍ତ୍ତବ୍ୟ । ଜନସଂଖ୍ୟାର ବୃଦ୍ଧି ସହିତ ତାଳଦେଇ ଜନସାଧାରଣଙ୍କ ଅର୍ଥନୈତିକ ମାନର ବିକାଶ ନିମିତ୍ତ ଉଦ୍ୟମ କରାଯାଉଛି । ସେଥିପାଇଁ ଦେଶସାରା ପରିବାର ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ ହେଉଅଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ରାଷ୍ଟ୍ର ସଚେତନ । ସେହିପରି ଶିଶୁମାନଙ୍କୁ ବାଧ୍ୟତାମୂଳକ ଅବୈତନିକ ଶିକ୍ଷାଦାନ ଅନ୍ୟ ଏକ ଜନମଙ୍ଗଳକର ବ୍ୟବସ୍ଥା । ସହାନୁଭୂତିଶୀଳ ଭାବେ ଉଚ୍ଚଶିକ୍ଷା ପ୍ରଚଳନ, ବୈଷୟିକ ତାଲିମ ଓ ବୃତ୍ତିଗତ ଶିକ୍ଷା ପ୍ରବର୍ତ୍ତନ କରାଯାଉଛି । କୃଷିର ନାନାବିଧ ପ୍ରଗତି ସାଧନ କରି ସବୁଜ ବିପ୍ଳବର ପ୍ରବର୍ତ୍ତନ କରାଯାଇ ଆମଦେଶକୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରିବାର ଉଦ୍ୟମ ବାସ୍ତବିକ ଅଭିନନ୍ଦନୀୟ । ତା' ସହିତ କଳା, ସ୍ଥାପତ୍ୟ, ଭାଷା ଓ ସଂସ୍କୃତିର ବିକାଶ ନିମନ୍ତେ ରାଷ୍ଟ୍ର ସତତ ଯତ୍ନଶୀଳ । ଏହିସବୁ ବିକାଶ ଧର୍ମୀ କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ପନ୍ଥାରେ ସ୍ଥିରୀକୃତ ହୋଇ କାର୍ଯ୍ୟକାରୀ କରାଯାଉଛି । ପ୍ରଗତିବିନା ଗଣତାନ୍ତ୍ରିକ ସ୍ଥିତି ଅସମ୍ଭବ । ଏଥିରୁ ଜଣାଯିବ ଯେ, ଜନମଙ୍ଗଳ ରାଷ୍ଟ୍ରର ଆଭିମୁଖ୍ୟ ବ୍ୟକ୍ତିବିଶେଷର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ସେଥିପାଇଁ ରାଷ୍ଟ୍ରର ଆଭିମୁଖ୍ୟ ଓ ଲକ୍ଷ୍ୟକୁ କାର୍ଯ୍ୟରେ ରୂପାୟିତ କରିବା ଦିଗରେ ବ୍ୟକ୍ତିବିଶେଷଙ୍କ ନିସ୍ୱାର୍ଥପର ସାହାଯ୍ୟ, ସହଯୋଗ ଓ ସହାନୁଭୂତି ଏକାନ୍ତ ଭାବେ ଆବଶ୍ୟକ ।

ଭାରତ ଜନମଙ୍ଗଳ ଆଭିମୁଖ୍ୟ ନେଇ ଏକ ଉନ୍ନତ ଓ ପ୍ରଗତିଶୀଳ ରାଷ୍ଟ୍ର ହେବାର ଅଭିପ୍ରାୟ ରହିଛି । ବିକାଶୋନ୍ମୁଖୀ ରାଷ୍ଟ୍ରରୂପେ ପ୍ରାଥମିକ ସ୍ତରରେ ସାମାନ୍ୟ ତ୍ରୁଟି ରହିବା ସ୍ୱାଭାବିକ । ପୂର୍ଣ୍ଣ ବିକାଶ ଲାଭ କରିଥିବା ରାଷ୍ଟ୍ରଗୁଡ଼ିକର ଅଭିଜ୍ଞତା ଆମର ପଥପ୍ରଦର୍ଶକ । ସ୍ୱାଧୀନତା ପରଠାରୁ ମାତ୍ର ଅତିକ୍ରାନ୍ତ ମଧ୍ୟରେ ହୋଇଥିବା ଜାତୀୟ ବିକାଶ କମ୍ ନୁହେଁ । ଭାରତ ଏକ ପୂର୍ଣ୍ଣ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହେବା ସମୟ ସାପେକ୍ଷ । ତଥାପି ସୀମିତ ଆର୍ଥିକ ସମ୍ବଳ ମଧ୍ୟରେ ଆମର ଜାତୀୟ ସରକାରଙ୍କର ଗଣତାନ୍ତ୍ରିକ ନୀତି ଓ କାର୍ଯ୍ୟକଳାପର ସଫଳତା ଫଳରେ ଆମ ଦେଶ ଅଦୂର ଭବିଷ୍ୟତରେ ଏକ ପୂର୍ଣ୍ଣ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ ହେବ ବୋଲି ଆଶା ଓ ବିଶ୍ୱାସ ରହିଛି ।

ରାଜନୀତି ବିଜ୍ଞାନ ବିଭାଗ
ବାଣୀବିହାର ଭୁବନେଶ୍ୱର ।

# ସୌର ଜଗତର ଅଦ୍ଭୁତ ବିଚିତ୍ର ଅଧିବାସୀ

ଶ୍ରୀ ବଳରାମ ମହାନ୍ତ

ଧୂମକେତୁ ସୌର ଜଗତର ସର୍ବାପେକ୍ଷା ବିଚିତ୍ର ଅଧିବାସୀ । ଗ୍ରହ, ଗ୍ରହାଣୁ, ଧୂମକେତୁ ଓ ଉଲ୍କା ପ୍ରଭୃତିକୁ ନେଇ ସୌରଜଗତ ଗଠିତ । ମାତ୍ର ଧୂମକେତୁ ଛଡ଼ା ସୌର ଜଗତର ଅନ୍ୟାନ୍ୟ ଅଧିବାସୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ମାନି ଚଳନ୍ତି । ତେଣୁ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିବା ବୈଜ୍ଞାନିକମାନଙ୍କ ପକ୍ଷରେ ସହଜ ସାଧ୍ୟ । ସେଥିପାଇଁ କେଉଁ ଗ୍ରହ କେତେବେଳେ କେଉଁ ସ୍ଥାନରେ ଅବସ୍ଥାନ କରିବ, ତାହା ବୈଜ୍ଞାନିକମାନେ କହି ଦେଇ ପାରନ୍ତି । ମାତ୍ର ଧୂମକେତୁର ଗତିବିଧି ବିଚିତ୍ର । ହଠାତ୍ ଦିନେ ଦେଖିଲବେଳକୁ ଧୂମକେତୁ ସୌର ଜଗତରେ ହାଜର ହୋଇଯିବ । ସେ କେତେ ଦିନ ରହିବ ତାହା ମଧ୍ୟ ଜାଣି ହେବ ନାହିଁ । ପୁଣି ହଠାତ୍ ଦିନେ କୁଆଡ଼େ ଖସିଯିବ । ଏହିପରି ଧୂମକେତୁଗୁଡ଼ିକ କୁଆଡ଼ୁ ଆସେ ଓ ପୁଣି କୁଆଡ଼େ ଖସିଯାଏ, ତାହା ଜାଣି ହୁଏ ନାହିଁ ।

## ଧୂମକେତୁ ଦେଖିବାକୁ କେମିତି ?

ଧୂମକେତୁର ରୂପଟା ପ୍ରକୃତରେ କିମ୍ଭୂତକିମାକାର । ଏହାର ଶରୀର ଗୋଟାଏ ଆଡ଼େ ରହିଥାଏ । ଏକ ଉଜ୍ଜ୍ୱଳ ଘନୀଭୂତ ପଦାର୍ଥ, ତାକୁ ଘେରି କରି ରହିଥାଏ । ଧୂମ୍ର ବାଦଲପରି ଧୂଆଁଳିଆ ପଦାର୍ଥ । ପଛରେ ଥାଏ ପ୍ରକାଣ୍ଡ ଲମ୍ବ ଲାଙ୍ଗୁଡ଼ଟାଏ । ଲାଞ୍ଜଟି ଯେପରି ଅସମ୍ଭବ ଲମ୍ବ, ସେହିପରି ଅସମ୍ଭବ ହାଲୁକା । ଧୂମକେତୁର ମୂଳ ଅଂଶଟି ଆଗପାଖ ଉଜ୍ଜ୍ୱଳ ଅଂଶରେ ରହିଥାଏ । ବୈଜ୍ଞାନିକମାନେ ଏହାକୁ କହନ୍ତି ନିଉକ୍ଲିୟସ ବା କେନ୍ଦ୍ରିନ୍ । ଏହାକୁ ଧୂମକେତୁର ହୃତପିଣ୍ଡ ବୋଲି ମଧ୍ୟ କୁହାଯାଇପାରେ । ଏହା ଅତ୍ୟନ୍ତ ନିବିଡ଼ ଉପାଦାନ ଦ୍ୱାରା ଗଠିତ । ମହାକାଶ ବୈଜ୍ଞାନିକମାନଙ୍କ ମତରେ ଧୂମକେତୁର ଏହି ଅଂଶଟି ସୂର୍ଯ୍ୟ ଓ ଅନ୍ୟାନ୍ୟ ନକ୍ଷତ୍ରମାନଙ୍କଠାରୁ ବାହାରି ଆସିଥିବା ହିଲିୟମ ଓ ଉଦ୍‌ଯାନ ବାଦଲ ଧୂଳିକଣା ଓ ତୁଷାର କଣା ସହିତ ମିଶି ଗଠିତ ହୋଇଛି । ଏଥିରେ ସୂର୍ଯ୍ୟଙ୍କ କିରଣ ପ୍ରତିଫଳିତ ହୋଇ ଉଜ୍ଜ୍ୱଳ ଦେଖାଯାଏ, ମାତ୍ର ଧୂମକେତୁର ଶରୀରର ଅନ୍ୟାନ୍ୟ ଅଂଶ ଅପେକ୍ଷା ଏହା କ୍ଷୁଦ୍ର । ଏହା ଅଳ୍ପ କେତେ ମାଇଲ ଲମ୍ବ ହେବ । ଏହି ଉଜ୍ଜ୍ୱଳ ଅଂଶକୁ ଘେରି ରହିଥାଏ ତାର ମୁଣ୍ଡ । ଗ୍ୟାସ ଓ ଧୂଳିକଣା ଦ୍ୱାରା ଏହା ଗଠିତ ଏବଂ ଏହା ୧୦. ଲକ୍ଷ ମାଇଲ ପର୍ଯ୍ୟନ୍ତ ଲମ୍ବ ହୋଇପାରେ । ମୁଣ୍ଡ ପଛକୁ ଲାଗିଥାଏ ଏକ ବିରାଟ ଲାଞ୍ଜ । ଧୂମକେତୁର ଏହା ଏକ କିମ୍ଭୂତ କିମାକାର ଅଙ୍ଗ । ଏହା ଦୁଇ କୋଟି ବା ତିନି କୋଟି ମାଇଲ ପର୍ଯ୍ୟନ୍ତ ଲମ୍ବ ହୋଇପାରେ । ଏତେ ବିରାଟ ହେଲେ ମଧ୍ୟ ଏହା ଅସମ୍ଭବ ହାଲୁକା । ପତଳା ଗ୍ୟାସରେ ଏହା ଗଠିତ । ଏହା ଭିତର ଦେଇ ନକ୍ଷତ୍ରଗୁଡ଼ିକ ସ୍ପଷ୍ଟ ଦେଖାଯାଏ ।

## ଧୂମକେତୁ କେଉଁଠି ଥାଏ ?

ବୈଜ୍ଞାନିକମାନଙ୍କ ମତରେ ବିଶ୍ୱସୃଷ୍ଟି ବେଳେ ଅତ୍ୟନ୍ତ ଉତପ୍ତ ଉଦ୍‌ଜାନ ଗ୍ୟାସ୍ ପିଣ୍ଡ ଗାଲକ୍ସି ଆକାରରେ ମହାକାଶରେ ଚତୁର୍ଦ୍ଦିଗରେ ଗତି କରିଥିଲେ । କାଳକ୍ରମେ ସେଇଥିରୁ ନକ୍ଷତ୍ରମାନେ ଜନ୍ମଲାଭ କଲେ । ସୂର୍ଯ୍ୟ ଏହିପରି ଗୋଟିଏ ମଧ୍ୟମ ଧରଣର ନକ୍ଷତ୍ର । ସୂର୍ଯ୍ୟଠାରୁ ଅନ୍ୟାନ୍ୟ ଗ୍ରହମାନେ ଜନ୍ମଲାଭ କଲେ । ସୌର ମଣ୍ଡଳର ଅବଶେଷରୁ ଧୂମକେତୁର ମୂଳପିଣ୍ଡ ଗଠିତ ହୋଇଛି ବୋଲି ବୈଜ୍ଞାନିକମାନଙ୍କର ବିଶ୍ୱାସ । ସୌର ମଣ୍ଡଳର ବାହାରେ ଶୀତଳ ଅଞ୍ଚଳରେ ଧୂମକେତୁମାନଙ୍କର ମୂଳପିଣ୍ଡମାନ ରହିଥାଏ । ପ୍ରଥମେ କେବଳ ଏହାର ନିଉକ୍ଲିୟସ ବା ହୃତପିଣ୍ଡ ଭଳି ଅଂଶଟି ଥାଏ । ଏହା ସୂର୍ଯ୍ୟର ନିକଟବର୍ତ୍ତୀ ହେଲାବେଳେ ଏହାର ମୁଣ୍ଡ ଓ ଲାଞ୍ଜ ଗଠିତ ହୁଏ । ସୌର ମଣ୍ଡଳର ବାହାର ଅଞ୍ଚଳଟି ଅତ୍ୟନ୍ତ ଥଣ୍ଡା ଓ ଅନ୍ଧକାରମୟ । ସୂର୍ଯ୍ୟ ଏଠାରେ ଏକ ଅତ୍ୟନ୍ତ ଦୂରବର୍ତ୍ତୀ ନକ୍ଷତ୍ର ଭଳି ଦେଖାଯାଏ ।

ଏହିଭଳି ସ୍ଥାନରେ ଧୂମକେତୁମାନଙ୍କର ମୂଳପିଣ୍ଡ ଏକାଠି ହୋଇ ରହିଥାଆନ୍ତି । ଧୂମକେତୁଗୁଡ଼ିକ ଏହି ଅବସ୍ଥାରେ ବିଶେଷ ଉଜ୍ଜ୍ୱଳ ଦେଖାଯାଆନ୍ତି ନାହିଁ । ଏଗୁଡ଼ିକ ଧୀର ମନ୍ଥର ଗତିରେ ସୂର୍ଯ୍ୟର ଏହି ଥଣ୍ଡା ଅନ୍ଧକାରମୟ ସ୍ଥାନରେ ବୁଲୁଥାଆନ୍ତି । ଗ୍ରହମାନଙ୍କ ପରି ଧୂମକେତୁ ମଧ୍ୟ ସୂର୍ଯ୍ୟର ଚାରିପଟେ ପ୍ରଦକ୍ଷିଣ କରେ । ମାତ୍ର ସୂର୍ଯ୍ୟ ସହିତ ସମାନ ଦୂରତ୍ୱ ରକ୍ଷି ଏମାନେ ପ୍ରଦକ୍ଷିଣ କରନ୍ତି ନାହିଁ । ବୁଲୁ ବୁଲୁ ଏମାନେ ସମୟ ସମୟରେ ସୂର୍ଯ୍ୟର ଖୁବ୍ ନିକଟକୁ ଚାଲି ଆସନ୍ତି । ସୂର୍ଯ୍ୟ ନିକଟକୁ ଆସିଲେ ସୂର୍ଯ୍ୟର ପ୍ରଚଣ୍ଡ ଉତ୍ତାପରେ ଧୂମକେତୁର ନିଉକ୍ଲିୟସ ବା ମୂଳପିଣ୍ଡର ଉପରି ଭାଗଟା ଗ୍ୟାସ ହୋଇ ବାହାରି ଆସେ ଏବଂ ଧୂଳି କଣିକାମାନ ପରି ଧୂଆଁଟିଆ ପଦାର୍ଥ ଭିତରେ ପଶିଯାଏ । ସୂର୍ଯ୍ୟର ଆହୁରି ଅଧିକ ନିକଟକୁ ଚାଲି ଆସିଲେ ସୂର୍ଯ୍ୟ କିରଣର ଉତ୍ତାପ ଏହି ଗ୍ୟାସ ଉପରେ ଅଧିକ ଚାପଦିଏ ଏବଂ ଏହି ଚାପରେ ଏହାର ମୁଣ୍ଡ ପାଖର ପତଳା ଗ୍ୟାସ ଲାଞ୍ଜପରି ବାହାରି ଆସେ । ଧୂମକେତୁର ଯେଉଁ ଦିଗରେ ସୂର୍ଯ୍ୟଥାଏ ଠିକ୍ ତାର ଓଲଟା ଦିଗକୁ ଏହା ବାହାରି ଆସିଥାଏ । ପ୍ରଚଣ୍ଡ ଚାପରେ ଏହି ଗ୍ୟାସ କୋଟି କୋଟି ମାଇଲ ଲମ୍ବା ଝାଡ଼ୁ ଭଳି ରୂପ ଧାରଣ କରେ । ସୂର୍ଯ୍ୟଠାରୁ ଦୂରକୁ ଚାଲିଗଲେ ଧୂମକେତୁର ଗତିବେଗ କମିଯାଏ ଏବଂ ଯେଉଁ ଗ୍ୟାସରେ ଏହି ଲାଞ୍ଜଟି ତିଆରି ହୋଇଥିଲା, ତାହା ଆସ୍ତେ ଆସ୍ତେ ମହାଶୂନ୍ୟକୁ ଚାଲିଯାଏ ଏବଂ ଲାଞ୍ଜଟି ଆସ୍ତେ ଆସ୍ତେ ଖସିପଡ଼େ । ଧୂମକେତୁର ଲାଞ୍ଜଟି ପରୀକ୍ଷା କରି ଦେଖାଯାଇଛି ଯେ ଏଥିରେ ସାୟାନୋଜେନ୍, କାର୍ବନ ମନୋକ୍ସାଇଡ୍, ଜଳୀୟ-ବାଷ୍ପ ଓ ଆମୋନିଆ ପ୍ରଭୃତି ନାନା ପ୍ରକାର ଗ୍ୟାସ ଅଛି । ୧୮୫୩ ମସିହାରେ ଯେଉଁ ଧୂମକେତୁଟି ଦେଖା ଦେଇଥିଲା, ତାର ଲାଞ୍ଜର ଆୟତନ ଥିଲା ୫୦ କୋଟି ମାଇଲ । ଲାଞ୍ଜ ତୁଳନାରେ ମୁଣ୍ଡଟା ଏହାର ଛୋଟ ହେଲେ ମଧ୍ୟ ପୃଥିବୀର ଆୟତନଠାରୁ ମଧ୍ୟ ଏହା ବଡ଼ ।

## ଧୂମକେତୁର ସଂଖ୍ୟା

ସୌର ଜଗତକୁ ଚାଲି ଆସିବା ପରେ ଧୂମକେତୁଗୁଡ଼ିକ ବିଭିନ୍ନ ଗ୍ରହମାନଙ୍କ ସହିତ ପରସ୍ପର ଘନିଷ୍ଠ ସଂସ୍ପର୍ଶରେ ଆସିଥାଆନ୍ତି । ଫଳରେ ସେମାନେ ଗ୍ରହମାନଙ୍କ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଆକର୍ଷିତ ହୋଇ ମୂଳକକ୍ଷରୁ ବିଚ୍ୟୁତ ହୁଅନ୍ତି । ସେଥିପାଇଁ ଧୂମକେତମାନଙ୍କର ଗତିପଥର ପରିବର୍ତ୍ତନ ଘଟେ । ଗ୍ରହମାନଙ୍କ ଭିତରେ ବୃହସ୍ପତି ଗ୍ରହ ସବୁଠୁ ବୃହତ୍ ହୋଇଥିବାରୁ ଏହାର ମାଧ୍ୟାକର୍ଷଣ ଶକ୍ତି ମଧ୍ୟ ସର୍ବାଧିକ । ତେଣୁ ବୃହସ୍ପତି ୫୦ଟି ଧୂମକେତୁକୁ ନିଜ କକ୍ଷ ପଥରେ ରଖି ଦେଇ ପାରିଛି । ମାତ୍ର ଏହି ଧୂମକେତୁଗୁଡ଼ିକ ଅନ୍ୟ ଗ୍ରହ ପରି ଚାରିପଟେ ନ ବୁଲି ଏହାର କକ୍ଷ ପଥର ଶେଷସୀମା ନିକଟରେ ପ୍ରଦକ୍ଷିଣ କରନ୍ତି । ବୈଜ୍ଞାନିକମାନେ ଅନୁମାନ କରିଛନ୍ତି ଯେ ସୌର ଜଗତରେ ମୋଟରେ ଏକଲକ୍ଷ ପର୍ଯ୍ୟନ୍ତ ଧୂମକେତୁ ଦେଖାଯାଇଥାଆନ୍ତି । ପ୍ରତିବର୍ଷ ହାରାହାରି ୬ଟି ପର୍ଯ୍ୟନ୍ତ ଧୂମକେତୁ ଦେଖାଯାଆନ୍ତି । ୧୯୩୨ ଓ ୧୯୪୭ ରେ ୧୩ଟି ପର୍ଯ୍ୟନ୍ତ ଧୂମକେତୁ ଦେଖାଯାଇଥିଲା । ବହୁତ କମ୍ ସଂଖ୍ୟାର ଧୂମକେତୁ ଗ୍ରହମଣ୍ଡଳ ଭିତରକୁ ଆସି ସୂର୍ଯ୍ୟ ଚାରିପଟେ ପ୍ରଦକ୍ଷିଣ କରନ୍ତି । କେତେକ ବୈଜ୍ଞାନିକଙ୍କ ତାଲିକା ଅନୁଯାୟୀ ୧୯୬୦ ପର୍ଯ୍ୟନ୍ତ ୬୧୧ ଟି ଧୂମକେତୁ ଦେଖାଯାଇଥିଲା ଏବଂ ସେଥିରୁ ୫୧୩ଟି ଦୀର୍ଘ ସମୟ ପରେ ଯାଇ ଦେଖାଦେବ । ଏମାନେ ୨୦୦ ବର୍ଷ ବା ତାଠୁ ଅଧିକ ସମୟ ପରେ ଯାଇ ଦେଖା ଦିଅନ୍ତି । ଅବଶିଷ୍ଟ ୯୮ ଟି ଧୂମକେ... ୨୦୦ ବର୍ଷରୁ କମ୍ ସମୟ ଭିତରେ ଆସନ୍ତି । ଏଥି ଭିତ... ୬୫ଟି ପ୍ରଥମେ ଦେଖା ଦେବା ପରେ ପୁଣି ଥରେ ଏହା ଭିତ... ଦେଖାଯାଇଥିଲେ ।

## ଧୂମକେତୁ ବିଷୟରେ କୁସଂସ୍କାର ଓ ଅ... ବିଶ୍ୱାସ

ଅତି ପୁରାତନ କାଳରୁ ଧୂମକେତୁ ଏକ ଅମଙ୍ଗଳ ଓ ଅ... ସଙ୍କେତ ବୋଲି ଆମ ଦେଶରେ ତଥା ୟୁରୋପରେ ମ... କରାଯାଉଥିଲା । ଧୂମକେତୁ ଆକାଶରେ ଦେଖାଦେଲେ ଘ... ପ୍ରତି ଘୋର ଦୈବିଦୁର୍ବିପାକ, ମହାମାରୀ, ଦୁର୍ଭିକ୍ଷ ଓ ବିଶି... ବ୍ୟକ୍ତିଙ୍କ ମୃତ୍ୟୁ ଘଟିବ ବୋଲି ଆତଙ୍କ ସୃଷ୍ଟି ହୋଇଥାଏ... ଇତିହାସରେ ଏହିପରି ବହୁ ଦୁର୍ଘଟଣାର ବର୍ଣ୍ଣନା ରହିଛି... ବିଶ୍ୱ ଇତିହାସରୁ ଜଣାଯାଏ ଯେ ପ୍ରାୟ ଦୁଇ ହଜାର ବର୍ଷ ପୂ... ଯେତେବେଳେ ରୋମାନ୍‌ମାନେ ଜେରୁଜେଲମ୍ ଦଖଲ କ... ଧ୍ୱଂସ କରି ଦେଲେ ତା ପୂର୍ବରୁ ଏକ ଧୂମକେତୁ ଦେଖାଦେଇଥିଲା । ରୋମ୍ ସମ୍ରାଟ ଜୁଲିୟସ ସିଜରଙ୍କର ଯେଉଁ ବର୍ଷ ମୃତ୍ୟୁ ଘଟି... ଘଟଣାକ୍ରମେ ସେହି ବର୍ଷ ଗୋଟିଏ ଧୂମକେତୁ ଆକାଶର... ଦେଖା ଦେଇଥିଲା । ରୋମୀୟମାନେ ଭାବିଲେ ଯେ ଜୁଲିୟ... ସିଜରଙ୍କର ଅମର ଆତ୍ମାକୁ ସ୍ୱର୍ଗରାଜ୍ୟକୁ ବହନ କରି ନେ... ପାଇଁ ଏହି ସୁବର୍ଣ୍ଣ ରଥଟି ଆସିଛି । ରୋମ ସମ୍ରାଟ ନି... ଯେଉଁ ବର୍ଷ ନିଜକୁ ହତ୍ୟାକଲେ ସେ ବର୍ଷ ଗୋଟିଏ ଧୂମକେ... ଦେଖାଦେଇଥିଲା । ୧୦୬୬ ଖ୍ରୀଷ୍ଟାବ୍ଦରେ ୟୁରୋପ ଓ ଚୀ... ଆକାଶରେ ଏକ ବିରାଟ ଧୂମକେତୁ ଦେଖାଦେଇଥିଲା । ଏ... ପୂର୍ଣ୍ଣ ଚନ୍ଦ୍ର ଆକାରରେ ଥିଲା । କୌଣସି ଦୈବିଦବିପାକ ଘଟି... ବୋଲି ଲୋକେ ଆଶଙ୍କା କରି ଆତଙ୍କିତ ହୋଇ ପଡ଼ିଥିଲେ । ନର୍ମାଣ୍ଡିର ଡିଉକ୍ ଉଇଲିୟମ ନରମାଣ୍ଡି ନରମାଣ୍ଡିଦ୍ୱୀପକୁ ଦଖ... କରି ନେବା ପୂର୍ବରୁ ଗୋଟିଏ ଧୂମକେତୁ ଦେଖାଦେଇଥିଲା ବୋ... କୁହାଯାଏ । ଦୈବିଦବିପାକ, ମହାମାରୀ, ଯୁଦ୍ଧ ଓ ବିଶି... ବ୍ୟକ୍ତିଙ୍କ ମୃତ୍ୟୁବେଳେ ପୃଥିବୀର କୌଣସି ନା କୌଣସି ଅଂଶରେ ଲାଗି ରହିଛି । ଧୂମକେତୁର ଆବିର୍ଭାବ ସହିତ ସେଗୁଡ଼ିକୁ ଯୋ... ଦିଆଯାଉଥିଲା । ଧୂମକେତୁର ଗଠନ ଗତିବିଧି ଓ ଆକାଶରେ ଆବିର୍ଭାବ ସମ୍ବନ୍ଧରେ ବୈଜ୍ଞାନିକମାନଙ୍କର ନିରବଚ୍ଛିନ୍ନ ଗବେଷ... ଫଳରେ ତଥ୍ୟ ଜଣା ପଡ଼ିବା ପରେ ଏହିସବୁ କୁସଂସ୍କାର ଓ ଅ... ବିଶ୍ୱାସ କ୍ରମଶଃ ଦୂରୀଭୂତ ହୋଇଯାଉଛି ।

## ହ୍ୟାଲି ଧୂମକେତୁ

ଧୂମକେତୁଗୁଡ଼ିକ ଯେତେବେଳେ ମନ ସେତେବେଳେ ଆସନ୍ତି ଏବଂ ସେହିପରି ମନଇଚ୍ଛା ଚାଲିଯାଆନ୍ତି ବୋଲି ପ୍ରଥମେ ଯେଉଁ ଧାରଣା ଥିଲା, ଜ୍ୟୋତିର୍ବିଜ୍ଞାନୀମାନଙ୍କର ନିରବଚ୍ଛି... ପର୍ଯ୍ୟବେକ୍ଷଣ ଓ ଗବେଷଣା ଫଳରେ ବର୍ତ୍ତମାନ ସେହି ଧାରଣା ବହୁ ପରିମାଣରେ ବଦଳିଛି । ସପ୍ତଦଶ ଶତାବ୍ଦୀରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର ପରେ ସୂର୍ଯ୍ୟ ତଥା ଅନ୍ୟାନ୍ୟ ଗ୍ରହମାନଙ୍କ ଗତିବିଧି ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ତଥ୍ୟ ଜଣାପଡ଼ିଥିଲା । ୧୬୮୨ ଖ୍ରୀଷ୍ଟାବ୍ଦରେ ନି... ଧୂମକେତୁମାନଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ । ଏହି ପର୍ଯ୍ୟବେକ୍ଷଣ ଫଳରେ ତାଙ୍କର ବିଶ୍ୱାସ ଦୃଢ଼ୀଭୂତ ହେଲା ଯେ ଧୂମକେତୁଗୁଡ଼ି...

ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ସୂର୍ଯ୍ୟଆଡ଼କୁ ଆକର୍ଷିତ ହୋଇ ଆସନ୍ତି ଏବଂ ଅନ୍ୟାନ୍ୟ ଗ୍ରହଭଳି ସେମାନେ ମଧ୍ୟ ସୂର୍ଯ୍ୟ ଚାରିପଟେ ବୁଲନ୍ତି, ଏହି ସିଦ୍ଧାନ୍ତ ଗ୍ରହଣ କରିବାରେ ନିଉଟନ ତାଙ୍କର ବିଶ୍ୱସ୍ତ ବନ୍ଧୁ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଏଡ଼ମଣ୍ଡ ହେଲିଙ୍କ ସାହାଯ୍ୟ ନେଇ-ଥିଲେ । ଏଡ଼ମଣ୍ଡ ହେଲି ଧୂମକେତୁମାନଙ୍କର ଗତିବିଧି ପର୍ଯ୍ୟ-ବେକ୍ଷଣରେ ଅଧିକା ମନୋନିବେଶ କଲେ । ସେ ୧୩୩୭ ଖ୍ରୀଷ୍ଟାବ୍ଦଠାରୁ ଯେଉଁ ୨୪ ଟି ଧୂମକେତୁ ଦେଖାଦେଇଥିଲା ସେଗୁଡ଼ିକୁ ଅଧ୍ୟୟନ କରିଥିଲେ । ସେ ଲକ୍ଷ୍ୟ କଲେ ଯେ ଏଥି ଭିତରୁ ୩ଟି ଧୂମକେତୁ ଗୋଟିଏ ନିର୍ଦ୍ଦିଷ୍ଟ ପଥ ଅନୁସରଣ କରୁଛନ୍ତି । ୧୫୩୧, ୧୬୦୭ ଓ ୧୬୮୨ ଖ୍ରୀଷ୍ଟାବ୍ଦରେ ସେମାନେ ଦେଖା-ଦେଇଥିଲେ । ଏଇଥିରୁ ବୈଜ୍ଞାନିକ ହାଲି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଯେଉଁ ଧୂମକେତୁଟି ୧୬୮୨ ରେ ଦେଖାଦେଇଥିଲା ତାହା ପ୍ରତି ୭୫ ବର୍ଷରେ ଥରେ ଦେଖାଦେଉଛି । ୧୭୦୫ ଖ୍ରୀଷ୍ଟାବ୍ଦରେ ହେଲି ଘୋଷଣା କରିଥିଲେ ଯେ ଏହି ଧୂମକେତୁ ୧୭୫୮ ଖ୍ରୀଷ୍ଟାବ୍ଦରେ ପୁଣି ଦେଖା ଦେବ । ତାଙ୍କ ଭବିଷ୍ୟତବାଣୀ ସତ ହେଲା । ଧୂମକେତୁ ୧୭୫୯ ମସିହାରେ ଦେଖାଦେଇଥିଲା । ଏଥିରୁ ବୈଜ୍ଞାନିକମାନେ ନିର୍ଣ୍ଣିତ ଭାବରେ ଜାଣି ପାରିଥିଲେ ଯେ ଧୂମକେତୁମାନଙ୍କ ଆବିର୍ଭାବର ନିର୍ଦ୍ଦିଷ୍ଟ ସମୟ ରହିଛି । ବୈଜ୍ଞାନିକ ହେଲି ଯେଉଁ ନିର୍ଦ୍ଦିଷ୍ଟ ଧୂମକେତୁର ଆବିର୍ଭାବ ସମୟ ସଠିକ ଭାବରେ ନିର୍ଦ୍ଧାରଣ କରିଦେଇ ପାରିଥିଲେ ତାକୁ ହେଲି ଧୂମକେତୁ ବୋଲି କୁହାଯାଉଛି । ଏହି ଧୂମକେତୁଟି ନିର୍ଦ୍ଦିଷ୍ଟ ସମୟରେ ୧୮୩୫ ଖ୍ରୀଷ୍ଟାବ୍ଦରେ ୧୯୧୦ ଖ୍ରୀଷ୍ଟାବ୍ଦରେ ୭୫ ବର୍ଷ ଛାଡ଼ି ଛାଡ଼ି ଆସିଥିଲା ଏବଂ ୧୯୮୬ ମସିହାରେ ଆବିର୍ଭାବ ହୋଇଛି ।

ହେଲି ଧୂମକେତୁ ଛଡ଼ା ଆଉ କେତେକ ଧୂମକେତୁ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ଛାଡ଼ି ଛାଡ଼ି ଆବିର୍ଭାବ ହୁଏ । ସେମାନଙ୍କୁ ସାମୟିକ ଧୂମକେତୁ ବୋଲି କୁହାଯାଇଥାଏ । ଏନ୍‌କେଙ୍କ ଧୂମକେତୁ ପ୍ରତି ସାଢ଼େ ତିନିବର୍ଷରେ ଥରେ ଦେଖାଦେଇଥାଏ । ଏହି ଧୂମକେତୁଟି ସର୍ବାପେକ୍ଷା ଅଳ୍ପକାଳ ଛାଡ଼ିଛାଡ଼ି ଦେଖାଦିଏ । ବୈଜ୍ଞାନିକମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ ଅନେକ ଧୂମକେତୁ ହଜାର ହଜାର ବର୍ଷ ଛାଡ଼ି ଥରେ ଦେଖା-ଦିଅନ୍ତି । କେତେକ ଧୂମକେତୁ କେତେଥର ମାତ୍ର ପୃଥିବୀ ପରିଦର୍ଶନ କରି ଚିରକାଳ ପାଇଁ ଅନ୍ତର୍ହିତ ହୋଇଯାଆନ୍ତି । ଜ୍ୟୋତିର୍ବିତ୍ ଭଇଲ ହେଲମ୍ ଭନ୍ ବେଲ୍ଲା ୧୮୨୬ ମସିହାରେ ଯେଉଁ ଧୂମକେତୁଟି ଦେଖିଥିଲେ ତାହା ବହୁଥର ଦେଖାଦେଇଥିଲା । ଅନ୍ୟାନ୍ୟ ଜ୍ୟୋତିର୍ବିତ୍‌ମାନେ ମଧ୍ୟ ଏହାକୁ ଦେଖିଥିଲେ । ୧୮୪୬ ମସିହାରେ ଏହା ଦୁଇଟି ହୋଇ ଯୋଡ଼ି ଧୂମକେତୁ ଆକାରରେ ଦେଖାଦେଲା । ଶେଷରେ ଏହି ଦୁଇଟି ଧୂମକେତୁ ଅତି କ୍ଷୁଦ୍ର ଖଣ୍ଡରେ ଭାଗ ଭାଗ ହୋଇଯାଇ ଆଉ ଦେଖାଗଲା ନାହିଁ । ବେଲ୍ଲାଙ୍କ ଧୂମକେତୁର ଇତିହାସରୁ ପ୍ରମାଣିତ ହେଲା ଯେ ଧୂମକେତୁଗୁଡ଼ିକର ଶେଷରେ ମୃତ୍ୟୁ ଘଟେ । ଅର୍ଥାତ୍ ସେଗୁଡ଼ିକ ଖଣ୍ଡଖଣ୍ଡ ହୋଇ ଯାଇ ଉଲ୍‌କା ଆକାରରେ ନିଜ କକ୍ଷ ପଥରେ ବୁଲୁଥାଏ । ନିରବଚ୍ଛିନ୍ନ ପର୍ଯ୍ୟବେକ୍ଷଣ ଫଳରେ ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ପ୍ରତ୍ୟେକ ଥର ଧୂମକେତୁ ସୂର୍ଯ୍ୟ ନିକଟ ଦେଇ ଗତି କଲାବେଳେ ଏହା ନିଜର କେତେକ ଉପାଦାନ ହରାଇଥାଏ । ଏହି ପଦାର୍ଥଗୁଡ଼ିକ ଏକାଠି ହୋଇ ମହାକାଶକୁ ଚାଲିଯାଏ । ଧୂମକେତୁର ଗ୍ୟାସ ଓ ଧୂଳିକଣା ପ୍ରଥମେ ଚାଲିଯାଏ ମାତ୍ର ମୁଣ୍ଡର ନିବିଡ଼ ଅଂଶଟି ରହିଯାଏ । ସମୟ ସମୟରେ ଏହି ନିବିଡ଼ ଅଂଶଟି ମଧ୍ୟ ଖଣ୍ଡଖଣ୍ଡ ହୋଇଯାଏ । ଭାଙ୍ଗିଯିବା ପରେ ଏହି କ୍ଷୁଦ୍ର ପଦାର୍ଥଗୁଡ଼ିକ ମହାକାଶର ଚାରିଆଡ଼େ ବିଛେଇ ହୋଇଯାଏ । ପୃଥିବୀ ଧୂମକେତୁର ଏହି ସବୁ ପଦାର୍ଥ ଭିତର ଦେଇ ଗତି କଲାବେଳେ ଏସବୁ ଭଙ୍ଗା ଅଂଶଗୁଡ଼ିକ ଉଲ୍‌କା ଭଳି ବୃଷ୍ଟି ହୁଏ । ଏଇଥାକୁ ଆକାଶରେ ତାରା ଖସି ପଡ଼ିଲା ବୋଲି ଲୋକେ କହିଥାନ୍ତି ।

୧୯୩ ବାପୁଜୀ ନଗର
ଭୁବନେଶ୍ୱର-୯



# ଓଡ଼ିଶା

## ପ୍ରଗତି ଓ ସମୃଦ୍ଧିର ଏକ ନୂତନ ଅଧ୍ୟାୟ

* ଷଷ୍ଠ ପଞ୍ଚବାର୍ଷିକ ଯୋଜନାକାଳରେ ରାଜ୍ୟରେ ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଭୂମିହୀନଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୭୪୮ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

* ୧୯୮୫ ଜୁନ୍ ସୁଦ୍ଧା ମୋଟ୍ ୨୮.୨୫ ଲକ୍ଷ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଉଛି । ସେମାନଙ୍କ ମଧ୍ୟରେ ୭.୪୭ ଲକ୍ଷ ଆଦିବାସୀ ଓ ୫.୨୯ ଲକ୍ଷ ହେଉଛନ୍ତି ହରିଜନ ।

* ଷଷ୍ଠ ଯୋଜନା କାଳରେ ରାଜ୍ୟରେ ୮୫ ଟି ବୃହତ୍ ଓ ମଧ୍ୟମ ଶିଳ୍ପ, ୧୪,୩୯୮ କ୍ଷୁଦ୍ରଶିଳ୍ପ ଓ ୩,୭୫,୯୧୭ କାରିଗରୀଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଇଛି ।

* ୧୯୮୫ ଅକ୍ଟୋବର ଶେଷ ସୁଦ୍ଧା ୧,୦୭,୯୬୧ ଜଣ ଭୂମିହୀନ ଲୋକଙ୍କ ମଧ୍ୟରେ ୧,୩୨,୪୯୦ ଏକର ଉଦ୍‌ବୃତ୍ତ ଜମି ବଣ୍ଟନ କରାଯାଇଛି ।

* ୧୯୮୫ ଅକ୍ଟୋବର ଶେଷସୁଦ୍ଧା ୩,୩୮୭ ଗ୍ରାମରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

* ୧୯୮୫ ଜୁନ୍ ସୁଦ୍ଧା ରାଜ୍ୟରେ ୧,୦୩,୪୦୩ ବୃଦ୍ଧ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି ।

* ରାଜ୍ୟରେ ଏ ପର୍ଯ୍ୟନ୍ତ ୧,୯୮୯ ଟି ଗୋବର ଗ୍ୟାସ ପ୍ଲାଣ୍ଟ ବସାଯାଇଛି ।

* ବନ୍ୟଜନ୍ତୁ ସଂରକ୍ଷଣ ଲାଗି ରାଜ୍ୟରେ ୧୪ ଟି ଅଭୟାରଣ୍ୟ ପ୍ରତିଷ୍ଠା କରାଯାଇଛି ।

* ୧୯୭୯-୮୦ ରେ ୧,୭୦,୦୭୫ ପର୍ଯ୍ୟଟକ ଓଡ଼ିଶା ପରିଦର୍ଶନରେ ଆସିଥିବା ବେଳେ ୧୯୮୪-୮୫ ରେ ସେମାନଙ୍କ ସଂଖ୍ୟା ୭,୪୭,୪୪୦ କୁ ବୃଦ୍ଧି ପାଇଛି ।

* ଅଧିକ ସଂଖ୍ୟାର ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସଂପ୍ରସାରିତ କରାଯାଇଛି ।

ଆଜିର ଏହି ପବିତ୍ର ଓ ମହନୀୟ ଦିବସରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ
ପରିଣତ କରିବାକୁ ଆମେ ସମସ୍ତେ ଐକାନ୍ତିକ ଓ ନିଷ୍ଠାପର ଉଦ୍ୟମ
କରିବାପାଇଁ ସଂକଳ୍ପ ନେବା ।
ସହଯୋଗ ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା



# ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ

ଶ୍ରୀ ଭକ୍ତବନ୍ଧୁ ପୂଜାରୀ

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଉତ୍କଳ ଭୂମିରେ ପଦାର୍ପଣ କରି ଶ୍ରୀକ୍ଷେତ୍ର ପୁରୀରେ ଅବସ୍ଥାନ କଲେ । ସେ ପୁରୀଠାରେ ପ୍ରତିଦିନ ଶ୍ରୀ ଜଗନ୍ନାଥଙ୍କ ଦର୍ଶନକୁ ଯାଆନ୍ତି ଓ ପୁରୀ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ସପାର୍ଷଦ ସଂକୀର୍ତ୍ତନ କରନ୍ତି । ସେହି ସ୍ଥାନରେ ବର୍ତ୍ତମାନ ଷଡ଼ଭୁଜ ଗୌରାଙ୍ଗ ମନ୍ଦିର ପ୍ରତିଷ୍ଠା କରାଯାଇଛି ।

ଉତ୍କଳ ଦେଶରେ ଧର୍ମ ପ୍ରଚାର ଥିଲା ତାଙ୍କର ପ୍ରଥମ ଲକ୍ଷ୍ୟ । ପୁରୀ ରାଜା ପ୍ରତାପ ରୁଦ୍ରଦେବଙ୍କ ମନ୍ତ୍ରୀ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରାଇବା ଥିଲା ସେହି ଲକ୍ଷ୍ୟ ପୂର୍ତ୍ତିର ସାଧନ ।

ଶ୍ରୀ ବାସୁଦେବ ଭଟ୍ଟାଚାର୍ଯ୍ୟ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କୁ ନବଦ୍ୱୀପର ନିମାଇ ପଣ୍ଡିତ ବୋଲି ପରିଚୟ ପାଇବାପରେ ଉଭୟଙ୍କ ମଧ୍ୟରେ ଶାସ୍ତ୍ର ଚର୍ଚ୍ଚା ଚାଲିଲା । ଦିନ ଦିନ ଉଭୟଙ୍କ ମଧ୍ୟରେ ତର୍କ ଚାଲିବାପରେ ଶେଷକୁ ଶ୍ରୀଚୈତନ୍ୟ ମହାପ୍ରଭୁ ନିଜର ଷଡଭୁଜରୂପ ପ୍ରଦର୍ଶନ କଲେ । ରାମ , କୃଷ୍ଣ ଓ ଶ୍ରୀ ଚୈତନ୍ୟ ଏହି ତିନି ରୂପରେ ଉଭାହେଲେ । ତତ୍‌ପରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଶ୍ରୀଚୈତନ୍ୟଙ୍କୁ ସାକ୍ଷାତ୍ ଶ୍ରୀକୃଷ୍ଣ ଚୈତନ୍ୟ ବୋଲି ଚିହ୍ନିପାରି ତାଙ୍କର ଶରଣାଗତ ହେଲେ । ପୁଣି ତାଙ୍କଠାରୁ ଦୀକ୍ଷାନେଇ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେଲେ ।

ତହୁଁ ରାଜା ପ୍ରତାପରୁଦ୍ର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶରଣାପନ୍ନ ହୋଇ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବାକୁ ଇଚ୍ଛାକଲେ। କିନ୍ତୁ ଶ୍ରୀମାନ ମହାପ୍ରଭୁ ରାଜାଙ୍କ ଏହି ପ୍ରସ୍ତାବ ଦୃଢ଼ଭାବରେ ପ୍ରତ୍ୟାଖ୍ୟାନ କଲେ । ସେ ରାଜାଙ୍କ ନାମ ଶୁଣିବା ମାତ୍ରେ କଂପି ଉଠିଲେ ଓ ଗର୍ଜନ କଲେ । ରାଜାଙ୍କୁ ସାକ୍ଷାତ କରିବା ପାଇଁ ମଧ୍ୟ ମନାକଲେ । ଏହିପରି କେତେଦିନ ବିତିଗଲା । ଏହାପରେ ରଥ ଯାତ୍ରା ସମୟ ଉପସ୍ଥିତ ହେଲା । ରଥ ଯାତ୍ରା ଦିନ ଶ୍ରୀମାନ ମହାପ୍ରଭୁ ଖୁବ୍ ଭୋରୁ ନିତ୍ୟକର୍ମ ଶେଷକରି ରଥ ନିକଟରେ ପହଞ୍ଚିଲେ ଓ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ବିଜୟ ଦର୍ଶନ କଲେ । ତା' ପରେ ଶ୍ରୀ ଜଗନ୍ନାଥ ରଥ ଉପରେ ବିଜେ କରିବାପରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ନିମ୍ନଲିଖିତ ଶ୍ଳୋକ ଆବୃତ୍ତିକରି ଦର୍ଶନ କରିବାକୁ ଲାଗିଲେ:

"ନମୋ ବ୍ରହ୍ମଣ୍ୟ ଦେବାୟ ଗୋ ବ୍ରାହ୍ମଣ ହିତାୟଚ
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ
ଜୟତି ଜୟତି ଦେବୋ ଦେବକୀ ନନ୍ଦନୋଽସୌ
ଜୟତି ଜୟତି କୃଷ୍ଣୋ ବୃଷ୍ଣିବଂଶ ପ୍ରଦୀପଃ
ଜୟତି ଜୟତି ମେଘଃ ଶ୍ୟାମଳ କୋମଳାଙ୍ଗୋ
ଜୟତି ଜୟତି ପୃଥ୍ୱୀ ଭାର ନାଶୋ ମୁକୁନ୍ଦଃ
ଜୟତି ଜନନିବାସୋ ଦେବକୀ ଜନ୍ମବାଦେ
ଯଦୁବର ପରିଷତ୍ ସ୍ୱୈର୍ଦୋର୍ଭିରସ୍ୟନ୍ନ ଧର୍ମମ୍
ସ୍ଥିରଚର ବୃଜିନଘ୍ନଃ ସୁସ୍ମିତଶ୍ରୀ ମୁଖେନ
ବ୍ରଜପୁର ବନିତାନାଂ ବର୍ଦ୍ଧୟନ୍ କାମଦେବମ୍
ନାହଂ ବିପ୍ରୋ ନଚ ନରପତି ନାପି ବୈଶ୍ୟୋ ନ ଶୂଦ୍ରୋ
ନାହଂ ବର୍ଣୀ ନଚ ଗୃହପତି ର୍ନୋ ବନସ୍ଥୋ ଯତିର୍ବା
କିନ୍ତୁ ପ୍ରୋଦ୍ୟ ନିଖିଳ ପରମାନନ୍ଦ ପୂର୍ଣ୍ଣାମୃତାବ୍ଧେ
ଗୋପୀଭର୍ତ୍ତୁଃ ପଦକମଳୟୋ ଦାସ ଦାସାନୁଦାସଃ"

ଏହାପରେ ହରିନାମ ସଂକୀର୍ତ୍ତନ ହେଲା । ମହାପ୍ରଭୁ ନିଜ କୀର୍ତ୍ତନ ଦଳକୁ ସାତଭାଗ କଲେ । ଚୌଦ ମୃଦଙ୍ଗ ବାଜି ଉଠିଲା । ମହାପ୍ରଭୁ ଯେତେବେଳେ ଯେଉଁ ଦଳରେ ଥାଆନ୍ତି, ପ୍ରତ୍ୟେକ ଦଳ ଭାବନ୍ତି ମହାପ୍ରଭୁ ତାଙ୍କ ଦଳରେ ଅଛନ୍ତି । ସେପରି ରାସଲୀଳା ମଝିରେ ମଝିରେ ମହାପ୍ରଭୁ ହୁଂକାର ନାଦ କରନ୍ତି । କ୍ରମେ କ୍ରମେ କୀର୍ତ୍ତନ ଗାଢତର ହୁଏ । ମହାପ୍ରଭୁଙ୍କର ଅଷ୍ଟସାତ୍ତ୍ୱିକ ଲକ୍ଷଣ ପ୍ରକାଶ ପାଇଲା । ରୋମାଞ୍ଚ ଓ ସ୍ୱେଦସହ ମହାପ୍ରଭୁ ମୂର୍ଚ୍ଛିତ ହୋଇ ପଡନ୍ତି । ପୁଣି ଉଠି ସିଂହ ଗର୍ଜନ କରି ଉଦ୍ଦଣ୍ଡ ନୃତ୍ୟ କରନ୍ତି । ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଓ ଶ୍ରୀ ଅଦ୍ୱୈତାଚାର୍ଯ୍ୟ ମହାପ୍ରଭୁଙ୍କ ପାଖେ ପାଖେ ରହି ମହାପ୍ରଭୁଙ୍କୁ ରକ୍ଷା କରନ୍ତି । ନିଜେ ରାଜା

ଶ୍ରୀ ପ୍ରତାପରୁଦ୍ରଦେବ ମଧ୍ୟ ଜନତା ମଧ୍ୟରେ ରହି ମହାପ୍ରଭୁଙ୍କ ରକ୍ଷଣାବେକ୍ଷଣ ତଦାରଖ କରନ୍ତି । ସମଗ୍ର ଜନତା ନିସ୍ତବ୍ଧ । ନିଜେ ଶ୍ରୀ ଜଗନ୍ନାଥ ନିର୍ନିମେଷ ନୟନରେ କୀର୍ତ୍ତନ ଅବଲୋକନ କରୁଥାନ୍ତି । ତହୁଁ କୀର୍ତ୍ତନ ଶେଷ ହେଲା । ମହାପ୍ରଭୁ ରଥର ପଶ୍ଚାତ୍ ଭାଗରେ ରହି କୀର୍ତ୍ତନ ପରିଚାଳନା କରି ଚାଲିଥାଆନ୍ତି । ରଥଟଣା ଆରମ୍ଭ ହେଲା । ପରଂପରାକ୍ରମେ ରଥଯାତ୍ରା ବଳଗଣ୍ଡି ଠାବରେ ଅଟକିଲା । ସେଠାରେ ମାଉସୀ ମା ଭୋଗ ହେଲା । ସେଠାରେ ରଥ କେତେ ସମୟ ଅଟକି ରହିଲା । ତାଙ୍କ କୀର୍ତ୍ତନକୁ ଲକ୍ଷ୍ୟକରି କୁହାଯାଉଛି :

"ମାଝେ ମାଝେ ଗୌର ନାଚେ
କାଛେ କାଛେ ନିତାଇ ନାଚେ
ହୁଁକାର ଗର୍ଜନ କରି
ସମ୍ମୁଖେ ଅଦ୍ୱୈତ ନାଚେ"

ଏହି ଅବସରରେ ଶ୍ରୀମାନ ମହାପ୍ରଭୁ ନିକଟସ୍ଥ ଉଦ୍ୟାନର ମାଟି ବାରଣ୍ଡାରେ ଟିକିଏ କ୍ଳାନ୍ତି ଅପନୋଦନ ସକାଶେ ଚକ୍ଷୁ ଅର୍ଦ୍ଧନିମିଳିତ କରି ଶୋଇ ରହିଲେ । ପାର୍ଷଦମାନେ ପାଖରେ ବସି ଥାଆନ୍ତି ।

ଏହି ପରିପ୍ରେକ୍ଷୀରେ ରାଜା ପ୍ରତାପରୁଦ୍ରଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କର ନିର୍ଦ୍ଦେଶ କ୍ରମେ ରାଜବେଶ ତ୍ୟାଗ କରି ଦୀନ ସନ୍ନ୍ୟାସୀ ବେଶରେ ଶ୍ରୀ ମହାପ୍ରଭୁଙ୍କ ନିକଟରେ ଉପସ୍ଥିତ ହୋଇ ପାର୍ଷଦଗଣଙ୍କ ଅନୁମତି କ୍ରମେ ହୃଦୟରେ ସାହସ ବାନ୍ଧି ମହାପ୍ରଭୁଙ୍କର ଶ୍ରୀପଦଯୁଗଳ ନିଜବକ୍ଷରେ ଧାରଣ କରି ଧୀରେ ଧୀରେ ସମ୍ବାହନ କରିବାକୁ ଲାଗିଲେ । ପୁଣି ଧୀର ଲଳିତ କଣ୍ଠରେ "ଜୟତି ତେଽଧିକଂ...." ଯାହାକି ଗୋପୀ ଗୀତା ନାମରେ ପ୍ରସିଦ୍ଧ ତାହା ଆବୃତ୍ତି କଲେ । ମହାପ୍ରଭୁ ସେହି ଅର୍ଦ୍ଧ ନିମିଳିତ ନେତ୍ରରେ ନିଦ୍ରିତଥାଇ ଗୋପୀ ଗୀତା ଶୁଣିବାମାତ୍ରେ ଅନ୍ତରରେ ଅପାର ଆନନ୍ଦ ଅନୁଭବ କରି ଶ୍ଳୋକ କିଏ ଆବୃତ୍ତି କରୁଛି ନ ଦେଖି ସୁଦ୍ଧା ବୋଲିବାକୁ ଲାଗିଲେ "ବଲ ବଲ" ତହୁଁ ପ୍ରତାପରୁଦ୍ରଦେବ ଶ୍ରୀମଦ୍ଭାଗବତର ପ୍ରସିଦ୍ଧ ଶ୍ଳୋକ ଆବୃତ୍ତି କରିବାକୁ ଲାଗିଲେ ।

"ତବ କଥାମୃତଂ ତପ୍ତ ଜୀବନଂ
କବିଭିରୀଡିତଂ କଳ୍ମଷାପହଂମ୍
ଶ୍ରବଣ ମଂଗଳଂ ଶ୍ରୀମଦାତତଂ
ଭୁବି ଗୃଣନ୍ତି ଯେ ଭୂରିଦା ଜନାଃ"

ଶ୍ରୀ ପ୍ରତାପରୁଦ୍ରଦେବଙ୍କ ମୁଖ ନିଃସୃତ ଏହି ଶ୍ଳୋକ ଶୁଣିବାମାତ୍ରେ ମହାପ୍ରଭୁ ଆନନ୍ଦାତିଶଯ୍ୟ ସହ ଉଠିପଡ଼ି ପ୍ରେମାବେଶରେ ଶ୍ରୀ ରାଜାଙ୍କୁ ଆଲିଙ୍ଗନ କରି କହିଲେ–

"ତୁମି ମୋରେ ଦିଲେ ଅମୂଲ୍ୟ ରତନ
ମୋର କିଛୁ ଦିତେନାଇ ଦିଲୁ ଆଲିଙ୍ଗନ"

କିଏ ତୁମେ ଏଠାକୁ ସ୍ୱେଚ୍ଛାକୃତଭାବେ ଆସି ମୋ ଅମୃତ ନିର୍ଝର ଦାନ କଲ । ମୋର ଦେବା ପାଇଁ କିଛୁ କିଛି ନା ମୁଁ ନିଃସ୍ୱ ସନ୍ନ୍ୟାସୀ । ଏଣୁ ତୁମର ଦାନ ବିନିମୟ ପ୍ରେମାଲିଙ୍ଗନ ମାତ୍ର ଦେଉଛି । ଗ୍ରହଣ କର ବନ୍ଧୁ । ଅ ଏହା ପର୍ବରୁ ଶ୍ରୀ ଜଗନ୍ନାଥ ରଥ ଉପରେ ବିଜେ ହେବା ପୂ ରାଜା ପ୍ରତାପରୁଦ୍ରଦେବ ସ୍ୱର୍ଣ୍ଣ ମାର୍ଜନୀ ଓ ଚନ୍ଦନପାଣି ଯେପରି ରଥ ମାର୍ଜନା କଲେ ତାହା ଦେଖି ଶ୍ରୀମ ମହାପ୍ରଭୁଙ୍କର ରାଜାଙ୍କ ପ୍ରତି ଦୟା ଜାତ ହୋଇଥିଲା । ବର୍ତ୍ତମ ଶ୍ରୀମାନ ମହାପ୍ରଭୁ ରାଜାକୁ "ପ୍ରେମାଲିଙ୍ଗନ ଦେଉଛି ଗ୍ରହଣ ବଂଧୁ" କହି "ଭୂରିଦା ଭୂରିଦା"...... ଉଚ୍ଚାରଣ ପୂର୍ବକ ପ୍ର ବାରମ୍ବାର ଆଲିଙ୍ଗନ କଲେ । ରାଜା ସେତେବେଳେ ନି ପରିଚୟ ଦେଇ ତାହାଙ୍କୁ ଶ୍ରୀମାନ ମହାପ୍ରଭୁଙ୍କ ଦାସାନୁ ରୂପେ ଗ୍ରହଣ କରିବାକୁ ପ୍ରାର୍ଥନା କଲେ । ଧନ୍ୟ ମହାପ୍ର ଧନ୍ୟ ତୁମ ମହିମା । ଯାହାକୁ କିଛିକ୍ଷଣ ପୂର୍ବରୁ ବିଷ ପରିତ୍ୟାଗ କରୁଥିଲ, ଏହିକ୍ଷଣି ତାଙ୍କୁ ଅମୃତବତ୍ ଆଲିଙ୍ଗନ ଆତ୍ମସାତ କଲ । କାରଣ ରାଜାଙ୍କ ପ୍ରତି ତାଙ୍କର ଦ ସଂଗ୍ର ହେଲା । ସେହି ମୁହୂର୍ତ୍ତଠାରୁ ରାଜା ପ୍ରତାପରୁଦ୍ର ଶ୍ରୀମାନ ମହାପ୍ରଭୁ ନିଜର ଅନ୍ତରଙ୍ଗ ଭକ୍ତରୂପେ ଗ୍ରହଣ କ ଗୌର ମଣ୍ଡଳର ମଣି ସ୍ୱରୂପ ପ୍ରତିଷ୍ଠିତ କଲେ । ପୁ ପ୍ରେମା ବେଶରେ କହିଲେ–

"ତୁମି ସାର୍ବଭୌମ ଆର ରାମାନନ୍ଦରାୟ
ତିନେର ନିମିର ମୁଇଁ ଆଛିନୁ ଏଥାୟ"

ଧନ୍ୟ ମହାପ୍ରଭୁ, ଧନ୍ୟ ତୁମର ମହିମା । ଉତ୍କଳ ରାଜା ସ୍ୱୟଂ ପ୍ରତାପରୁଦ୍ରଦେବ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବୈଷ୍ଣବଧର୍ମ ଗ୍ରହଣ କରିବାପରେ ଓ ମହାପ୍ରଭୁଙ୍କ ଭକ୍ତଶିରୋମ ରୂପେ ଅଧିଷ୍ଠିତ ହେବାପରେ ସମସ୍ତ ଉତ୍କଳରେ ରାଜକ ଭାବରେ ବୈଷ୍ଣବଧର୍ମର ପ୍ରସାର ହେଲା ।

ସେଥିପାଇଁ ଭାରତ ପାର୍ଲାମେଣ୍ଟର ବାଚସ୍ପତି ଶ୍ରୀ ବଳରା ଝାଖର ଭୁବନେଶ୍ୱରଠାରେ ୧୯୮୪ ମସିହାରେ କୃଷି ମହା ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷ ପ୍ରସଙ୍ଗରେ ଘୋଷଣା କଲେ:–

It is here that the overmastering consuming love for God of Shri Chaitanya Mahaprabhu transformed the lives of thousands of People.

(ଶ୍ରୀ ଚୈତନ୍ୟ ଚରିତାମୃତର ରଥାଗ୍ରେ ନର୍ତ୍ତନ ପ ଓ ଶ୍ରୀ ଚିଦ୍ଦାନନ୍ଦ ସରସ୍ୱତୀଙ୍କ ଉତ୍କଳ ତୀର୍ଥେ ଅବଲମ୍ବନ ଲିଖିତ ।)

କ୍ୱାଟର ନଂ. ଡି ୧୧୪
ୟୁନିଟ୍–୯, ଭୁବନେଶ୍ୱର

# ଆମ ଶିକ୍ଷା ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି

ଡଃ ରାମଚନ୍ଦ୍ର ପଟ୍ଟନାୟକ

ଶିକ୍ଷା ମାନବ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ମନସ୍ତାତ୍ତ୍ୱିକ ବିକାଶ ପାଇଁ ପରିବାର, ସମାଜ ଏବଂ ପାରିପାର୍ଶ୍ୱିକ ବାତାବରଣରୁ କିଛି ନା କିଛି ଶିକ୍ଷା ପାଇଥାଏ । ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସମୃଦ୍ଧ ସେ ଜାତି ସେତେ ଉନ୍ନତ । ଆଜିର ବିଶ୍ୱରେ ସମୃଦ୍ଧିଶାଳୀ ଦେଶ ତା'ର ଶିକ୍ଷା ବ୍ୟବସ୍ଥାର ବ୍ୟାପକ ଉନ୍ନତି ପାଇଁ ସତତ ଉଦ୍ୟମଶୀଳ । ଶିକ୍ଷା ଯେପରି ସାର୍ବଜନୀନ ହେବ, ଦେଶର ଚାହିଦା ପୂରଣରେ ସହାୟକ ହେବ, ସମୟୋପଯୋଗୀ ହେବ, ଦେଶର କଞ୍ଚା ମାଲର ସଦୁପଯୋଗ କରିବାରେ ସହଯୋଗୀ ହେବ, ସର୍ବୋପରି ଦେଶର ଅର୍ଥନୈତିକ, ରାଜନୈତିକ ତଥା ସାମାଜିକ ବିକାଶରେ ସହାୟତା କରିବ ସେଥିପାଇଁ ପ୍ରତ୍ୟେକ ଦେଶରେ ଗଭୀର ବ୍ୟାକୁଳତା ପ୍ରକାଶ ପାଇଲାଣି । ଏହି ପରିପ୍ରେକ୍ଷୀରେ ଆମ ଦେଶର ଶିକ୍ଷା ବ୍ୟବସ୍ଥାର କ୍ରମୋନ୍ନତି ସଂପର୍କରେ ଆଲୋକପାତ କରିବା ବାଞ୍ଛନୀୟ ।

ଯେ କୌଣସି ବିକାଶୋନ୍ମୁଖୀ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା, ସେ ଦେଶର ଜନ ସଂଖ୍ୟା, ପ୍ରାକୃତିକ ସଂପଦ ସହ ସମନ୍ୱିତ ତଥା ସେହି ସମାଜର ଅର୍ଥନୈତିକ ବ୍ୟବସ୍ଥା ସହ ସଂପୃକ୍ତ ହୋଇଥାଏ । କିନ୍ତୁ ଗଭୀର ପରିତାପର ବିଷୟ, ଆମ ଦେଶର ଶିକ୍ଷା ବ୍ୟବସ୍ଥା ସହ ଆମର ଅର୍ଥନୈତିକ ଆବଶ୍ୟକତା କଥା ଦୂରେ ଥାଉ, ଏପରିକି ସମଗ୍ର ଦେଶବାସୀଙ୍କର ସର୍ବନିମ୍ନ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଚେଷ୍ଟ ନୁହେଁ ।

ଯୁଗେ ଯୁଗେ ଏ ଦେଶରେ ଶିକ୍ଷା ତତ୍କାଳୀନ ସମାଜ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୋଇ ଆସିଛି । ରାଜତନ୍ତ୍ର ଓ ସାମନ୍ତବାଦ ପଦ୍ଧତିରେ ଶାସନ ପରିଚାଳନା ହୋଇ ଆସୁଥିବାରୁ ଶିକ୍ଷା କଦାପି ସାର୍ବଜନୀନ ହୋଇ ପାରି ନ ଥିଲା । ରାଜାଙ୍କ ଶାସନ ପଦ୍ଧତି ଓ ତତ୍ ସଂପୃକ୍ତ ଧର୍ମ ଦର୍ଶନ ତଥା ସାମାଜିକ ବିଧି ବିଧାନ ଶିକ୍ଷା ଦେବା ପାଇଁ ଗାଁ ଗହଳିରେ ପାଠଶାଳାମାନ ପରଂପରାକ୍ରମେ ଚଳି ଆସୁଥିଲା । ସମାଜର ଅଳ୍ପ କେତେକ ଆଗ୍ରହୀ ତଥା ଉଚ୍ଚ ଶ୍ରେଣୀୟ ବ୍ୟକ୍ତିଙ୍କ ପାଇଁ ବିଶେଷତଃ ରାଜା, ସାମନ୍ତ ଓ ରାଜଦରବାର ଅଭିଜାତ ସଂପନ୍ନ ବ୍ୟକ୍ତି ବିଶେଷଙ୍କ ପାଇଁ ଗୁରୁକୁଳ, ଚତୁଷ୍ପାଠୀ, ତଥା ମଦ୍ରାସାର ବ୍ୟବସ୍ଥା ଥିଲା । ସେଠାରେ ବ୍ୟାକରଣ, ସାହିତ୍ୟ, ଗଣିତ, ଦର୍ଶନ, ଜ୍ୟୋତିଷ, ଧର୍ମଶାସ୍ତ୍ର ଆୟୁର୍ବେଦ ଇତ୍ୟାଦିର ପର୍ଯ୍ୟାଲୋଚନା ହେଉଥିଲା ।

ଇଂରେଜମାନେ ଏ ଦେଶର ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଇଂଲଣ୍ଡରେ ଶାସନ କ୍ଷମତା ବସ୍ତୁତଃ ବ୍ରିଟିଶ ପାର୍ଲିଆମେଣ୍ଟ ହାତରେ ଥିଲା । ତାହା ଭାରତୀୟ ସାମନ୍ତବାଦୀ ବ୍ୟବସ୍ଥାରୁ ନିଶ୍ଚିତଭାବେ ଭିନ୍ନ ଧରଣର । ତେଣୁ ତାଙ୍କର ଶାସନ ପଦ୍ଧତି ପାଇଁ ତତ୍କାଳୀନ ଦେଶଜ, ସଂସ୍କୃତ ଓ ପାରସୀ ଭାଷାରେ ଶିକ୍ଷା ଲାଭ କରୁଥିବା ଭାରତୀୟମାନଙ୍କର ସହାୟତା ନେବା ସୁବିଧା ଜନକ ହେଲା ନାହିଁ । ଏହି ସମୟରେ (୧୭୯୨) ଗ୍ରାଣ୍ଟ୍ ଗ୍ରାଣ୍ଟ ଇଂରାଜୀଭାଷା ଓ ୟୁରୋପୀୟ ଜ୍ଞାନରେ ଶିକ୍ଷାଦାନ କରିବାପାଇଁ ଏକ ସୁଚିନ୍ତିତ ଖସଡ଼ା ପ୍ରଣୟନ କଲେ । ତା'ର କିଛି ବର୍ଷ ପରେ (୧୮୧୧) ବଡ଼ଲାଟ୍ ମିଣ୍ଟୋ ଭାରତରେ ଇଂରେଜୀ ଭାଷା ଓ ଜ୍ଞାନରେ ଶିକ୍ଷାଦାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କଲେ । ତେଣୁ ବ୍ରିଟିଶ ପାର୍ଲିଆମେଣ୍ଟ ୧୮୧୩ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କଂପାନୀର ବାଣିଜ୍ୟ କାରବାରର ମିଆଦ ବଢ଼ାଇବା ବେଳେ ସେଥିରେ ଶିକ୍ଷାଦାନ ସଂପର୍କରେ ଏକ ସର୍ତ୍ତ ଆରୋପ କଲେ । ଏହି ସର୍ତ୍ତଟି ଭାରତରେ ଶିକ୍ଷାଦାନ ସଂପର୍କୀୟ ବ୍ରିଟିଶ ସରକାରର ପ୍ରଥମ ଆଇନଗତ ବ୍ୟବସ୍ଥା । ଏହି ସର୍ତ୍ତରେ ସରକାର ରାଜସ୍ୱରୁ ଏକ ଲକ୍ଷ ଟଙ୍କା ଶିକ୍ଷାଦାନରେ ବ୍ୟୟ କରିବାପାଇଁ ଉଦ୍ଦିଷ୍ଟ ରହିଲା । ଭାରତରେ କେତୋଟି ୟୁରୋପୀୟ ଜ୍ଞାନର ବିଦ୍ୟାଳୟ, ପ୍ରାଚ୍ୟ ଜ୍ଞାନର ଅନୁଷ୍ଠାନ ଗଢ଼ି ଉଠିଲା । ଏହି ସମୟରେ ଭାରତର ପାରମ୍ପରିକ ପଦ୍ଧତିରେ ଓ ୟୁରୋପୀୟ ପଦ୍ଧତିରେ ଶିକ୍ଷା ଦିଆଯିବା ନେଇ କନ୍ଦଳ ସୃଷ୍ଟି ହେଲା । ରାମମୋହନ ରାୟ ୧୮୨୩ ଖ୍ରୀ: ରେ ପ୍ରଚଳିତ ଭାରତୀୟ ପଦ୍ଧତିରେ ଶିକ୍ଷାଦାନ କରିବାକୁ ବିରୋଧ


କରି ବଡ଼ଲାଟଙ୍କୁ ଚିଠି ଲେଖିଥିଲେ । ୧୮୩୫ ରେ ତତ୍କାଳୀନ ବଡ଼ଲାଟ ବେଣ୍ଟିକ୍‌ଙ୍କ କାଉନ୍‌ସିଲ୍‌ର ଆଇନ୍ ସଭ୍ୟ ଟମାସ୍ ବେବିଙ୍ଗଟନ୍ ମେକ୍‌ଲେ ଭାରତରେ ଶିକ୍ଷା ପଦ୍ଧତିର ରୂପରେଖ ଉପରେ ଏକ ଐତିହାସିକ ଦଲିଲ୍ ପ୍ରସ୍ତୁତ କରି ଭାରତରେ ୟୁରୋପୀୟ ଢଙ୍ଗରେ ଓ ଇଂରେଜୀ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ପ୍ରଚଳନ କଲେ । ଇଂରେଜମାନେ ଯେଉଁ ଶିକ୍ଷା ପ୍ରଚଳନ କରିଥିଲେ ତାହା ପ୍ରଥମତଃ ସେମାନଙ୍କ ଶାସନ ଉପଯୋଗୀ ଏକ ସହାୟକ ଶ୍ରେଣୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଭିପ୍ରେତ ଥିଲା । ମ୍ୟାକ୍‌ଲେ ସେତେବେଳେ ଦାମ୍ଭିକତା ସହକାରେ କହିଥିଲେ, "ଇଂରେଜୀ ଶିକ୍ଷା ଏ ଦେଶରେ ଏଭଳି ଅବସ୍ଥା ସୃଷ୍ଟି କରିବ ଯେ, ଚିନ୍ତାରେ, ରୁଚିବୋଧରେ, କଥାବାର୍ତ୍ତାରେ, ବେଶ ପୋଷାକରେ, ଭାରତୀୟମାନେ ଇଂରେଜଙ୍କ ଭଳି ହୋଇଯିବେ" । ସେତେବେଳେ ଅବଶ୍ୟ ଭାରତୀୟ ଭାଷାମାନଙ୍କରେ ଶିକ୍ଷା ଦାନ ପାଇଁ କିଛିଟା ଆୟୋଜନ ହୋଇଥିଲା । କିନ୍ତୁ ମେକ୍‌ଲେଙ୍କ ବାଗାଡ଼ମ୍ବରର ଦାମ୍ଭିକତାରେ ଭାରତୀୟ ଭାଷାଗୁଡ଼ିକ ଜୀବନ୍ମୃତ ଅବସ୍ଥାପ୍ରାପ୍ତ ହୋଇଥିଲେ । ଏହାପରେ ଡେଲ୍‌ହାଉସୀ ବଡ଼ଲାଟ ହେବା ବେଳେ ଉଡ୍‌ସ୍ ଡେସ୍‌ପାଚ୍ (୧୮୫୪) ଭାରତର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରାଇ ୟୁରୋପୀୟ କଳା, ବିଜ୍ଞାନ, କାରିଗରୀ ଓ ଡାକ୍ତରୀ ଇତ୍ୟାଦି ଶିକ୍ଷାର ବିସ୍ତୃତ ପ୍ରଚଳନ କରାଇଲେ । ଏହି ସମୟରେ କଲିକତା, ବମ୍ବେ ଓ ମାଡ୍ରାଜରେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା ହୋଇ ଶିକ୍ଷାକୁ ନୂତନ ଦିଗ୍‌ଦର୍ଶନ ଦେଲା । ସିପାହୀ ବିଦ୍ରୋହପରେ ଭାରତ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବାରୁ ସରକାର ଭାରତୀୟ ଶିକ୍ଷା କମିଶନମାନ ବସାଇ ତା'ର ରିପୋର୍ଟ ଅନୁସାରେ ସମୟକ୍ରମେ ଶିକ୍ଷାର ଆଧୁନିକୀକରଣ କରାଇଥିଲେ ଓ ଗ୍ରାଣ୍ଟ ବ୍ୟବସ୍ଥା ପ୍ରଚଳନ କରାଇ ସରକାରୀ ଏବଂ ବେସରକାରୀ ମାଧ୍ୟମରେ ଶିକ୍ଷା ବିସ୍ତାର ଯୋଜନାମାନ କାର୍ଯ୍ୟକାରୀ କରାଇଥିଲେ ।

ଇଂରେଜ ଶିକ୍ଷାର ପ୍ରଚଳନ ଫଳରେ ଭାରତୀୟମାନଙ୍କ ଚିନ୍ତାଧାରାର ବୈପ୍ଳବିକ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଏ ଦେଶର ସାହିତ୍ୟ ଓ ସଂସ୍କୃତି ଅନେକାଂଶରେ ପରିପୁଷ୍ଟ ହୋଇଥିଲେ ମଧ୍ୟ ଭାରତୀୟ ଗ୍ରାମ୍ୟ ଜୀବନର ମୌଳିକ ଆବଶ୍ୟକତା ପୂରଣ ପାଇଁ ସଚେଷ୍ଟ ନଥିବା ଭଳି ମନେ ହୁଏ । ତେଣୁ ବ୍ରିଟିଶ ଶାସନ ଅମଳରେ ମହାତ୍ମା ଗାନ୍ଧି ପ୍ରଚଳିତ ଶିକ୍ଷା ପଦ୍ଧତିର ପରିବର୍ତ୍ତନ କରି ମୌଳିକ ଶିକ୍ଷାର ପ୍ରସାର ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଆଶା କରାଯାଉଥିଲା, ଭାରତ ସ୍ୱାଧୀନତା ଲାଭ କରିବା ପରେ ଶିକ୍ଷା ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ କରାଯିବ । ଏହି ପରିବର୍ତ୍ତନ ସମଗ୍ର ଦେଶବାସୀଙ୍କର ମୌଳିକ ଆବଶ୍ୟକତାଗୁଡ଼ିକ ପୂରଣ କରିବ । ସ୍ୱାଧୀନତାପରେ ବିଭିନ୍ନ ସମୟରେ ଶିକ୍ଷା କମିଶନମାନ ବସି ସ୍ୱାଧୀନ ଭାରତରେ ଶିକ୍ଷାର ଆଭିମୁଖ୍ୟ ଓ ଶିକ୍ଷାର ବ୍ୟବସ୍ଥା ସଂପର୍କରେ ଅନେକ ବିବରଣୀ ପ୍ରସ୍ତୁତ କରିଛନ୍ତି । କିନ୍ତୁ ସେଗୁଡ଼ିକ ଯେପରି ଭାବରେ କାର୍ଯ୍ୟକାରୀ କରାଗଲା ସେଥିରେ କେଉଁଠି ତ୍ରୁଟି ରହିଗଲା ଭଳି ମନେ ହେଉଛି ।

ସୁଖର କଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧି ତଥା କେନ୍ଦ୍ର ସରକାର ଦେଶର ଶିକ୍ଷା ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ଓ ପ୍ରସାର ପାଇଁ ସଚେଷ୍ଟ ହୋଇଛନ୍ତି । ଏ ସଂପର୍କରେ ନୂତନ ଶିକ୍ଷା ପଦ୍ଧତିର ନୀତି ନିର୍ଦ୍ଧାରଣ ପାଇଁ ଏକ ଚିଠା ପ୍ରସ୍ତୁତ ହୋଇ ୧୯୮୫ ଅଗଷ୍ଟ ୨୬ ତାରିଖରେ ଆମର ଲୋକସଭା ସଂସଦରେ ଆଗତ ହୋଇଥିଲା । ସେଥିରେ ସମଗ୍ର ଦେଶବାସୀଙ୍କୁ ମଧ୍ୟ ସ୍ୱକୀୟ ମତ ପ୍ରଦାନ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

ପ୍ରାଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ
ରାୟଗଡ଼ା କଲେଜ
ରାୟଗଡ଼ା-୭୬୫୦୦୧ (ଜି: କୋରାପୁଟ)





# ଓଡ଼ିଶାର ମୁକ୍ତି ସଂଗ୍ରାମରେ ଏକ ଅଧ୍ୟାୟ

ଶ୍ରୀ ବସନ୍ତକୁମାର ଦାଶ

ବ୍ରିଟିଶ ସାମ୍ରାଜ୍ୟବାଦ ଶାସକଙ୍କ କୂଟଚକ୍ରାନ୍ତରେ ଭାରତ ମାତାରି ଚତୁର୍ଦ୍ଦିଗ ପରାଧୀନ ଶୃଙ୍ଖଳରେ ଆବଦ୍ଧ । ଇଂରେଜ ସରକାରଙ୍କ ତଳିଆ ଅଂଶୀଦାର ସେତେବେଳର ରାଜା ମହାରାଜା ଓ ଜମିଦାରବର୍ଗଙ୍କ ଅତ୍ୟାଗ୍ଭରରେ ସମଗ୍ର ଜନସମାଜ ନିଷ୍ପେଷିତ ହୋଇ କଣ୍ଠରୁଦ୍ଧ ଅବସ୍ଥାରେ କାଳାତିପାତ କରୁଥାଆନ୍ତି । ଭାରତର ଏହି ଦୁର୍ଦ୍ଦିନ ସମୟରେ ମହାମାନବ ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବ ଏବଂ ତାଙ୍କ ଦ୍ୱାରା ପ୍ରଗ୍ଭରିତ ସତ୍ୟ ଓ ଅହିଂସା ଅମରବାଣୀରେ ସଂଗଠିତ 'ଜାତୀୟ କଂଗ୍ରେସ' ର ଗଠନମୂଳକ କାର୍ଯ୍ୟକଳାପ ତଥା ସତ୍ୟାଗ୍ରହ, ଆଇନ ଅମାନ୍ୟ, ଅସହଯୋଗ ଆନ୍ଦୋଳନର ସୂତ୍ରପାତ ଦ୍ୱାରା ଭାରତବର୍ଷ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଯେଉଁ ଭୂମିକମ୍ପର ଉଦ୍‌ଗୀରଣ ଦେଖାଦେଲା, ତାହା ଫଳରେ ଭାରତୀୟ ଜାତୀୟ ଜୀବନରେ ଐକ୍ୟ ଓ ସଂହତି ପ୍ରକଟିତ ହେଲା । ଦୀର୍ଘ ଦୁଇ ଶହ ବର୍ଷ ଅନ୍ଧକାରମୟ ଇଂରେଜ ଶାସନର ଅବସାନ ଘଟାଇବାପାଇଁ ଭାରତୀୟମାନଙ୍କ ମଧ୍ୟରେ ଦୃଢ଼ ଆତ୍ମ ବିଶ୍ୱାସ ସୃଷ୍ଟି ହେଲା ।

ଭାରତର ଅଙ୍ଗ ବିଶେଷ ଉତ୍କଳର ସମଗ୍ର ଅଞ୍ଚଳ ଗଡ଼ଜାତ ଓ ମୋଗଲବନ୍ଦୀ ବା ଖାସ ମାହାଲ ରୂପେ ପରିଚିତ । ଗଡ଼ଜାତ ଅଞ୍ଚଳ କରଦ ରାଜାମାନଙ୍କ ଦ୍ୱାରା ଓ ଖାସମାହାଲ ଇଂରେଜମାନଙ୍କ ଦ୍ୱାରା ପରିଗ୍ଭଳିତ । ମୋଟାମୋଟି କହିବାକୁଗଲେ ସମଗ୍ର ଉତ୍କଳ ଭୂଖଣ୍ଡ ଇଂରେଜମାନଙ୍କ ଦ୍ୱାରା ଶାସନାଧୀନ । ଇଂରେଜ ଶାସନରୁ ମୁକ୍ତହେବାପାଇଁ 'ସ୍ୱାଧୀନତା ସଂଗ୍ରାମ' ର ଅଭ୍ୟୁଦୟ । ଓଡ଼ିଶା କଂଗ୍ରେସ ଆନ୍ଦୋଳନ ସହ ଗଡ଼ଜାତ ସମୂହ ପ୍ରଜା ଆନ୍ଦୋଳନ ଘନିଷ୍ଠ ଭାବେ ଜଡ଼ିତ । ଭାରତୀୟ ଜାତୀୟ କଂଗ୍ରେସ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇ ସମଗ୍ର ଭାରତବର୍ଷରେ ଜନ ଜାଗରଣର ଅନ୍ୟ ଏକ ପନ୍ଥା ଖୋଜି ବାହାର କରିବାରେ ସଂଗ୍ରାମକୁ ଖାସମାହାଲ ଅଞ୍ଚଳରେ ସୀମାବଦ୍ଧ ନକରି ସମଗ୍ର ଭାରତବର୍ଷର ୬୮୫ ଟି ଦେଶୀୟ ଗଡ଼ଜାତ ଅଞ୍ଚଳକୁ ତାହାର ପ୍ରଭାବକୁ ସଂକ୍ରମିତ କରାଗଲା । ସର୍ବ ଭାରତୀୟସ୍ତରରେ ଡକ୍ଟର ପଟ୍ଟାଭି ସୀତାରାମୟା ଗଡ଼ଜାତ ପ୍ରଜା ଆନ୍ଦୋଳନର ଦାୟିତ୍ୱ ବହନ କଲେ । ଏହାର ଶାଖା ସଂସ୍ଥା ଓଡ଼ିଶା ପ୍ରଦେଶ ପ୍ରଜା ସମ୍ମିଳନୀ Orissa State People's Conferance ମାଧ୍ୟମରେ ୧୯୩୭ ମସିହା ବେଳକୁ ଓଡ଼ିଶାର ୨୬ ଗଡ଼ଜାତରେ ପ୍ରଜାମଣ୍ଡଳ ଗଠନ କରାଗଲା । ଏହି ସମୟରେ ଓଡ଼ିଶା ଗଡ଼ଜାତ ଅଞ୍ଚଳରେ ତାହାର ପ୍ରଭାବ ନୂତନ ଦିଗନ୍ତର ସନ୍ଧାନ ଦେଇଥାଏ ।

ଓଡ଼ିଶାରେ ପ୍ରଜାମଣ୍ଡଳ ଗଠନ କରାଯିବାର ଅଳ୍ପ ସମୟ ପରେ ନିଳଗିରୀ, ଢେଙ୍କାନାଳ, ତାଳଚେରରେ ଜନ ସମାବେଶ ତୀବ୍ରତର ରୂପ ଧାରଣ କଲା । ସେତେବେଳକୁ ଢେଙ୍କାନାଳ ପ୍ରଜା ମଣ୍ଡଳ ଓଡ଼ିଶା ଇତିହାସରେ ୧୯୩୮ ମସିହା ଏକ ଅମର ଅଧ୍ୟାୟ ସୃଷ୍ଟି କରିଥାଏ । ଢେଙ୍କାନାଳ ଆନ୍ଦୋଳନକୁ ଦମନ କରିବାପାଇଁ ଇଂରେଜ ସରକାର ଦୃଢ଼ ପଦକ୍ଷେପ ନେଲେ, ଫଳରେ ସିପାହିମାନେ ସମବେତ ପ୍ରଜାଙ୍କ ଉପରେ ଲଠି ମାଡ଼ ଓ ବନ୍ଧୁକରୁ ଗୁଳି ବର୍ଷଣ କରିବାରେ ବହୁ ପ୍ରଜାମଣ୍ଡଳ କର୍ମୀ ଗୁଳି ମୁହଁରେ ପ୍ରାଣ ବିସର୍ଜନ ପୂର୍ବକ ଶହୀଦ ହେଲେ । ବାର ବରଷର ବାଳୁତ ପୁଅ 'ବାଜି ରାଉତ' ବ୍ରାହ୍ମଣୀ ନଦୀ କୂଳରେ ଗୋରା ସିପାହିଙ୍କ ପଥରୋଧ କରି ସିପାହିଙ୍କ ଗୁଳି ଚୋଟରେ ଟଳି ପଡ଼ିଲା । ଦେଶ ମାତୃକାର ଆତ୍ମ ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ସାମାନ୍ୟ ଶିଶୁ ଓଡ଼ିଶା ମାଟିରେ ଶହୀଦ ହେଲା । ଏହି ସମ୍ବାଦ ସମଗ୍ର ଭାରତବର୍ଷ ତଥା ଦେଶୀୟ ରାଜ୍ୟ ସମୂହ ଗଡ଼ଜାତ ଅଞ୍ଚଳରେ ବ୍ୟାପୀ ଯିବାରୁ ଏହାର ପ୍ରଭାବ ଜନ ମାନସରେ ବିପ୍ଳବାତ୍ମକ ରୂପ ନେଲା ।

ପ୍ରଜାମଣ୍ଡଳ ଗଢ଼ାଯିବାର ଅବ୍ୟବହିତ ପୂର୍ବରୁ ରଣପୁର ଗଡ଼ଜାତ ଅଞ୍ଚଳ ଅନ୍ଧାରି ମୁଲକ ଥିଲା । ରଣପୁର ଦୁର୍ନୀ ନିର୍ଯ୍ୟାତନାର ସୀମା ଟପି ଥାଏ । ପ୍ରଜାମାନେ ବେଠି ବେଗାରିରେ ଏବଂ ଭେଟି ମାଗଣା ଦେଇ ସର୍ବସ୍ୱାନ୍ତ ହେଲେ

ଗଡ଼ମାଟିର ଅଧିକାର ରହିଲା ନାହିଁ । ଜୋଠା, ସୁବିନି କରିବା ନିଷେଧ ଥିଲା । ପ୍ରଜାଙ୍କର ଦାରିଦ୍ର୍ୟ ସାଙ୍ଗକୁ ଦୁର୍ନୀତି ପରାୟଣ ଅମଲାଙ୍କ ଶୋଷଣ କଷଣର ଶେଷ ପରିଣତି ଭୟାନକ ରୂପ ନେଲା । ବିଭିନ୍ନ ପ୍ରକାର କର ଆଦାୟରେ ରଣପୁର ମାଟି ଅତିଶୟ ହେଲା । ପ୍ରଜାମାନେ ଆତଙ୍କରେ ତ୍ରାହି ତ୍ରାହି ଡାକ ଛାଡ଼ିଲେ । ରଣପୁରର ଏହି ଅନ୍ଧକାରମୟ ସମୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ପରାମର୍ଶକ୍ରମେ ସଭାପତି ଶ୍ରୀଯୁକ୍ତ ବନମାଳି ରାମଙ୍କ ଅଧ୍ୟକ୍ଷତାରେ ପ୍ରଜାମଣ୍ଡଳ ଗଠନ କରାଗଲା । ଏହାର ସଂପାଦକ—ରଘୁନାଥ ମହାନ୍ତି । ଉପସଭାପତି ରୂପେ କୃପାସିନ୍ଧୁ ମିଶ୍ର ଦାୟିତ୍ୱ ବହନ କଲେ । ଅନ୍ୟାନ୍ୟ ପ୍ରଜାମଣ୍ଡଳର କଂଗ୍ରେସ କର୍ମୀ ବୃନ୍ଦ ସର୍ବଶ୍ରୀ ମଦନ ମୋହନ ଦାଶ, ଅର୍ଜୁନ ରାଉତ, ଦିବାକର ପରିଡ଼ା, ମୁରଲୀଧର ପଣ୍ଡା, ନାଥ ଭୋଇ, ଅନ୍ତର୍ଯ୍ୟାମୀ କଳସ, ବାଞ୍ଛା ସେନାପତି ପ୍ରମୁଖ ନେତାମାନଙ୍କର ନେତୃତ୍ୱ ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନକୁ ନୂତନ ପ୍ରେରଣାର ଉତ୍ସ ଯୋଗାଇ ଥିଲା । ପ୍ରଜାମଣ୍ଡଳ ପକ୍ଷରୁ ବେଠି ପ୍ରଥା ଉଚ୍ଛେଦ, ଗଡ଼ ମାଟି ଉପରେ ପ୍ରଜାଙ୍କର ଅଧିକାର । ରାଜା ଏବଂ ତାଙ୍କ କର୍ମଚାରୀମାନଙ୍କ ଦ୍ୱାରା ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରାଯିବା ଇତ୍ୟାଦି ମୁଖ୍ୟତଃ ୩୯ ଗୋଟି ଦାବୀ ରାଜ ଦରବାରରେ ଉପସ୍ଥାପିତ କରାଯାଇଥିଲା ।

ରାଜ ଦରବାର ପ୍ରଜାମାନଙ୍କର ଦାବୀପତ୍ର ପାଇବା ମାତ୍ରେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପନ୍ଥା ପରିହାର ପୂର୍ବକ ପ୍ରଜାମାନଙ୍କ ଉପରେ ଦମନ ଓ ଅତ୍ୟାଚାର ପନ୍ଥା ବାଛିନେଲେ । ସମଗ୍ର ରଣପୁର ଇଲାକାର ପ୍ରଜାମଣ୍ଡଳର ନେତୃ ସ୍ଥାନୀୟ ବ୍ୟକ୍ତି ଏବଂ କର୍ମକର୍ତ୍ତାଙ୍କ ଘର ଘେରାଉ କରି, ଖାନତଲାସ କରାଯାଇ ସେମାନଙ୍କ ସଂପତ୍ତି ବାଜ୍ୟାପ୍ତ ଓ ଲୁଟତରାଜ କରାଗଲା । ରାଜଭକ୍ତ ସିପାହିମାନେ କର୍ମୀ ଏବଂ ନେତାଙ୍କୁ ଯେଉଁଠାରେ ଦେଖିଲେ, ସେମାନଙ୍କୁ ବିନାଦୋଷରେ ଧରି ଆଣି ନିଷ୍ଠୁର ମାଡ଼ ମାରି ଆନ୍ଦୋଳନରେ ଭାଗ ନ'ନେବା ପାଇଁ କହିଥିଲେ । ଆନ୍ଦୋଳନକାରୀମାନେ ରାଜାଙ୍କର ଦୌରାତ୍ମ୍ୟରେ ଅସହ୍ୟ ହେଲେ । ରଣପୁରରେ ସେମାନଙ୍କ ସ୍ତ୍ରୀ ପିଲାଙ୍କୁ ରଖିବା ନିରାପଦ ମଣିଲେ ନାହିଁ । ଭୟରେ ବନ୍ଧୁ ବାନ୍ଧବ ଏବଂ ଖାସମାହାଲ ଅଞ୍ଚଳ କଂଗ୍ରେସର ନେତୃ ସ୍ଥାନୀୟ ବ୍ୟକ୍ତିମାନଙ୍କ ଗୃହରେ ଆଶ୍ରୟ ନେଲେ । ରାଜା ପ୍ରଜାମଣ୍ଡଳର ଉପସଭାପତି କୃପାସିନ୍ଧୁ ମିଶ୍ରଙ୍କ ସମେତ ବିଶିଷ୍ଟ କର୍ମୀମାନଙ୍କୁ ଗ୍ରେଫ୍ତାର କରି, ସେମାନଙ୍କୁ ଜୀବନରେ ମାରି-ଦେବାପାଇଁ ରାଜ ଦରବାରରେ ଚାଲିଥାଏ ଗୁପ୍ତ ଷଡ଼ଯନ୍ତ୍ର ।

ସଭାପତି ବନମାଳି ରାମ ଏହି ଖବର ଶୁଣିପାରି ସେତେ-ବେଳେ ଓଡ଼ିଶା ପ୍ରଜାମଣ୍ଡଳର ପରାମର୍ଶଦାତା ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ନିକଟକୁ ରଣପୁରରେ ଉପୁଜିଥିବା ବିପଦର ସମାଧାନ ନିମନ୍ତେ ଚାଲିଯାଇଥାନ୍ତି । ରାଜ ଦରବାର ପକ୍ଷରୁ ପ୍ରଜାମଣ୍ଡଳ ଉପରେ ହେଉଥିବା ଅମାନୁଷିକ କାର୍ଯ୍ୟ-କଳାପ ତଥା ଅତ୍ୟାଚାରର ଖବର ସଙ୍ଗେ ସଙ୍ଗେ ରଣପୁରର ଚତୁର୍ଦ୍ଦିଗକୁ ବ୍ୟାପୀ ଯାଇଥିଲା । ଅନ୍ୟ କର୍ମୀମାନେ ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରାଇଲେ ।

ଖବରପାଇ ହଜାର ହଜାର ସଂଖ୍ୟକ ରଣପୁରବାସୀ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ବୃଦ୍ଧି ପାଇଲା ଏବଂ ସେମାନେ ଏହାର ଦୃଢ଼ ପ୍ରତିବାଦ ସ୍ୱରୂପ ରାଜବାଟି ସମ୍ମୁଖରେ ଏକତ୍ରିତ ହେଲେ । ତା ୫-୧-୧୯୩୯ ରଣପୁର ଜନସାଧାରଣଙ୍କର ରାଜ ଅତ୍ୟାଚାରର ଶେଷ ମୁକାବିଲା ଥିଲା । ଏହି ଦିବସରେ ଜନସାଧାରଣଙ୍କ ବିପୁଳ ସମାବେଶ ମଧ୍ୟରେ ଶ୍ରୀଯୁକ୍ତ ମଦନ ମୋହନ ଦାଶଙ୍କ ଅଧ୍ୟକ୍ଷତାରେ ବିରାଟ ସାଧାରଣ ସଭାର ଆୟୋଜନ । ସଭାକାର୍ଯ୍ୟ ପ୍ରାରମ୍ଭରେ 'ଜାତୀୟ କଂଗ୍ରେସ କି ଜୟ' ମହାତ୍ମା ଗାନ୍ଧୀ କି ଜୟ, ଭାରତ ମାତା ପରାଧୀନତା ଶୃଙ୍ଖଳରୁ ମୁକ୍ତ ହେଉ, ରାଜ ଅତ୍ୟାଚାର ବନ୍ଦ ହେଉ, ବନ୍ଦୀମାନଙ୍କୁ ଶୀଘ୍ର ମୁକ୍ତ କରାଯିବା ପ୍ରତିବାଦ ଧ୍ୱନିରେ 'ରଣପୁର ବାୟୁମଣ୍ଡଳ ପ୍ରକଂପିତ ହେଲା । ରଣପୁର ପ୍ରଜାମାନଙ୍କର ବିପୁଳ ସମାବେଶ ଓ ଉତ୍ତେଜନାପୂର୍ଣ୍ଣ ଆନ୍ଦୋଳନ ରାଜକର୍ମଚାରୀଙ୍କୁ ହତୋତ୍ସାହ କଲା । ଦେଓ୍ୱାନ ରାଜବାଟି ଛାଡ଼ି ଚାଲିଗଲେ । ରାଜା ପ୍ରଜାମାନଙ୍କର କାର୍ଯ୍ୟ-କଳାପ ଦେଖି ସ୍ତମ୍ଭୀଭୂତ ହେଲେ ।

ସେତେବେଳେ ପୂର୍ବାଞ୍ଚଳ ଗଡ଼ଜାତ ସମୂହର ପଲିଟିକାଲ ଏଜେଣ୍ଟ 'ମେଜର ବେଜେଲଗେଟ୍' ସାହେବ ଗଡ଼ଜାତ ପ୍ରଜା-ମଣ୍ଡଳ ଆନ୍ଦୋଳନକୁ ସମୂଳେ ବିନାଶ କରିବାପାଇଁ ପ୍ରବଳ ଉଦ୍ୟମ ଚଳାଇଥାନ୍ତି । ଫଳରେ ଇଂରେଜ ସରକାରଙ୍କ ଫଉଜମାନଙ୍କ ସହିତ ରାଜାଘର ସିପାହିମାନଙ୍କ ମିଳିତ ଉଦ୍ୟମରେ ଚାରିଆଡ଼େ ଚାଲିଲା ହତ୍ୟା, ଲୁଟତରାଜ, ନାରୀ ଧର୍ଷଣ ଆଦି ଅତ୍ୟାଚାର । ଠିକ୍ ଏହି ସମୟକୁ ରଣପୁର, ନୟାଗଡ଼, ଦଶପଲ୍ଲା ଅଞ୍ଚଳକୁ ପ୍ରଜାମଣ୍ଡଳ ଆନ୍ଦୋଳନ ଜୋର-ସୋର ବ୍ୟାପୀ ଥାଏ । ଏହି ଆନ୍ଦୋଳନକୁ ଦବାଇ ଦେବା ପାଇଁ ପଲିଟିକାଲ ଏଜେଣ୍ଟ ସଶସ୍ତ୍ର ସିପାହିମାନଙ୍କୁ ନେଇ ନୟାଗଡ଼ ଇଲାକାରେ କ୍ୟାମ୍ପ ପକାଇଥାନ୍ତି ।

ରାଜା ପ୍ରଜା ଆନ୍ଦୋଳନର ବିପୁଳ ସମାବେଶକୁ ବନ୍ଦ କରିବାପାଇଁ ଅନ୍ୟ ଉପାୟ ନପାଇ ହଠାତ୍ ପଡ଼ୋଶୀ ରାଜ୍ୟ ନୟାଗଡ଼ ଅଞ୍ଚଳରେ କ୍ୟାମ୍ପ ପକାଇଥିବା ପଲିଟିକାଲ ଏଜେଣ୍ଟଙ୍କୁ ରଣପୁର ପ୍ରଜା ଆନ୍ଦୋଳନ ବିଷୟରେ ଅବଗତ କରାଇଲେ । ଖବର ପାଇ ପଲିଟିକାଲ ଏଜେଣ୍ଟ ଘଟଣାକୁ ଆୟତ୍ତାଧୀନ କରିବାପାଇଁ ରଣପୁର ଅଭିମୁଖେ ସଶସ୍ତ୍ର ସିପାହି-ମାନଙ୍କ ସହ ଯାତ୍ରାକଲେ । ରଣପୁରବାସୀ ଜନସାଧାରଣ ପଲିଟିକାଲ ଏଜେଣ୍ଟଙ୍କ ଯାତ୍ରାପଥକୁ ଲୋଧାଚୂଆଠାରେ ଅବରୋଧ କଲେ । ସାହେବଙ୍କୁ ଏତାଦୃଶ କାର୍ଯ୍ୟ କଳାପ ତାଙ୍କୁ ଅସହ୍ୟ କଲା । ସାହେବ କ୍ରୋଧାନ୍ୱିତ ହୋଇ ସିପାହି ମାନଙ୍କୁ ନିର୍ଦ୍ଦେଶ ଦେଲେ ଜନସାଧାରଣଙ୍କୁ ଦମନ କରିବାପାଇଁ ସିପାହିମାନେ ତତ୍‌କ୍ଷଣାତ ସାହେବଙ୍କ ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ ପୂର୍ବକ ଲାଠି ଓ ବନ୍ଧୁକ ଡିହରେ ପ୍ରଜାମାନଙ୍କ ଉପରେ ଚାଲିଲା ଅକଥନୀୟ ଦମନ ଲୀଳା ତଦ୍ୱାରା ବହୁ ବ୍ୟକ୍ତି ଲାଠି ଓ ବନ୍ଧୁକ ଆଘାତରେ ଆହତ ହେଲେ । ଘଟଣାସ୍ଥଳରେ ନାଥ ଭୋଇ ନାମକ କର୍ମୀ ବନ୍ଧୁକ ଆଘାତ ପାଇ ସଂଜ୍ଞାହୀନ ଅବସ୍ଥାରେ ଭୂତଳଶାୟୀ ହେଲେ । ସାହେବ ଓ ସିପାହିମାନେ ଘୋଡା ଗୋଇଠା ମାରି ନାଥ ଭୋଇଙ୍କୁ ରାସ୍ତା କଡ଼କୁ ଫିଙ୍ଗିଦେଲେ । ଲୋଧାଚୂଆଠାରେ ଦମନ ଲୀଳାର ପ୍ରଥମ ପର୍ଯ୍ୟାୟ ପରିସମାପ୍ତି ପରେ—ବେଜେଲଗେଟ୍ ଏବଂ ତାଙ୍କ ଅନୁଚରବର୍ଗ ସଦର୍ପେ ରାଜବାଟିରେ ପଦାର୍ପଣ କଲେ ।

ରଣପୁର ରାଜବାଟି ସମ୍ମୁଖରେ ସଭା କାର୍ଯ୍ୟ ଚାଲୁଥିବା ସମୟରେ, କେତେକ ବ୍ୟକ୍ତି, ଗୋଟିଏ ଶଗଡ ଗାଡି ବେଜେଲଗେଟ୍‌ଙ୍କ ଦ୍ୱାରା ଗୁରୁତର ଆହତ ବ୍ୟକ୍ତିମାନଙ୍କୁ

ଚିକିତ୍ସାଳୟ ଅଭିମୁଖେ ରଣପୁର ରାଜପଥରେ ନେଉଥିବା ସମୟରେ ଏହି ଖବର ସଭାମଧ୍ୟସ୍ଥ ଜନସାଧାରଣଙ୍କ କର୍ଣ୍ଣଗୋଚର ହେଲା । ଖବର ପାଇ ଜନସାଧାରଣ ସଭାକାର୍ଯ୍ୟ ସାଙ୍ଗପୂର୍ବକ ଆହତମାନଙ୍କ ଚାରିପଟେ ଘେରି ଗଲେ । ଆହତମାନଙ୍କ କ୍ଷତବିକ୍ଷତ ଶରୀରର କରୁଣ ଚିତ୍ର ଜନସାଧାରଣଙ୍କୁ କ୍ରମେ ଅସହ୍ୟ ମନେ ହେଲା । କେହି କେହି ଘଟଣାସ୍ଥଳରେ ଦୁଃଖ ଓ ମ୍ରିୟମାଣରେ ଭାଙ୍ଗି ପଡୁଥାନ୍ତି—ଅନ୍ୟ କେତେକ ରାଜ୍ୟ ଓ ବେଜେଲଗେଟଙ୍କ ଉପରେ କ୍ରୋଧାନ୍ୱିତ ହୋଇ ଆପଣାର କ୍ରୋଧକୁ ମନ ମଧ୍ୟରେ ଚପାଇ ଦେଇ ପ୍ରକାଶ କରି ପାରୁ ନଥାନ୍ତି ।

ସାହେବ ଆନ୍ଦୋଳନକାରୀଙ୍କ ଏକତ୍ରିତ ସମାବେଶ ଓ ବିଦ୍ରୋହ ମନୋଭାବକୁ ଦବାଇ ଦେବାପାଇଁ ଶତ ସିଂହର ପରାକ୍ରମ ନେଇ ଘଟଣା ସ୍ଥଳରେ ପହଞ୍ଚି କହିଲେ—"ଅଯଥା କାହିଁକି ଏଠାରେ ଭିଡ଼ ହୋଇ ପାଟିତୁଣ୍ଡ କରୁଅଛ !—ଏମାନଙ୍କର କିଛି ହୋଇ ନାହିଁ —ସେମାନଙ୍କୁ ଶୀଘ୍ର ନେଇ ଚାଲିଯାଅ !— ନଚେତ୍ ଅବସ୍ଥା ସଙ୍କଟାପନ୍ନ ହେବ !"— ବେଜେଲ୍‌ଗେଟ୍‌ଙ୍କ ଉକ୍ତି ଜନସାଧାରଣଙ୍କୁ ପୋଡ଼ା ଘାରେ ଚୂନ ଦେବାର ଯନ୍ତ୍ରଣା ଭଳି ମନେ ହେଲା । ଠିକ୍ ଏତିକିବେଳେ କେହି ଜଣେ ଜନତାକୁ ପ୍ରବୋଧନ ଦେଇ କହିଲେ—"ଭାଇମାନେ ଅପେକ୍ଷା କରନ୍ତୁ ନାହିଁ ! ଏ ନରହନ୍ତା ସାହେବ ମଣିଷମାନଙ୍କୁ ପୋକମାଛି ସଦୃଶ୍ୟ ସବୁଠାରେ ମାରି ଦେଉଛି । ଢେଙ୍କାନାଳର ବାରବରଷ ପୁଅ ବାଜିଆ ରକ୍ତରେ ହୋରି ଖେଳିଛି । ସେ ଅନ୍ୟାୟ ଓଡ଼ିଶା ମୂଳକ ଏ ପର୍ଯ୍ୟନ୍ତ ଭୁଲି ନାହିଁ— ରଣପୁରରେ ଆମର ଭାଇ ନାଥ ମଧ୍ୟ ତହିଁରୁ ବାଦ୍ ପଡ଼ିବ ନାହିଁ — ଏହାକୁ ଉପଯୁକ୍ତ ଶିକ୍ଷା ନ ଦେଲେ ଆମ୍ଭେମାନେ ଜୀବନରେ ଏ ସ୍ଥାନରୁ ଘରକୁ ଫେରିପାରିବା ନାହିଁ ।" ଜନସାଧାରଣଙ୍କ କର୍ଣ୍ଣରେ ଏହି ଗୁରୁ ଗମ୍ଭୀର ବାଣୀ ଜନତାକୁ ସଜାଗ କଲା । ଉତ୍ତେଜିତ ଜନତା ବେଜେଲ୍‌ଗେଟ୍‌ଙ୍କ ଚତୁର୍ଦ୍ଦିଗ ଘେରିଯାଇ ତାଙ୍କୁ ରାଜବାଟିକୁ ଯିବା ପାଇଁ ନ ଦେଇ, ଘଟଣାର କୈଫିୟତ୍ ମାଗିଥିଲେ । ସାହେବ ଜନସାଧାରଣଙ୍କ କଥାରେ କ୍ରୋଧାନ୍ୱିତ ହୋଇ ନିଜର ପିସ୍ତଲ ବାହାର କରି ଜନସାଧାରଣଙ୍କ ଉପରେ ଗୁଳି ବର୍ଷଣ କଲେ । ଗୁଳି ମୁହଁରେ ସଂଗ୍ରାମୀ ଅର୍ଜ୍ଜୁନ ରାଉତଙ୍କ ମୃତ ଶରୀର ରାଜପଥ ଉପରେ ଟଳି ପଡ଼ିଲା । ନିରୀହ ଜନତାଙ୍କ ସମ୍ମୁଖରେ ଅର୍ଜ୍ଜୁନଙ୍କ ରକ୍ତାକ୍ତ ଶରୀରର ନିର୍ମମ ଦୃଶ୍ୟ ଏବଂ ମର୍ତ୍ତ୍ୟକାଳୀନ କରୁଣ ଚିତ୍କାର ଧ୍ୱନି ରଣପୁର ପ୍ରଜାମାନଙ୍କ ମଧ୍ୟରେ ବିପ୍ଳବର ନିଆଁ ଜାଳିଦେଲା । ଏହି ଘଟଣା ଘଟିବା ସଙ୍ଗେ ସଙ୍ଗେ ରଣପୁର ସାମୁକା ସାହିର ରଘୁନାଥ ଦାସ ନାମକ ବ୍ୟକ୍ତି ସାହେବର କଚଟିକୁ ଠେଙ୍ଗାଦ୍ୱାରା ନିଷ୍ଠୁର ପ୍ରହାର କରିବା ଦ୍ୱାରା ସାହେବଙ୍କ ହସ୍ତ ଅପଘାତ ହେଲା । ପୁନଶ୍ଚ ଏହି ଘଟଣାରେ ସାହେବଙ୍କ ପିସ୍ତଲରୁ ଗୁଳି ବର୍ଷିବାକୁ ଦିଆଯାଇ ନ ଥିଲା । ନଚେତ୍ ରଣପୁର ଅବସ୍ଥା ସେ ଦିନ ଜାଲିଆନାବାଗ୍ ହତ୍ୟାକାଣ୍ଡଠାରୁ ଅତ୍ୟଧିକ ଲୋମହର୍ଷଣକାରୀ ଘଟଣା ରୂପେ ସମଗ୍ର ଭାରତବର୍ଷରେ ଚହଳ ପକାଇ ଦେଇଥାନ୍ତା । ଈଶ୍ୱର ତାହା କରିବାକୁ ଦେଲେ ନାହିଁ । ସାହେବଙ୍କ ଅପରାଧର ସମୁଚିତ ଦଣ୍ଡ ସ୍ୱରୂପ ଜନସାଧାରଣ ତାଙ୍କୁ ରଣପୁର ରାଜପଥ ଉପରେ ଠେଙ୍ଗାଦ୍ୱାରା ପିଟି ପିଟି ଓଡ଼ିଶା ମାଟିରେ ଜୀବନ୍ତ କବର ଦେଲେ ।

ଯୁଗେ ଯୁଗେ ଭାରତବର୍ଷ ଧର୍ମର ଦେଶ । ଏହି ପବିତ୍ର ଭୂମିରେ ଯେତେବେଳେ ଆସୁରିକ ଶକ୍ତିଙ୍କ ଉପଦ୍ରବ ଦେଖାଯାଏ ଏବଂ ଧର୍ମର ଗ୍ଳାନି ହୁଏ, ଠିକ୍ ସେତିକିବେଳେ ସ୍ୱୟଂ ଭଗବ ଅବତାର ପୁରୁଷ ସ୍ୱଦେହରେ ଜନ୍ମଗ୍ରହଣ ପୂର୍ବକ ତାଙ୍କର ଅ ଲୀଳା ପ୍ରତିପ୍ରକାଶରେ ପାପୀମାନଙ୍କୁ ସମଳେ ବିନାଶ କ ଧରିତ୍ରୀ ପୃଷ୍ଠରୁ ଅଧର୍ମର ବିନାଶ କରି ଧାର୍ମିକମାନଙ୍କୁ ଶାନ୍ତି ରହିବାପାଇଁ ଦେଇଥାନ୍ତି । ଭାରତର ପୁରାଣ ଦର୍ଶନ ଏହାର ଜ୍ୱଳନ୍ତ ନିଦର୍ଶନ ମିଳିଥାଏ । ରଣପୁର ମାଟି ଗୋଟିଏ ଦିବସରେ ଦୁଇଟି ପ୍ରାଣ ବିସର୍ଜନ ଏକ ଅଦ୍ଭୁତ ଘଟଣା "ଜଣେ ଅତ୍ୟାଚାରିତ ଶାସକ ଗୋଷ୍ଠୀଙ୍କ ଦାୟାଦ, ଅ ଜଣେ ଧର୍ମରକ୍ଷାକାରୀ ଦେଶମାତୃକାର ଆତ୍ମମର୍ଯ୍ୟାଦା ବା ଏ ମାଟିର ଅମର ଶହୀଦ୍ ।" ଭାରତମାତାଙ୍କ ମୁକ୍ତିକା ସ୍ୱାଧୀନତା ସଂଗ୍ରାମର ସେହି ବିଗତ ଦିନର ଅଭୁଲା ସ୍ମୃତି—ଅ ଦୃଷ୍ଟିପଥରେ ଆଜି ଐତିହ୍ୟରେ ପରିଣତ ହୋଇଛି ସତ୍ୟ, କି ରଣପୁର ମାଟିର ବୈପ୍ଳବିକ ଜନତା ଦ୍ୱାରା "ବେଜେଲ୍‌ଗେ ହତ୍ୟାକାଣ୍ଡ" ସନ ୧୯୩୯ ମସିହା ଜାନୁଆରୀ ୫ ତାରି ପୌଷ ପୂର୍ଣ୍ଣିମା ଓଡ଼ିଶା ଇତିହାସ ପୃଷ୍ଠାରେ ନୂତନ ଅଧ୍ୟ ସୃଷ୍ଟି କରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଲା । ସଭା ବନମାଳି ରାମଙ୍କ ଅନୁରୋଧ ରକ୍ଷା କରି, ରଣପୁର ଅବ ଅନୁଧ୍ୟାନ କରିବାପାଇଁ ହରେକୃଷ୍ଣ ମହତାବ ରଣପୁର ପହଞ୍ଚିବା 'ବେଳକୁ ବେଜେଲ୍‌ଗେଟ୍ ହତ୍ୟାକାଣ୍ଡ'ର ପରିସମ ଘଟିଥାଏ । ଆନ୍ଦୋଳନକାରୀମାନେ ଜେଲ୍‌ଗୃହ ମଧ ଉପସଭାପତି କୃପାସିନ୍ଧୁ ମିଶ୍ର ସମେତ ଅନ୍ୟାନ୍ୟ କର୍ମୀମାନ ମୁକ୍ତକରି ସାରିଥାନ୍ତି । ରଣପୁର ରାଜପଥ ଉପରେ ଅର୍ଜ୍ଜୁନ ରା ଓ ବେଜେଲ୍‌ଗେଟ୍‌ଙ୍କ ମୃତ ଶରୀର ପଡ଼ି ରହିଥାଏ । ରଣପୁ ଏହି ମର୍ମନ୍ତୁଦ ଘଟଣା ପ୍ରତ୍ୟକ୍ଷରେ ଦେଖି ହରେକୃଷ୍ଣ ମହତ ଜନସାଧାରଣଙ୍କୁ ସଜାଗ କରି କହିଥିଲେ—"ବନ୍ଧୁଗଣ ! ଏଜେଣ ମୃତ୍ୟୁ ଇଂରେଜ ସରକାରଙ୍କୁ କେବେ ନୀରବ ରହିବ ଦେବ ନାହିଁ । ହୁଏତ ରଣପୁରରେ ପୁନଶ୍ଚ ରକ୍ତର ସୁଅ ବେ ପାରେ । ଆସନ୍ତାକାଲି ସୂର୍ଯ୍ୟୋଦୟ ପୂର୍ବରୁ ରଣପୁର ମାଟି ସମସ୍ତ ମୋହ ମମତା ତ୍ୟାଗ ପୂର୍ବକ ପରିବାର ବର୍ଗ ଏବଂ ଆପଣ ଜୀବନ ରକ୍ଷାପାଇଁ ରଣପୁର ସୀମା ପାର ହୋଇ ଖାସମାହ ଅଞ୍ଚଳରେ ଆଶ୍ରୟ ନିଅ ।" ରଣପୁର ଜନସାଧାରଣଙ୍କୁ ଏ ପ୍ରତିଶ୍ରୁତି ଦେଇ ହରେକୃଷ୍ଣ ମହତାବ ଦୁଃଖରେ କଟକ ଫେରିଗଲେ ।

ରଣପୁର ପ୍ରଜାମାନେ ଆଗାମୀ ବିପଦର ଆଶଙ୍କା ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳି ନେଲେ ରଣପୁରର ଆବାଳବୃଦ୍ଧ ବନିତା ମାଟିର ସମସ୍ତ ମାୟା ମମ ଓ ଧନସଂପତ୍ତିର ମୋହ ପରିତ୍ୟାଗ କରି ଜୀବନ ରକ୍ଷାପା ଶୀତ ଦିନର ପ୍ରବଳ ଶୀତ ପ୍ରକୋପ ଏବଂ ଭୋକ ଉପାସ ଖାସମାହାଲ ଅଞ୍ଚଳ ସିକୋ, ଜଙ୍କିଆ ପ୍ରଭୃତି ଗ୍ରାମମାନଙ୍କ ମୁକ୍ତ ଆକାଶ ତଳେ ଆଶ୍ରୟ ନେଲେ । କେତେକ ଗର୍ଭବ ମହିଳା ଗଛ ମଧ୍ୟରେ ପ୍ରସବ କରି ପକାଉଥିଲେ । ଚବିଶ ଘ ମଧ୍ୟରେ ସମଗ୍ର ରଣପୁର ଇଲାକା ଜନଶୂନ୍ୟ ହେଲା ।

ପ୍ରତିଶୋଧ ନେବାପାଇଁ ରଣପୁରରେ ପହଞ୍ଚିଥିବା ଗୋ ପଲଟଣ ସିପାହିମାନେ ସେମାନଙ୍କ ଉଦ୍ଦେଶ୍ୟ ଚରିତାର୍ଥ କ ପାରିଲେ ନାହିଁ । କେବଳ ରଣପୁରବାସୀଙ୍କ ଉପରେ କ୍ରୋଧ ଚଣା ଗୁଡ଼ଳ ଚୋବାଉ ଥାନ୍ତି । କେହି ଜଣେ ବ୍ୟକ୍ତିଙ୍କୁ ନ ଦେଖି ପରେ ସେମାନଙ୍କ ଗୃହ ସମ୍ପତ୍ତି ଲୁଟ୍‌ପାଟ୍ କଲେ । ଗୃହପାଳ ପଶୁ, ଛେଳି, ମେଣ୍ଢାମାନଙ୍କୁ ଧରି ଆଣି ସିପାହିମାନଙ୍କ ଭୋଜିର ଆନନ୍ଦ ଉତ୍ସବ ଏବଂ ରୋଟିଭାତର ବିରାଟ ପର୍ବ !

ବେଢେଲ୍‌ଗେଟ୍ ହତ୍ୟାକାଣ୍ଡପରେ ଇଂରେଜ ସରକାର ଇଂ ରାଜ ଦରବାରଙ୍କ ପକ୍ଷରୁ ମିଥ୍ୟା ଅଭିଯୋଗ କରାଯାଇ ଜ ବିଶ୍ବର ପ୍ରହସନରେ ପ୍ରଜାମଣ୍ଡଳର ନେତୃ ସ୍ଥାନୀୟ ବ୍ୟକ୍ତି ଙ୍କ କର୍ମୀମାନଙ୍କୁ ମର୍ଡରକେଶ୍ ଆସାମୀରୂପେ ଅନ୍ତର୍ଭୁକ୍ତ ରାଗଲା । ପରିଶେଷରେ ଇଂରେଜ ସରକାରଙ୍କ ଦ୍ଵାରା ପରିଚାଳିତ ସ୍ଵରାଜଙ୍କ ନିର୍ଦ୍ଦେଶରେ ନିର୍ଦ୍ଦୋଷ ରଘୁନାଥ ମହାନ୍ତି, ବାକର ପରିଡ଼ା ଯୁବକ ଦୁହିଁଙ୍କୁ ଫାଶୀଦଣ୍ଡ ଆଦେଶ ହେଲା । ନ୍ୟାନ୍ୟ ପ୍ରଜାମଣ୍ଡଳ କର୍ମୀ ଶ୍ରୀଯୁକ୍ତ ମଦନମୋହନ ଦାଶ, ରଳିଧର ପଣ୍ଡା, ନରସିଂହ ସାହୁ, ଭାଗବତ ବେହେରା, ଭଗବାନ ହୁ, ହଟ ନାୟକ, ମାଗି ନାୟକ, ବାଙ୍କ ସ୍ୱାଇଁ, ଦୟାନିଧି ରିଡ଼ା, କୃଷ୍ଣ ଚନ୍ଦ୍ର ରାଉତ ଓ ଅନ୍ତର୍ଯ୍ୟାମୀ କରସଙ୍କୁ ଯାବଜ୍ଜୀବନ ାରାଦଣ୍ଡ ହେଲା । ଅନ୍ୟ ବହୁ ବ୍ୟକ୍ତିଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ ରାଗଲା ।

୧୯୪୧ ମସିହା ଏପ୍ରିଲ ମାସ ୪ ତାରିଖ ଦି ? ଇଂରେଜ ରକାର ବିହାର, ଭାଗଲପୁର ଜେଲ ମଧ୍ୟରେ ନିର୍ମମ ଭାବେ ଘୁ ଦିବାକର ଯୁବକ ଦୁହିଁଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ । ଶ ମାତୃକାର ରକ୍ଷାପାଇଁ ଯୁବକ ଦୁହେଁ ଶହୀଦ୍ ହେଲେ । ମଗ୍ର ଉତ୍କଳବାସୀ ରଘୁ ଦିବାକରଙ୍କ ମୃତ୍ୟୁଦଣ୍ଡରେ ଦୁଃଖ ଓ ିସମାଣରେ ଭାଙ୍ଗି ପଡ଼ିଲେ ।

ବେଢେଲଗେଟଙ୍କ ହତ୍ୟାକାଣ୍ଡ ପରେ ବ୍ରିଟିଶ ପାର୍ଲାମେଣ୍ଟ କମ୍ପିତ ହେଲା । ଓଡ଼ିଶାବାସୀ ଭୀରୁବୋଲି ଯେଉଁ ପ୍ରବାଦ ଥା, ତାହା ଇଂରେଜମାନଙ୍କ ଚିନ୍ତାଧାରାରୁ ସବୁଦିନପାଇଁ ପସରି ଗଲା । ଇଂରେଜ ସେନାଧ୍ୟକ୍ଷ ମେଜର ବେଢେଲ-ଗେଟଙ୍କ ହତ୍ୟାପରେ ସମଗ୍ର ବିଶ୍ବରେ ଚହଳ ପଡିଗଲା । ୧୯୩୯ ମସିହାଁ ଶେଷ ଭାଗରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହେଲା । ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ-ମାନେ ଇଂରେଜମାନଙ୍କୁ ଯେଉଁଭଳି ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିଥିଲେ, ତାହାର ଅନୁରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସମ୍ପୂର୍ଣ୍ଣ ବଦଳିଗଲା । ଭାରତୀୟମାନଙ୍କ ମନରେ ଇଂରେଜ-ମାନଙ୍କ ପ୍ରତି ତୀବ୍ର ବିରୋଧଭାବ ଜାଗ୍ରତ ହେଲା । ଫଳରେ 'ସୁଭାଷ ବୋଷଙ୍କ ଦ୍ଵାରା ପରିଚାଳିତ ଆଜାଦ୍ ହିନ୍ଦ ଫୌଜ ବ୍ରିଟିଶ ବିରୋଧରେ ସଶସ୍ତ୍ର ଯୁଦ୍ଧ ଘୋଷଣା କରି ଜାତୀୟତା-ବାଦର ପରିଚୟ ପ୍ରଦାନ କରିଥିଲେ । ପରିଶେଷରେ 'କର ବା ମର' ମହାତ୍ମା ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନର ଶେଷ ଡ଼ାକରା, ୧୯୪୨ ମସିହା ଥିଲା ଭାରତ ସ୍ୱାଧୀନତା ସଂଗ୍ରାମର ଶେଷ ଅସ୍ତ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିସମାପ୍ତି ପରେ, ବ୍ରିଟେନରେ ଶ୍ରମିକ ଦଳ ଶାସନ କ୍ଷମତାକୁ ଆସିଲେ । ଶାସକ ଜାତି ଦଳ ପରାଜିତ ହେଲେ । ଶ୍ରମିକ ଦଳ ନେତା ମିଃ ଅଟଲି ପ୍ରଧାନମନ୍ତ୍ରୀ ଥାଇ ଭାରତକୁ ସ୍ୱାଧୀନତା ଦେବା ଏବଂ ଲୋକ ପ୍ରତିନିଧିମାନଙ୍କ ହସ୍ତରେ ଶାସନଭାର୍ ହସ୍ତାନ୍ତର କରିବା ସିଦ୍ଧାନ୍ତ ଗୃହୀତ ହେଲା । ଫଳରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଭାରତବର୍ଷ ପୂର୍ଣ୍ଣ ସ୍ୱାଧୀନତା ଲଭ କଲା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ରଣପୁର 'ପ୍ରଜାମଣ୍ଡଳ'ର ଭୂମିକା ଅବିସ୍ମରଣୀୟ । ଓଡିଶା ପ୍ରଜା ଆନ୍ଦୋଳନରେ ରଣପୁର ମାଟିର ବୀରମୂର୍ତ୍ତି ଶହୀଦଗଣ " ରଘୁ, ଦିବାକର, ଅର୍ଜୁନ " ଭାରତମାତାଙ୍କ ମୁକ୍ତି ଯଜ୍ଞରେ ନିଜର ଆତ୍ମାହୁତି ଦେଇ ଯେଉଁ ମହାନ୍ ଆଦର୍ଶ ଓ ତ୍ୟାଗର ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ଭାରତବର୍ଷରେ ସ୍ୱାଧୀନତାର ବାର୍ତ୍ତା ବହନ କଲେ, ତାହା ଫଳରେ ପରାଧୀନ ଭାରତ ମାତୃଭୂମି ବିଦେଶୀ ଶକ୍ତିଙ୍କ ପରାଧୀନତା ଶୃଙ୍ଖଳରୁ ସମ୍ପୂର୍ଣ୍ଣ ମୁକ୍ତ ହେଲା । ଏହି ମହାନ୍ ଶିକ୍ଷା, ପରବର୍ତ୍ତୀ ବଂଶଧରମାନଙ୍କ ଜାତୀୟତାବାଦ ଚେତନାରେ ଚିରଦିନ ଉଜ୍ଜୀବିତ ହୋଇ ରହିବ । ଭାରତମାତାଙ୍କ ସୁଯୋଗ୍ୟ ସନ୍ତାନ ଅମର ଶହୀଦଗଣ, ଭାରତୀୟ ମହାଜାତିର ଚିର ନମସ୍ୟ ରୂପେ ସେମାନଙ୍କ ପ୍ରତିଭା ଯୁଗେ ଯୁଗେ ପୂଜା ପାଉଥିବ ।

ଗ୍ରାମ : ପୋଷ୍ଟ: ନାଟିମ୍ପି,
ଭାୟା : ଗୋପାଳପୁର,
ଜିଲ୍ଲା : ପୁରୀ,



# ଆଧ୍ୟାତ୍ମିକ ଚେତନାର ଉନ୍ମେଷ

ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ରଶର୍ମା

ବେଦରେ ସମାଜ ଗଠନ ବିଷୟରେ ସୁନ୍ଦର ନିର୍ଦ୍ଦେଶ ଅଛି । ବେଦ ଶାସ୍ତ୍ର, ସକଳ ସଂପ୍ରଦାୟ, ସକଳ ଧର୍ମ ଦର୍ଶନ ବିଭେଦର ଊର୍ଦ୍ଧ୍ୱରେ । ଏହା ବିଶ୍ୱର ସର୍ବଭୂମିର ଶ୍ଳୋକ ଅର୍ଥାତ୍ ବିଶ୍ୱର ସମଗ୍ର ମାନବ ଜାତି ପ୍ରତି ଉଦ୍ଦିଷ୍ଟ । ବେଦଶାସ୍ତ୍ରଙ୍କଠାରେ କୌଣସି ବିଶେଷଭାବେ ବ୍ୟକ୍ତିବାଦ ବା କୌଣସି ନିର୍ଦ୍ଦିଷ୍ଟ ମତ ସ୍ଥାନ ପାଏ ନାହିଁ । ସମଗ୍ର ମାନବଜାତି କିପରି ମିଳି ମିଶି ଭାବ ବିନିମୟ ସୂତ୍ରରେ ପରସ୍ପର ପ୍ରେମ ସହକାରେ ବଞ୍ଚିବେ ଓ ବଢ଼ିବେ ତାହାର ସୂତ୍ର ବେଦରେ ସୁନ୍ଦର ଭାବେ ବ୍ୟାଖ୍ୟା କରାଯାଇଛି । ବେଦ ହେଉଛି ଅତି ଆଦିମ ଓ ପୁରାତନ । ଅନ୍ୟ ଯେଉଁସବୁ ଶାସ୍ତ୍ର ବା ସଦାଗ୍ରନ୍ଥର ପୁସ୍ତକ ଲେଖା ଯାଇଛି ତାହା ପ୍ରାୟତଃ ଆଧୁନିକ ଏବଂ ଏଥିରେ ଅଂହକାର ଓ ବ୍ୟକ୍ତିବାଦକୁ ସ୍ଥାନ ଦିଆଯାଇଛି ପରି ମତ ପ୍ରକାଶ ପାଇବାରୁ ଅଧୁନା ସମାଜରେ ବହୁ ସଂପ୍ରଦାୟ ବହୁ ମତ ତଥା "ତଥା କଥିତ" ଧର୍ମ ସବୁର ଅଭ୍ୟୁଦୟ ହେତୁ ସମାଜ ଖଣ୍ଡ ବିଖଣ୍ଡ ଅବସ୍ଥାରେ ଉପନୀତ ।

ବିଶ୍ୱେଶ୍ୱରଙ୍କ ବିଶ୍ୱରେ ବୈଷମ୍ୟ ଏକ ମୌଳିକ ତତ୍ତ୍ୱ । ଏଠି କେହି ସମାନ ନୁହନ୍ତି । ଉଚ୍ଚନୀଚ, ଭଲମନ୍ଦ ବଡ଼ସାନ ସୁନ୍ଦର-ଅସୁନ୍ଦର, ସୁସ୍ଥ ଅସୁସ୍ଥ, ଧଳା ଓ କଳା ଏପରି ବୈଷମ୍ୟକୁ ନେଇ ପ୍ରଭୁଙ୍କ ଲୀଳା ସୁନ୍ଦର ଭାବେ ପ୍ରକଟିତ । ବାହାରେ ଯେତେ ପ୍ରକାର ବୈଷମ୍ୟ ଦୃଷ୍ଟିଗୋଚର ହେଉନା କାହିଁକି ଅନ୍ତର୍ଜଗତ ଯେ ଏକ ବ୍ରହ୍ମ ଚେତନାରେ ସୁଗଠିତ ଏହା ଭାରତୀୟ ବେଦାନ୍ତର ସିଦ୍ଧାନ୍ତ । ଚିରନ୍ତନ ସତ୍ୟକୁ ପୃଥିବୀରେ ମହାମାନ୍ୟମାନେ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରି ଭାରତୀୟ ବେଦ ବେଦାନ୍ତ ଶାସ୍ତ୍ରର ଶିଷ୍ୟ ହୋଇଛନ୍ତି । ଏହି ଅନ୍ତର୍ଗତ ଚେତନାକୁ ଯଦି ଆମ୍ଭେମାନେ ଜଣେ ମଣିଷ ଭାବରେ ହୃଦୟଙ୍ଗମ କରି କାର୍ଯ୍ୟରେ ରୂପାନ୍ତର କରି ପାରିବା ଏକଥା ଅତି ସତ୍ୟ ଯେ କୌଣସିଠାରେ ବିରୋଧ ପରିହାର ନ ହୋଇ ରହି ପାରିବ ନାହିଁ ।

ମଣିଷହିଁ ଈଶ୍ୱରଙ୍କ ସୃଷ୍ଟିର ଅନବଦ୍ୟ ଜୀବ । ଏଣୁ ଏହି ମଣିଷକୁ ଠିକ୍ ଭାବରେ ପରିଗ୍ରହଣା କରିବାପାଇଁ ବେଦରେ ଅନେକ ଉପଦେଶ ଅଛି । ଏହି ସୃଷ୍ଟିକୁ ଆସି ଯଦି ମଣିଷ ମନୁଷ୍ୟତ୍ୱରେ ପ୍ରତିଷ୍ଠିତ ନହୋଇ ପାରିଲା ଓ ମଣିଷ ହିସାବରେ ଅଧିକାରଗତ ବାଛି ବିଶ୍ୱରକୁ ରଖିବାରେ ଅକ୍ଷମ ହୁଏ ତେବେ ନିଶ୍ଚୟ ସେ ନିମ୍ନ ପ୍ରକୃତିର ସ୍ତରକୁ ଓହ୍ଲାଇ ଆସିବାକୁ ବାଧ୍ୟ । ସୃଷ୍ଟିର ଏହି ରହସ୍ୟ ଜାଣି ପାରିଲେ ସେ ନିଜେ ଗୋଟିଏ ସୃଷ୍ଟିର ସେବକ ହେବ ଓ ସମଗ୍ର ସୃଷ୍ଟି ତା'ର ସେବ୍ୟ ରୂପରେ ପ୍ରତିଭାତ ହେବ । ଏଣୁ ପ୍ରତ୍ୟେକ କ୍ଷେତ୍ରରେ ମଣିଷ ଉନ୍ନତ ହୋଇ ଉଠୁ; ନିଜ ଚେଷ୍ଟାରେ ଜଗତକୁ ଅନୁଧ୍ୟାନ କରି ସ୍ୱଗତ ଆତ୍ମ ବିଶ୍ଳେଷଣରେ ନିଜେ ଭଗବାନ ସମହେଉ । ଏହାହିଁ ଜଗତପିତା ପରମେଶ୍ୱରଙ୍କ ଇଚ୍ଛା ହୋଇ ଥିବାରୁ ମଣିଷଠାରେ ଭଗବାନ ଦିବ୍ୟ ଚେତନା ଦେଇଛନ୍ତି । ମଣିଷ ଯେଉଁ ସ୍ଥୂଳକ୍ଷ୍ୟରେ ସଙ୍କଳ୍ପବଦ୍ଧ ହେବ ତାହା ତାକୁ ନିଶ୍ଚୟ ପ୍ରାପ୍ତ ହେବ । ମନୁଷ୍ୟ ଯଦି ନିଜର ଶକ୍ତିକୁ ଅନୁଭବ କରିପାରିବ, ତେବେ ସେ ଅନ୍ୟ ଶକ୍ତିକୁ ଉପଲବ୍ଧି କରି ପାରିବ ! ପରିଣାମତଃ ନିଜର ଇଚ୍ଛା ଓ ସଂସ୍କୃତିର ପ୍ରତିଫଳନରେ ସେ ଅନ୍ୟକୁ ସେହି ଭାବରେ ଦେଖି ପାରିବ । ଏହିପରି କ୍ଷେତ୍ରରେ ସେ ଯଦି ଉନ୍ନତ ହୋଇଥିବ ତେବେ ଅନ୍ୟକୁ ଉନ୍ନତ କରିବାକୁ ଚେଷ୍ଟା କରିବ । ସେ ଯଦି ଅନୁନ୍ନତ ହୋଇଥିବ ତେବେ ଅନ୍ୟକୁ ଅନୁନ୍ନତ କରିବାରେ ପ୍ରେରଣା ଯୋଗାଇବ । ସାଧାରଣ କଥାରେ କହିବାକୁ ଗଲେ ବୁଝିବାକୁ ହେବ ଯେ ନିଜକୁ ଜଣେ ବିଜ୍ଞାନବିତ୍ ସଂସ୍କୃତିବାନ୍ ହିସାବରେ ଗଢ଼ିବାକୁ ହେବ । ନିଜେ ଉତ୍ତମ, ପବିତ୍ର ଓ ସଂସ୍କୃତିବାନ ନହେଲେ ଅନ୍ୟକୁ ସମାନ ଦୃଷ୍ଟିରେ ଦେଖି ପାରିବ ନାହିଁ । ତେଣୁ ସବୁ ସମୟରେ ବେଦୋକ୍ତ ତଥା ସ୍ମୃତି ଉକ୍ତ ସଦାଗ୍ରନ୍ଥକୁ ପାଳନ ନକଲେ ତାର ଆତ୍ମବୋଧ ଚେତନା ସଂପ୍ରସାରିତ ହୋଇ ଦେଶଦେଶାନ୍ତରକୁ ପ୍ରସାରିତ ହେବ ନାହିଁ । ସେଥିପାଇଁ ଅଦ୍ୟାବଧି ବହୁ ପୁସ୍ତକ ଛପାହୋଇ ପ୍ରଚାର କରାଗଲାଣି ଓ ଅନ୍ୟକୁ ଉପଦେଶ ଦିଆଯାଉଛି । କିନ୍ତୁ ଯେତେ ପରିମାଣରେ ଉନ୍ନତି ହେବାର କଥା ସେତେ ପରିମାଣରେ ହେଉ ନାହିଁ । ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରିବାକୁ କେହି ଇଚ୍ଛା କରୁ

ଏଂ ପ୍ରଥମେ ବ୍ୟଷ୍ଟି ଚେତନା ମାର୍ଜିତ ମାର୍ଗରେ ଗତି କରିବା
ଚିତ୍ । ବ୍ୟକ୍ତି ବା ବ୍ୟଷ୍ଟି ଉନ୍ନତ ହେଲେ ବିଶ୍ୱର ଉନ୍ନତି
ହସ୍ତ ବୋଲି ବୁଝିବାକୁ ହେବ । ଆମେ ନିଜକୁ ଛାଡ଼ି ଅନ୍ୟକୁ
ଉପଦେଶ ଦେବାରେ ଦକ୍ଷତା ପ୍ରକାଶ କରୁ । ରଚନ ବଚନର
ମାଧୁର୍ଯ୍ୟ ତଥା ସୌନ୍ଦର୍ଯ୍ୟରେ ପ୍ରତିଷ୍ଠିତ ହୋଇ ଆପାତ ମଧୁର
ଭାଳି ପ୍ରତୀୟମାନ କରି ଦେଉଥିଲେ ମଧ୍ୟ ତାହା କ୍ଷଣସ୍ଥାୟୀ ।
ତାହାର ପ୍ରଭାବ କ୍ଷଣକାଳ ପାଇଁ ରହେ ଓ ଶେଷରେ ମିଳିଯାଏ ।
ପାଇଁ ଲୋକ ସଂସ୍କୃତି ଯେତେ କଠିନ ସଂଯମ ଓ ଶୃଂଖଳାକୁ
ରଣ କରିଛି ସେ ସେତିକି ପରିମାଣରେ ଚିରସ୍ଥାୟୀ ଓ ତାର
ଭାବ ଯଥେଷ୍ଟ ରହରେ । ନିଜକୁ ଧୀରସ୍ଥିର ଜାଗ୍ରତ କରିବା
ପାଇଁ କବିଗୁରୁ ରବି ଠାକୁରଙ୍କର ଗୋଟିଏ କଥା ନିଶ୍ଚିତ ଭବରେ
ଅବଧାରଣୀୟ ।

"ଅନ୍ତର ମମ ବିକଶିତ କର ଅନ୍ତର ତର ହେ
ସୁନ୍ଦର କର ନିର୍ମଳକର ଉଜ୍ଜ୍ୱଳ କର ହେ"

x x x

"ଯୁକ୍ତ କର ହେ ସବୁରି ସଙ୍ଗେ ମୁକ୍ତ କର ହେ ବନ୍ଧ
ସଞ୍ଚାର କର ସକଳ କର୍ମେ ଶାନ୍ତ ତୁମରି ଛନ୍ଦ
ଚରଣ. ପଦ୍ମେ ମମ ଚିତ୍ତ ନିସ୍ପନ୍ଦିତ କର ହେ । "


ଉପରୋକ୍ତ ପଦ ଛନ୍ଦରେ ନିଜର ବ୍ୟଷ୍ଟି ଚେତନାକୁ ବିଶ୍ୱଗତ ସମସ୍ତ ପ୍ରାଣୀ ଚେତନା ସହ ଏକାକାର ହେବାକୁ ପ୍ରାର୍ଥନା କରୁଥିବାବେଳେ ସେହି ବିଶ୍ୱାତୀତ ପରମ ଚେତନ ସତ୍ତା ସହିତ ଯୁକ୍ତ ହେବା ପାଇଁ ପ୍ରାର୍ଥନା କରିଛନ୍ତି । ଏହାହିଁ ହେଉଛି ବିବିଧ ଚେତନା । ଲୋକ ଚରିତ୍ର ସଂଯମ, ଶୃଂଖଳା ଓ ସୁଶିକ୍ଷଣ ଯୁକ୍ତ ଜ୍ଞାନର ଆଧାର ଉପରେ ପ୍ରତିଷ୍ଠିତ ହେଲେ ଜାତୀୟ ଚେତନା ଅଭିବୃଦ୍ଧି ହେବ । ଏହି ଚେତନାର କ୍ରମବିକାଶ ଅଛି ।

ବାସ୍ତବ ସାର୍ବଭୌମ ଚେତନା ପାଇବାକୁ ହେଲେ ବହୁତ ପରିବର୍ତ୍ତନ ଆବଶ୍ୟକ । ଜାତୀୟ ଚେତନାର ଅଭିବୃଦ୍ଧି କରିବାକୁ ଚାହୁଁଥିବା ବ୍ୟକ୍ତି ନିଜ କ୍ଷୁଦ୍ର ଅହଂତ୍ୱକୁ ଭୁଲିବା ଆବଶ୍ୟକ । ନିଜର ଅହଂଗତ ଦାବୀ ରଖିଲେ ତାର ପ୍ରାଣ ସଂକୁଚିତ ହୋଇ-ଯିବ । ତେଣୁ କୌଣସି କଥାକୁ ଶିଆଳି ଭାବରେ ଭାବିଲେ ତାର ଜୀବନଟି ମଧ୍ୟ ଗୋଟିଏ ଶିଆଳରେ ପରିଣତ ହେବ ! ଫଳରେ ଜୀବନର ଉଦ୍ଦେଶ୍ୟ ଧୂଳିସାତ ହେବ । ବ୍ୟକ୍ତି ଯଦି ଚିନ୍ତାଶୀଳ ହେଲେ ତା'ଠାରେ ଗୁରୁତ୍ୱପୂର୍ଣ୍ଣ ବୋଧ ଭାବ ଜାଗ୍ରତ ହେବ । ଏହି ଭାବ ଜାତୀୟ ଚେତନାର ମୂଳ ଭିତ୍ତି । ଏହି ଗୋଟିଏ ବିଶେଷ କଥା, ଲୋକ ଯଦି ବିଶେଷ ଭାବେ କଳ୍ପନା ବିଳାସୀ ହୋଇଯିବ ସେ କର୍ମ କରିବାପାଇଁ ଅକ୍ଷମ ହେବ । ତା'ର କର୍ମ କରିବାର ଶକ୍ତି ସାମର୍ଥ୍ୟ ଓ ପ୍ରେରଣା ଗୋଟିଏ ମାରାତ୍ମକ ଭାବ ଶୈଥିଲ୍ୟ ଅବସ୍ଥାକୁ ଆସିଯିବ । ନିଜେ ଆତ୍ମହତ୍ୟା କରିବା ସଙ୍ଗେ ସଙ୍ଗେ ଅନ୍ୟର ପ୍ରାଣ ବିନାଶନପାଇଁ ସେ ପ୍ରେରଣା ଦେବା ଫଳରେ ପ୍ରଗତି ମାର୍ଗରେ ଜାତୀୟ ଚେତନାର ଅଭିବୃଦ୍ଧି ଯେ ଭୀଷଣ ଅନ୍ତରାୟର ସମ୍ମୁଖୀନ ହେବ ଏକଥା ନିଃସନ୍ଦେହ ଭାବେ ଘୋଷଣା କରାଯାଇ ପାରେ । ନିଜେ ଭୋଗ ବିଳାସରେ ପଡ଼ି ବହୁବିଧ ବାସନାର ବଶବର୍ତ୍ତୀ ହୋଇ ଚଳିଲେ ବ୍ୟକ୍ତିର ଅଧୋଗତି ଘଟିବ । ତେଣୁ ପ୍ରତ୍ୟେକ ସମୟରେ ଆବଶ୍ୟକତା ଅନୁଯାୟୀ ସ୍ୱାଭାବିକ ଭାବେ ମିଳିଥିବା ଜାଗତିକ ବିଷୟ ବସ୍ତୁକୁ ନେଇ ସନ୍ତୁଷ୍ଟ ରହିଲେ ଜଣେ ଅନ୍ୟ ପ୍ରତି ଅସହିଷ୍ଣୁ ହେବ ନାହିଁ । କଥାରେ ଅଛି, "ଆପେ ଭଲ ତ ଦୁନିଆ ଭଲ" । ଆପେ ସନ୍ତୋଷମୟ ଚେତନାରେ ନ ରହିଲେ ସେ ଅନ୍ୟର ଚେତନାକୁ ଉନ୍ନତ କରିବାପାଇଁ ଅସମର୍ଥ ହେବ । ଏ ସୃଷ୍ଟିଟି ଏକ ବ୍ରାହ୍ମୀ ଚେତନାରେ ପ୍ରତିଷ୍ଠିତ । ଭଗବାନ ମଣିଷକୁ ସୃଷ୍ଟି କରିଛନ୍ତି । ମଣିଷ ସୃଷ୍ଟିକୁ ସୁନ୍ଦର କରିବାକୁ ବାଧ୍ୟ ନଚେତ୍ ପ୍ରକୃତି ହାତରୁ ମଣିଷକୁ ଦଣ୍ଡ ଭୋଗ କରିବାକୁ ହେବ । ଏ ସୃଷ୍ଟିର ଉଦ୍ଦେଶ୍ୟ ହେଲା ସବୁବେଳେ ପରାର୍ଥପରତାରେ ପ୍ରତିଷ୍ଠିତ ହେଲେ ସ୍ୱାର୍ଥପର ସଇତାନ ମଣିଷକୁ କାବୁ କରି ପାରିବ ନାହିଁ, ଅଧଃପତିତ କରିବ ନାହିଁ । ଏଣୁ ପ୍ରତି ମୁହୂର୍ତ୍ତରେ ମଣିଷ ଚିନ୍ତା କରିବା ଉଚିତ୍ ଯେ ବିଶ୍ୱାତୀତ ଚେତନାରେ ଯାହା ସମ୍ଭବ ତାହା ବ୍ୟକ୍ତିଗତ ଚେତନାର ମଧ୍ୟ ସାଧ୍ୟ ସାଧନା ଦ୍ୱାରା ସମ୍ଭବ ହେବ । ଯଦି ବ୍ୟଷ୍ଟି ଚେତନା ସାମଗ୍ରିକ ବିଶ୍ୱାତୀତ ଚେତନା ସହିତ ସବୁବେଳେ ଅଚ୍ୟୁତ ଅବସ୍ଥାରେ ରହେ ଅର୍ଥାତ୍ ସଂଲଗ୍ନ ହୋଇ ରହେ ମନୁଷ୍ୟ ଭିତରେ ଥିବା ପ୍ରାଣର ପ୍ରଚ୍ଛନ୍ନ ଜୀବକୁ ତ୍ୟାଗ କରି ସେହି ମହାନ୍ ପରାର୍ଥ-ପରତାର ଚେତନା ବା ବିଶ୍ୱଗତ ଚେତନା ସହିତ ବ୍ୟଷ୍ଟି ଚେତନାକୁ ଯୁକ୍ତ କରାଯାଏ ତା'ହେଲେ ଆଉ ଜାତୀୟ ଚେତନାର ଅଭିବୃଦ୍ଧି ନ ହୋଇ ରହି ପାରିବ ନାହିଁ । ମନୁଷ୍ୟ ନିଜେ ଉନ୍ନତ ଚେତନାର ଉପାଶିତ ହେବାକୁ ଚାହୁଁଥିଲେ, ସେ ଏହି ପନ୍ଥାକୁ ଅନୁସରଣ କରିବା ବିଧେୟ । ଏଥି ପାଇଁ ଆମ ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ହେଲା ସମାଜର ଉନ୍ନତି କରିବା ଓ ଜନତା ଜନାର୍ଦ୍ଦନଙ୍କୁ ନାରାୟଣ ଜ୍ଞାନ କରି ସେମାନଙ୍କର ସେବା କରିବା । । ଏହି ମାର୍ଗରେ ବିନିମୟ ସୂତ୍ରରେ ମଣିଷ ସୁଖ ସମ୍ମାନର ଅଧିକାରୀ ହେବ । ଉଚିତ୍ ଜ୍ଞାନ ଓ ଉଚିତ୍ କର୍ମରେ ଭକ୍ତିପୂର୍ଣ୍ଣ ଭାବରେ ଆମେ ଯଦି ନିଜକୁ ପ୍ରବୃତ୍ତକରୁ ନିଶ୍ଚୟ ଜାତୀୟ ଚେତନା ସମୃଦ୍ଧି ହେବ । ସେତେବେଳେ ଆମ ମୁଖରୁ ସ୍ୱତଃ ନିସୃତ ହେବ :

ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ ଦୁଃଖ ମାପ୍ନୁୟାତ୍ ॥

ଏ. ଜି. ଜସ୍ମେନୀ
ଟାଇପ୍-ଡ଼ି, କ୍ୱାଟର ନମ୍ବର ୨୬୮
ୟୁନିଟ୍-୪, ଭୁବନେଶ୍ୱର ।





# ସଫଳ କାହାଣୀ



## ଭାଗ୍ୟ ପରିବର୍ତ୍ତନ

**ଶ୍ରୀ ନାରାୟଣ ଦାଶ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଲପଡ଼ା ଗ୍ରାମର ଶ୍ରୀ ଲଖପତି ମାଝୀ ଜଣେ ଭୂମିହୀନ ଆଦିବାସୀ । ପୂର୍ବରୁ ହଳିଆ ହିସାବରେ ନିଜ ଗ୍ରାମଠାରୁ ୫ କି. ମି. ଦୂର କିକିଆ ଗ୍ରାମରେ ଜଣେ ବଡ଼ଗୃହସ୍ଥଙ୍କ ପାଖରେ ସେ କାମ କରୁଥିଲେ । ସ୍ୱଳ୍ପ ଆୟରେ ନିଜର ପରିବାର ପରିପୋଷଣ କରି ଜୀବିକା ନିର୍ବାହ କରିବା ତାଙ୍କ ପକ୍ଷେ ବହୁ କଷ୍ଟସାଧ୍ୟ ହେଉଥିଲା । ୧୯୭୯-୮୦ ଆର୍ଥିକ ବର୍ଷରେ ସରକାରଙ୍କ ଦାରିଦ୍ର୍ୟ ନିରାକରଣ ଯୋଜନା ଅନୁଯାୟୀ ଶ୍ରୀ ମାଝୀ କେଶିଙ୍ଗା ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ଏକ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ବାବଦରେ ୮ ଗୋଟି ମେଣ୍ଢା ପାଇଛନ୍ତି । ଅନୁଦାନ ବାବଦକୁ ମୋଟ୍ ୫୦୦ ଟଙ୍କା ପାଇଛନ୍ତି । ବର୍ତ୍ତମାନ ତାଙ୍କ ପାଖରେ ୫ ଗୋଟି ମେଣ୍ଢା, ମେଣ୍ଢି ଅଛନ୍ତି । ଏହା ବ୍ୟତୀତ ସେ ସରକାରଙ୍କଠାରୁ ୬୧.୪୦ ଡେସିମିଲି ସିଲିଂ ବହିର୍ଭୂତ ଚାଷଜମି ମଧ୍ୟ ପାଇଛନ୍ତି । ଏଥିରୁ ଆଜିଯାଏ ସେ ମୋଟ୍ ୧୦ ହଜାର ଟଙ୍କା ଅଧିକ ଆୟ ପାଇଛନ୍ତି । ଲବ୍ଧଧନରୁ ସେ ୧,୨୦୦ ଟଙ୍କା ଚାଷଜମି ମରାମତି, ଏକ ହଜାର ଟଙ୍କା ହଳକିଣା ପାଇଁ, ୨ ହଜାର ଟଙ୍କା ଘର ତିଆରି ଏବଂ ୨,୫୦୦ ଟଙ୍କା ବିବାହ ଓ ଅନ୍ୟାନ୍ୟ ବାବଦକୁ ଖର୍ଚ୍ଚ କରିଛନ୍ତି । ହଳବଳଦ ଅନ୍ୟ ଲୋକଙ୍କ ଚାଷରେ ମୂଲ ହିସାବରେ ଲଗାଇ ସେଥିରୁ ସେ ୨,୮୦୦ ଟଙ୍କା ମଧ୍ୟ ଆୟ କରି ତାଙ୍କର ଆର୍ଥିକ ବ୍ୟବସ୍ଥାର ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
କଳାହାଣ୍ଡି

## ଗୁଲାମି ଗିରି ବଦଳିଛି

**ଶ୍ରୀ ରବିନାରାୟଣ ମହାନ୍ତି**

ହରିଚନ୍ଦନପୁର ବ୍ଲକ ସିଙ୍ଗବିଲା ଗ୍ରାମର ଅଧିବାସୀ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ । ତାଙ୍କର ତିନି ଭାଇ, ମା ଏବଂ ବାପା । ମାତ୍ର ଏକ ଏକର ଜମିର ସମ୍ବଳକୁ ନେଇ ବଡ଼ ଦୁଃଖ କଷ୍ଟରେ ଚଳନ୍ତି । ଓଳିଏ ଖାଇ ଅଭାବ ଅନାଟନର ଦାଉ ସମ୍ଭାଳି ନପାରି ଗୁରୋଟିଆଙ୍କ ପୁଅ ବାହାରକୁ ବାହାରିଗଲେ ମୁଣ୍ଡଝାଳ ତୁଣ୍ଡରେ ମାରି କିଛି ଉପାର୍ଜନ କରିବା ନିମିତ୍ତ ; କିନ୍ତୁ ସେ ମଧ୍ୟ ସମୁଦ୍ରକୁ ଶଂଖେ ପାଣି ସ୍ୱରୂପ ହେଲା । ନିଜେ ଖାଇ ବାହାରେ ଚଳି ସେଥିରୁ ପଇସା ସଞ୍ଚୟକରି ଘରକୁ ପଠାଇବା କଷ୍ଟକର ହେଲା । ପୂର୍ଣ୍ଣଚନ୍ଦ୍ରଙ୍କ ବିଦେଶରେ ମଧ୍ୟ ଚଳିବା କଷ୍ଟକର ହେଲା । ସେ ଫେରିଲେ ନିଜ ଭୂଇଁକୁ ଏବଂ ସେହି ଦୁଃଖ କଷ୍ଟରେ ତାଙ୍କୁ ଦିନଗୁଡ଼ିକ କଟାଇବାକୁ ପଡ଼ିଲା । ଦିନେ ଭାଗ୍ୟକୁ ତାଙ୍କ ଗାଁକୁ ବି. ଡ଼ି. ଓ ଆସି ତାଙ୍କୁ ଉପଦେଶ ଦେଲେ ଯେ ସରକାରଙ୍କ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ଋଣ ନେଇ ଗୋଟିଏ ଛୋଟ ଦେଳରାତି ଦୋକାନ କରିବାକୁ । ତା'ହେଲେ ସେ ଦୋକାନରୁ ବିକ୍ରୀ ଟଙ୍କାରେ କିଛି ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇବା ସଙ୍ଗେ ସଙ୍ଗେ କିଛି ଅଂଶ ଋଣ ବାବଦକୁ ସୁଝି ଦେଉଥିବେ । କଥାଟି ପୂର୍ଣ୍ଣଚନ୍ଦ୍ରଙ୍କର ମନକୁ ଛୁଇଁଲା । ସେ ୧୯୮୧-୮୨ ବର୍ଷରେ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ବି. ଡ଼ି. ଓ ଙ୍କ ଜରିଆରେ ଟ୩,୦୦୦ ଋଣ ପାଇଲେ । ସେଥିରୁ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗ ଟ୧,୨୫୦ଙ୍କା ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଟ ୧,୦୦୦ ଛାଡ଼ କଲେ ଅବଶିଷ୍ଟ ଟ ୭୫୦ଙ୍କା ଋଣ ତାଙ୍କୁ ସୁଝିବାକୁ ପଡ଼ିବ ।

ପୂର୍ଣ୍ଣଚନ୍ଦ୍ର ବର୍ତ୍ତମାନ ବାପମାଙ୍କ ସହିତ ୫ ଜଣ ବଡ଼ ଓ ୫ ଜଣ ଛୋଟ ପିଲାଙ୍କୁ ଚଳାଉଛନ୍ତି । ଯେଉଁ ଛୋଟିଆ ଦେଳରାତି ଦୋକାନଟି

କରିଛନ୍ତି ସେଥିରୁ ବେଶ୍ ଲାଭ ପାଉଛନ୍ତି । ବର୍ତ୍ତମାନ ମାସକୁ ଟ ୩୦୦ଙ୍କାରୁ ଟ ୫୦୦ ଙ୍କା ପର୍ଯ୍ୟନ୍ତ ଲାଭ ପାଉଛନ୍ତି । ପୂର୍ବର ଅବସ୍ଥା ବଦଳିଛି, ସେ ଆଉ କାହାର ଗୋଲାମ ହେଉ ନାହାନ୍ତି । ପିଲାମାନଙ୍କୁ ସ୍କୁଲରେ ପଢ଼ାଇ ପାରୁଛନ୍ତି ଏବଂ ପରିବାର ସମସ୍ତ ଲୋକ ଦୁଇଓଳି ବେଶ ପେଟ ପୂରାଇ ଖାଇ ପାରୁଛନ୍ତି ଏବଂ ଦରକାର ପଡ଼ିଲେ ଅନ୍ୟକୁ ମଧ୍ୟ ସାହାଯ୍ୟ କରନ୍ତି । ସେ ସଦା ସର୍ବଦା ତାଙ୍କ ଦୋକାନର ଉନ୍ନତି କରିବା ପାଇଁ ତତ୍ପର । ସମସ୍ତ ଋଣ ସେ ଶୁଝି ସାରିଲେଣି । ବର୍ତ୍ତମାନ ସେ ଆଉ ଗୋଟିଏ ଋଣ ନେଇ ଦୋକାନର ଶ୍ରୀ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଅନ୍ୟ କିଛି ବ୍ୟବସାୟ କରି ନିଜର ଆୟକୁ ଦ୍ୱିଗୁଣିତ କରିବା ନିମିତ୍ତ କଳ୍ପନା କରୁଛନ୍ତି । ବର୍ତ୍ତମାନର ସରକାର ହିଁ ପ୍ରକୃତ ଦରିଦ୍ରମାନଙ୍କର ସରକାରବୋଲି ସେ କହନ୍ତି ।

ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, କେନ୍ଦୁଝର

## ଆଉ ଗୋଟିକ ପାହାଚ

ଶ୍ରୀ ଦାମୋଦର ପଣ୍ଡା

ଗୋଟିଏ ପାହାଚ । ଆଉ ଗୋଟିଏ.............. ପୁଣି ଗୋଟିଏ । ଜୀବନର ଏଇ ଦାରିଦ୍ର୍ୟ ପାହାଚ ଏମିତି କେତୋଟି ? ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍‌ର ଶ୍ରୀ ବଂଶୀଧର ମହାଲିକ ଓ ଶ୍ରୀ କୃପାସିନ୍ଧୁ ଖଣ୍ଡାଇ ପାହାଚ-ଗୁଡ଼ିକ କେବଳ ଗଣି ଚାଲୁଥିଲେ । ସୁଖ ଲୁଚିଥିଲା ଦୁଃଖର କଳାମେଘ ଆଢୁଆଳରେ । ଦୁଃଖ ଏବଂ ଦୁଃଖ । ସାରା ଦିନର ଖଟଣି ବଦଳରେ ଆୟ ମାତ୍ର ଛଅରୁ ଆଠ ଟଙ୍କା ।

ସୁଯୋଗ ଆସିଲା । ସମୟ ସୁଯୋଗକୁ ବାଟ କଢ଼େଇ ଆଣିଲା । ଦାରିଦ୍ର୍ୟ ବିରୁଦ୍ଧରେ ଅଭିଯାନ ପାଇଁ ନୂଆ କାର୍ଯ୍ୟକ୍ରମ ଦରିଦ୍ରତମ ବ୍ୟକ୍ତିମାନଙ୍କର ଆର୍ଥିକ ଥଇଥାନ । ବାଡ଼ି ଗୁଡ଼ରେ ଗୁଡ଼େ ଜମି ଏମାନଙ୍କର ନାହିଁ । ତେଣୁ ବଛା ବଛି ଭିତରେ ଏଇ ଦୁଇଜଣ ଯାକ ରହିଗଲେ । ଜଣପିଛା ଅଧ ଏକରେ ପୋଖରୀ ହିସାବରେ ଉଭୟେ ଏକରେ ପୋଖରୀ ପାଇଲେ । ପୋଖରୀ ପୁନରୁଦ୍ଧାର ବାବଦକୁ ବ୍ୟୟ କରାଗଲା ୮,୦୦୦ ଟଙ୍କା । ବଂଶୀଧର, କୃପାସିନ୍ଧୁ ଉଭୟ କାର୍ଯ୍ୟକ୍ରମରେ ଲାଗିଗଲେ । ଦାରିଦ୍ର୍ୟ ଭିତରେ ଘୁଣ ଖାଇଥିଲା ଦୁଇଟି ଅମୂଲ୍ୟ ଜୀବନ । କିଏ ବା କିଆଁ ତାର ହିସାବ ରଖିବ ?

ପୋଖରୀ ପତିତ ଅବସ୍ଥାରେ ପଡ଼ିଥିଲା । ପୋଖରୀ ଆଜେଇ ଆସିଲା ତାର ଜଳ ସଂପଦ ନେଇଁ ଦାରିଦ୍ର୍ୟ ବିରୁଦ୍ଧରେ ଅଭିଯାନ କରିବାକୁ । ବଂଶୀଧର, କୃପାସିନ୍ଧୁ ଉଭୟଙ୍କ ହାତର କରଣିରେ ସେଇ ପୋଖରୀ ନେଲା ନୂଆ ରୂପ । ମାଛ ଅମଳ ଆରମ୍ଭ ହେଲା ୧୯୮୧-୮୨ ଆର୍ଥିକ ବର୍ଷରୁ । ୧୯୮୧-୮୨ରେ ମାଛ ମିଳିଲା ୬୩୭ କିଲୋଗ୍ରାମ, ୧୯୮୨-୮୩ରେ ୫୪୮ କିଲୋଗ୍ରାମ ଏବଂ ୧୯୮୩-୮୪ରେ ୪୫୬ କିଲୋଗ୍ରାମ । ପୋଖରୀ ହୁଡ଼ାରେ ଫଳିଲା ନାନା ପ୍ରକାର ପନିପରିବା । ସମୁଦାୟ ଆୟକୁ ମିଶାଇ ଯଥାକ୍ରମେ ଆୟ ହେଲା ୬,୫୭୭ ଟଙ୍କା, ୫,୨୧୬ ଟଙ୍କା ଓ ୪,୮୫୪ ଟଙ୍କା ।

ହାତରେ ଧନ ଆସିବାରୁ ପୋଖରୀ ସଜ କରିବାଠୁ ଆରମ୍ଭକରି ଅନ୍ୟାନ୍ୟ କାମ ଏବଂ ବ୍ୟାଙ୍କର ଋଣ କିସ୍ତି, ପଚ୍ଚା ଟଙ୍କା ପଇଠ କରି ସେମାନେ ଖୁବ୍ ଭଲରେ ଅଛନ୍ତି । ଖାଲି ସେତିକି ନୁହେଁ, ବଳକା ଟଙ୍କା ମଧ୍ୟ ଡାକଘର ସଞ୍ଚୟ ଜମାରେ ସଞ୍ଚିତ ରଖୁଛନ୍ତି । ସମୃଦ୍ଧିର ପାହାଚରେ ସେମାନେ ପହଞ୍ଚି ପାରିଛନ୍ତି ଏଇ ମାଛ ପୋଖରୀ ପାଇଁ ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,
ବାଲେଶ୍ୱର ।

---

## ହରି ପ୍ରଧାନେ ଭଲରେ ଅଛନ୍ତି

ଶ୍ରୀ ବିନୋଦଲାଲ ପାଢ଼ୀ

ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୁର୍ଗମ ଜଙ୍ଗଲରେ ଅବସ୍ଥିତ ଗୁଣ୍ଡିଆଡ଼ିହି ଗ୍ରାମ । ବେଶ୍ ବଡ଼ ଗାଁଟିଏ । ଗାଁର ଅଧିକାଂଶ ଲୋକ ଆଦିବାସୀ । ଶ୍ରୀ ହରି ପ୍ରଧାନ ଏହି ଗାଁର ବାସିନ୍ଦା । ବୟସ ପାଖାପାଖି ଚାଳିଶି । ବାପା ମରିଯାଇଛନ୍ତି । ଘରେ ବୁଢ଼ୀମା, ସ୍ତ୍ରୀ, ଚାରୋଟି ପୁଅ ଓ ଗୋଟିଏ ଝିଅ । ସାତ ପ୍ରାଣୀ କୁଟୁମ୍ବ । ପୁଅ ଝିଅ ବି ସାନ ସାନ । ଜମିବାଡ଼ି କିଛି ନାହିଁ, ଅତ୍ୟନ୍ତ ଗରିବ । କୁଲି ବୃତ୍ତିକରି ବହୁ କଷ୍ଟରେ ବଞ୍ଚନ୍ତି । ସବୁଦିନେ ବା ମଜୁରୀ କୁଆଡ଼ୁ ମିଳିବ ? ଅନେକଦିନ ଭୋକ ଉପାସରେ ବି କଟିଛି ।

ମୁଣ୍ଡ ଗୁଞ୍ଜିବାପାଇଁ ଥାଏ ଏକମାତ୍ର ଛପରଘର । ଆଉ କିଛି ନାହିଁ । ପ୍ରଥମେ ଗ୍ରାମପଞ୍ଚାୟତର ସଦର ମହକୁମା, ପରେ ପରେ ସ୍କୁଲ, ଲେମ୍ପସ୍, ଡାକ୍ତରଖାନା, ବନବିଭାଗ ଫରେଷ୍ଟରଙ୍କ ଅଫିସ, ଇତ୍ୟାଦି ହେଲା । ଚାକିରିଆ ଲୋକସବୁ ଆସିଲେ । ଚା ଦୋକାନଟିଏ ଗାଁରେ ନାହିଁ । ତେଣୁ ହରି ପ୍ରଧାନ ଯାଅନ୍ତୁ ତାଙ୍କୁ ଦି ପଇସା ଧାରକରି ଆଣି ଗୋଟିଏ ଛୋଟ ଚା ଦୋକାନ କରି-ଦେବିଲା, ସେଥିରେ ଦିଂ ପଇସା ରୋଜଗାର ହୋଇପାରିବ । କିନ୍ତୁ ଖାଲି ଚା'ରେ କେତେବା ଲାଭ ? ଜଳଖିଆ ତିଆରି କରିବା-ପାଇଁ ପଇସା କାହିଁ ?

ବାବୁମାନଙ୍କଠୁ ଜାଣିଲେ ଯେ ସରକାର କ'ଣସବୁ ଯୋଜନା କରିଛନ୍ତି ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ । ସେ ବୁଝାବୁଝି କରି ଗାଁ ସରପଞ୍ଚଙ୍କ ଜରିଆରେ ବି. ଡ଼ି. ଓ. ଙ୍କୁ ଦରଖାସ୍ତ କଲେ–ଗତବର୍ଷ । ବି. ଡ଼ି. ଓ. ଅନୁସନ୍ଧାନକରି 'ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ହରିପ୍ରଧାନଙ୍କୁ ଅନ୍ତର୍ଭୁକ୍ତ କଲେ । ପର୍ଯ୍ୟାୟକ୍ରମେ ତିନି ହଜାର ଟଙ୍କା ଋଣ ମଞ୍ଜୁର କଲେ । ସେହି ଟଙ୍କାରେ ହରି ପ୍ରଧାନ ଚା' ସାଙ୍ଗକୁ ପକୁଡ଼ି, ବରା, ପିଆଜି, ଗୁଲୁଗୁଲା, ସେଉ ଓ ସାମାନ୍ୟ ମିଠା ବି ତିଆରିକରି ବିକିଲେ । ଘରର ସମସ୍ତେ ହୋଟେଲ କାମରେ ଲାଗିଗଲେ । ଗାଁର ଏକମାତ୍ର ହୋଟେଲରେ ଭାରି ଭିଡ଼ । ବେଶ୍ ଦି'ପଇସା ଲାଭ ମିଳିଲା । ହରି ତା କୁଟୁମ୍ବକୁ ସୁବିଧାରେ ଚଳାଇ ନେଉଛି । ଆ ହଟାଣ-ଭାବ ଆଉନାହିଁ ।

ସେ ଆଦିବାସୀ ହୋଇଥିବାରୁ ଶତକଡ଼ା ପଚିଶ ଭାଗ ରିହାତି ବା ଅନୁଦାନ ଆକାରରେ ମିଳିଲା । ତିନି ହଜାରରୁ ପନ୍ଦର ଶହ ଟଙ୍କା ମାତ୍ର ତାର ଋଣ । ସେଥିରୁ ସେ ବର୍ଷକ ଭିତରେ ପାଞ୍ଚ ଶହ ଟଙ୍କା ଶୁଝି ସାରିଲାଣି, ଆଉ କିଛି ପଇସା ଏଇ ମାସେ

ତିନିମାସରେ ସୁଝି ଦେବବୋଲି କହୁଛି । ସେ ଜାଣି ପାରିଛି ଯେ, ହୋଟେଲକୁ ଆହୁରି ଭଲଭାବରେ ଚଳାଇବାପାଇଁ ସରକାର ଏବର୍ଷ ଆଉ ଦୁଇ ହଜାର ଟଙ୍କା ବି ସାହାଯ୍ୟ ଦେବେ । ହରି ଓ ତା'ର କୁଟୁମ୍ବର ସମସ୍ତଙ୍କ ମୁହଁରେ ସରକାରଙ୍କ ପ୍ରତି ଭୂରି ଭୂରି ପ୍ରଶଂସା ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,
ସୁନ୍ଦରଗଡ଼ ।

---

## ଛେଳି ପାଳନରେ କୁଟୁମ୍ବ ଚଳେ

ଶ୍ରୀ ଅମରଜିତ ମାଝି

ବଇଣ୍ଡା ଓ ବାମୁର ମଧ୍ୟସ୍ଥଳରେ ଅବସ୍ଥିତ ଏକ ଛୋଟିଆ ଗ୍ରାମ । ନାମ ତା'ର ଗଡିକୃଷ୍ଣପୁର । ଏହି ଗ୍ରାମଟି ଜାତୀୟ ରାଜପଥର ପାର୍ଶ୍ୱରେ ଅବସ୍ଥିତ । ଗ୍ରାମର ମୁଣ୍ଡରେ ରହିଛି ଛୋଟ-ବଡ଼ ହୋଇ ତିନି ଚାରୋଟି ଜଳଖିଆ ଓ ତେଜରାତି ଦୋକାନ । ହରିଜନ, ଆଦିବାସୀ ଓ ସବର୍ଣ୍ଣ ଜାତିର ଲୋକେ ଏ ଗ୍ରାମରେ ବାସ କରନ୍ତି । ଏହି ଗ୍ରାମର ଧ୍ରୁବ ଚରଣ ପ୍ରଧାନ ହେଉଛନ୍ତି ଜଣେ ସବର୍ଣ୍ଣ ଜାତିର ଲୋକ । ସେ ତା'ର ଦୁଇ ପୁଅ ଓ ସ୍ତ୍ରୀକୁ ନେଇ ଟିକି ସଂସାରଟି ଚଳାଏ । ଘରବୋଲି ଦୁଇ ବଖରା ଘାଞ୍ଚ ଛପର ଘର ଓ ଚାଷ ଜମି ମାତ୍ର ଦୁଇ ଏକର । ବଡ଼ ପୁଅଟି ଆଠ ବର୍ଷର ଓ ସାନଟି ମାତ୍ର ଚାରି ବର୍ଷ । ବଡ଼ ପୁଅଟି ସ୍ଥାନୀୟ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢ଼େ ; ମାତ୍ର ଦୁଇ ଏକର ଜମି ବର୍ଷକ ପାଇଁ ଛୋଟ ପରିବାରଟିକୁ ଦାନା ଯୋଗାଇବା ପାଇଁ ସକ୍ଷମ ହୁଏ ନାହିଁ । ଏଣୁ ଧ୍ରୁବ ମଜୁରୀ ଲାଗେ ଓ ଯାହା ଦୁଇ ପଇସା ପାଏ, ସେଥିରେ କଷ୍ଟେ ମଷ୍ଟେ ପରିବାର ପ୍ରତିପୋଷଣ କରେ ।

ସମୟ ସ୍ରୋତରେ ପରିସ୍ଥିତିର ମଧ୍ୟ ପରିବର୍ତ୍ତନ ହୁଏ । ସରକାରଂକର କୋଡ଼ିଏ ଦଫା ଅର୍ଥନୈତିକ ଯୋଜନାରେ ଋଣ ପାଇବା ପାଇଁ ଧ୍ରୁବ ଚରଣ ପ୍ରଧାନଂକ ନାମ ଗ୍ରାମ କମିଟି ଦ୍ୱାରା ସୁପାରିଶ ହୁଏ । ୧୯୮୪ ଅପ୍ରେଲ ୪ ତାରିଖ ଦିନ ଶ୍ରୀ ପ୍ରଧାନଂକୁ ଏକ ଛେଳି ଋଣ ମିଳିଲା । ଋଣ ବାବଦକୁ ୧,୮୦୦ ଟଂକା ମଂଜୁର ହୋଇଥିଲା । ୧,୪୨୦ ଟଂକାରେ ୧୦ଟି ମାଈ ଛେଳି ଓ ଗୋଟିଏ ଅଣ୍ଡିରା ଛେଳି ଶ୍ରୀ ପ୍ରଧାନଂକୁ ଯୋଗାଇ ଦିଆଯାଇଥିଲା । ସରକାରଂକର ନିୟମ ଅନୁଯାୟୀ ଶ୍ରୀ ପ୍ରଧାନଂକୁ ମୋଟ ୧,୨୦୦ ଟଂକା ଶୁଝିବାକୁ ପଡ଼ିବ ଓ ୬୦୦ ଟଂକା ଛାଡ଼ ମିଳିଲା ।

ଶ୍ରୀ ଧ୍ରୁବ ପ୍ରଧାନ ଛେଳିତକ ପାଇ ସେମାନଂକ ସେବାରେ ଲାଗିପଡ଼ିଲା । ସେ ଭାବିଲା ଏହି ହେଉଛନ୍ତି ମୋର ଲକ୍ଷ୍ମୀ । ତା'ର ସ୍ତ୍ରୀ ଓ ସେ ଛେଳି ଜଗନ୍ତି ଓ ସେ ପୂର୍ବଭଳି ସବୁଦିନ ଆଉ ମଜୁରୀ ଲାଗିବାକୁ ଯାଉ ନାହିଁ । ଏହା ମଧ୍ୟରେ ଏକ ବର୍ଷ ବିତି ଯାଇଛି । ଛେଳିଗୁଡ଼ିକ ବଡ଼ ହୋଇଯିବାରୁ ଧ୍ରୁବ ପାଂଚଟି ଅଣ୍ଡିରା ଛେଳି ବିକ୍ରୟକରି ୫୦୦ ଟଂକା ପାଇଛି । ତଥାପି ବର୍ତ୍ତମାନ ତାର ୯ଟି ମାଈ ଛେଳି, ଦୁଇଟି ଛୁଆ ଓ ତିନୋଟି ଅଣ୍ଡିରା ଛେଳି ଅଛନ୍ତି । ଏହି ଟଂକାରୁ ଧ୍ରୁବ ତାହାର ଋଣ ବାବଦକୁ, ମୂଳପାଇଁ ୧୩୧ ଟଂକା ଓ ସୁଧ ପାଇଁ ୧୩୦ ଟଂକା ସମୁଦାୟ ୨୬୧ ଟଂକା ଶୁଝି ସାରିଲାଣି । ୨୩-୪-୮୫ ସୁଦ୍ଧା ତାର ଆଉ ୧,୦୬୯ ଟଂକା ମୂଳ ବାବଦକୁ ଶୁଝିବାକୁ ଥିଲା । ଅବଶିଷ୍ଟ ପଇସାରେ ସେ କିଛି ଧାନ ବର୍ଷକ ପାଇଁ କିଣି ରଖିଛି ।

ଶ୍ରୀ ପ୍ରଧାନ କହନ୍ତି ଉକ୍ତ ଯୋଜନା ଦ୍ୱାରା ତାଂକର ଅର୍ଥନୈତିକ ମାନଦଣ୍ଡର ଉନ୍ନତି ଘଟିଛି ଓ ଆସନ୍ତା ବର୍ଷ ସୁଦ୍ଧା ସେ ନିଶ୍ଚିତ ସମୁଦାୟ ଋଣ ପରିଶୋଧ କରି ପାରିବେ ତଥା ଏହି ଛେଳିଂକ ଦ୍ୱାରା ସେ ତାଂକର ଅନ୍ୟାନ୍ୟ ସ୍ୱପ୍ନକୁ ସତ୍ୟରେ ପରିଣତ କରିପାରିବ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଅନୁଗୁଳ ।

---

## ଆଦିବାସୀ ଉନ୍ନତିରେ ପ୍ରକଳ୍ପର ସାଫଲ୍ୟ

ଶ୍ରୀ ଯଶୋବନ୍ତ ସିଂ ବାରିକ

ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ଅଭିକରଣଟି ସରକାରୀ ନଥିଭୁକ୍ତ (ରେଜିଷ୍ଟ୍ରି) ହୋଇ ୧୯୭୯ ରୁ କାର୍ଯ୍ୟ କରୁଅଛି । ଆଦିବାସୀ ଓ ହରିଜନ ଶ୍ରେଣୀଙ୍କ ଆର୍ଥିକ ଥଇଥାନ ପାଇଁ ବ୍ୟାପକ ଦୀର୍ଘମିଆଦୀ ଉପଯୋଜନା ମାଧ୍ୟମରେ ଏହି ପଦକ୍ଷେପ ନିଆଯାଇଛି ।

୩୩,୧୦୩ ବର୍ଗ କିଲୋମିଟର ବ୍ୟାପ୍ତ କ୍ଷେତ୍ର ତଥା ୪ ଗୋଟି ପଞ୍ଚାୟତ ସମିତିକୁ ନେଇ ଏହାର କାର୍ଯ୍ୟ । ଏଥିରେ ୧୧୬୯ଟି ରାଜସ୍ୱ ଗ୍ରାମ ଓ ୨୦୭ଟି କ୍ଷୁଦ୍ର ପଲ୍ଲୀ (ହାମଲେଟ୍) ରହିଅଛି । ୧୯୮୧ ମସିହା ଜନଗଣନାନୁଯାୟୀ ୨୯୮,୫୩୪ ଜନସଂଖ୍ୟା ମଧ୍ୟରୁ ୧୭୮,୪୫୭ ଆଦିବାସୀ ଓ ୩୭,୨୫୦ ହରିଜନ ଶ୍ରେଣୀ ଅର୍ଥାତ୍ ମୋଟ ଜନସଂଖ୍ୟାର ଶତକଡ଼ା ୫୯.୮ ଆଦିବାସୀ ଓ ୧୨.୫ ହରିଜନ ।

ଏହି ସଂସ୍ଥାରେ କୋରାପୁଟ ଜିଲାପାଳ ସଭାପତି ଓ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଓ ଉପଖଣ୍ଡର ବିଧାୟକଗଣ ନିୟନ୍ତକ ମଣ୍ଡଳୀର ସଭ୍ୟ ରହିଛନ୍ତି । ପ୍ରତ୍ୟେକ ତ୍ରୈମାସିକ ସଭାରେ ବିଭିନ୍ନ କାର୍ଯ୍ୟକ୍ରମର ନିଷ୍ପତ୍ତି, ପରିକଳ୍ପନା ଓ ବ୍ୟୟ ମଞ୍ଜୁରୀ କରାଯାଇଥାଏ । ଏହି ସଂସ୍ଥା ମୁଖ୍ୟତଃ ଦୁଇଟି ଭୂମିକା ଗ୍ରହଣ କରି କାର୍ଯ୍ୟକରୁଛି—(୧) ପରିବାର ଉପକୃତ କାର୍ଯ୍ୟକ୍ରମ ଓ (୨) ଅଧଃ ସଂସ୍ଥାନ କାର୍ଯ୍ୟକ୍ରମ ।

ପ୍ରଥମ କର୍ମସୂଚୀରେ ପରିବାରକୁ ବିଭିନ୍ନ ଯୋଜନାରେ ଅର୍ଥଲଗାଣ ଅନୁଷ୍ଠାନ ଜରିଆରେ ଋଣ ଦିଆଯାଇ ସରକାର ସାହାଯ୍ୟ (ସବ୍‌ସିଡ୍) ଦିଆଯାଇଥାଏ, ଯଦ୍ୱାରା ପରିବାରଟିର ଆର୍ଥିକ ମାନଦଣ୍ଡ ବୃଦ୍ଧିପାଇବ । କିନ୍ତୁ ଅଧଃସଂସ୍ଥାନ କାର୍ଯ୍ୟକ୍ରମରେ ସରକାରୀ ଅର୍ଥରୁ ସମସ୍ତ ବ୍ୟୟ ଭରଣା କରାଯାଏ ।

ବିଗତ ୧୯୮୦-୮୧ ରୁ ୧୯୮୪-୮୫ ସୁଦ୍ଧା ଅର୍ଥାତ୍ ଷଷ୍ଠ ଯୋଜନା ସମୟରେ ବିଭିନ୍ନ ଆୟପନ୍ଥାନୁଯାୟୀ ୬,୦୭୦ ଆଦିବାସୀ, ୭୫୬ ହରିଜନ ଓ ୩୫୬ ଅନ୍ୟାନ୍ୟ ମୋଟ ୭,୧୮୨ଟି ପରିବାର ଉପକୃତ ହୋଇ ପାରିଛନ୍ତି ଏବଂ ଟ୨୪,୩୮,୬୯୨ ସରକାରୀ ଅର୍ଥ ସାହାଯ୍ୟ (ସବ୍‌ସିଡ୍) ବ୍ୟୟିତ ହୋଇଛି ।

ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟୟିତ ଅର୍ଥ ଓ ଉପକୃତ ହୋଇଥିବା ପରିବାରଙ୍କ ବିବରଣୀ ନିମ୍ନରେ ଦର୍ଶାଇ ଦିଆଗଲା ।

| କ୍ର. ସଂ. | କାର୍ଯ୍ୟକ୍ରମ | | ବ୍ୟୟିତ ସରକାରୀ ସାହାଯ୍ୟ (ସବ୍‌ସିଡ) | ଆଦିବାସୀ | ହରିଜନ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|
| (୧) | (୨) | | (୩) | (୪) | (୫) | (୬) | (୭) |
| ୧ | ଗୃହବାଡ଼ିରେ ବୃକ୍ଷରୋପଣ | .. | ଟ୩୬,୧୧୨'୦୦ | ୧,୭୩୫ | ୪୯ | ୪୭ | ୧,୮୩୧ |
| ୨ | ମିଶ୍ରିତ ବଗିଚ୍ଛ | .. | ଟ୧,୪୪,୩୫୨'୧୬ | ୯୧୦ | .. | ୨ | ୯୧୨ |
| ୩ | ଫସଲ ପ୍ରଦର୍ଶନୀ | .. | ଟ୧,୪୩,୦୦୦'୦୦ | ୪୪୨ | .. | ୧୨ | ୪୫୪ |
| ୪ | ପନିପରିବା ପ୍ରଦର୍ଶନୀ | .. | ଟ୧,୫୦,୦୦୦'୦୦ | ୩୦୦ | .. | .. | ୩୦୦ |
| ୫ | ଅନୁପାଦକ ସାହାଯ୍ୟ | .. | ଟ୧,୩୬,୮୦୦'୭୦ | ୯୨୦ | ୩୫ | ୨୨୭ | ୧,୧୮୨ |
| ୬ | ଖୋଲା କୂପ ଓ ପମ୍ପ୍ ସେଟ | .. | ଟ୩,୧୧,୪୩୧'୩୫ | ୨୬୨ | ୮୯ | ୩୯ | ୩୯୦ |
| ୭ | ଚାଷ ବଳଦ | .. | ଟ୪,୧୪,୫୦୩'୨୫ | ୬୩୩ | ୮୪ | ୧୧ | ୭୨୮ |
| ୮ | ହଳ ଶଗଡ଼ | .. | ଟ୨୪,୩୯୬'୩୦ | ୧୭ | ୮ | .. | ୨୫ |
| ୯ | ଛେଳି-ମେଣ୍ଢା ପାଳନ | .. | ଟ୧,୫୩,୬୭୦'୫୦ | ୩୮୫ | ୫୭ | ୧୪ | ୪୫୬ |
| ୧୦ | ଦୁଧିଆଳୀ ଗାଈ ମଇଁଷି | .. | ଟ୨,୫୭,୬୨୬'୪୯ | ୧୯୩ | ୩୩ | .. | ୨୨୬ |
| ୧୧ | କୁକୁଡ଼ା ପାଳନ | .. | ଟ୨୨୪'୦୦ | .. | ୧ | .. | ୧ |
| ୧୨ | ମାଛ ଚାଷ | .. | ଟ୨୧,୫୦୦'୦୦ | ୬ | .. | ୩ | ୯ |
| ୧୩ | ଛୋଟ ବ୍ୟବସାୟ | .. | ଟ୧,୮୬,୩୨୮'୯୪ | ୧୨ | ୩୧୭ | .. | ୩୨୯ |
| ୧୪ | ପଲ୍ଲୀ ଶିଳ୍ପ (କାଠ, କୁମ୍ଭାର, ଲୁହା) | | ଟ୧୮,୩୪୨'୩୨ | .. | ୩୪ | ୧ | ୩୫ |
| ୧୫ | ସାଇକେଲ ରିକ୍ସା | .. | ଟ୩୫,୬୪୪'୨୪ | ୯ | ୫୦ | .. | ୫୯ |
| ୧୬ | ଅନ୍ୟ ବଣ କାଠ ଓ ଫଳବୃକ୍ଷ ରୋପଣ | | ଟ୪,୦୪,୩୬୦'୦୦ | ୨୪୫ | .. | .. | ୨୪୫ |
| | ମୋଟ | .. | ଟ୨୪,୩୮,୬୯୨'୨୫ | ୬,୦୭୦ | ୭୫୬ | ୩୫୬ | ୭,୧୮୨ |

## ଅଧଃ ସଂସ୍ଥାନ କାର୍ଯ୍ୟକ୍ରମରେ ଗତ ଷଷ୍ଠ ଯୋଜନାରେ ବ୍ୟୟିତ ଅର୍ଥ

| କ୍ର. ସଂ. | କାର୍ଯ୍ୟକ୍ରମ | | ବ୍ୟୟିତ ଅର୍ଥ | ସଂପର୍ଣ୍ଣ ପ୍ରକଳ୍ପ | ଅଗ୍ରଗତି |
|---|---|---|---|---|---|
| (୧) | (୨) | | (୩) | (୪) | (୫) |
| ୧ | ପଲ୍ଲୀ ରାସ୍ତା ନିର୍ମାଣରେ ଗୋଷ୍ଠୀ ଉନ୍ନୟନ | .. | ଟ୧୪,୪୯,୪୬୩·୬୭ | ୨୮ | ୧ |
| ୨ | ସ୍କୁଲ ଗୃହ ନିର୍ମାଣ | .. | ଟ୨୦,୦୦୦·୦୦ | ୧ | .. |
| ୩ | ଛତ୍ରାବାସ ନିର୍ମାଣ | .. | ଟ୧,୪୦,୦୦୦·୦୦ | ୨ | .. |
| ୪ | ଅତିରିକ୍ତ ଶ୍ରେଣୀ ଗୃହ | .. | ଟ୭୫,୦୦୦·୦୦ | ୩ | .. |
| ୫ | ନିମ୍ନ ମୂଲ୍ୟ ଛାତ୍ରାବାସ ନିର୍ମାଣ | .. | ଟ୬,୬୧,୫୨୬·୦୦ | .. | ୪୬ |
| ୬ | କ୍ଷୁଦ୍ରଜଳସେଚନ | .. | ଟ୭,୯୫,୪୪୨·୮୫ | ୧୩ | ୩ |
| ୭ | ପିଇବା ପାଣି କୂପ | .. | ଟ୯୨,୮୫୬·୦୦ | ୧୯ | ୧ |
| ୮ | ନଳକୂପ | .. | ଟ ୪,୦୭,୨୦୦·୦୦ | ୨୦ | ୧ |
| ୯ | ପଲ୍ଲୀ ଜଳଯୋଗାଣ | .. | ଟ୮୫,୦୦୦·୦୦ | ୧ | .. |
| ୧୦ | ସାମାଜିକ ବନୀକରଣ | .. | ଟ୮୫,୫୦୦·୦୦ | ୫୦ ହେ | .. |
| ୧୧ | ପଶୁ ଚିକିତ୍ସାଳୟକୁ ଔଷଧ | .. | ଟ୨୦,୦୦୦·୦୦ | ୬ ଟି ଚିକିତ୍ସାଳୟ | .. |
| ୧୨ | ଆଦିବାସୀ ଗ୍ରାମ ବିଦ୍ୟୁତକରଣ | .. | ଟ୩୦,୦୦୦·୦୦ | ୨ ଟି | .. |
| ୧୩ | ମୌଳିକ ଆବଶ୍ୟକତା ଦାନ | .. | ଟ୧,୮୧,୦୮୧·୦୦ | ୬ ଟି ସାହି (ରାୟଗଡ଼ା ପୌରାଞ୍ଚଳ) | .. |
| ୧୪ | ବେତ ଓ ବାଉଁଶ କାମ ତାଲିମ | .. | ଟ୩୦,୦୦୦ ୦୦ | ୨୦ ଜଣ | .. |
| ୧୫ | ସିଲେଇ ତାଲିମ | .. | ଟ୧୦,୨୦୦·୦୦ | ୧୦ ମହିଳା | .. |
| ୧୬ | ଯୁବ ମେଳା | .. | ଟ୯.୦୦୦·୦୦ | ୨ ଟି | .. |
| ୧୭ | ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ | .. | ଟ୪୧,୮୨୮·୮୦ | ୩ଟି ପ୍ରଦର୍ଶନୀ ଓ ୨ ଟି ସାଂସ୍କୃତିକ କାର୍ଯ୍ୟକ୍ରମ | .. |
| ୧୮ | ଜୈବିକ ଗ୍ୟାସ ସଂଯନ୍ତ୍ର | .. | ଟ୧୬,୯୦୧·୦୦ | ୨ | ୧ |
| ୧୯ | ବହୁମୁଖୀ ତାଲିମ କେନ୍ଦ୍ର ନିର୍ମାଣ | .. | ଟ୫୩,୦୦୦·୦୦ | ୨ | ୧ |
| ୨୦ | ହରିଜନ ଓ ଆଦିବାସୀ ବିଦ୍ୟାଳୟକୁ ଉପକରଣ ପ୍ରଦାନ | | ଟ୮୪,୪୩୧·୦୦ | ୯ ଟି ବିଦ୍ୟାଳୟ | .. |
| | ମୋଟ | .. | ଟ୪୧,୮୮,୬୩୦·୩୨ପ | .. | .. |

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ରାୟଗଡ଼ା ।

# ଜାଣି ରଖନ୍ତୁ

ଆମ ରାଜ୍ୟରେ ମ୍ୟାଲେରିଆ ବହୁ ଚେଷ୍ଟାରେ ନିୟନ୍ତ୍ରିତ ହୋଇଥିଲା । ମାତ୍ର ଏବେ ପୁଣି ଏହାର ପ୍ରକୋପ ସ୍ଥାନେ ସ୍ଥାନେ ଦେଖାଗଲାଣି । ଏବେଠାରୁ ସାବଧାନ ନ ହେଲେ, ଏହା ପୁଣି ବ୍ୟାପି ଯାଇପାରେ । ବୟସ୍କ ଲୋକମାନଙ୍କ ପକ୍ଷେ ଏହି ରୋଗ ଯେତିକି ସାଂଘାତିକ ଶିଶୁ ଓ ଅଳ୍ପ ବୟସ ପିଲାଙ୍କ ପକ୍ଷେ ତା' ଅପେକ୍ଷା ଅଧିକ ସାଂଘାତିକ । ଏହାଦ୍ୱାରା ପିଲାମାନେ ଯେ କେବଳ ରୁଗ୍ଣ ହୋଇ ଦୁର୍ବଳ ହୁଅନ୍ତି, ତାହା ନୁହେଁ । ଅନେକ କ୍ଷେତ୍ରରେ ମୃତ୍ୟୁମୁଖରେ ପଡ଼ନ୍ତି ।. ଡି. ଡି. ଟି. ସିଞ୍ଚିବା ଫଳରେ ଏହି ରୋଗର ନିୟନ୍ତ୍ରଣ ସମ୍ଭବ ହୁଏ ।

ଅନେକଙ୍କର ଧାରଣା ଯେ, ଡି. ଡି. ଟି. ସିଞ୍ଚିବା ଦ୍ୱାରା ମଶା ମରି ଯାଆନ୍ତି । ଏହା ଠିକ୍ ନୁହେଁ । ଏହି ସିଞ୍ଚନର ମୁଖ୍ୟ ଉଦ୍ଦେଶ୍ୟ ହେଲା—ମଶା ରୋଗୀ ଦେହରୁ ରକ୍ତ ସହ ଶୋଷିଥିବା ରୋଗ ଜୀବାଣୁ ଡି. ଡି. ଟି. ସଂସ୍ପର୍ଶରେ ଆସିଲେ ରୋଗ ସଂକ୍ରମଣ କରିବା ଶକ୍ତି ହରାଏ ।

ବ୍ୟକ୍ତିଗତ ପ୍ରଚେଷ୍ଟାରେ ମ୍ୟାଲେରିଆ ନିୟନ୍ତ୍ରଣ କଷ୍ଟସାଧ୍ୟ ଓ ବ୍ୟୟସାପେକ୍ଷ ହୋଇଥିବାରୁ ସରକାର ଏହାର ବ୍ୟୟ ଭାର ବହନ କରି ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଆସୁଛନ୍ତି । ଯେଉଁ ଅଞ୍ଚଳରେ ପ୍ରତି ବର୍ଷ ଡି. ଡି. ଟି. ସିଞ୍ଚା ଯାଉଛି, ବୁଝିବାକୁ ହେବ ଯେ ସେହି ଅଞ୍ଚଳରେ ମ୍ୟାଲେରିଆର ପ୍ରାଦୁର୍ଭାବ ରହିଛି । କେବଳ ଶୋଇବା ଘରେ ବା ଗୁହାଳରେ ଡି. ଡି. ଟି. ସିଞ୍ଚିଲେ ସିଞ୍ଚନର ସୁଫଳ ମିଳିବ ନାହିଁ । ଗ୍ରାମରେ ଥିବା ପ୍ରତ୍ୟେକ ପରିବାରର ପ୍ରତି କୋଠରୀରେ ଯେପରି ଡି. ଡି. ଟି. ସମ୍ପୂର୍ଣ୍ଣ ଭାବରେ ପଡ଼େ, ସେଥିପାଇଁ ପରିବାରର ଲୋକେ ସହଯୋଗ କରିବା ଉଚିତ୍ । ଡି. ଡି. ଟି. ସିଞ୍ଚିବା ପରେ କାନ୍ଥକୁ ଲିପି ଦେଲେ ଡି. ଡି. ଟି. ସିଞ୍ଚିବାର ଉଦ୍ଦେଶ୍ୟ ବିଫଳ ହୁଏ ଓ ମ୍ୟାଲେରିଆର ପ୍ରତିରୋଧ ସମ୍ଭବ ହୁଏ ନାହିଁ ।

ମଶା ଦାଉରୁ ରକ୍ଷା ପାଇବା ପାଇଁ ଆମେ ସମସ୍ତେ ବ୍ୟାକୁଳ । ଏହାର ସମାଧାନ ଜନସାଧାରଣଙ୍କ ହାତରେ । ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜ୍ଜନା ପକାଇବା ବା ପିଲାଙ୍କୁ ଝାଡ଼ା ବସାଇବା ଦ୍ୱାରା ପାଣି ବୋହିଯିବାରେ ବାଧା ସୃଷ୍ଟି ହୁଏ ଓ ଜମି ରହିବା ପାଣିରେ ମଶା ଡିମ୍ବ ଦେଇ ବଂଶ ବୃଦ୍ଧି କରିବାକୁ ସୁଯୋଗ ପାଏ । ସେହିପରି ଘରର ଚତୁର୍ପାର୍ଶ୍ୱ ସଫା ନ ରଖିଲେ କିମ୍ବା ଘର ପାଖରେ ଖାଲ, ଭଙ୍ଗା ହାଣ୍ଡି, ମାଠିଆ, ସଢ଼େଇ ଇତ୍ୟାଦି ପଡ଼ି ରହିଲେ ସେଥିରେ ପାଣି ଜମି ରହି ମଶା ବଂଶ ବୃଦ୍ଧିରେ ସାହାଯ୍ୟ କରେ । ତେଣୁ ସମସ୍ତେ ସଜାଗ ରହି ମଶା ବଂଶ ଲୋପ କରିବା ଦିଗରେ ସରକାର ନେଉଥିବା ପଦକ୍ଷେପ ସହିତ ସହଯୋଗ କରିବା ଉଚିତ୍ । ତା' ନ ହେଲେ ମ୍ୟାଲେରିଆର ପ୍ରତିରୋଧ ସମ୍ଭବ ହେବ ନାହିଁ । ପରିବେଷ୍ଟନୀର ପରିଚ୍ଛନ୍ନତା ଉପରେ ମଶା ବଂଶ ବୃଦ୍ଧିର ପ୍ରତିରୋଧ ସମ୍ଭବ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ମଶା ବିରୁଦ୍ଧରେ ଅଭିଯାନ କରିବା ।

## ମନେ ରଖନ୍ତୁ

* ମ୍ୟାଲେରିଆର ପ୍ରତିରୋଧ ପାଇଁ ଗୃହର ସର୍ବତ୍ର ଡି. ଡି. ଟି. ସିଞ୍ଚିବା ଉଚିତ୍ ।

* ମ୍ୟାଲେରିଆ ଜ୍ୱର ଶିଶୁମାନଙ୍କ ଜୀବନ ହାନିର କାରଣ ହୋଇପାରେ ।

* ଡି. ଡି. ଟି. ସିଞ୍ଚା ଯାଇଥିବା କାନ୍ଥକୁ ଲିପିଲେ ସିଞ୍ଚନର ସୁଫଳ ମିଳେ ନାହିଁ ।

* ଜ୍ୱର ହେବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ମାଗଣାରେ ବଟିକା ନେଇ ଖାଆନ୍ତୁ ଓ ପରୀକ୍ଷା ପାଇଁ ରକ୍ତ ଦିଅନ୍ତୁ ।

**ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ସଂସ୍ଥା, ଓଡ଼ିଶା**

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ—ଚଇତ୍ର ୧୨୦

# ପ୍ରଗତି ପ୍ରସଙ୍ଗ

## କୋରାପୁଟର ପୋଡ଼ୁଚଷୀଙ୍କ ପୁନର୍ବସତି

କୋରାପୁଟ ଜିଲା 'ପୋଡ଼ୁଚଷୀ ପୁନର୍ବସତି' ଯୋଜନା ଅନୁଯାୟୀ ପୋଡ଼ାଗଡ଼ ଜଳଛାୟା ଅଞ୍ଚଳ ଅନ୍ତର୍ଗତ ୧୦ଟି ଗ୍ରାମ ଓ ନନ୍ଦପୁର ଅଞ୍ଚଳର ୧୨ଟି ଗ୍ରାମର ପୋଡୁ ବିଧ୍ୱସ୍ତ ଅଞ୍ଚଳର ପୋଡୁଚଷୀଙ୍କ ଅନ୍ୟ ଜମିକୁ ଅଧିକ ଉତ୍ପାଦନକ୍ଷମ କରାଯାଇ ସଅଳ ଅମଳକ୍ଷମ ଫଳଗଛ, ଯଥା—କଦଳୀ, ସପୁରୀ, ଆମ୍ବ, ଜାକୁ, ମର୍ଗା ଓ କଫି ଇତ୍ୟାଦି ଅର୍ଥକରୀ ଫସଲ ଚାଷ କରାଯାଇ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ୬୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେଥିମଧ୍ୟରୁ ୪ ଲକ୍ଷ ୪୩ ହଜାର ୬୦୭ ଟଙ୍କା ପୋଡ଼ାଗଡ଼ ଅଞ୍ଚଳରେ ଖର୍ଚ୍ଚ କରାଗଲାଣି ଏବଂ ୧ ଲକ୍ଷ ୬୫ ହଜାର ଟଙ୍କା ନନ୍ଦପୁର ଅଞ୍ଚଳରେ ବ୍ୟୟ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ।

---

## କଟକ ସଘନ ଗୋ-ଉନ୍ନୟନ ଯୋଜନାର ଅଗ୍ରଗତି

ଚଳିତବର୍ଷ ସେପ୍ଟେମ୍ବର ମାସ ମଧ୍ୟରେ କଟକ ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ୧୨୭୯ଟି ଗାଈର କୃତ୍ରିମ ପ୍ରଜନନ କରାଯାଇଛି । ପୂର୍ବରୁ ପ୍ରଜନନ ହୋଇଥିବା ଗାଈଙ୍କଠାରୁ ୪୦୫ଟି ଉନ୍ନତ ଅଣ୍ଡିରା ବାଛୁରୀ ଓ ୪୫୫ଟି ଉନ୍ନତ ମାଈ ବାଛୁରୀ ଜନ୍ମଇଛନ୍ତି । ଏହି ସମୟ ମଧ୍ୟରେ ୧୬୧୧ଟି ଅଣ୍ଡିରା ବାଛୁରୀଙ୍କର ଧରାଣ କରାଯିବା ସଙ୍ଗେ ସଙ୍ଗେ ୨୨,୧୨୯ଟି ଗୋରୁଗାଈଙ୍କୁ ସାଧାରଣ ରୋଗର ଚିକିତ୍ସା କରାଯାଇଛି ଓ ୮୨୩୨ଟି ପଶୁପକ୍ଷୀଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି ।

---

## କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

୧୯୮୬ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟା ୬.୩୦ ମିନିଟ ସମୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରାଥମିକ ଓ ମାଧ୍ୟମିକ ସ୍ତରର ୩୬ ଜଣ କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ୧୯୮୫-୮୬ ମସିହା ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରିଥିଲେ । କୃତିତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ସଂପାଦନ କରିଥିବା ଯୋଗ୍ୟତା ସଂପନ୍ନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସ୍ୱୀକୃତି ଜଣାଇବା ସଙ୍ଗେ ସଙ୍ଗେ ବୃତ୍ତିରମାନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଏପରି ଏକ ଯୋଜନା ପ୍ରଚଳନ କରିଛନ୍ତି । କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହିତ ୬୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା । ଏଥିପାଇଁ ମନୋନୀତ ହୋଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନାମ ଓ ଠିକଣା ନିମ୍ନରେ ପ୍ରଦତ୍ତ ହେଲା :—

ବାଲେଶ୍ୱର ଜିଲ୍ଲା—ପ୍ରାଥମିକ—(୧) ଶ୍ରୀ ସୁରେନ୍ଦ୍ରନାଥ ରାଉତ, ହେଡ୍ ପଣ୍ଡିତ, ଗୁଡ଼ିପୁର ୟୁ. ପି. ସ୍କୁଲ, (୨) ଶ୍ରୀ ଯଶୋବନ୍ତ ନନ୍ଦ, ହେଡ୍ ପଣ୍ଡିତ, ବରଗଡ଼ ଏଲ୍. ପି. ସ୍କୁଲ, ମାଧ୍ୟମିକ—(୧) ଶ୍ରୀ ପୀତାମ୍ବର ପ୍ରଧାନ, ହେଡ୍‌ମାଷ୍ଟର, ନୂଆପାଢ଼ୀ ଏମ୍. ଇ. ସ୍କୁଲ, ବାଲେଶ୍ୱର, (୨) ଶ୍ରୀ ଚକ୍ରଧର ରାଉତ, ହେଡ୍‌ମାଷ୍ଟର, ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ହା. ଇ. ସ୍କୁଲ, ନାରାୟଣପୁର ।

ବଲାଙ୍ଗୀର ଜିଲ୍ଲା—ପ୍ରଥମିକ—(୧) ଶ୍ରୀ ବସନ୍ତ କୁମାର ସେଠୀ, ହେଡ୍‌ପଣ୍ଡିତ, ଡାଳକ ୟୁ. ପି. ସ୍କୁଲ, ୧ ନମ୍ବର, ପାଟଣାଗଡ଼ ମାଧ୍ୟମିକ—(୧) ଶ୍ରୀ ଗଣେଶ୍ୱର ମହାନ୍ତି, ସହକାରୀ ଶିକ୍ଷକ ସରକାରୀ ଡାକକ ଏମ୍. ଇ. ସ୍କୁଲ, ବଲାଙ୍ଗୀର ।

କଟକ ଜିଲ୍ଲା—ପ୍ରାଥମିକ—(୧) ଶ୍ରୀ ବଟକୃଷ୍ଣ ଓଝା, ହେଡ ପଣ୍ଡିତ, ଦେଉଳୀ ୟୁ. ପି. ସ୍କୁଲ, ଯାଜପୁର, (୨) ଶ୍ରୀ ଆନନ୍ଦ ଚ ପ୍ରଧାନ, ହେଡ୍‌ପଣ୍ଡିତ, ପାଇସାହି ୟୁ.ପି. ସ୍କୁଲ, (୩) ଶ୍ରୀ ଅନା ବନ୍ଧୁ ମହାନ୍ତି, ହେଡ୍‌ପଣ୍ଡିତ, ଯୋବ୍ରା ୟୁ. ପି. ସ୍କୁଲ, କଟକ, ମାଧ୍ୟମି

(୧) ଶ୍ରୀ ବ୍ରଜସୁନ୍ଦର ଦାସ, ସହକାରୀ ଶିକ୍ଷକ, ମାଧ୍ୟମିକ ବୋର୍ଡ ହା. ଇ. ସ୍କୁଲ, (୨) ଶ୍ରୀକୃଷ୍ଣମୋହନ ନନ୍ଦୀ, ହେଡ୍‌ମାଷ୍ଟର, ନୂଆବଜାର ହା. ଇ. ସ୍କୁଲ, କଟକ, (୩) ଶ୍ରୀ କାଳୀପ୍ରସନ୍ନ ପରିଡା, ସହକାରୀ ଶିକ୍ଷକ, ଶାରଦା ଏକାଡ଼େମୀ, କନକପୁର ।

ଢେଙ୍କାନାଳ ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ବ୍ରଜ କିଶୋର ହୋତା, ହେଡ୍‌ପଣ୍ଡିତ, କର୍ଣ୍ଣ ୟୁ. ପି. ସ୍କୁଲ, ଢେଙ୍କାନାଳ, ମାଧ୍ୟମିକ–(୧) ଶ୍ରୀମତୀ ସାନ୍ତ୍ୱନା ମିଶ୍ର, ସହକାରୀ ଶିକ୍ଷୟିତ୍ରୀ, ସରକାରୀ ବାଳିକା ହା. ଇ. ସ୍କୁଲ, ଢେଙ୍କାନାଳ, (୨) ଶ୍ରୀ ଉଦିନାରାୟଣ ଲେଙ୍କା, ସହକାରୀ ଶିକ୍ଷକ, ବି. ବି. ହା. ଇ. ସ୍କୁଲ, ଢେଙ୍କାନାଳ ।

ଗଞ୍ଜାମ ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ଅଚ୍ୟୁତାନନ୍ଦ ମିଶ୍ର, ହେଡ୍ ପଣ୍ଡିତ, ହାଟନଗର ୟୁ.ପି. ସ୍କୁଲ, (୨) ଶ୍ରୀମତୀ ବିଷ୍ଣୁପ୍ରିୟା ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ, ପୂର୍ବତନ ବୋର୍ଡ ବାଳିକା ୟୁ. ପି. ସ୍କୁଲ, କୁକୁଡ଼ାଖଣ୍ଡି, ମାଧ୍ୟମିକ–(୧) ଶ୍ରୀ ଗୋବିନ୍ଦ ମହାପାତ୍ର, ସହକାରୀ ଶିକ୍ଷକ, ଲୁଥରନ୍ ମିଶନ ହାଇସ୍କୁଲ, ଛତ୍ରପୁର, (୨) ଶ୍ରୀମତୀ ପଦ୍ମିନୀ ପଟ୍ଟନାୟକ, ସହକାରୀ ଶିକ୍ଷୟିତ୍ରୀ, ସେକେଣ୍ଡାରୀ ପ୍ରଶିକ୍ଷଣ ସ୍କୁଲ, ବ୍ରହ୍ମପୁର ।

କଳାହାଣ୍ଡି ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ଜଗଦୀଶ ଚନ୍ଦ୍ର ମୁଣ୍ଡ, ହେଡ୍‌ପଣ୍ଡିତ, ନାୟକପଡ଼ା ୟୁ. ପି. ସ୍କୁଲ, ପୋଲମୁଣ୍ଡା ।

କେନ୍ଦୁଝର ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ଇନ୍ଦ୍ରମଣି ପ୍ରଧାନ, ହେଡ୍‌ପଣ୍ଡିତ, ଗୁଣ୍ଡୁନିଆଁ ୟୁ. ପି. ସ୍କୁଲ, କରଞ୍ଜିଆ, ମାଧ୍ୟମିକ–(୧) ଶ୍ରୀ ଗୋବର୍ଦ୍ଧନ ଜେନା, ହେଡ୍‌ମାଷ୍ଟର, ହାଟଡ଼ିହି ହାଇସ୍କୁଲ ।

କୋରାପୁଟ ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ବି. ନାଗଭୂଷଣ ରାଓ ପଟ୍ଟନାୟକ, ହେଡ୍‌ପଣ୍ଡିତ, ମାଟିଆ ସାହି ୟୁ. ପି. ସ୍କୁଲ, ମାଧ୍ୟମିକ–(୧) ଶ୍ରୀ ଏମ. ସୁବାରାଓ, ହେଡ୍‌ମାଷ୍ଟର, ଗୋପବନ୍ଧୁ ମ୍ୟୁନିସିପାଲ ହାଇସ୍କୁଲ, ରାୟଗଡ଼ା ।

ମୟୂରଭଞ୍ଜ ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ବଳରାମ ବେହେରା, ହେଡ୍‌ପଣ୍ଡିତ, ବାଲିମୁଣ୍ଡଳୀ ୟୁ. ପି. ସ୍କୁଲ, ମାଧ୍ୟମିକ–(୧) ଶ୍ରୀ ଦିବାକର ମହାନ୍ତି, ସହକାରୀ ଶିକ୍ଷକ, ବହଳଦା ହାଇସ୍କୁଲ, ମୟୂରଭଞ୍ଜ ।

ପୁରୀଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ଭୀମସେନ ପ୍ରଧାନ, ହେଡ୍‌ପଣ୍ଡିତ, କାଣ୍ଡଗୋଡ଼ା ୟୁ. ପି. ସ୍କୁଲ, ବାସୁଦେବପୁର, (୨) ଶ୍ରୀ ଯୋଗୀନାଥ ପାଇକରାୟ, ହେଡ୍‌ପଣ୍ଡିତ, ଟାଙ୍ଗୀ ୟୁ. ପି. ସ୍କୁଲ, ମାଧ୍ୟମିକ—(୧) ଶ୍ରୀ ଶତ୍ରୁଘ୍ନ ରଥ, ସହକାରୀ ଶିକ୍ଷକ, ସରକାରୀ ବାଳକ ହାଇସ୍କୁଲ, ୧ ନମ୍ବର ୟୁନିଟ, ଭୁବନେଶ୍ୱର, (୨) ଶ୍ରୀ ହରିବନ୍ଧୁ ସାହୁ, ହେଡ୍‌ମାଷ୍ଟର, ସରକାରୀ ଏମ୍. ଇ. ସ୍କୁଲ, ଗୋପାଳପୁର, (୩) ଶ୍ରୀମତୀ ସୁପ୍ରଭା ରାୟ, ସହକାରୀ ଶିକ୍ଷୟିତ୍ରୀ, ସରକାରୀ ବାଳିକା ହାଇସ୍କୁଲ, ୬ ନମ୍ବର ୟୁନିଟ୍, ଭୁବନେଶ୍ୱର ।

ଫୁଲବାଣୀ ଜିଲ୍ଲା–ପ୍ରାଥମିକ–(୧) ଶ୍ରୀ ବୈକୁଣ୍ଠ ନାଥ ମିଶ୍ର, ହେଡ୍‌ପଣ୍ଡିତ, ନାରାୟଣ ପ୍ରସାଦ ଦେବ ୟୁ. ପି. ସ୍କୁଲ ।

ସମ୍ବଲପୁର ଜିଲ୍ଲା–ପ୍ରାଥମିକ–(୧)–ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ହେଡ୍‌ପଣ୍ଡିତ, ଝାରବନ୍ଧ ୟୁ. ପି. ସ୍କୁଲ, ସମ୍ବଲପୁର, (୨) ଶ୍ରୀ ଭଜବାନନ୍ଦ ନନ୍ଦ, ହେଡ୍‌ପଣ୍ଡିତ, ମନ୍ଦାକିନୀ ବାଳିକା ୟୁ.ପି ସ୍କୁଲ, ଦେବଗଡ଼, ମାଧ୍ୟମିକ–(୧) ଶ୍ରୀ ଗଗନ କୁମାର ମହାନ୍ତି, ହେଡ୍‌ମାଷ୍ଟର, ଫୁଲମାଟି, ଏମ୍. ଇ. ସ୍କୁଲ, ବରିକେଲ, ସମ୍ବଲପୁର ।

ସୁନ୍ଦରଗଡ଼ ଜିଲ୍ଲା–ପ୍ରାଥମିକ–ଶ୍ରୀ ଶଙ୍କର ପ୍ରସାଦ ବୋଷ୍ଟ, ହେଡ୍‌ପଣ୍ଡିତ, ଅମଲପଡ଼ା ୟୁ. ପି. ସ୍କୁଲ, ବଣାଇଗଡ଼ ।

## ଚଳିତ ବର୍ଷ ୭,୫୧୯ଟି ବାସଗୃହ ନିର୍ମିତ

ଚଳିତ ଆର୍ଥିକ ବର୍ଷର ଗତ ଡ଼ିସେମ୍ବର ମାସ ସୁଦ୍ଧା ସରକାରୀ ଉଦ୍ୟମରେ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ୫,୦୩୪ ଟି ବାସଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସେଗୁଡ଼ିକ ମଧ୍ୟରେ ସମନ୍ୱିତ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ନିର୍ମିତ ହୋଇଥିବା ୪,୬୮୪ଟି ଗୃହ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ମଧ୍ୟମ ଆୟକାରୀ ଲୋକଙ୍କ ପାଇଁ ୭୩ଟି, ନିମ୍ନ ଆୟକାରୀଙ୍କ ପାଇଁ ୬୯ଟି, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ୨୦୦ଟି ଏବଂ ଭଡ଼ା ଦେବା ପାଇଁ ୮ଟି ଗୃହ ନିର୍ମିତ ହୋଇଛି । ଏହି ସବୁ ଗୃହନିର୍ମାଣ ବାବଦରେ ଚଳିତ ଆର୍ଥିକ ବର୍ଷ ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

ଏହା ବ୍ୟତୀତ ଚଳିତ ବର୍ଷ ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଉଦ୍ୟମରେ ଚୌଦ୍ୱାରଠାରେ ୧୪୫ଟି ଏବଂ ସ୍ଥାନୀୟ ଚନ୍ଦ୍ରଶେଖରପୁର ଠାରେ ୨,୦୪୦ଟି ଗୃହ ନିର୍ମାଣ କରାଯାଇଛି । ପ୍ରାୟ ୯ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହିସବୁ ଗୃହର ନିର୍ମାଣ ପାଇଁ 'ହୁଡ୍‌କୋ' ଆର୍ଥିକ ସହାୟତା କରିଥିଲେ । ସେହିପରି ସରକାରଙ୍କ ଆର୍ଥିକ ସହାୟତାରେ ଭୁମ୍ଭୁମାଠାରେ ୩୦୦ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏଗୁଡ଼ିକର ନିର୍ମାଣ ପାଇଁ ୫୨ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।

—

## ସଂଶୋଧିତ ଦରମାହାରରେ କେତେକ ଉଲ୍ଲେଖନୀୟ ପରିବର୍ତ୍ତନ

୧୯୮୫ ମସିହାର ନୂତନ ଦରମାହାର ଅନୁସାରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ଦରମା ନିର୍ଦ୍ଧାରଣ ପାଇଁ ଯେଉଁସବୁ ପଦ୍ଧତି ନିରୂପିତ ହୋଇଥିଲା, ସରକାର ସେଥିରେ କେତେକ କୋହଳ ପନ୍ଥା ଗ୍ରହଣ କରିଛନ୍ତି । ପ୍ରଚଳିତ (ପୁରାତନ) ଦରମାହାରରେ ଯେଉଁମାନଙ୍କର ମୋଟ୍ ଦରମା ନୂତନ ଦରମାର ସର୍ବନିମ୍ନ ପରିମାଣଠାରୁ କମ୍ ହୋଇଥିବ, ସେମାନଙ୍କ ଦରମା ନୂତନ ଦରମାର ସର୍ବନିମ୍ନ ପରିମାଣର ଠିକ୍ ଉପର ସ୍ତରରେ ଧାର୍ଯ୍ୟ କରାଯିବ । ନୂଆ ଦରମା ଅନୁଯାୟୀ ଯେଉଁମାନଙ୍କ ଦରମା ଧାର୍ଯ୍ୟ ହୋଇଥିବ, ସେମାନେ ତାଙ୍କର ପୁରୁଣା ଦରମାର ଶେଷ ଇନ୍‌କ୍ରିମେଣ୍ଟ ଯେବେ ପାଇଥିବେ, ତା'ର ବର୍ଷକ ପରେ ତାଙ୍କର ପରବର୍ତ୍ତୀ ଇନ୍‌କ୍ରିମେଣ୍ଟ ନୂଆ ଦରମା ହାରରେ ପାଇବେ ।

ସେହିପରି କର୍ମଚାରୀମାନଙ୍କର ପୂର୍ବ ନିର୍ଦ୍ଧାରିତ ସ୍ୱତନ୍ତ୍ର ଦରମା ଓ ଡେପୁଟେସନ୍ ଭତ୍ତାକୁ ବୃଦ୍ଧି କରାଯାଇଛି । ସାଂପ୍ରତିକ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ତୃତୀୟ ଓ ଚତୁର୍ଥ

ଶ୍ରେଣୀ ସରକାରୀ କର୍ମଚାରୀମାନେ ଏଣିକି ସେମାନଙ୍କ ଦରମାର ଶତକଡ଼ା ଦଶଭାଗ, ସର୍ବୋଚ୍ଚ ୧୫୦ ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଦରମା ପାଇବେ । ଦ୍ୱିତୀୟ ଓ ତଦୁର୍ଦ୍ଧ୍ୱ ଶ୍ରେଣୀର କର୍ମଚାରୀମାନେ ଯୁଗ୍ମ ଶାସନ ସଚିବ ପର୍ଯ୍ୟନ୍ତ ୧୦୦ ପରିବର୍ତ୍ତେ ମାସିକ ୧୫୦ ଟଙ୍କା ସ୍ୱତନ୍ତ୍ର ଦରମା ପାଇବେ । ଯୁଗ୍ମ ଶାସନ ସଚିବ ଓ ତଦୁର୍ଦ୍ଧ୍ୱ ପଦବୀରେ ଥିବା ଯେଉଁ କର୍ମଚାରୀମାନଙ୍କର ଦରମା ୩,୦୫୦ ଟଙ୍କାରୁ କମ୍ ହୋଇଥିବ ସେମାନେ ମାସିକ ୨୦୦ ଟଙ୍କା ସ୍ୱତନ୍ତ୍ର ଦରମା ପାଇବେ । କିନ୍ତୁ ଯେଉଁମାନେ ୩,୦୫୦ ଟଙ୍କାରୁ ୪,୨୫୦ ଟଙ୍କା ବେତନ ହାରରୁ ଅଧିକ ପାଉଥିବେ, ସେମାନଙ୍କର ମାସିକ ସ୍ୱତନ୍ତ୍ର ଦରମା ୨୫୦ ଟଙ୍କାରେ ଧାର୍ଯ୍ୟ ହେବ ।

ସେହିପରି ପୂର୍ବ ନିର୍ଦ୍ଧାରିତ ଡେପୁଟେସନ୍ ଭତ୍ତାରେ ମଧ୍ୟ ପରିବର୍ତ୍ତନ କରାଯାଇ ଦରମାର ଶତକଡ଼ା ୧୦ ଭାଗ, ସର୍ବୋଚ୍ଚ ୨୫୦ ଟଙ୍କା ରଖାଯାଇଛି ।

ସ୍ୱତନ୍ତ୍ର ଦରମା ଓ ଡେପୁଟେସନ୍ ଭତ୍ତା ସରକାରୀ କର୍ମଚାରୀମାନଙ୍କୁ ନୂତନ ଦରମାହାର ଲାଗୁ ହେବା ଦିନଠାରୁ ମିଳିବ ବୋଲି ସ୍ଥିର ହୋଇଛି ।

କର୍ମଚାରୀମାନଙ୍କ ପେନ୍‌ସନ୍ ଓ ମୃତ୍ୟୁ ତଥା ଅବସର-କାଳୀନ ଗ୍ରାଚ୍ୟୁଇଟି ପାଇବା ପଦ୍ଧତିକୁ ସରଳ କରିଦିଆ ଯାଇଛି ।

ପେନ୍‌ସନ୍ ପାଇବା କ୍ଷେତ୍ରରେ ଏହି ସରଳୀକରଣ ପଦ୍ଧତି ୧୯୭୯ ମସିହା ଅପ୍ରେଲ ମାସ ପହିଲଠାରୁ ଲାଗୁ ହେବ ଏବଂ ୧୯୮୪ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସେମାନେ ସେମାନଙ୍କର ବକେୟା ପାଉଣା ଆସନ୍ତା ଆର୍ଥିକ ବର୍ଷରେ ପାଇବେ ।

## ପର୍ଯ୍ୟଟନ ମେଳାରେ ଓଡ଼ିଶା ଯୁବପ୍ରତିନିଧି-ମାନଙ୍କ କୃତିତ୍ୱ

ଗତ ମାସ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ମାମଲପୁରମ୍ (ମହାବଳିପୁରମ୍)ଠାରେ ଜାତୀୟ ଯୁବ-ଯାତ୍ରୀ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ୧୪ ଜଣ ଯୁବ ପ୍ରତିନିଧି ଯୋଗ ଦେଇଥିଲେ । ଓଡ଼ିଶା ସରକାରଙ୍କ ମାନ୍ଦ୍ରାଜସ୍ଥିତ ପର୍ଯ୍ୟଟନ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ପଣ୍ଡା ପ୍ରତିନିଧିମାନଙ୍କର ପରିଚାଳନା ଦାୟିତ୍ୱ ନେଇଥିଲେ । ଓଡ଼ିଶା ଓ ଗୁଜୁରାଟର ଯୁବ ପ୍ରତିନିଧି ଦ୍ୱୟ ପ୍ରଦୀପ ଜାଳି ଏହି ସର୍ବ ଭାରତୀୟ ଯୁବମେଳା ଆରମ୍ଭ କରିଥିଲେ । ଏହି ଯୁବମେଳାରେ ଓଡ଼ିଶା ପର୍ଯ୍ୟଟନ ଚଳଚିତ୍ର ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି । ଏହା ବ୍ୟତୀତ ଓଡ଼ିଶା ପ୍ରତିନିଧିମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି । ସର୍ବଶ୍ରୀ ଜ୍ୟୋତି ପ୍ରକାଶ ମହାରଣା, କରାମତ ଅଲ୍ଲୀ, ଶରତ କୁମାର ଲେଙ୍କା ଓ କୃଷ୍ଣଚନ୍ଦ୍ର ମହନ୍ତ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଛନ୍ତି । ଚଳିତ ଆନ୍ତର୍ଜାତିକ ଯୁବବର୍ଷ ପାଳନ ଉପଲକ୍ଷେ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏହି ଯୁବ ମେଳାର ଆୟୋଜନ କରିଥିଲେ । କେନ୍ଦ୍ର ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀ ଏଚ୍. କେ. ଏଲ୍. ଭଗତ ଉଦ୍‌ଯାପନ ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## କେନ୍ଦୁଝର ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ମଧ୍ୟରେ (ସେପ୍‌ଟେମ୍ବର ୧୯୮୫ ସୁଦ୍ଧା) କେନ୍ଦୁଝର ଜିଲ୍ଲାରେ ୪୫ଟି କ୍ଷୁଦ୍ର ଶିଳ୍ପ ଏବଂ ୧୦୦ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୩୪୬ ଜଣ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଛି । କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୧୫ ଲକ୍ଷ ୨ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୨ ଲକ୍ଷ ୧୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ମିଳୁଥିବା କଞ୍ଚାମାଲକୁ ଉପଯୋଗକରି କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରିବାକୁ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ତଥା କାରିଗରୀ କୌଶଳ ଯୋଗାଇ ଦିଆଯିବା ଫଳରେ ରାଜ୍ୟରେ ଅଧିକରୁ ଅଧିକ ଶିଳ୍ପ ଗଢ଼ି ଉଠୁଛି । ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ କୃଷିଭିତ୍ତିକ, ଜଙ୍ଗଲଭିତ୍ତିକ ଏବଂ ଖଣିଜଭିତ୍ତିକ ଶିଳ୍ପର ଦ୍ରୁତ ବିକାଶ ଘଟିଛି । ଗତ ଦୁଇବର୍ଷ ଧରି ଓଡ଼ିଶା ଏ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପାରିଛି । ଚଳିତ ବର୍ଷ ରାଜ୍ୟରେ ୩,୩୦୦ କ୍ଷୁଦ୍ରଶିଳ୍ପ ଏବଂ ୬୯ ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ଯଥାକ୍ରମେ ୨୬,୪୦୦ ଜଣ ଏବଂ ୧୩୮,୦୦୦ ଜଣ ଲୋକଙ୍କୁ କାମ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ।

## ଗଞ୍ଜାମ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଅକ୍‌ଟୋବର ଶେଷସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ମୋଟ୍ ୫,୪୨୪ ଜଣ ଲୋକ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨୮୯ ଜଣ ହରିଜନ ଓ ୧୮୩ ଜଣ ଆଦିବାସୀ ଏବଂ ୯୧ ଜଣ ମହିଳା ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ୍ ୬୦ ଲକ୍ଷ ୩୮ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ବ୍ୟବସାୟିକ ଓ ସମବାୟ ବ୍ୟାଙ୍କ ଗୁଡ଼ିକରୁ ୧ କୋଟି ୩୮ ଲକ୍ଷ ୪୭ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

## ସହରାଞ୍ଚଳ ଉନ୍ନୟନ

୧୯୮୬ ନବବର୍ଷ ଉପଲକ୍ଷେ ରାଜ୍ୟ ସରକାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ବିଭିନ୍ନ ସହରାଞ୍ଚଳରେ ଉନ୍ନୟନ କାର୍ଯ୍ୟକ୍ରମସବୁ କାର୍ଯ୍ୟକାରୀ କରିବା ବାବଦରେ ୩ଲକ୍ଷ ୪୦ ହଜାର ଟଙ୍କା ଅନୁଦାନ ମଂଜୁର କରାଯାଇଛି । ବ୍ରହ୍ମପୁର ଓ ସମ୍ବଲପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା ପାଇଁ ଏକଲକ୍ଷ ଟଙ୍କା ଲେଖାଏଁ, ଢେଙ୍କାନାଳ, ବାଲେଶ୍ୱର ଓ ଭଦ୍ରକର ସ୍ୱତନ୍ତ୍ର ଯୋଜନା ସଂସ୍ଥା ପାଇଁ ୨୦ ହଜାର ଟଙ୍କା ଲେଖାଏଁ, ବଲାଙ୍ଗୀର ଓ ଭବାନୀ-ପାଟଣା ଯୋଜନା ସଂସ୍ଥା ପାଇଁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ନବରଙ୍ଗପୁର, ରାୟଗଡ଼ା, ଜୟପୁର ଓ କୋରାପୁଟ ଯୋଜନା ସଂସ୍ଥା ପାଇଁ ୧୫ ହଜାର ଟଙ୍କା ଲେଖାଏଁ ଅନୁଦାନ ମଞ୍ଜୁର କରାଯାଇଛି ।

## ଦୀର୍ଘ ମିଆଦ ଆର୍ଥିକ ନୀତି

କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ଦ୍ୱାରା ାର୍ଲିଆମେଣ୍ଟରେ ଉପସ୍ଥାପିତ ଦୀର୍ଘ-ମିଆଦ ଆର୍ଥିକ ୀତି ସପ୍ତମ ଯୋଜନାକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଛି । ାର୍ଷିକ ବଜେଟକୁ ଦିଗ୍‌ଦର୍ଶନ ତଥା ସ୍ଥିରତା ପ୍ରଦାନ କରିବା ହି ଆର୍ଥିକ ନୀତିର ଉଦ୍ଦେଶ୍ୟ । ପାଞ୍ଚ ଭାଗରେ ବିଭକ୍ତ ଥି ସଂକ୍ରାନ୍ତ ବିବରଣୀରେ ବ୍ୟକ୍ତିଗତ ଆୟ ଓ ସଂପତ୍ତି ପରେ ପଡୁଥିବା ଟିକସ ହାରରେ ଦୀର୍ଘ ମିଆଦ ସ୍ଥିରତା ଆସିଲ କରିବା, ଆୟ କର ଆଇନ ସରଳ କରିବା, ଟିକସ ଫାଙ୍କି ରୋକିବା, କଂପାନୀ ଟିକସ ହାରରେ ବଡ଼ ଧରଣର ଂସ୍କାର ଆଣିବା, ଅବକାରୀ ଶୁଳ୍କ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ତଥା ବହିଃଶୁଳ୍କ ହାରର ପୁନର୍ଗଠନ କରିବା ପରେ ଗୁରୁତ୍ୱ ଦିଆଯାଇଛି ।

ପ୍ରଥମ ଥର ପାଇଁ ସରକାରଙ୍କ ପକ୍ଷରୁ ଏକ ଦୀର୍ଘ ିଆଦ ଆର୍ଥିକ ନୀତି ଘୋଷିତ ହୋଇଛି । ସପ୍ତମଯୋଜନାର ମୌଳିକ ଲକ୍ଷ୍ୟ ଯଥା-ଅଭିବୃଦ୍ଧି, ଆଧୁନିକୀକରଣ,ଆତ୍ମନିର୍ଭର-ଶୀଳତା ଓ ସାମାଜିକ ନ୍ୟାୟ, ପ୍ରତିଷ୍ଠା ହାସଲ କରିବା ଏହି ନୀତି ପ୍ରଣୟନର ଉଦ୍ଦେଶ୍ୟ । ଦାରିଦ୍ର୍ୟ ଦୂରୀକରଣ ାର୍ଯ୍ୟକ୍ରମର କାର୍ଯ୍ୟକାରିତା, ଦରିଦ୍ର ଶ୍ରେଣୀର ଲୋକଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ସାମାଜିକ ତଥା ଅର୍ଥନୈତିକ ସେବାର ଉନ୍ନତି ବିଧାନ ଏବଂ କୃଷି ଓ ଶିଳ୍ପ କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ଗଢି ତୋଳିବା ସକାଶେ ଅଧିକ ସମ୍ବଳ ସଂଗ୍ରହର ଲକ୍ଷ୍ୟ ରଖି ଏହି ୀତି ପ୍ରସ୍ତୁତ କରାଯାଇଛି । ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି କରିଥାରେ ଦାରିଦ୍ର୍ୟ ହ୍ରାସ କରି ଆୟର ସୁଷମ ବଣ୍ଟନ ଉପରେ ମଧ୍ୟ ଏହି ଆର୍ଥିକ ନୀତିରେ ଗୁରୁତ୍ୱ ଆରୋପ କରାଯାଇଛି ।

ପ୍ରଚଳିତ ଆର୍ଥିକ ବ୍ୟବସ୍ଥା ମଧ୍ୟରେ ଅଣ-ଯୋଜନା କ୍ଷେତ୍ରରେ ବ୍ୟୟ ହ୍ରାସ ଉପରେ ଏହି ନୀତିରେ ବ୍ୟବସ୍ଥା ରଖା ଯାଇଛି । ସପ୍ତମ ଯୋଜନା କାଳରେ ରାଷ୍ଟ୍ରାୟତ୍ତ କ୍ଷେତ୍ର ପାଇଁ ଯେଉଁଳି ପର୍ଯ୍ୟାପ୍ତ ପରିମାଣ ଅର୍ଥର ବ୍ୟବସ୍ଥା କରାଯାଇ ପାରିବ ସେହି ଉଦ୍ଦେଶ୍ୟରେ ଏକ ବହୁମୁଖୀ କୌଶଳ ପ୍ରସ୍ତୁତ କରାଯାଇଛି । ଏଥିମଧ୍ୟରେ ସାଙ୍ଗଠନିକ ପରିବର୍ତ୍ତନ, ଉନ୍ନତ ପରିଚାଳନାଗତ ପଦ୍ଧତିର ପ୍ରବର୍ତ୍ତନ, ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ଏବଂ ଯଥାଯଥ ଆର୍ଥିକ ତଥା ମୂଲ୍ୟ ନିର୍ଦ୍ଧାରଣ ନୀତି ଆଦି ଅନ୍ତର୍ଭୁକ୍ତ ।

ଆୟ ବୃଦ୍ଧି ସହିତ ଯେଉଁଳି ରାଜସ୍ୱ ବୃଦ୍ଧି ପାଏ ସେଥିପାଇଁ ସାଙ୍ଗଠନିକ ସଂସ୍କାର ପାଇଁ ଏହି ନୀତିରେ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ଟିକସ ବ୍ୟବସ୍ଥାର ପରିବର୍ତ୍ତନ କରାଯିବ । ଅନ୍ତତଃ ପକ୍ଷେ ପାଞ୍ଚ ବର୍ଷ ପାଇଁ ବ୍ୟକ୍ତିଗତ ଆୟ ଓ ସଂପତ୍ତି ଟିକସ ଅପରିବର୍ତ୍ତିତ ରଖିବା ପାଇଁ ଏଥିରେ ବ୍ୟବସ୍ଥା ରଖା-ଯାଇଛି । ଟିକସ ହାର ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ସଂପର୍କରେ ଦୁଇ ତିନି ବର୍ଷରେ ସମୀକ୍ଷା କରାଯାଇ ବଜେଟ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ବିଚାରକୁ ନିଆଯାଇ ଟିକସ ପଦ୍ଧତିରେ ପରିବର୍ତ୍ତନ କରାଯିବ । ପ୍ରତ୍ୟକ୍ଷ ଟିକସ ଆଇନ ସରଳ କରି ଏହାର ସମୀକରଣ ଉପରେ ଆର୍ଥିକ ନୀତିରେ ବ୍ୟବସ୍ଥା ରଖାଯାଇଛି ।

ସଞ୍ଚୟ ବୃଦ୍ଧି ପ୍ରତି ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ନୂତନ ପର୍ଯ୍ୟାୟର ଜାତୀୟ ସଞ୍ଚୟ ଯୋଜନା ପ୍ରଚଳନ ପାଇଁ ପ୍ରସ୍ତାବ ରଖାଯାଇଛି । ଖର୍ଚ୍ଚ ଉପରେ ଟିକସ ବସାଇବାର ସମ୍ଭାବନା ସଂପର୍କରେ ମଧ୍ୟ ପରୀକ୍ଷା କରି ଦେଖାଯିବ ।

କର୍ପୋରେଟ୍ ଟିକସ କ୍ଷେତ୍ରରେ ପ୍ରଚଳିତ ବ୍ୟବସ୍ଥା ଚାଲୁ ରହିବ । କଂପାନୀଗୁଡ଼ିକ ସେମାନଙ୍କ ଅର୍ଥ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ତଥା ସରକାରୀ ବିଜ୍ଞାପିତ ଅନ୍ୟାନ୍ୟ ସଂସ୍ଥାରେ ଗଚ୍ଛିତ ରଖିଲେ ସେମାନଙ୍କୁ ଟିକସ ଯୋଗ୍ୟ ଆୟ ଲାଭରୁ ଶତକଡ଼ା ୨୦ ଭାଗ ପର୍ଯ୍ୟନ୍ତ ଛାଡ଼ ମିଳିବ । କଂପାନୀଗୁଡ଼ିକର ଏହି ସଞ୍ଚୟ ଉପରେ ଶତକଡ଼ା ୧୦ ଭାଗ ସୁଧ ମିଳିବ ଏବଂ ଏହା କେବଳ ଯନ୍ତ୍ରପାତି କ୍ରୟ ଆଦି କଂପାନୀର ବିନିଯୋଗ କ୍ଷେତ୍ରରେ ବ୍ୟବହୃତ ହୋଇ ପାରିବ । ୧୯୮୭ ଅପ୍ରେଲ ପହିଲାରୁ ବିନିଯୋଗ ଭତ୍ତା ପ୍ରତ୍ୟାହୃତ ହେବାର ପ୍ରସ୍ତାବ କରାଯାଇଛି ।

ଏହି ଆର୍ଥିକ ନୀତିରେ ଉପହାର ଟିକସ ଚାଲୁ ରଖିବାର ବ୍ୟବସ୍ଥା ରଖାଯାଇଛି କିନ୍ତୁ ଏହାର ସମୀକ୍ଷା କରାଯିବ । ଏହା ସାଙ୍ଗକୁ ମୂଳଧନ ଲାଭ ଟିକସର ସବିଶେଷ ସମୀକ୍ଷା ପାଇଁ ଏହି ନୀତିରେ ବ୍ୟବସ୍ଥା ରଖାଯାଇଛି । ଅସ୍ଥାବର ସଂପତ୍ତିର ସ୍ୱଳ୍ପ ମୂଲ୍ୟାୟନ ଜନିତ ସମସ୍ୟା ସମାଧାନ କରିବା ପାଇଁ, ହସ୍ତାନ୍ତର ହେଉଥିବା ଏଭଳି ସଂପତ୍ତି ମୂଲ୍ୟ ଉପରେ ଅଧିକା ଶତକଡ଼ା ୧୫ ଭାଗ ଦେଇ ସରକାର ଏହି ସଂପତ୍ତିକୁ ଦଖଲ କରି ପାରିବେ । ମହାନଗରୀମାନଙ୍କରେ ଥିବା ୧୦ ଲକ୍ଷ ଟଙ୍କା ମୂଲ୍ୟର ସଂପତ୍ତି ଉପରେ ଏଭଳି ବ୍ୟବସ୍ଥା ପ୍ରଥମ ପର୍ଯ୍ୟାୟରେ ଲାଗୁ ହେବ ।

ଆୟକର ଫାଙ୍କିବା ଯେପରି ଦୃଢ଼ତାର ସହ ନିୟନ୍ତ୍ରଣ କରାଯାଇ ପାରିବ ସେଥିପାଇଁ କେତେକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆୟକର ବିଭାଗ କଂପାନୀ ଏବଂ ଟ୍ରଷ୍ଟ ବ୍ୟତୀତ ୧ ଲକ୍ଷ ଟଙ୍କାରୁ କମ୍ ସମସ୍ତ ଆୟକର ରିଟର୍ଣ୍ଣ ଗ୍ରହଣ କରି ପାରିବେ । ଅସ୍ଥାୟୀ ଯାଞ୍ଚ ଦ୍ୱାରା ୨୫ ହଜାର ଟଙ୍କାର ରିଟର୍ଣ୍ଣ ମଧ୍ୟ ଗୃହୀତ ହୋଇ ପାରିବ । ସ୍ୱତନ୍ତ୍ର କୋର୍ଟ କରିଥାରେ ଅର୍ଥନୈତିକ ଅପରାଧର ଆଶୁ ବିଚାର, ଯାଞ୍ଚ ଏବଂ ଜବତ୍ ବ୍ୟବସ୍ଥାର ପରବର୍ତ୍ତୀ କାର୍ଯ୍ୟକ୍ରମ ତଥା ପ୍ରତ୍ୟକ୍ଷ କର ଅନୁଶାସନ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଅବକାରୀ ଶୁଳ୍କ ବ୍ୟବସ୍ଥାକୁ ଅଧିକ ସରଳ ଏବଂ ଯୁକ୍ତିଯୁକ୍ତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଯେଉଁସବୁ କଞ୍ଚା ସାମଗ୍ରୀ ଉପରେ ଅବକାରୀ ଶୁଳ୍କ ଧାର୍ଯ୍ୟ ହେଉଛି ସେଗୁଡ଼ିକୁ ସେଥି ସହିତ ସଂପର୍କ ଥିବା ଅନ୍ୟାନ୍ୟ ସାମଗ୍ରୀ ସହିତ ମିଶାଇ ଟିକସ ଧାର୍ଯ୍ୟ କରାଯିବ । କ୍ଷୁଦ୍ର ଉତ୍ପାଦନକାରୀଙ୍କୁ ଅବକାରୀ ଶୁଳ୍କ ରିହାତି, ରପ୍ତାନୀ ଶୁଳ୍କ ଫେରସ୍ତ ବ୍ୟବସ୍ଥାର ସରଳୀକରଣ, ଅବକାରୀ ଶୁଳ୍କ ବ୍ୟବସ୍ଥା ସମ୍ବନ୍ଧୀୟ ମାମଲାଗୁଡ଼ିକର ତୁରନ୍ତ ବିଚାର ପାଇଁ ଆପଲେଟ୍ ଟ୍ରିବ୍ୟୁନାଲ ଗଠନ, ଆମଦାନୀ ନିୟନ୍ତ୍ରଣ କରିବା ପାଇଁ ବହିଃଶୁଳ୍କ ବ୍ୟବସ୍ଥାର ପୁନଃ ନିର୍ଦ୍ଧାରଣ ଏବଂ ଚୋରାକାରବାର ଦୃଢ଼ତାର ସହ ଦମନ କରିବା ପାଇଁ ଏହି ଆର୍ଥିକ ନୀତି ବିବରଣୀରେ ଉଲ୍ଲେଖ କରାଯାଇଛି ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ମୋଟ୍ ୬୫.୧୭୦ ଜଣ ଗର୍ଭ ନିରୋଧ ଅସ୍ତ୍ରୋପଚାର କରିଛନ୍ତି । ସେମାନଙ୍କ ମଧ୍ୟରେ ବନ୍ଧ୍ୟା କରଣ ଅସ୍ତ୍ରୋପଚାର କରିଥିବା ୫୬,୦୫୬ ଜଣ ମହିଳା ଅନ୍ତର୍ଭୁକ୍ତ । କେବଳ ଗତ ଅକ୍ଟୋବର ମାସରେ ଗର୍ଭ ନରୋଧ ଅସ୍ତ୍ରୋପଚାର କରିଥିବା ୧୨,୩୪୫ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିବା ମହିଳାଙ୍କ ସଂଖ୍ୟା ୧୦,୫୭୨ । ଏହି ମାସରେ ୩ ଜଣ ବିବାହିତା ମହିଳା ଲୁପ୍' ଓ ୬,୧୪ ଜଣ ବିବାହିତା ମହିଳ 'କପର–ଟି ଗ୍ରହଣ କରିଛନ୍ତି ଏବଂ ୭ ଲକ୍ଷ ୬୮ ହଜାର ୨୧୫ ଟି ଅନ୍ୟାନ୍ୟ ଗର୍ଭନିରୋଧକ ସାମଗ୍ରୀ ବିବାହିତ ଦମ୍ପତିଙ୍କ ମଧ୍ୟରେ ବଣ୍ଟନ କରାଯାଇଛି ।

ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ଲୋକପ୍ରିୟ କରାଇବା ପାଇଁ ଓ ସଂପୃକ୍ତ ବିଭାଗ ତରଫରୁ ଏହି ମାସରେ ୯୬ ଟି ଚଳଚ୍ଚିତ୍ର ପ୍ରଦର୍ଶନ, ୬୧ ଟି ସାଂସ୍କୃତିକ କାର୍ଯ୍ୟକ୍ରମ, ୩ ଟି ପ୍ରଦର୍ଶନୀ ୨୦,୬୯୩ ଟି ଶିକ୍ଷା ସଂଘ ଗଠନ, ୮୩୦ ସଭା, ୧୬, ୫୫୦ ଟି ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ଏବଂ ବିଭାଗୀୟ କର୍ମଚାରୀମାନେ ୩ ଲକ୍ଷ ୬୮ ହଜାର ୨୨୬ ଜଣଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ପରିବାର କଲ୍ୟାଣର ଉପକାରିତା ସଂପର୍କରେ ବୁଝାଇଥିଲେ ।

## ସୁଲଭ ମୂଲ୍ୟରେ ଚାଉଳ ଓ ଗହମ ଯୋଗାଣ

କଳାହାଣ୍ଡି ଜିଲା ଥୁଆମୁଳ-ରାମପୁର ଓ ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ଆଦିବାସୀ ଓ ଅନ୍ୟ ଗ୍ରାମବାସୀଙ୍କୁ ଓଡ଼ିଶା ଖାଦ୍ୟ ଓ ଯୋଗାଣ ନିଗମ ଦ୍ୱାରା ସରକାରୀ ଖୁଚୁରା ବିକ୍ରେତାଙ୍କ ଜରିଆରେ ଓ ହାଟ ମାଧ୍ୟମରେ ସରକାରୀ ଚାଉଳ କିଲୋ ପ୍ରତି ଟ ୧.୮୫ ପଇସା ଓ ଗହମ କିଲୋ ପ୍ରତି ଟ ୧.୫୦ ପଇସାରେ ବିକ୍ରୟ କରାଯିବ । ଅନ୍ୟ ଶ୍ରେଣୀର ଲୋକେ ମଧ୍ୟ ଏହି ସୁବିଧା ପାଇପାରିବେ । ଏହାର ସୁଯୋଗ ନେବାକୁ ଜିଲାପାଳଙ୍କ ତରଫରୁ ଜଣାଇ ଦିଆଯାଇଛି ।

## କେନ୍ଦୁଝର ଜିଲାରେ ବୋଧିତ ଶ୍ରମିକ ଥଇଥାନ

ଗତ ନଭେମ୍ବର ଶେଷସୁଦ୍ଧା କେନ୍ଦୁଝର ଜିଲାରେ ୧,୧୫୨ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୨୦୨ ଜଣ ହରିଜନ ଓ ୭୭୫ ଜଣ ଆଦିବାସୀ ଅନ୍ତର୍ଭୁକ୍ତ । ଏହି ଯୋଜନା ଆରମ୍ଭରୁ ଜିଲାରେ ୩୭୩ ଜଣ ହରିଜନ ଓ ୧,୧୬୧ ଜଣ ଆଦିବାସୀଙ୍କ ସମେତ ମୋଟ ୧,୮୧୬ ଜଣ ଏପରି ଶ୍ରମିକଙ୍କୁ ମୁକ୍ତ କରାଯାଇଛି ।

## କଳାହାଣ୍ଡିରେ କଳାଧନ କାରବାର ବିରୋଧରେ ଧରପଗଡ

କଳାହାଣ୍ଡି ଜିଲାରେ ଚଳିତ ଆର୍ଥିକ ବର୍ଷର ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ବିକ୍ରୟ କର ଫାଙ୍କିବା, ଜଙ୍ଗଲଜାତ ଦ୍ରବ୍ୟର ବେଆଇନ କାରବାର ବେଆଇନ ମାପ-ଓଜନ ବ୍ୟବହାର ଏବଂ ମଟର ଗାଡ଼ି ଚଳାଚଳ ଆଇନର ଖିଲାପ କରିବା, ଇତ୍ୟାଦି ଅଭିଯୋଗରେ ସମୁଦାୟ ୧୬୧୮ଟି ଘଟଣା ଧରାପଡ଼ିଛି । ତନ୍ମଧ୍ୟରେ ଜଙ୍ଗଲଜାତ ଦ୍ରବ୍ୟର ବେଆଇନ କାରବାର କରିବା ଅଭିଯୋଗରେ କଳାହାଣ୍ଡି ଓ ଖଡ଼ିଆଳର ଡି. ଏଫ୍. ଓ. ଙ୍କ ତରଫରୁ ଧରାଯାଇଥିବା ଯଥାକ୍ରମେ ୬୧୪ ଓ ୧୨୦ଟି ଘଟଣା ଅନ୍ତର୍ଭୁକ୍ତ । ସେହିପରି ମଟର ଗାଡ଼ି ଆଇନ ଭଙ୍ଗ କରିଥିବା ଅଭିଯୋଗରେ ୬୨୩ଟି, ବେଆଇନ ମାପ-ଓଜନ ବ୍ୟବହାର କରିଥିବା ଅଭିଯୋଗରେ ୧୭୨ଟି ଘଟଣା ଧରାପଡ଼ିଛି । ଏହା ବ୍ୟତୀତ ଖାଦ୍ୟ ଅପମିଶ୍ରଣ ନିରୋଧ ଆଇନ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ଖିଲାପ କରିଥିବା ଅଭିଯୋଗରେ ଯଥାକ୍ରମେ ୨୨ ଓ ୨ଟି ଘଟଣା ଏବଂ ବିକ୍ରୀକର ଫାଙ୍କିବା ଅଭିଯୋଗରେ ୬୫ଟି ଘଟଣା ସଂପର୍କରେ ମଧ୍ୟ ଧରପଗଡ଼ କରାଯାଇଛି ।

---

## ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ପାଇଁ ଆବେଦନ ସମୟ ବୃଦ୍ଧି

୧୯୮୫-୮୬ ବର୍ଷ ପାଇଁ ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀମାନଙ୍କୁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ପ୍ରଦାନ କରିବା ଲାଗି ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ତରଫରୁ ଜଣାଇ ଦିଆଯାଇଥିଲା । ଏଥିପାଇଁ ଦରଖାସ୍ତ ଗ୍ରହଣର ତାରିଖ ଗତ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା କିନ୍ତୁ ଆଶାନୁରୂପ ପ୍ରାର୍ଥୀ ଏଥିପାଇଁ ଆବେଦନ କରିନଥିବାରୁ ରାଜ୍ୟ ସରକାର ପୁନର୍ବାର ଏହି ସମୟ ସୀମାକୁ ୩୧-୧୨-୧୯୮୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପ୍ରାର୍ଥୀମାନେ ନୂତନ ଦରଖାସ୍ତ କିମ୍ବା ଦରଖାସ୍ତର ନବୀକରଣ ସଂପୃକ୍ତ ଜିଲାପାଳମାନଙ୍କ ନିକଟକୁ ପଠାଇବା ପାଇଁ କୁହାଯାଇଛି । ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନେ ଉପରୋକ୍ତ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ସେମାନଙ୍କ ଅନୁଷ୍ଠାନର ମୁଖ୍ୟମାନଙ୍କୁ ଛାତ୍ରବୃତ୍ତି ପାଇଁ ନିବେଦନ କରିବାକୁ ହେବ । ଏହି ବିଷୟରେ ଅନୁଷ୍ଠାନର ମୁଖ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ ନିର୍ଦ୍ଦିଷ୍ଟ ତାରିଖରେ ଦରଖାସ୍ତ ନ ପହଞ୍ଚିଲେ, ତାହା ଗ୍ରହଣ କରିବେ ନାହିଁ ଏବଂ ସେଥିପାଇଁ ଦାୟିତ୍ୱ ନ୍ୟସ୍ତ କରିବେ ।

---

## ବଲାଙ୍ଗୀର ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ବଲାଙ୍ଗୀର ଜିଲାରେ ୧୨୪ ଜଣ ମହିଳା, ୧,୦୦୩ ଜଣ ତଫସିଲଭୁକ୍ତ ଜାତି ଓ ୬୩୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୩,୨୦୧ ଜଣ ଉପକୃତ ହୋଇଛନ୍ତି ।

ଏ ବାବଦରେ ମୋଟ୍ ୩୪ ଲକ୍ଷ ୪୩ ହଜାର ଟଙ୍କା ବିନିଯୋଗ ହୋଇଛି । ବ୍ୟବସାୟିକ ଓ ସମବାୟ ବ୍ୟାଙ୍କଗୁଡ଼ିକରୁ ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ୫୫ ଲକ୍ଷ ୭୦ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଛି ।

---

## କଟକ ଜିଲ୍ଲାରେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ କଟକ ଜିଲ୍ଲାରେ ୧୦୧ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ କଟକ ଜିଲ୍ଲାରେ ୧୦୧ ଜଣ ମହିଳା, ୭୧୯ ଜଣ ତଫସିଲଭୁକ୍ତ ଜାତି ଓ ୭୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୨,୯୦୬ ଜଣ ଉପକୃତ ହୋଇଛନ୍ତି ।

ଏ ବାବଦରେ ମୋଟ୍ ୧ କୋଟି ୨୫ ଲକ୍ଷ ୧୮ ହଜାର ଟଙ୍କା ବିନିଯୋଗ କରାଯାଇଛି । ଉପରୋକ୍ତ ଲୋକମାନଙ୍କୁ ବିଭିନ୍ନ ଧନ୍ଦା ଲାଗି ସମବାୟ ଓ ବ୍ୟବସାୟିକ ବ୍ୟାଙ୍କ୍‌ଗୁଡ଼ିକରୁ ମୋଟ୍ ୮୨ ଲକ୍ଷ ୬୮ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇଛି ।

---

## ପୁରୀ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗତ ନଭେମ୍ବର ଶେଷ ସୁଦ୍ଧା ପୁରୀ ଜିଲ୍ଲାରେ ୧,୦୦୧ ଜଣ ତଫସିଲଭୁକ୍ତ ଜାତି ଓ ୨୧୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୨,୫୩୦ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଯୋଜନା ଆରମ୍ଭରୁ ଗତ ନଭେମ୍ବର ମାସ ପର୍ଯ୍ୟନ୍ତ ମୋଟ୍ ୪,୦୮୫ ଜଣ ଏପରି ଶ୍ରମିକଙ୍କୁ ମୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ୧,୪୮୧ ଜଣ ତଫସିଲଭୁକ୍ତ ଜାତି ଓ ୫୨୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

---

## ଗଞ୍ଜାମ ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା

ଚଳିତ ଆର୍ଥିକ ବର୍ଷର ଗତ ସେପ୍‌ଟେମ୍ବର ମାସ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୩୨ ଟି କ୍ଷୁଦ୍ର ଶିଳ୍ପ ଏବଂ ୩,୧୮୮ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଗୁଡ଼ିକ ମାଧ୍ୟମରେ ୪,୮୯୫ ଜଣ ବ୍ୟକ୍ତିଙ୍କ ପାଇଁ କର୍ମ ସଂସ୍ଥାନ କରାଯାଇଛି । କ୍ଷୁଦ୍ର ଶିଳ୍ପପାଇଁ ୩୬ ଲକ୍ଷ ୨୮ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୯୨ ଲକ୍ଷ ୨୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

---

## କୋରାପୁଟ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗତ ଡିସେମ୍ବର ଶେଷ ସୁଦ୍ଧା କୋରାପୁଟ ଜିଲ୍ଲାରେ ୨,୯୮୭ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୨୯୦ ଜଣ ତଫସିଲଭୁକ୍ତ ଜାତି ଓ ୧,୮୩୮ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ମୋଟ ୧ କୋଟି ୬ ଲକ୍ଷ ୩ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଏହି ଯୋଜନାର ଆରମ୍ଭରୁ ଜିଲ୍ଲାରେ ୫୧୧ ଜଣ ତଫସିଲଭୁକ୍ତ ଜାତି ଓ ୩,୩୪୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ ୫,୧୯୩ ଜଣ ଏପରି ଶ୍ରମିକଙ୍କୁ ମୁକ୍ତ କରାଯାଇଛି ।

## ଆସନ୍ତା ବର୍ଷ କେନ୍ଦୁଝରରେ ୧୧ କୋଟିରୁ ଅଧିକ ଟଙ୍କା ବ୍ୟାଙ୍କ୍ ଋଣ ଦିଆଯିବ

ଆସନ୍ତା ବର୍ଷ କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ବିଭିନ୍ନ ବ୍ୟାଙ୍କ୍‌ମାନଙ୍କ ଦ୍ୱାରା ୧୧ କୋଟି ୩୩ ଲକ୍ଷ ଟଙ୍କା ଋଣ ଲଗାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି । ଏଗୁଡ଼ିକ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା, ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା, କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଓ ଆତ୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ବିନିଯୋଗ କରାଯିବ । ସେଥିମଧ୍ୟରୁ କୃଷି ପାଇଁ ୬ କୋଟି ୭୯ ଲକ୍ଷ ୮୫ ହଜାର ଟଙ୍କା, କ୍ଷୁଦ୍ର ଶିଳ୍ପ ଓ ଗ୍ରାମ୍ୟ କାରିଗରଙ୍କ ପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା, କ୍ଷୁଦ୍ର ବ୍ୟବସାୟ, ଶିକ୍ଷା ଓ ଯୋଗାଯୋଗ ପାଇଁ ୨ କୋଟି ୨୩ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯିବାର ସ୍ଥିର ହୋଇଛି । ଫସଲ ଋଣ, କୂପ ଖନନ ଓ ଦୁଧିଆଳୀ ଗାଈ ଯୋଗାଣ ବାବଦକୁ ଋଣ ନିମନ୍ତେ ଅଗ୍ରାଧିକାର ଦିଆଯାଇଛି ।

ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କ୍‌ମାନଙ୍କର ଏକ ବୈଠକ ସଂପ୍ରତି ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ 'ବ୍ୟାଙ୍କ୍ ଅଫ୍ ଇଣ୍ଡିଆ' ଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଉକ୍ତ ଋଣ ଲଗାଣର ଅଟକଳ ଗୃହୀତ ହୋଇଛି । ଜିଲ୍ଲାପାଳ ଶ୍ରୀ ଜୟନ୍ତ କୁମାର ଦେବ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଫିସର, ରିଜର୍ଭ ବ୍ୟାଙ୍କ୍ ଓ ନାବାର୍ଡ଼ର ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ସଞ୍ଜିବ କୁମାର ହୋତା ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସ୍ୱଳ୍ପ ସଞ୍ଚୟ ବାବଦରେ କେନ୍ଦ୍ରରୁ ୩୪ କୋଟି ଟଙ୍କାରୁ ଅଧିକ ଋଣ ମିଳିଛି

ରାଜ୍ୟର ସଂଯଳ ଅଟକଳରେ ଚଳିତ ବର୍ଷ ପାଇଁ ସ୍ୱଳ୍ପ ସଞ୍ଚୟ ସଂଗ୍ରହ ବାବଦରେ ୩୫ କୋଟି ଟଙ୍କା ଋଣ ଆକାରରେ କେନ୍ଦ୍ର ସରକାରଙ୍କଠାରୁ ମିଳିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଅପ୍ରେଲ ମାସ ଠାରୁ ଅଦ୍ୟାବଧି ଏ ବାବଦରେ ୩୪ କୋଟି ୭ ଲକ୍ଷ ଟଙ୍କା ଋଣ ଆକାରରେ ରାଜ୍ୟ ସରକାର ପାଇ ସାରିଲେଣି । ପୂର୍ବରୁ ଏହି ସମୟ ମଧ୍ୟରେ ଏତେ ପରିମାଣର ଋଣ ସ୍ୱଳ୍ପ ସଞ୍ଚୟ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ପାଇ ନ ଥିଲେ । ପୁନଶ୍ଚ ଚଳିତ ଆର୍ଥିକ ବର୍ଷରେ ସ୍ୱଳ୍ପ ସଂଚୟ ବାବଦରେ ପ୍ରାୟ ୩୮ କୋଟି ଟଙ୍କା ଋଣ ଆକାରରେ କେନ୍ଦ୍ର ସରକାରଙ୍କଠାରୁ ମିଳିବାର ସମ୍ଭାବନା ।

ଏଠାରେ ଉଲ୍ଲେଖନୀୟ ଯେ, ସ୍ୱଳ୍ପ ସଞ୍ଚୟ ସଂଗଠନକୁ ସରକାର ଦୃଢ଼ୀଭୂତ କରିଥିବାରୁ ସ୍ୱଳ୍ପ ସଞ୍ଚୟ ସଂଗ୍ରହ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇଛି । ସ୍ୱଳ୍ପ ସଞ୍ଚୟ ସଂଗ୍ରହକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ଏବଂ ପ୍ରତ୍ୟେକ ସବ୍‌ଡିଭିଜନରେ ସ୍ୱଳ୍ପ ସଞ୍ଚୟ ଅଧିକାରୀମାନଙ୍କୁ ଅବସ୍ଥାପିତ କରାଯାଇଛି । ଏହାଛଡ଼ା ରାଜ୍ୟର ଉନ୍ନତ ଶିଳ୍ପ ନଗରୀ ଯଥା — ରାଉରକେଲା, ଅନୁଗୁଳ ପ୍ରଭୃତି ଅଞ୍ଚଳରେ ଜଣେ ଲେଖାଏଁ ବରିଷ୍ଠ ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି ।

ସବୁ ସ୍ୱଳ୍ପ ସଞ୍ଚୟ .ପରିକଳ୍ପନାମାନଙ୍କ ମଧ୍ୟରେ ବର୍ତ୍ତମାନ ଆମ ରାଜ୍ୟରେ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଷଷ୍ଠ ଇସ୍ୟୁ ମାଧ୍ୟମରେ ସାମଗ୍ରିକ ସଞ୍ଚୟର ପ୍ରାୟ ଶତକଡ଼ା ୨୦ଭାଗ ସଂଗ୍ରହ ହୋଇପାରିଛି । କାରଣ ଅନ୍ୟ କୌଣସି ସରକାରୀ ସଞ୍ଚୟ ଯୋଜନାରେ ସର୍ବାଧିକ ସୁଧ ସହିତ ଆୟକର ରିହାତିର ସୁବିଧା ନାହିଁ । ତେଣୁ, ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳ ଏବଂ ବଡ଼ ବଡ଼ ନଗରୀରେ ଚଳିତ ବର୍ଷର ଶେଷ ତିନିମାସରେ ଏହି ସାର୍ଟିଫିକେଟର ଉଲ୍ଲେଖଯୋଗ୍ୟ ବିକ୍ରୀ ବୃଦ୍ଧି କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି । ଗତ ଆର୍ଥିକ ବର୍ଷରେ ନଭେମ୍ବର ମାସ ଶେଷସୁଦ୍ଧା ଜାତୀୟ ସଞ୍ଚୟ ସାର୍ଟିଫିକେଟ ଷଷ୍ଠ ଇସ୍ୟୁ ବାବଦରେ ପ୍ରାୟ ୧୭ କୋଟି ୪୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଉକ୍ତ ସମୟ ମଧ୍ୟରେ ପ୍ରାୟ ୨୪ କୋଟି ୧୨ ଲକ୍ଷ ଟଙ୍କା ସଂଗ୍ରହ ହୋଇ ପାରିଛି ।

## ଅନ୍ଧ, ମୂକ, ବଧିର ଛାତ୍ର ଛାତ୍ରୀମାନଙ୍କ ପାଇଁ ଅନୁଦାନ ବୃଦ୍ଧି

ରାଜ୍ୟର ବିଭିନ୍ନ ମୂକ, ବଧିର ଓ ଦୃଷ୍ଟିହୀନମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟମାନଙ୍କରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଦିଆଯାଉଥିବା ମାସିକ ଅନୁଦାନ ରାଜ୍ୟ ସରକାର ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି କରିଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ନିର୍ଦ୍ଦେଶକ୍ରମେ ଏହି ଅନୁଦାନର ହାର ବୃଦ୍ଧି କରାଯାଇଛି । ଏହି ବର୍ଦ୍ଧିତ ଅନୁଦାନ ୧୯୮୬ ମସିହା ଜାନୁୟାରୀ ପହିଲାରୁ ଦିଆଯିବ ।

ପୂର୍ବରୁ ଏହିସବୁ ଶିକ୍ଷାନୁଷ୍ଠାନମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ହାରରେ ସାହାଯ୍ୟ ଦିଆଯାଉ ନ ଥିଲା ଏବଂ ଯାହା ଦିଆଯାଉଥିଲା, ତାହା ଚାହିଦା ତୁଳନାରେ ଯଥେଷ୍ଟ କମଥିଲା । ଏପରି କି କେତେକ ଅନୁଷ୍ଠାନ ଆଦୌ ଅନୁଦାନ ପାଉ ନ ଥିଲେ । ବର୍ତ୍ତମାନ ବର୍ଦ୍ଧିତ ହାରରେ ହାଇସ୍କୁଲ ସ୍ତରରେ ପ୍ରତ୍ୟେକ ଛାତ୍ର ଛାତ୍ରୀ ପିଛା ମାସିକ ୧୭୫ ଟଙ୍କା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପ୍ରତି ଛାତ୍ର ଛାତ୍ରୀ ପିଛା ମାସିକ ୧୬୦ ଟଙ୍କା ଏବଂ ଯେଉଁ ସବୁ ବିଦ୍ୟାଳୟରେ ଛାତ୍ରାବାସର ସୁବିଧା ନ ଥିବ, ସେ ବିଦ୍ୟାଳୟର ପ୍ରତି ଛାତ୍ର ଛାତ୍ରୀ ପିଛା ମାସକୁ ୭୫ ଟଙ୍କା ହାରରେ ଅନୁଦାନ ଦିଆଯିବାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଗତବର୍ଷ ହାଇସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ପିଛା ୯୨ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଉଥିଲା ଏବଂ ତାହା ପୂର୍ବ ବର୍ଷ ମାତ୍ର ୪୫ ଟଙ୍କା ହାରରେ ଅନୁଦାନ ଦିଆଯାଉଥିଲା । ଅନ୍ୟାନ୍ୟ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ପିଛା ମାତ୍ର ୩୦–୩୨ ଟଙ୍କା ହାରରେ ଅନୁଦାନ ଦିଆଯାଉଥିଲା ।


## ଦୂରଦର୍ଶନ ଓ ଆକାଶବାଣୀ କାର୍ଯ୍ୟକ୍ରମର ପ୍ରସାର

ଦୂରଦର୍ଶନ ଓ ଆକାଶବାଣୀର ପ୍ରସାର ଏବଂ ତହିଁରୁ ପ୍ରସାରିତ କାର୍ଯ୍ୟକ୍ରମର ମାନୋନ୍ନତି କରିବା ଗତବର୍ଷ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି । ଗତବର୍ଷ ଦେଶବ୍ୟାପୀ ଆଠଟି ନୂଆ ଦୂରଦର୍ଶନ ଟ୍ରାନସ୍‌ମିଟର ପ୍ରତିଷ୍ଠା ସାଙ୍ଗକୁ ୧୧ଟି ଟ୍ରାନସ୍‌ମିଟରର ଶକ୍ତି ବୃଦ୍ଧି କରାଯାଇଥିଲା । ଏହା ଫଳରେ ଦୂରଦର୍ଶନ ଟ୍ରାନସ୍‌ମିଟର ସଂଖ୍ୟା ୧୭୪ କୁ ବୃଦ୍ଧି ପାଇଛି ଏବଂ ମୋଟ ଲୋକସଂଖ୍ୟାର ଶତକଡ଼ା ୬୫ ଭାଗ ଲୋକ ଦୂରଦର୍ଶନ କାର୍ଯ୍ୟକ୍ରମ ଉପଭୋଗ କରି ପାରିବାର ସୁଯୋଗ ଲାଭ କରିଛନ୍ତି । ମୋଟ ଟ୍ରାନସ୍‌ମିଟର ମଧ୍ୟରୁ ୪୨ଟି ଉଚ୍ଚଶକ୍ତି ସମ୍ପନ୍ନ ଏବଂ ଏଗୁଡ଼ିକର କ୍ଷମତା ୧୦ କିଲୋୱାଟ କିମ୍ବା ଏକ କିଲୋୱାଟ । ବାକି ୧୩୨ଟି ଟ୍ରାନସ୍‌ମିଟର ହେଉଛି ସ୍ୱଳ୍ପ ଶକ୍ତି ସମ୍ପନ୍ନ । ବର୍ଷ ମଧ୍ୟରେ ଯେଉଁ ଆଠଟି ନୂଆ ଟ୍ରାନସ୍‌ମିଟର ପ୍ରତିଷ୍ଠା କରାଯାଇଛି, ତନ୍ମଧ୍ୟରେ ଓଡ଼ିଶାର କୋରାପୁଟ ଓ କଟକ ଅନ୍ତର୍ଭୁକ୍ତ । ଗତବର୍ଷ ବମ୍ବେ ଦୂରଦର୍ଶନରେ ଦ୍ୱିତୀୟ ଚ୍ୟାନେଲ ଯୋଗ କରାଯାଇଛି । ଦୂରଦର୍ଶନ କ୍ଷେତ୍ରରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା ହେଲା ଦିଲ୍ଲୀ କେନ୍ଦ୍ରରୁ ଟେଲିଟେକସଟ ସେବା ପ୍ରଚଳନ । ନଭେମ୍ବର ୧୪ ତାରିଖ ଦିନ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦିଲ୍ଲୀବାସୀଙ୍କୁ ବିଭିନ୍ନ ଜରୁରୀ ସୂଚନା ଯୋଗାଇ ଦିଆଯାଉଛି ।

ଗତବର୍ଷ ଇନ୍‌ସାଟ-୧ ବି ଉପଗ୍ରହ ମାଧ୍ୟମରେ ଆକାଶବାଣୀ କାର୍ଯ୍ୟକ୍ରମର ପୁନଃ ପ୍ରସାର ଦ୍ୱାରା ଦିଲ୍ଲୀରୁ ପ୍ରସାରିତ କାର୍ଯ୍ୟକ୍ରମ ଅଧିକ ସୁଶ୍ରାବ୍ୟ ହୋଇଛି । ଆକାଶବାଣୀର ୯୧ଟି ଯାକ ଆଞ୍ଚଳିକ କେନ୍ଦ୍ରକୁ ପାଞ୍ଚ ଚ୍ୟାନେଲ ଟର୍ମିନାଲ ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଦିଲ୍ଲୀର ପାଞ୍ଚ ଚ୍ୟାନେଲ ସାଙ୍ଗକୁ ବମ୍ବେ, କଲିକତା ଓ ମାଡ୍ରାସ କେନ୍ଦ୍ରରୁ ମଧ୍ୟ ଗୋଟିଏ ଲେଖାଏଁ କାର୍ଯ୍ୟକ୍ରମ ବିତରଣ ସୁବିଧା ଗତ ମାସ ୩୧ ତାରିଖରୁ ଆରମ୍ଭ ହୋଇଛି ।

ଆଲମୋରା ଓ ଇଟାନଗରଠାରେ ଏକ କିଲୋୱାଟ ଶକ୍ତି ସମ୍ପନ୍ନ ବେତାର କେନ୍ଦ୍ର ବସାଯିବା ସାଙ୍ଗକୁ ଦେଶର ଛଅଟି କେନ୍ଦ୍ରରେ ପୂର୍ଣ୍ଣାଙ୍ଗ ଷ୍ଟୁଡିଓ ପ୍ରତିଷ୍ଠା କରାଯାଇଛି ।

ବମ୍ବେରୁ ପ୍ରସାରିତ ୧୦୦ କିଲୋୱାଟ ସର୍ଟ ୱେଭ ବିବିଧ ଭାରତୀ ଟ୍ରାନସ୍‌ମିଟରରେ ଅତ୍ୟାଧୁନିକ ଯନ୍ତ୍ରପାତି ଖଞ୍ଜାଯାଇ ତା'ର ଆଧୁନିକୀକରଣ କରାଯାଇଛି । ପୁନେର ମଧ୍ୟମ ୱେଭ ଟ୍ରାନସ୍‌ମିଟରକୁ ୧୦୦ କିଲୋୱାଟକୁ ଉନ୍ନୀତ କରାଯାଇଛି ।



ଏକବିଂଶ ଶତାବ୍ଦୀ ଅଭିମୁଖେ
ଜ୍ଞାନ ବିଜ୍ଞାନର ନୂତନ ଦିଗନ୍ତ, କମ୍ପ୍ୟୁଟରର ନିପୁଣତା,
ଅନ୍ତରୀକ୍ଷରେ ଉପଗ୍ରହ ଯାନ, ଅତଳ ସାଗରରେ
ନୂତନ କୀର୍ତ୍ତି ମାନ, ଆଣ୍ଟାର୍କଟିକାର ସଫଳ ଅଭିଯାନ
ଏକ ମହାପରିବର୍ତ୍ତନ, ସହଯୋଗ ମୋଡ଼ରେ
ଆମର ପ୍ରତୀକ୍ଷା କରୁଥିବା......
ଏକ ନୂତନ ଜାତି......
କରିବେ, ଆମ ଭାରତ ଦେଶରେ,
ଆମକୁ ବର୍ତ୍ତମାନଠାରୁ, ପ୍ରସ୍ତୁତ ରହିବାକୁ ହେବ,
ତାହାର ସ୍ୱାଗତ ନିମନ୍ତେ ।
ବିଜ୍ଞାନ ଓ ଉଦ୍ୟୋଗର ସହଯୋଗରେ, ଆମେ ଦୂର କରିବା
ଦେଶ ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟା......
ଆମେ ଆଗେଇ ଚାଲିବା, ଏକତ୍ରିତ ଭାବେ
ସମାଜରେ ଆଗକୁ ଆଗକୁ......
ଆମେ ସଭିଏଁ ଆଗେଇବା ଆଗକୁ ଆଗକୁ

# ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଶ୍ରୀ ଚୈତନ୍ୟଦେବ

ଶ୍ରୀ ସଦାଶିବ ରଥଶର୍ମା

ଭାରତର ଆଧ୍ୟାତ୍ମିକ ମୈତ୍ରୀ ଭାବନାର ପ୍ରତୀକ ରୂପେ ପ୍ରତିଷ୍ଠିତ ଚାରିଗୋଟି ଧାମ ମଧ୍ୟରୁ ପୁରୀ କଳିଯୁଗର ଧାମ । ସତ୍ୟଯୁଗର ପ୍ରତୀକ ତପୋଭୂମି ବଦ୍ରିନାରାୟଣ, ତ୍ରେତା ଯୁଗର ଯଜ୍ଞର ପ୍ରତୀକ ରାମେଶ୍ୱର, ଦ୍ୱାପରର ସେବା ବା ପରିଚର୍ଯ୍ୟାର ପ୍ରତୀକ ଦ୍ୱାରକା ଓ କଳିଯୁଗର ନାମର ପ୍ରତୀକ ଜଗନ୍ନାଥ ପୁରୀ ।

କୃତେ ବଦ୍ରିକାରଣ୍ୟଂ ଚ ତ୍ରେତୟା ସେତୁ ଶଙ୍କରଂ
ଦ୍ୱାପରେ ଦ୍ୱାରକାଶୈବ, କଳୌଶ୍ରୀ ପୁରୁଷୋତ୍ତମଃ ।
କୃତେ ଚ ତପମର୍ଯ୍ୟାଂ ଚ ତ୍ରେତୟା ଯା ଯୁଗେମଖଃ
ଦ୍ୱାପରେ ପରିଚର୍ଯ୍ୟାଂ ଚ କଳୌତଦ୍ ହରିକୀର୍ତ୍ତନମ ।

ନାମର କ୍ଷେତ୍ର ପୁରୁଷୋତ୍ତମ ବା ପୁରୀକୁ ଆଦ୍ୟ ବା ବୈଦିକ କାଳରେ ଅଙ୍ଗୀରା, ଭୃଗୁ, ମାର୍କଣ୍ଡେୟ, କଣ୍ଡୁ ଏ ଋଷିଗଣ ବୈଦିକ ଋଷି ଆସି ପୁରୁଷୋତ୍ତମ ଧର୍ମର ପ୍ରଚାର କରିଥିଲେ । ଯେଉଁ-ମାନଙ୍କର ଆଶ୍ରମ ବା ଯଜ୍ଞସ୍ଥାନ ଏବେ ମଧ୍ୟ ଶ୍ରୀ ମନ୍ଦିର ସହିତ ଜଡ଼ିତ ଅଛି । ତା ପରେ ବୈମାନୀ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ "ସ୍କନ୍ଦପୁରାଣରେ" ପୂର୍ଣ୍ଣଭାବରେ ବର୍ଣ୍ଣନା କରିଛନ୍ତି । ମହର୍ଷି ବାମଦେବ "ବାମଦେବ ସଂହିତା" ଓ ସୂତମୁନୀ ସୂତ-ସଂହିତୋକ୍ତ "ନୀଳମଣି ପୁରାଣ" ମଧ୍ୟ ରଚନା କରିଛନ୍ତି ଯାହା ଶ୍ରୀ ମନ୍ଦିରର ସ୍କନ୍ଦ ପୁରାଣ ନାମରେ ନାମିତ ଓ ଅପ୍ରକାଶିତ ଭାବରେ ଅଛି । ଏ ଗଳ୍ପ ବୈଦିକ ବା ପୌରାଣିକ ଯୁଗର କଥା । ଐତିହାସିକ କାଳରେ ଖ୍ରୀଷ୍ଟୀୟ ୯ ମ ଶତାବ୍ଦୀରେ ଜଗଦଗୁରୁ ଆଦି ଶଙ୍କର ପୁରୁଷୋତ୍ତମ କ୍ଷେତ୍ରକୁ ଆସି ବ୍ରହ୍ମମୂର୍ତ୍ତିଙ୍କର ପୁନଃ ପ୍ରତିଷ୍ଠା କରିବା କଥା ଇତିହାସ ସ୍ୱୀକାର କରିଛି । କେଶରୀ ଗମାଡ଼ି ବା ମହାଭବଗୁପ୍ତଙ୍କ ଦ୍ୱାରା ପୁରୁଷୋତ୍ତମ ମନ୍ଦିରର ଜୀର୍ଣ୍ଣ ସଂସ୍କାର ହୋଇଛି । ଠିକ୍ ୪୦୦ ବର୍ଷ ପରେ ଶ୍ରୀ ଭାଷ୍ୟକାର ରାମାନୁଜାଚାର୍ଯ୍ୟ ଖ୍ରୀ ୧୧୫୦ ରୁ ୧୧୫୨ ମଧ୍ୟରେ ଆସି ପୂଜା ପଦ୍ଧତିକୁ "ନାରଦୀୟ ସଂହିତା" ଅନୁସାରେ ପାଞ୍ଚରାତ୍ର ବିଧିରେ ପରିବର୍ତ୍ତନ କରିଛନ୍ତି । ତାହାପରେ ଶେଷୋକ୍ତ ସ୍ଥିତିଶହ ବର୍ଷରେ ଶ୍ରୀ ବଲ୍ଲଭାଚାର୍ଯ୍ୟ ଚରଣ, ନିମ୍ବାର୍କାଚାର୍ଯ୍ୟ ବିଷ୍ଣୁସ୍ୱାମୀ ନାନକ ସଦଗୁରୁ ସନ୍ଥ କବିର ଦାସ ପ୍ରଭୃତି ବହୁ ମହାତ୍ମା ପୁରୀରେ ପଦାର୍ପଣ କରି ସ୍ୱ ସ୍ୱ ମତବାଦ ମଧ୍ୟରେ ଜଗନ୍ନାଥଙ୍କର ପ୍ରାଧାନ୍ୟତାକୁ ଆପଣାର ମତ ମଧ୍ୟରେ ସମ୍ପୃକ୍ତ କରି ଅଛନ୍ତି । ଏହି ୪୦୦ ବର୍ଷର ବ୍ୟବଧାନରେ ପାଞ୍ଚଶହ ବର୍ଷ ପୂର୍ବେ ୧୫୦୯ ଖ୍ରୀଷ୍ଟାବ୍ଦରେ ନାମ-ବିଗ୍ରହ ଶ୍ରୀ ଚୈତନ୍ୟଚନ୍ଦ୍ର ମହାପ୍ରଭୁ ଆସି ପୁରୀକୁ ନାମ କ୍ଷେତ୍ର ବୋଲି ପ୍ରସିଦ୍ଧ ଛିତିକୁ ଆଣିଛନ୍ତି ଓ ଜଗନ୍ନାଥଙ୍କୁ ସାକ୍ଷାତ ବ୍ରଜେନ୍ଦ୍ରନନ୍ଦନ କୃଷ୍ଣଚନ୍ଦ୍ର ବୋଲି ପ୍ରମାଣ କରି ନିଜକୁ ତଦ୍‌ଭାବା ପନ୍ନ ଅବତାର ରୂପେ ପ୍ରକାଶ କରିଛନ୍ତି । ଆଜି ସେହି ନାମ ବିଗ୍ରହଙ୍କର ଆଗମନର ପଞ୍ଚଶତ ବାର୍ଷିକ ପୂର୍ତ୍ତିର ପବିତ୍ର କ୍ଷଣରେ ଦେଖିବା ସେ ଦୀର୍ଘ ଅଠର ବର୍ଷ ଧରି ପୁରୁଷୋତ୍ତମ ଧାମରେ କେଉଁ କେଉଁ ଲୀଳା କରିଯାଇଛନ୍ତି ଯାହା ମଧ୍ୟରୁ କେତେକ ପ୍ରକାଶକୁ ଆସିଛି ଓ କେତେକ ଆସିନାହିଁ । ତାହା ଏହି ମହାନ୍ ଉତ୍ସବବେଳେ ପ୍ରକାଶକୁ ଆସିଲେ ତାଙ୍କର ପବିତ୍ରତମ ଜୀବନୀର ପୂର୍ଣ୍ଣତା ସମ୍ଭବ ହୋଇପାରେ । ଶ୍ରୀ ଚୈତନ୍ୟଚନ୍ଦ୍ର ଗୋବିନ୍ଦ ଭାରତୀଙ୍କ ଠାରୁ ସନ୍ନ୍ୟାସ ଗ୍ରହଣ କରିବା ପରେ ନାମ ଧର୍ମର ପ୍ରଚାର ପାଇଁ ସମଗ୍ର ଭାରତର ଉତ୍ତରାଖଣ୍ଡ ଓ ଦକ୍ଷିଣା ଖଣ୍ଡରେ ନାମ ସଂକୀର୍ତ୍ତନର ମହାମହିମା ପ୍ରଦର୍ଶନ, ପ୍ରତିଷ୍ଠିତ କରି ଭକ୍ତିର ପଥକୁ ସମୁଜ୍ଜ୍ୱଳ ଓ ସର୍ବଜନବନ୍ଦିତ କରି ଦେଇଛନ୍ତି ମାତ୍ର ସବୁ-ଆଡ଼େ ପବିତ୍ର କର୍ମର ସ୍ଥିତି ସୂଚକ ରଖି ପୁରୁଷୋତ୍ତମରେ ଶେ ଶେଷ ଲୀଳା ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଅତିବାହିତ କରି ଶ୍ରୀ କ୍ଷେତ୍ରକୁ ପାବନ କ୍ଷେତ୍ର ରୂପେ ଗ୍ରହଣ କରିଛନ୍ତି ଏବଂ ତାହା କାହିଁକି? ଏହାର ପ୍ରଥମ କାରଣ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ କୃଷ୍ଣଙ୍କ ଲୀଳା ସମ୍ବରଣପରେ ପ୍ରଭାସ କ୍ଷେତ୍ର ଶ୍ରୀ କୃଷ୍ଣ ଚେତନ ପୁରୀକୁ ଆସିଛି । ସେ ମତବାଦ ଖ୍ରୀ ୧୩ ଦଶ ଶତାବ୍ଦୀରେ ସାରଳା ଦାସଙ୍କ ଠାରୁ ପ୍ରଚଳିତ ଥିବାରୁ ଏହି ଭୂମି କୃଷ୍ଣ ସର୍ବସ୍ୱ ଭୂମି ହୋଇ ସାରିଥିଲା । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦାରୁବ୍ରହ୍ମ ଗୀତାରେ ମଧ୍ୟ ସେହି କୃଷ୍ଣାବଶେଷ ମତ ଆସିଛି ତେଣୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ ପୂର୍ବରୁ ଏହା କୃ

ସଂପର୍କିତ କ୍ଷେତ୍ର ବୋଲି ପ୍ରତିଷ୍ଠିତ ଥିଲା । ୨ୟ କାରଣ ହେଲା ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀର ଚୋଡ଼ଗଙ୍ଗ ଦେବଙ୍କ ସମକାଳୀନ ଗଙ୍ଗ ରାଜାଙ୍କ ବେଳରୁ କବି ପଣ୍ଡିତ ଗୀତ ଗୋବିନ୍ଦକାର ଜୟଦେବ ଗୋସ୍ୱାମୀ ଜଗନ୍ନାଥଙ୍କ ସେବକ ରୂପରେ ମଧୁର ରସ ଭାବନାରେ ଉତ୍କଳକୁ ଭକ୍ତି ଓ ନାମର ଭୂମି ରୂପରେ ଉର୍ବରତା ପ୍ରଦାନ କରିଥିଲେ । ୩ ୟ କାରଣ ତାହାର ଏକଶତ ବର୍ଷ ପୂର୍ବେ ଖ୍ରୀ ୧୧୯୦ ରୁ ୯୪ ମଧ୍ୟରେ ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗଦେବ ଅନଙ୍ଗ ବର୍ମନ୍ ବର୍ତ୍ତମାନ ଥିବା ଜଗନ୍ନାଥ ମନ୍ଦିର ନିର୍ମାଣ କରିବାବେଳେ ଶ୍ରୀ ମଦ୍ ଭାଗବତର ଶ୍ରୀ କୃଷ୍ଣ ଚରିତ ଶ୍ରୀମନ୍ଦିରର ଗାତ୍ରରେ ସ୍ଥାପତ୍ୟ ମାଧ୍ୟମରେ ଖୋଦିତ କରିବା ସଙ୍ଗେ ସଙ୍ଗେ ଶ୍ରୀକ୍ଷେତ୍ରକୁ ପରମ ଭାଗବତ କ୍ଷେତ୍ର ରୂପରେ ପ୍ରତିଷ୍ଠିତ କରି ସାରିଥିଲେ ଯାହା ଉର୍ବର ଭୂମିକୁ ଫଳୋପଯୋଗୀ କରି ରଖିଥିଲା । ତାହାର ବହୁ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ର ଭାଗବତ ଭୂମି ଭାବରେ ପ୍ରତିଷ୍ଠିତ ଥିଲା । ୪ ର୍ଥ କାରଣ ଶ୍ରୀ ଚୈତନ୍ୟ ୧୬ ଶ ଶତାବ୍ଦୀର ପ୍ରଥମ ପାଦରେ ପୁରୀ ପହଞ୍ଚିବା ବେଳକୁ ଉତ୍କଳର କୃଷ୍ଣରସଜ୍ଞ ଦେବ ଦୁର୍ଲ୍ଲଭ ଦାସ; ଭକ୍ତ ଦାମୋଦର ଦାସ, ରସକଲ୍ଲୋଳ ଚଉତିଶା-କାର ରାଧାକୃଷ୍ଣ କେଳିର ରସଜ୍ଞ କବି ଶୁକଦାସ, ଜଗନ୍ନାଥ ଦାସ, ପରମ ଭାଗବତୀ, ଭକ୍ତ ଶ୍ରେଷ୍ଠ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଏହି ସୁଫଳା ଭୂମିରେ ଭକ୍ତିଦ୍ରୁମ ନିମନ୍ତେ ଭୂମି ସାର ଦେଇ ଭୂମିକୁ ପୂର୍ଣ୍ଣ ପ୍ରସ୍ତୁତ ରଖିଥିଲେ । ୫ ମ କାରଣ-ଖ୍ରୀଷ୍ଟିୟ ତ୍ରୟୋଦଶ ଶତାବ୍ଦୀରୁ ୧୬ ଶ ଶତକ ପର୍ଯ୍ୟନ୍ତ ଗଙ୍ଗବଂଶର ସମର ପିପାସୁ ରାଜାମାନଙ୍କର ଯୁଦ୍ଧ ନିୟମ ଓ ସମର ନିମନ୍ତେ ବାଧ୍ୟତାମୂଳକ ସୈନ୍ୟସଂଗ୍ରହ ଫଳରେ ଯୁବ ଶକ୍ତି ଶତ ଶତ ବର୍ଷ ଧରି ରଣାଙ୍ଗନରେ ଜୀବନଯାପନ କରି ଖୋଜୁଥିଲେ ଟିକେ ପରିବର୍ତ୍ତନ । ଗୀତ, ଗାନ, କୀର୍ତ୍ତନର ଆନନ୍ଦ । ତାହା ଶ୍ରୀ ଚୈତନ୍ୟଙ୍କ ଆଗମନ ଓ ରସଜ୍ଞ ବିଦ୍ୱାନବର ରାୟରାମାନନ୍ଦ, କହ୍ନାଇ ଖୁଣ୍ଟିଆ (ମହାଭାବ ପ୍ରକାଶକାର) ଶିଖି ମହାନ୍ତି, ଶ୍ରୀ ଗୋପୀନାଥ ବଡ଼ ଜେନା ପଟ୍ଟନାୟକଙ୍କ ଅନୁକୂଳ ବାୟୁ ପ୍ରବାହ ପାଇ ଭକ୍ତିଦ୍ରୁମ ସ୍ଥାପନ ପାଇ ଶୀତଳ ପ୍ରେମମୟ ପରିସ୍ଥିତି ରଖି ସତେ ଯେପରି ଅପେକ୍ଷା କରୁଥିଲା ନାମ ବିଗ୍ରହଙ୍କର ସ୍ୱାଗତକୁ ।

୬ଷ୍ଠ କାରଣ ଶ୍ରୀ ଜଗନ୍ନାଥଙ୍କ ସେବକମାନେ "ଶ୍ରୀ ରୂପାଶ୍ଚ ଜଗତ ସର୍ବଂ ପ୍ରକୃଷ୍ଟଂ ଜଗଦୀଶ୍ୱରମ୍" ନ୍ୟାୟରେ ସ୍ତ୍ରୀ ବା ପୁଣ୍ଣ କାନ୍ତା କାନ୍ତ ଭାବର ଉପାସନାରେ ଏପରି ଭାବମୟ ହୋଇଥିଲେ ଗୀତ ଗୋବିନ୍ଦ "ପ୍ରମୁଦିତ ଗୋବିନ୍ଦା ଦି ରସକାବ୍ୟ ଗାୟନରେ । ବଡ଼ଶୃଙ୍ଗାରରେ ରାଧାନାମାଙ୍କିତ ବସ୍ତ୍ର "ପରିହିତ ବସନଂ" ର ମହାଭାବରେ ଶ୍ରୀ ଚୈତନ୍ୟଙ୍କର ନାମବୀଜ ପଡ଼ୁ ମହାଦ୍ରୁମ ବଢ଼ିଗଲା ସେ ଆଜି ପାଞ୍ଚଶହ ବର୍ଷ ପରେ ଆମେ ମାପୁଛୁ ସେ ଦ୍ରୁମ କିପରି ଗଗନକୁ ଛୁଇଁଛି । ଖ୍ରୀ ୧୫୦୯ ବୈଶାଖ ମାସରେ ବା ବର୍ଷ ସାରମ୍ଭର ଶୁଭକ୍ଷଣରେ ନାମ ସଂକୀର୍ତ୍ତନର ସହ ପ୍ରଭୁ ଶ୍ରୀ ଚୈତନ୍ୟ ପହଞ୍ଚିଲେ ବୁଢ଼ାଲିଙ୍ଗ ପାଟଣା ବା ବର୍ତ୍ତମାନର ଭାର୍ଗବୀ ନଦୀ ତଟରେ । (ଚନ୍ଦନପୁର) ଭୃଗୁ ତନୟାଙ୍କ କଳ କଳ ନିନାଦ ସହିତ ଶଚୀନନ୍ଦନଙ୍କ କୃଷ୍ଣ କୃଷ୍ଣ ନିନାଦର ମିଳନ ହେଇ, କାହର ମହାଦଣ୍ଡ ସୋଽହଂ ର ଲକ୍ଷଣକୁ ନିତ୍ୟାନନ୍ଦ ଭାଙ୍ଗିଦେଇ ଭାର୍ଗବୀ ସ୍ରୋତରେ ଭସାଇ ଦେଇ ସୋଽହଂ ଆଗରେ ଦାସ ଶବ୍ଦ ଲଗାଇ ଦେଇ "ଦାସୋଽହଂ" କରିଦେଲେ ଶ୍ରୀ ଚୈତନ୍ୟ ନାଚି ପାରି ଭାବମୟ ହୋଇଗଲେ ନେଇ ଆଉ କହି ନ ପାରି ଗଦଗଦ୍ କହି ଗଜପତି ନଗର ଆଡ଼କୁ ଚାଲିଲେ ନାମ ଓ ଭାବର ମାର୍ଗରେ । ପଚାରାରେ ଦେଖାଗଲା ଅପୂର୍ବ ଦୃଶ୍ୟ ସମଗପାଟରୁ ସେ ଦେଖିଲେ ବାଳ ଗୋପାଳ ପାଦ ହଲଉଛନ୍ତି ସେ ଗଦଗଦ୍ ହୋଇଗଲେ ।

ଶ୍ରୀସାଦାଗ୍ରେ ନିବସତି ପୁରଃ ସ୍ମେରବକ୍ତ୍ରାରବିନ୍ଦୋ
ମମାଲୋକ୍ୟ ସ୍ମିତ ସୁବ ନୋ ବାଳ ଗୋପାଳ ମୂର୍ତ୍ତ ।

ବାଳଗୋପାଳ ଦର୍ଶନରେ ନିଜେ ବାଳକ ପରି ସରଳ ଭକ୍ତ ହୋଇ ଅଠର ନଳା ପାର ହୋଇ ମନ୍ଦିରର ଶୋଭା ଦେଖି ଆରମ୍ଭ କଲେ ନୂଆ ବିଦ୍ୟା "ଭୂମି ଦଣ୍ଡବତ" । ପୂର୍ବରୁ ନେତ୍ର ଏହା ଦେଖି ନ ଥିଲା "ଜଗନ୍ନାଥଙ୍କ ରାଜପଥେ ଖେଳିଲେ ଧୂଳେ ଗୌର ଚଲେ ନୀଳାଚଳେ" ଭୂମିରେ ଗାର କାଟି କାଟି ସାଷ୍ଟାଙ୍ଗ ଦଣ୍ଡବତ କରି ମନ୍ଦିରକୁ ପଶିଲା ବେଳକୁ ପୁରୁଷୋତ୍ତମ କଟକର ନଗରବାସୀଙ୍କ ମନ କିଣି ନେଇ ସାରିଥିଲେ ନବୀନ ସନ୍ନ୍ୟାସୀ ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଗଙ୍ଗାମାତା ମଠର ଅଧିଶ୍ୱର ଯେ କି ପରମ ବେଦାନ୍ତି ବିଦ୍ୱାନ ଥିଲେ ସେ ମଧ୍ୟ ଭାବ ଦେଖି ତରଳି ଥିଲେ । ଶୀତ ଦିନେ ଘୃତ ବସିବାବେଳେ ସାମାନ୍ୟ ଉତ୍ତାପରେ ତରଳିଲା ପରି ବେଦାନ୍ତର ଭାବରୂପ ବ୍ୟାଖ୍ୟାରେ ଷଡ଼ଭୁଜ ମୂର୍ତ୍ତି ସଂଦର୍ଶନରେ ସେ ମଧ୍ୟ ପାଣି ହୋଇଗଲେ ୧୫୧୦ ବେଳକୁ । ଶ୍ରୀ ଚୈତନ୍ୟ ଦେବ ପ୍ରତିଦିନ ଶ୍ରୀମନ୍ଦିର ବେଢ଼ା କୀର୍ତ୍ତନ କରି ସେବକଙ୍କୁ ବଶବର୍ତ୍ତୀ କରାଇଥିଲେ ନାମ ଓ ପ୍ରେମର ପରଶରେ ।

ଦିନେ ଅନନ୍ତ ପ୍ରତିହାରୀ (ଗୋଛିକାର) ଦୁଆରେ ଜଗିଥିଲେ ପ୍ରଭୁ ଶ୍ରୀ ଚୈତନ୍ୟଙ୍କ ମନରେ ଆସିଲା ସିଂହାସନରେ ଅଛ ମୋର ପ୍ରଭୁ ମୁଁ କଅଣ ଆପଣଙ୍କ ଚରଣ ସ୍ପର୍ଶ କରି-ପାରିବି ନାହିଁ ? ଯେଉଁ ପ୍ରତିହାରୀ ବଂଶର ନାରାୟଣ ଗୋଛିକାର ଦିନେ ସିଂହଦ୍ୱାରରେ ଜଗିଥିବାବେଳେ ଶ୍ରୀକୃଷ୍ଣ ଚୈତନ୍ୟ ଶ୍ରୀ ଜଗନ୍ନାଥଙ୍କ ସିଂହଦ୍ୱାର ଅଧିପତି । ତରଣେ କଲ ଆସି କତି ତାଙ୍କୁ ପୁଛନ୍ତି ଆହେ ଭାଇ କେଉଁ ଠାବରେ କୃଷ୍ଣ ପାଇ ଦୁଆରୀ ବୋଲେ ପ୍ରଭୁ ଆସ ଦେଖାଇ ଦେବି ପୀତବାସ

*   *   *   *   *

ପ୍ରତିହାରୀ କୃଷ୍ଣଭାବର ସହିତ ଶ୍ରୀ ଚୈତନ୍ୟଙ୍କୁ ନେଇ ଗରୁଡ଼ ସ୍ତମ୍ଭ ପଛରେ ଛିଡ଼ା କରାଇ ଦେଇ ଜଗନ୍ନାଥଙ୍କୁ ଦେଖାଇ ଦେଲେ ଶ୍ରୀ ଚୈତନ୍ୟ ଦେଖିଲେ

ଦେଖିଲେ ପ୍ରଭୁ ଜଗନ୍ନାଥ
ଯେସନେ ଶ୍ରୀ କୃଷ୍ଣ ସାକ୍ଷାତ

ସେହି ଦିନଠାରୁ ଶ୍ରୀ ଚୈତନ୍ୟ ଦେବଙ୍କ ମନରେ ସ୍ଥିର ମତ ଆସିଥିଲା । (ଶ୍ରୀ ଗୌରାଙ୍ଗ ଭାଗବତ ୬୨ ପୃଷ୍ଠା)

ବୃନ୍ଦାବନେ ଛିଲେନ୍ କୃଷ୍ଣ ଆଛେନ୍ ନୀଳାଚଳେ
ସେହି ପ୍ରତିହାରୀ ନିଯୋଗ ନାୟକ
ଅନନ୍ତ ପ୍ରତିହାରୀ ଦିନେ ପାଳି ବା
ସେବାରେ ଥିଲେ ।

ଧୋକଡ଼ି ଦୁଆରେ ପ୍ରତିହାରୀ ଅତ୍ୟନ୍ତ ବଳଶାଳୀ

ଥିଲେ ସେ କିପରି ଛାଡ଼ିବେ ? ଶ୍ରୀ ଚୈତନ୍ୟ ଭାବାବେଶରେ ସହିତ ଭିତରକୁ ଗଲାବେଳେ ପ୍ରତିହାରୀ ବାଧା ଦେଲେ ମାତ୍ର ଶ୍ରୀ ଚୈତନ୍ୟଙ୍କ ସାମାନ୍ୟ ସ୍ପର୍ଶରେ ସେ ଛାଡ଼ି ହୋଇ ଅନବସର ପିଣ୍ଡିରେ ପଡ଼ିଲେ ଓ କହିଲେ ବା ପ୍ରକାଶ କଲେ ସେ ମହାତ୍ମା ସାକ୍ଷାତ ନୃସିଂହ ରୂପ ସେ ନରଦେହ ନୁହନ୍ତି । କେବଳ ଏତିକି ନୁହେଁ ସମସ୍ତ ପ୍ରତିହାରୀ ଗୋଷ୍ଠୀ ଶ୍ରୀ ଚୈତନ୍ୟଙ୍କର ନାମେ ଭକ୍ତି ବାଦର ଅନୁଗାମୀ ହୋଇଗଲେ । ଏହି ପ୍ରସଙ୍ଗରେ ଅମୀୟ ନିମାଇଁ ଚରିତରେ ଶ୍ରୀକ ଶିଶିର କୁମାର ଘୋଷ ୩/୬୦ ପୃଷ୍ଠାରେ ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ସଂପୂର୍ଣ୍ଣ ବିପରୀତ ଅଟେ । ସେହି ଘଟନା ପରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କୁ ନିଜ ଆଶ୍ରମକୁ ନେଇଗଲେ । ଏହି ସମୟରେ ଖ୍ରୀ: ୧୫୧୧ ବୈଶାଖ ଶୁକ୍ଳ ୩ୟା ଦିନ ପ୍ରଭୁ ଗରୁଡ଼ ସ୍ତମ୍ଭର ବାମ ଭାଗରେ ରହି ଦର୍ଶନ କରୁଥିବା ବେଳେ ଜଗନ୍ନାଥଙ୍କ ଆରତି ଦର୍ଶନପାଇଁ ସମସ୍ତେ ବ୍ୟାକୁଳିତ ହୋଇ ଉଠିଲେ । ପ୍ରଭୁ ଚୈତନ୍ୟ ଗରୁଡ଼ ସ୍ତମ୍ଭ ନିକଟରେ ସାଷ୍ଟାଙ୍ଗ ପ୍ରଣାମ କରୁଅଛନ୍ତି ଏ ସମୟ ଲାବଣ୍ୟ ନାମିକ ଦେବଦାସୀ ଯେ କି ଭକ୍ତି ପରାୟଣ ଥିଲେ ସେ ବ୍ୟଗ୍ର ଭାବରେ ଆସି ଶ୍ରୀ ଚୈତନ୍ୟଙ୍କ ଶରୀର ଉପରେ ଚଢ଼ି ଦର୍ଶନ କରିବା ଦେଖି ସେବକ କାଳ ଗୋବିନ୍ଦ ଦାସ ତାଙ୍କୁ ବାଧା ଦେବା ବେଳେ ଶ୍ରୀ ଗୌରାଙ୍ଗ କହିଲେ ସେ ଧନ୍ୟା ତାହାର ବାହ୍ୟ ଜ୍ଞାନ ନାହିଁ । ତାଙ୍କୁ ବାରଣ କର ନାହିଁ ।

ଓଡ଼ିଆ ଏକ ସ୍ତ୍ରୀ ଭିଡ଼େ ଦର୍ଶନ ନା ପାଇଆ
ଗରୁଡ଼େ ଚଢ଼ି ଦେଖେ ପ୍ରଭୁର ସ୍କନ୍ଧେ ପଦ ଦିଆ
ଦେଖିୟା ଗୋବିନ୍ଦ ଆସ୍ତେ ବ୍ୟସ୍ତେ ସେହି
ସ୍ତ୍ରୀକେ ବର୍ଜିଲ
ତାରେ ନାମାଇତେ ପ୍ରଭୁ ନିଷେଧିଲ ।।

ଶ୍ରୀ ଶ୍ରୀ ଚୈତନ୍ୟ ଦେବ ସ୍ୱାମୀ

( ସାରଦେଶାନନ୍ଦକୃତ ଗ୍ରନ୍ଥ ୩୪୪ ପୃଷ୍ଠା )

ଚୈତନ୍ୟ ଚକଡ଼ାକାର କହନ୍ତି ସେ ଲାବଣ୍ୟ ଦେବଦାସୀ ନିଯୋଗର ନାୟିକା ଥିଲ । ଏହା ମଧ୍ୟ ଶ୍ରୀ ଶ୍ରୀ ଚୈତନ୍ୟ ଦେବ ପୁସ୍ତକରେ ସମର୍ଥିତ ହୋଇଛି ଓ ପ୍ରମାଣ କରୁଛି ଶ୍ରୀ ଚୈତନ୍ୟଙ୍କ ପୂର୍ବରୁ ଉଡ଼ିଦାନରେ ଓଡ଼ିଆ ସାଧାରଣ ସ୍ତ୍ରୀ ମଧ୍ୟ ଉଚ୍ଚତମସ୍ତରରେ ଥିଲେ ଶ୍ରୀ ଚୈତନ୍ୟ କହୁଛନ୍ତି—

ଆଦିବଶ୍ୟା ସେହି ସ୍ତ୍ରୀବେ ନା କର ବର୍ଜନ

କରୁକ୍ ଯଥେଷ୍ଟ ଜଗନ୍ନାଥ ଦରଶନ ଓ କହିଛନ୍ତି ମୋ ମନରେ କିଛି ଅହଂକାର ଥିଲା ତାହା ଚାଲିଗଲା । ଏହିପରି ନାନା ଭାବଭକ୍ତିର ପ୍ରଭାବ ଶ୍ରୀ ଚୈତନ୍ୟଙ୍କ ଉପସ୍ଥିତିଯୋଗୁଁ ଏକ ଅଭିନବ ଭାବର ପ୍ରବାହ ପୁରୀରେ କ୍ରମେ ବିସ୍ତାର ଲାଭ କରିଥିଲା । ସାର୍ବଭୌମ ଗୃହ ଗଙ୍ଗାମାତା ମଠରୁ ଶ୍ରୀଚୈତନ୍ୟ ଶ୍ୟାମାନନ୍ଦଙ୍କ ପୂର୍ବକମାନଙ୍କ ପ୍ରତିଦିନ ବୃନ୍ଦମଠକୁ ଯାଇ ରହୁଥିଲେ ମଧ୍ୟ ପ୍ରତିଦିନ ତାଙ୍କର ଶାସ୍ତ୍ରଚର୍ଚ୍ଚା ଲାଗିଥିଲା । ପରିଶେଷରେ ସାର୍ବଭୌମ ଜାଣିଲେ ସେ ସାମାନ୍ୟ ମନୁଷ୍ୟ ନୁହନ୍ତି ।

"ଶୁନି ଭଟ୍ଟାଚାର୍ଯ୍ୟ ଭବେ ଚମକିଆ କହେ
ଏହାତ ସାମାନ୍ୟ ମନୁଷ୍ୟେର ସାଧ୍ୟ ନୁହେଁ । ଚୈ: ଚ:

ପାଣ୍ଡିତ୍ୟ ଅଭିମାନ ତୁଟାଇ ଦେଇ ଶ୍ରୀ ଚୈତନ୍ୟ ଦିନ ଦିନ ବେଢ଼ା କୀର୍ତ୍ତନ କରି ଜଗନ୍ନାଥ ମନ୍ଦିରରେ ସର୍ବଜନପ୍ରିୟ ହୋଇଗଲେ । ଆସିବା ଦିନଠାରୁ ୨ବର୍ଷ ବିତିଯାଇଥିଲା । ସେତେବେଳେ ଓଡ଼ିଆ ଭକ୍ତଙ୍କ ସହ ତାଙ୍କର ସମ୍ବନ୍ଧ ହୋଇଥିଲା । ଖ୍ରୀ: ୧୫୧୨ରେ ଶ୍ରୀ ଚୈତନ୍ୟ ଜାଣି ପାରିଲେ କପିଳେଶ୍ୱରର ବ୍ରାହ୍ମଣ ଭଗବତୀ ଜଗନ୍ନାଥ ଦାସଙ୍କର ଭାବମୟ ଭାଗବତ ଜ୍ଞାନର ମହିମା । ସେ କଳ୍ପବଟ ମୂଳରେ ତାଙ୍କ ଭାଗବତ ଶ୍ରବଣରେ ଅତି ମୁଗ୍ଧ ହୋଇଥିଲେ । କ୍ରମେ କ୍ରମେ ତାଙ୍କ ଦୁଇଜଣଙ୍କ ପ୍ରୀତି ବଢ଼ିଲା । ଭକ୍ତି ଚନ୍ଦ୍ରିକାରେ ଜଗନ୍ନାଥ ଦାସ ନିଜେ ଲେଖିଛନ୍ତି ଚୈତନ୍ୟଙ୍କ ଉକ୍ତି—

ଶ୍ରୀ ଭାଗବତ ପୁରାଣ ତାଙ୍କଠାରୁ
ଶୁଣି ମୁଁ ଭୋଳ ହୋଇବି,

ସେହି କଳ୍ପବୃକ୍ଷ ମୂଳରେ 'ରାଧାନାମ' ଭାଗବତରେ କାହିଁକି ନାହିଁ ବୋଲି ସ୍ୱରୂପ ଦାମୋଦରଙ୍କ ହସ୍ତରେ ପଚାରି ଯେଉଁ ମହାନ୍ ଉତ୍ତର ପାଇଛନ୍ତି ତାହାହିଁ ଚୈତନ୍ୟ ଚକଡ଼ାର ଗୋବିନ୍ଦ ଦାସଙ୍କର ଗୁରୁତ୍ୱପୂର୍ଣ୍ଣ ବର୍ଣ୍ଣନା । ଯାହାର ବିସ୍ତୃତ ବର୍ଣ୍ଣନା ଦୈବୀବାଣୀ ଜ୍ୟୋତିଷ ଧର୍ମ ସମ୍ମେଳନର ବିଶେଷାଙ୍କର ୩୦ ପୃଷ୍ଠାରେ ଦୃଶ୍ୟରୂପେ ବର୍ଣ୍ଣିତ ହୋଇଅଛି । ସେଥିରେ ଶେଷ ଶ୍ଳୋକଟି କୁହାଯାଉଛି ଜଗନ୍ନାଥ ଦାସ ଭାଗବତୀ କହିଲେ, ତୁମେ ତ ସାକ୍ଷାତ କୃଷ୍ଣଙ୍କ ଅବତାର ତୁମ ମଧ୍ୟରେ ଯେପରି ରାଧାଭାବ ଲୁଚି ରହିଛି ସେପରି ଭାଗବତ କୃଷ୍ଣ ରସର ଶାସ୍ତ୍ର ତାହା ମଧ୍ୟରେ ରାଧା ଗୁହ୍ୟରସ ରୂପରେ ରହିଛନ୍ତି ।

ଯଥା ଗୋରା କୃଷ୍ଣ ତନୁ ରାଧା ଭାବାନ୍ୱିତ
ତଥା ଭାଗବତେ କୃଷ୍ଣ ରାଧା ବିରହିତ ।।

କ୍ରମେ କ୍ରମେ ଭଗବତୀ ଜଗନ୍ନାଥ ଦାସଙ୍କ ସହ ଶ୍ରୀ ଚୈତନ୍ୟଙ୍କର ସୌଖ୍ୟତା ଗଭୀର ହୋଇ ଉଠିଲା ଓ ପରିଶେଷରେ ଚୈତନ୍ୟଙ୍କୁ କୃଷ୍ଣ ବୋଲି ଗ୍ରହଣ କରିଥିବା ଜଗନ୍ନାଥ ଦାସଙ୍କୁ ସେ ଅତିବଡ଼ୀ ଆଖ୍ୟା ଦେଇ ଏକ ନୂତନ ଶାଖାର ସୃଷ୍ଟି କରିଥିଲେ ।

ଦୂତୀବୋଧରେ ଜଗନ୍ନାଥ ଦାସ ସ୍ୱୟଂ ଲେଖିଛନ୍ତି ନିତ୍ୟ ରାହାସ ୭୬ ପୃଷ୍ଠାରେ ଅଛି

ପୂର୍ବରୁ ଏପରି ବଚନ
ଶୁଣିତ ନଥିଲା ମୋ କର୍ଣ୍ଣ
ତୁମେତ ଅଟ ତା ସଦୃଶ
ଅତି ବଡ଼ କଥା କହିଲ
ତେଣୁ ଅତି ବଡ଼ୀହୋଇ
ବିପ୍ରକୁଳେ ଜାତହୋଇ କିଛି ନଜାଣଇ
ଅତିବଡ଼ ବୋଲି ଶ୍ରୀ ଚୈତନ୍ୟ ଚନ୍ଦ୍ର କହି "

ଏଠାରେ ଭକ୍ତଗଣ ଜାଣିବା ଉଚିତ ଏତେ ଗଭୀର ସମ୍ବନ୍ଧ ଥିଲେ ମଧ୍ୟ ଗୌଡ଼ୀୟ ଭକ୍ତଗଣଙ୍କ ମଧ୍ୟରେ ଜଗନ୍ନାଥ ଦାସଙ୍କୁ କାହିଁକି ଗ୍ରହଣ କରାଯାଇନାହିଁ । ତାହାର ଏକମାତ୍ର କାରଣ ଶ୍ରୀଚୈତନ୍ୟଙ୍କୁ ଜଗନ୍ନାଥ ଦାସ ଶ୍ରୀକୃଷ୍ଣଙ୍କର ପ୍ରତୀକବୋଲି ମାନୁଥିଲେ ମାତ୍ର ପଞ୍ଚତତ୍ତ୍ୱକୁ ମାନୁନଥିଲେ । ୨ୟ କାରଣ ସେ ତାଙ୍କର ଭାଗବତ ସମସ୍ତ ରଚନାରେ ନିଜକୁ ବୈଷ୍ଣବ ଗୋସାଇଁ ବୋଲି ଲେଖୁନଥିଲେ । "ଭଣଇ ଦାସ ଜଗନ୍ନାଥ" କିମ୍ବା ବିପ୍ର ଜଗନ୍ନାଥ ଏପରି ବହୁ ଦୃଷ୍ଟାନ୍ତ ତାଙ୍କ ରଚନାରେ ଦେଖାଯାଏ ତେଣୁ ତାଙ୍କୁ ରାଗାନୁଗା ପରଂପରା ଶ୍ରୀ ଚୈତନ୍ୟ ପାର୍ଶ୍ୱଦ

ରୂପରେ ନେଇ ନାହାନ୍ତି । ଯାହା ସ୍ୱାଭାବିକ । ଏହା ମଧ୍ୟରେ ଶ୍ରୀ ଚୈତନ୍ୟ ଶ୍ରୀ ମନ୍ଦିର ତଥା ରାଜା ପ୍ରତାପରୁଦ୍ରଙ୍କର ଅତିପ୍ରିୟ ହୋଇ ପଡ଼ିଥିଲେ । ଶ୍ରୀ କ୍ଷେତ୍ରରେ କିଛିବର୍ଷରହି ସାର୍ବ-ଭୌମ ଓ ମନ୍ଦିରର କରଣ ମାନଙ୍କଠାରୁ ରାୟରାମାନନ୍ଦଙ୍କର ପରିଚୟ ଭକ୍ତିଭାବରେ ସାଧକବୋଲି ଜାଣି ଗୋଦାବରୀ ତୀରରେ ଭେଟି ତାଙ୍କୁ ଆପଣାର ପାର୍ଶ୍ୱଦ ରୂପରେ ଗ୍ରହଣ କରିଥିଲେ । ରାଜା ପ୍ରତାପରୁଦ୍ରଙ୍କ ନିକଟରୁ । ବିଷୟୀ ସେ ମୁଁ ତାଙ୍କ ପାଖକୁ ଯିବିନାହିଁ ବୋଲି କହୁଥିଲେ ମଧ୍ୟ ଶ୍ରୀରାୟରାମାନନ୍ଦ ଗଜପତିଙ୍କୁ ନେଇ ଗରୁଡ଼ସ୍ତମ୍ଭ ଆଗ ଜଗମୋହନରେ ଶ୍ରୀଚୈତନ୍ୟଙ୍କ ଷଡ଼ଭୁଜ ମୂର୍ତ୍ତି ଦେଖାଇ କହିଲେ ଏ ସାଧାରଣ ମହାତ୍ମା ନୁହନ୍ତି ଦେଖ ଏ ଷଡ଼ଭୁଜ ମୂର୍ତ୍ତିର ରହସ୍ୟ ମୁଖ୍ୟ ଶରୀର ସନ୍ନ୍ୟାସୀ ରୂପ ବା ହରିଙ୍କର ସ୍ୱରୂପ ମଧ୍ୟରେ ୨ ଭୁଜରେ ସେ ବଂଶୀ ଧରିଛନ୍ତି । ତେଣୁ ସେ କୃଷ୍ଣରୂପ ଓ ଅନ୍ୟ ଦୁଇ ହାତରେ ଧନୁର୍ବାଣ ଧରିଛନ୍ତି । ତେଣୁ ସେ ରାମରୂପ । ଏହି ରୂପହିଁ ତାରକ ମହାମନ୍ତ୍ରର "ହରେ ରାମ ହରେ କୃଷ୍ଣ" ନାମର ସ୍ୱରୂପ ଅଟେ । ପ୍ରତାପରୁଦ୍ର ଯେଉଁ ସ୍ତମ୍ଭନିକଟରୁ ଶ୍ରୀଚୈତନ୍ୟଙ୍କର ଷଡ଼ଭୁଜରୂପ ଦେଖିଥିଲେ ସେଠାରେ ଶ୍ରୀ ଚୈତନ୍ୟଦେବ ଓ ଆପଣାର ମୂର୍ତ୍ତି ସ୍ଥାପନ କରାଇଥିଲେ । ଯାହା ଆଜି ଜଗମୋହନର ଉତ୍ତର ସ୍ତମ୍ଭରେ ସ୍ଥାପିତ ହୋଇଛି । ପ୍ରତିଦିନ ପୂଜିତ ହେଉଅଛନ୍ତି । ପ୍ରତାପରୁଦ୍ରଙ୍କର ସହ କ୍ରମେ କ୍ରମେ ରାୟରାମାନନ୍ଦ, କହ୍ନାଇ ଖୁଣ୍ଟିଆ ଶିଖି ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ବନ୍ଦନୀୟହୋଇ ଉଠିଥିଲେ ।

ଶ୍ରୀ ଚୈତନ୍ୟ ପୁରୀରେ ୨ୟ ବାର ରହିବା କାଳରେ ପ୍ରସିଦ୍ଧ ପଣ୍ଡିତ ରାଜରାଜଗୁରୁ ଗୋଦାବରୀ ମିଶ୍ରଙ୍କର ଭାତୃବର୍ଗ କାଶୀମିଶ୍ର ତାଙ୍କୁ ତାଙ୍କର ନିଜଘରେ ସ୍ଥାନ ଦେଇଥିଲେ ଓ କାଶୀମିଶ୍ର ଶ୍ରୀ ଚୈତନ୍ୟଙ୍କ ପ୍ରଭାବରେ ରାଜଗୁରୁ ରୂପେ ପ୍ରତିଷ୍ଠିତ ହୋଇଥିଲେ । ସେହି ସମୟରେ ଶ୍ରୀ ଚୈତନ୍ୟଦେବ ଜଗନ୍ନାଥ ଦାସଙ୍କଠାରୁ ଶୁଣିଲେ ଯେ ଗୌରୀ ଗୋସ୍ୱାମୀଙ୍କ ଭାଇ ସୌରୀ ଗୋସ୍ୱାମୀ ହରିବଂଶ ପୁରୀ କୁଂଡ଼ାଇବେଣ୍ଟ ସାହିରେ ରହୁଛନ୍ତି । ସେ ବଡ଼ ଭକ୍ତ । ତାହାଙ୍କୁ ମିଳିବାକୁ ଯାଇ ଶ୍ରୀ ଚୈତନ୍ୟ ଶଚୀମାତାଙ୍କ ଭାବମୂର୍ତ୍ତି ଦର୍ଶନକରି ସେଠାରେ ଆହୁଲ (ନାମର ସ୍ୱରୂପରେ ପୂଜା ହେଉଥିବା ଦେଖି ସେଠାରେ ଅଦ୍ୱୈତାଚାର୍ଯ୍ୟ ଓ ସୀତାଠାକୁରାଣୀଙ୍କର ସହିତ ୪ ମାସ ରହିଥିଲେ ତାହା ମାତା ଗୋସାଇଁ ମଠ ବା ଆହୁଲେ ମଠ ନାମରେ ଖ୍ୟାତ ହୋଇଥିଲା । ସେ ମଠରେ ପ୍ରଥମେ ଶ୍ରୀ ଚୈତନ୍ୟଙ୍କର ଦାରୁମୂର୍ତ୍ତି ଅଦ୍ୱୈତ ଓ ସୀତାଠାକୁରାଣୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିଲା ଯାହା ଅବଧି ବିରାଜିତ । ଶ୍ରୀ ମନ୍ଦିରର ଭିତରଛ ପରମାନନ୍ଦ ମହାପାତ୍ର ଯେବେ ମଧ୍ୟମ ପରିଛାଥିଲେ ତାଙ୍କର ନନ୍ଦଉତ୍ସବ ଲୀଳା ଶ୍ରୀ ଲକ୍ଷ୍ମୀଙ୍କ ଜଗମୋହନରେ ଦେଖି କ୍ଷୀରପାନ ପୂର୍ବକ ତାଙ୍କୁ 'ତାତ' ବୋଲି ଡାକି ସମ୍ବନ୍ଧ ସ୍ଥାପନ କରିଥିଲେ ଓ ତାଙ୍କୁ ଲକ୍ଷ ସଂଖ୍ୟାର ନାମ ଜପ କରାଇ ତାଙ୍କ ଗୃହକୁ ଯାଉଥିଲେ । ଶ୍ରୀ ଚୈତନ୍ୟଙ୍କର ଜୀବନକାଳରେ ହିଁ ଭିତରଛ ପରମାନନ୍ଦ ମହାପାତ୍ର ଧାତୁରେ ଷଡ଼ଭୁଜ ଗୌରାଙ୍ଗ ମୂର୍ତ୍ତି କରାଇ ଦୋଳମଣ୍ଡପ ସାହିରେ ଏକ କ୍ଷୁଦ୍ର ମନ୍ଦିର ନିର୍ମାଣକରାଇ ସ୍ଥାପନ କରିଥିଲେ ଓ ତାହା-ଫଳରେ ଜଗନ୍ନାଥଙ୍କ ସେବକ ବିଶେଷତଃ ସିଂହାରିମାନେ ଶ୍ରୀ ଚୈତନ୍ୟଙ୍କର ମାର୍ଗରୁ ଶିଷ୍ୟତ୍ୱ ଗ୍ରହଣ କରୁଥିଲେ । କେବଳ ସେତିକି ନୁହେଁ ଓଡ଼ିଶାର ଅଚ୍ୟୁତାନନ୍ଦ ଦାସ ଯେ କି ଶ୍ରୀ ଚୈତନ୍ୟଙ୍କଠାରୁ ବୟସରେ ୧୫ ବର୍ଷ ବଡ଼ ଥିଲେ । ଦୀନବନ୍ଧୁ ଖୁଣ୍ଟିଆଙ୍କ ପୁତ୍ର ଥିଲେ ସେ ମଧ୍ୟ ଚୈତନ୍ୟଙ୍କର ଅନୁଗାମୀ ଥିଲେ ଓ ଶ୍ରୀ ଶଚୀନନ୍ଦନ ତାଙ୍କୁ ବୈଶାଖ ଶୁକ୍ଳ ଏକାଦଶୀ ଦିନ କଳ୍ପବୃକ୍ଷର ନିମ୍ନ ଦେଶରେ ଶ୍ରୀ ସନାତନ ଗୋସ୍ୱାମୀଙ୍କୁ ଦୀକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଅଚ୍ୟୁତାନନ୍ଦ ମହାପୁରୁଷଙ୍କର ତାଙ୍କର ଜନ୍ମ ଶରଣ ପଞ୍ଜ ପ୍ରକାଶ ୯ ପୃଷ୍ଠାରେ ପ୍ରକାଶ କରିଅଛନ୍ତି ।

ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ ଦାଣ୍ଡରେ ଆସି

ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ
ଚରଣେ ପଡ଼ିଲି ଯାଇ
ଶିରି ସନାତନ ସ୍ୱାମୀଙ୍କୁ ଚାହିଁଣ
ଆଜ୍ଞା ଦେଲେ ସଚୀ ସୁତ
ଅଚ୍ୟୁତାନନ୍ଦଙ୍କୁ ତୁମ୍ଭେ ଉପଦେଶ
କରହେ ଯାଇ ତ୍ୱରିତ ।।

ଓଡ଼ିଶାର ସମସ୍ତ ସାଧକଙ୍କ ସହ ଶ୍ରୀ ଚୈତନ୍ୟଦେବ ସମ୍ବନ୍ଧ ରଖି ଅତି ପ୍ରିୟ ହୋଇ ଉଠିଥିଲେ । ଶ୍ରୀମନ୍ଦିରରେ ତାଙ୍କର ସଂକୀର୍ତ୍ତନ ସେବା ଗଜପତି ପ୍ରତାପରୁଦ୍ର ସ୍ୱୀକୃତି ଦେଇ ସେବାର ଆଶ୍ରୟସ୍ଥଳ ନିମନ୍ତେ ପୂର୍ବପଟ ମେରଦା ଘର ଯାହାକି ଶାକ୍ଷୀ ଦେଉଳର ପାର୍ଶ୍ୱରେ ଅବସ୍ଥିତ । ସେଠାରେ 'ସରଘର' ପ୍ରଦାନ କରିଥିଲେ । ଥରେ ସବୁ ମଠାଧୀଶମାନେ—ଆଗ୍ରହୀ, ବିଗ୍ରହୀ, ଦଣ୍ଡୀ, ବ୍ରହ୍ମଚାରୀ ମିଳି ପଚାରିଲେ ହେ ନାମାବତାର କୁହନ୍ତୁ ଜଗନ୍ନାଥ ତତ୍ତ୍ୱର ସାର କଣ ? ଶ୍ରୀ ଚୈତନ୍ୟ ଏହା ସର୍ବ ବୈଷ୍ଣବ ମତର ସମନ୍ୱୟ କହି ଶ୍ରୀକୃଷ୍ଣ ଚିନ୍ତାମଣି ତତ୍ତ୍ୱ ଶୁଣାଇ ଜଗନ୍ନାଥଙ୍କୁ ତତ୍ ରୂପରେ ଦେଖାଇ ପୁରୁଷୋତ୍ତମ କ୍ଷେତ୍ରରେ କୃଷ୍ଣ ଚିନ୍ତାମଣି ଉପାସନାର ପ୍ରଚଳନ କରାଇଥିଲେ । ଯେଉଁ ମୂର୍ତ୍ତି ଭୋଗ ମଣ୍ଡପର ପୂର୍ବ ଉତ୍ତର କୋଣରେ ଅବସ୍ଥିତ ଏହି ରୂପ ବୈଷ୍ଣବ ମତାନ୍ତରରେ ଏକ ସମନ୍ୱୟ ରୂପ ଅଟେ । ଶ୍ରୀ ଚୈତନ୍ୟ ଦୀର୍ଘ ୧୮ ବର୍ଷ ଧରି ପୁରୀରେ ଏକ ସମନ୍ୱୟ ପରଂପରାର ସୃଷ୍ଟି କରିଥିଲେ । ଶ୍ରୀ ଚୈତନ୍ୟ ପ୍ରଭୁଙ୍କର ଗୁଣ୍ଡିଚାଯାତ୍ରା କୀର୍ତ୍ତନ, ହେରା ପଞ୍ଚମୀ କୀର୍ତ୍ତନ; ଗୁଣ୍ଡିଚା ମାର୍ଜନାଦି ବହୁ ସକ୍ରିୟ ଅଂଶ ନେଇ ଜନମାନସକୁ ଆକର୍ଷଣ କରିଥିଲେ । ଅତିବଡ଼ୀ ଜଗନ୍ନାଥ ଦାସ ଓ ଶ୍ରୀ ଚୈତନ୍ୟ ଦୁହେଁ ଅତ୍ୟନ୍ତ ତୋଫାନ ବେଳାରେ ଆରତି ପାଇଁ ଦୀପ ନେଇ ଜୟ ବିଜୟ ଘରରେ ରଖି ଦେଇ ଥିବାରୁ ଭକ୍ତ ସ୍ମାରକ ଘଟଣାକୁ କେନ୍ଦ୍ର କରି ପ୍ରତିବର୍ଷ ଜୟବିଜୟ ଘରର କାର୍ତ୍ତିକ ମାସରେ ଉଭୟ ମଠରୁ ଦରଠାସିଦ୍ଧି ବା ପ୍ରଦୀପ ଜଳି ଆସୁଅଛି । ନଗରରେ ଚଟକ ପାହାଡ଼ (ବାଲିହୁଦକୁ ଦେଖି ସେ ଗୋବର୍ଦ୍ଧନ ଭାବି ଲୀଳା କରିଥିଲେ । ମକର ସଂକ୍ରାନ୍ତି ପୂର୍ବ ଦିନ ଦୁଧ ମେଲଣ ଯାତ୍ରାରେ ଗୋ ଗୋଷ୍ଠରେ କୃଷ୍ଣାଙ୍ଗଲୀଳା କରିଥିଲେ । ଏହିପରି ୩୪ ଗୋଟି ଲୀଳା କେବଳ ପୁରୀ ଓ ଶ୍ରୀମନ୍ଦିରରେ କରାଇ ମନ୍ଦିର ସହିତ ଅତି ଘନିଷ୍ଠ ଭାବେ ଜଡ଼ିତ ଥିଲେ । ନିତ୍ୟ ମହାପ୍ରସାଦ ଭିକ୍ଷା ନିମନ୍ତେ ସେ ସୁଖ ଲାଭ କରୁଥିଲେ । ଗଜପତି ପ୍ରତାପରୁଦ୍ର ତାଙ୍କର ଅତ୍ୟନ୍ତ ଅନୁଗତ ହୋଇ ମଧ୍ୟ ତାଙ୍କୁ ସେବା କ୍ଷେତ୍ରରେ ସଂପୃକ୍ତ ନକରାଇ ଉତ୍ତମ କୀର୍ତ୍ତନାନନ୍ଦ ପ୍ରଦାନ କରାଇଥିଲେ । ଚୈତନ୍ୟ ମହାପ୍ରଭୁ ଜଗନ୍ନାଥ ଦେବଙ୍କର ମହାପ୍ରସାଦର ରହସ୍ୟ ଭରମ ରୂପେ ଜାଣିଥିଲେ । ପ୍ରସାଦ ମିଳିବା ମାତ୍ରେ ଅତିଭକ୍ତିର ସହିତ ଭକ୍ଷଣ କରି ପୂର୍ଣ୍ଣାନନ୍ଦ ପ୍ରକାଶ

କରୁଥିଲେ । ଯାହାର ମହିମା ଶ୍ରୀ ରାମାନୁଜ ବୈଷ୍ଣବ ଆଚାର୍ଯ୍ୟଗଣ ଠିକ୍ ରୂପେ ପାଳନ କରୁ ନଥିବାର ପ୍ରମାଣ ରହିଛି । ସେ ଠିକ୍ ଜାଣିଥିଲେ—

ଶୁଷ୍କଂ ପର୍ଯ୍ୟୁଷିତଂ ବାପିନୀତଂ ବା ଦୂରଦେଶତଃ
ପ୍ରାପ୍ତିମାତ୍ରେଣେ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା

ସେ ଆଚରଣରେ ପାଳନ କରୁଥିଲେ

ନ ଦେଶ ନିୟମସ୍ତତ୍ର ନ କାଳ ନିୟମ ସ୍ତଥା
ପ୍ରାପ୍ତ ମନ୍ନଦ୍ରୁତଂ ଶିଷ୍ଟେ ଭୋକ୍ତବ୍ୟ ହରିମବ୍ରବିତ୍ ।।

ସେତେବେଳେ କହ୍ନାଇ ଖୁଣ୍ଟିଆଙ୍କଠାରୁ ପ୍ରସାଦ ଗ୍ରହଣ କରୁଥିଲେ ତେତେବେଳେ ନିଜର ପିନ୍ଧା ବହିର୍ବାସ ହସ୍ତରେ ଧରି ପ୍ରସାଦ ପାଉଥିଲେ ।

ବହିର୍ବାସ ଅଞ୍ଚଳ ପ୍ରସାରି ଭଗବାନ
ପ୍ରସାଦାନ୍ନ ଆଉ ଦଳ କରିୟା ସ୍ବୀକାର

ଶ୍ରୀ ଚୈତନ୍ୟ ଚନ୍ଦ୍ରୋଦୟେ

ଜଗନ୍ନାଥଙ୍କର ଦନ୍ତକାଷ୍ଠ ଉପାଖ୍ୟାନରୁ ଜଣାଯାଏ ଶ୍ରୀ ଚୈତନ୍ୟ ଜଗନ୍ନାଥଙ୍କ ପ୍ରତି ଭୁକ୍ତ ଦ୍ରବ୍ୟକୁ ପବିତ୍ରତମ ଜୀବନ୍ତ ଭଗବାନ ବୋଲି ଜାଣି ମାନ୍ୟତା ପ୍ରଦାନ କରିଥିଲେ । ଦିନେ ଶିଖର ପଟ୍ଟନାୟକ, ପରମାନନ୍ଦ ମହାପାତ୍ର ଭିତରଛ ଅବକାଶ ପରେ କାଠିପ୍ରସାଦ ନେଇ ଦେଲେ ଶ୍ରୀ ଚୈତନ୍ୟ ମୁଖରେ ଗ୍ରହଣ କରି ହରିଦାସ ଠାକୁରଙ୍କ ପାଖକୁ ପଠାଇ ଦେଲେ । ହରିଦାସ ମଧ୍ୟ ତଦ୍ରୂପ ପ୍ରସାଦ ପାଇ ଶ୍ରୀ ଚୈତନ୍ୟଙ୍କ କରପଲ୍ଲବରେ ବକୁଳକାଠି ପୋତି ଦେଲେ ଓ କହିଲେ—

"ଜଗନ୍ନାଥେର ଭୁକ୍ତ ଦ୍ରବ୍ୟ ସାକ୍ଷାତ୍ ଜଗନ୍ନାଥ"

ସେହି ଖୋଳପାର ଦାନ୍ତକାଷ୍ଠ ମହା ଆଶ୍ଚର୍ଯ୍ୟଜନକ ବୃକ୍ଷରେ ପରିଣତ ହୋଇ; ସିଦ୍ଧବକୁଳ ନାମରେ ସେ ଚିରନ୍ତନ ସାକ୍ଷ୍ୟ ପ୍ରଦାନ କରୁଅଛି । ତତ୍କାଳରେ ପ୍ରଭୁ ଚୈତନ୍ୟଚନ୍ଦ୍ରଙ୍କର ପ୍ରତିଷ୍ଠା ଏତେ ଦୂର ବଢିଥିଲା ଯେ ବ୍ରାହ୍ମଣ କୁଳଠାରୁ ସବୁ ସମ୍ପ୍ରଦାୟ ତାଙ୍କୁ ଶ୍ରେଷ୍ଠ ବୋଲି ମାନୁଥିଲେ । ଗୋଟିଏ ଉଦାହରଣରୁ ତାହା ଜଣାଯାଏ ଯେତିକିବେଳେ ପ୍ରତାପରୁଦ୍ର ମୁକ୍ତିମଣ୍ଡପ ନିର୍ମାଣ କରାଉଥିଲେ, ଶିଳ୍ପୀମାନେ ଶ୍ରୀ ଚୈତନ୍ୟଙ୍କୁ ଏତେ ଭକ୍ତି କରୁଥିଲେ ଯେ ନିର୍ମାଣ ସମୟରେ ମୁକ୍ତିମଣ୍ଡପର ଉର୍ଦ୍ଧ୍ୱ ଭାଗରେ ଶ୍ରୀ ଚୈତନ୍ୟଙ୍କ ଷଡ଼ଭୁଜ ମୂର୍ତ୍ତି ସ୍ଥାପନ କରିଦେଲେ । ଏଥିରେ ବ୍ରାହ୍ମଣମାନେ ଅତ୍ୟନ୍ତ ବିରକ୍ତ ହେଲେ । ସେମାନେ ଶଙ୍କରାଚାର୍ଯ୍ୟଙ୍କର ପାରଂପାରିକ ଶିଷ୍ୟ । ମାତ୍ର ଶିଳ୍ପୀମାନଙ୍କର ନିର୍ମିତ ମୂର୍ତ୍ତି ରହିବା ସମୁଚିତ ବୋଲି ପୁରୀର ଭକ୍ତ ଓ ସେବକମାନେ କହିଲେ ପଦ୍ମପୁରାଣରେ ଭଗବାନ ସ୍ୱୟଂ କହିଛନ୍ତି—

"ମଦ୍ଭକ୍ତାନାଂ ବିନୋଦାର୍ଥଂ କରୋମି ବିବିଧା କ୍ରିୟାଃ," ଏହାତ ସଂକୀର୍ତ୍ତନର ଦୃଶ୍ୟ । ଏଥିରେ ନାମର ଗୁରୁତ୍ୱ, ବ୍ୟକ୍ତିର ନୁହଁ । ନିଜେ ଶ୍ରୀ ଚୈତନ୍ୟ କହିଛନ୍ତି—

ଆନନ୍ଦାମ୍ବୁଧିବର୍ଦ୍ଧନଂ ପ୍ରତିପଦଂ ପୂର୍ଣ୍ଣାମୃତ ସ୍ୱାଦନମ୍
ସର୍ବାତ୍ମ ସ୍ନପନଂ ପରଂ ବିଜୟତେ ଶ୍ରୀ କୃଷ୍ଣ ସଂକୀର୍ତ୍ତନମ୍ ।


ତେଣୁ ତାହା ଦକ୍ଷିଣ ଦିଗର ଉହରା ସ୍ଥଳରେ ରହିବା ସ୍ଥିର ହେଲା । ଏହା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ବୁଝି ପାରୁଥିବେ ଶ୍ରୀ ଚୈତନ୍ୟଙ୍କ ସମୟରେ ହିଁ ତାଙ୍କର ମୂର୍ତ୍ତି ଶ୍ରୀ ମନ୍ଦିରରେ ସ୍ଥାନ ପାଇ ସାରିଥିଲା । ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ କ୍ଷୁଦ୍ର ପ୍ରତିକୃତି ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ନିମ୍ନ ଦେଶରେ ଥିଲା । ଜଗଦ୍ଗୁରୁ ରାମାନୁଜାଚାର୍ଯ୍ୟଙ୍କ ଚିତ୍ର ଶ୍ରୀ ଲକ୍ଷ୍ମୀଙ୍କ ଜଗମୋହନରେ ଚିତ୍ରାକୃତିରେ ଥିଲା; ପରନ୍ତୁ ଶ୍ରୀ ଚୈତନ୍ୟଙ୍କ ମୂର୍ତ୍ତି ଶ୍ରୀ ଜଗମୋହନରେ (ଷଡ଼ଭୁଜ ମୂର୍ତ୍ତି) ବେଢ଼ାରେ ଧ୍ୟାନମୂର୍ତ୍ତି ଓ କୀର୍ତ୍ତନ ମଙ୍ଗଳ ମୂର୍ତ୍ତି ମୁକ୍ତି ମଣ୍ଡପ ଉପରେ ରହିଲା । ସଂକୀର୍ତ୍ତନ ସେବାର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଗମ୍ଭୀରା ପୀଠର ଅଧିକାରଭୁକ୍ତ ହେଲା । ସେତେ ସଂକୀର୍ତ୍ତନ ମନ୍ଦିରରେ ହେବ ଶ୍ରୀ ଚୈତନ୍ୟ ଗମ୍ଭୀରା ଓ ତତ୍ ସଂପୃକ୍ତ ବାସୁଦେବ ସାର୍ବଭୌମାଶ୍ରମ ଓ ଅତିବଡ଼ୀ ପୀଠ ବୃହଦ୍ ଉତ୍କଳ ମଠମାନେ ସର୍ବୋପରି କର୍ତ୍ତୃପକ୍ଷ ରୂପେ ଗମ୍ଭୀରାଧିପତିଙ୍କୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଥିଲେ । ଏହିପରି ମହାନ୍ ନାମର ପ୍ରତିଷ୍ଠାରେ ଶ୍ରୀ ଚୈତନ୍ୟ ସ୍ୱୟଂ ମହାପ୍ରଭୁ ନାମରେ ଖ୍ୟାତ ହେଲେ । ହେରା ପଞ୍ଚମୀ ସଂକୀର୍ତ୍ତନ ପରେ ଆଷାଢ଼ ଶୁକ୍ଳ ସପ୍ତମୀ ଦିନ ଶ୍ରୀମାନ୍ ଚୈତନ୍ୟ ଦେବ ଗୁଣ୍ଡିଚା ଘର ପାଦୁକ କୁଣ୍ଡ ପାଖରେ ବସି ଗଦ୍‌ଗଦ୍ ଚିତ୍ତରେ କୀର୍ତ୍ତନ କରୁଥିଲେ, ସନ୍ଧ୍ୟା ଆରତିର ବେଳ ହେଲା । ଶ୍ରୀ ଚୈତନ୍ୟ ଗୁଣ୍ଡିଚା ଘର ଗରୁଡ଼ ସ୍ତମ୍ଭ ନିକଟରେ ଦର୍ଶନ କରୁଥିବାବେଳେ ଏକ ଉଜ୍ଜ୍ୱଳତମ ଆଲୋକରେ ଭବନ ଉଦ୍ଭାସିତ ହୋଇଗଲା । ହଠାତ୍ ପ୍ରଭୁଙ୍କ ପୁଷ୍ପମାଳା ମାନ ଖସିପଡ଼ିଲା । ଦେଖାଗଲା ଶ୍ରୀ ଚୈତନ୍ୟ ସେଠାରେ ନାହାନ୍ତି । ବହୁଭକ୍ତ ଶୋକାତୁର ଚିତ୍ତରେ ଚାରିଆଡ଼ ଖୋଜିଲେ ନପାଇ କେତେ ମର୍ମାହତ ହେଲେ । ବହୁ ଅନୁସନ୍ଧାନ ପରେ ସ୍ୱରୂପ ଦାମୋଦର ଓ ରାୟ ରାମାନନ୍ଦ ଦେଖିଲେ ଟୋଟା ଗୋପୀନାଥଙ୍କ ପ୍ରାଙ୍ଗଣରେ ସେ ପିନ୍ଧିଥିବା ବହିର୍ବାସ ପଡ଼ିଛି । ଆହୁରି ଦେଖିଲେ ଶ୍ରୀ ଗୋପୀନାଥଙ୍କ ଜାନୁ ଦେଶରେ ଏକ ଗର୍ତ୍ତ ହୋଇଯାଇଛି । ତେଣୁ ବିଗ୍ଭର ହେଲା ନିଜ ଇଚ୍ଛା ନିର୍ମିତ ତନୁ ନିଜ ଇଚ୍ଛାରେ ଲୀନ ହୋଇଯାଇଛି । ତାଙ୍କର ଭୁକ୍ତାବଶେଷକୁ ସେଠାରେ ଭୂସମାଧି ଦିଆଗଲା । ମହୋତ୍ସବ ହେଲା, ଗମ୍ଭୀରା କୀର୍ତ୍ତନ ଯୁଗ ଯୁଗ ଧରି ବେଢ଼ାରେ ସ୍ୱରୂପ ଦାମୋଦର ଗୋବିନ୍ଦ ଦାସ ଅଧିକାରୀ ସେବକ ଗୋବିନ୍ଦ ଚଳାଇଲେ ରାଜା ପ୍ରତାପରୁଦ୍ର କଟକ ଛାଡ଼ି ୭ ବର୍ଷ କାଳ ପୁରୀ ବାଲିସାହି ମେରଦା ନବରରେ ରହୁଥିଲେ । ବହୁ ବିପଦ ଓ ପରାଜୟ ତାଙ୍କ ଉପରେ ଦେଖାଗଲା । ବଡ଼ଜେନାମଣି (ବଡ଼ପୁଅ)ଙ୍କୁ ବିଜୟ ନଗରରେ ହତ୍ୟା କରାଗଲା । ସଦା କଟକ ଗଲେ ଓ ସେଠାରେ ରହିଲେ । ଶ୍ରୀ ଚୈତନ୍ୟଙ୍କ ଲୀଳା ସମ୍ବରଣ ପରେ ପରେ ରାଜା ପ୍ରତାପରୁଦ୍ର ନିମ୍ବଦାରୁରେ ଶ୍ରୀ ନିତାଇ ଗୌରାଙ୍ଗଙ୍କ ମୂର୍ତ୍ତି ପୁରୁଣା ନବରରେ ରଖାଇ ନିଆଳି ପୁଷ୍ପାଳଙ୍କୁ ସେବା ଦେଇ ପୁରୀ ଛାଡ଼ିଲେ । ପୁରୀ ତ୍ୟାଗ କରିବା ପୂର୍ବରୁ ନିତ୍ୟାନନ୍ଦ ପରିବାରଙ୍କୁ ରାଣୀଙ୍କ ଗୁରୁ ରୂପେ, ଅଦ୍ୱୈତ ପରିବାରଙ୍କୁ ଭୋଗର କର୍ତ୍ତୃତ୍ୱାଧୀଶ କୋଠଭୋଗ ଗୋସାଇଁ ରୂପେ, ସୀତା ଠାକୁରାଣୀଙ୍କ ଆହୁଣା ମଠକୁ ସଂକୀର୍ତ୍ତନ ସେବା, ତଥା ସୁବର୍ଣ୍ଣ ଗୋସ୍ୱାମୀ ଆଦି ବ୍ରହ୍ମଚାରୀଙ୍କୁ ସ୍ନାନଜଳ ସେବା ଦେଇଥିଲେ । ଅତିବଡ଼ୀଙ୍କୁ ସିଂହାସନ ମହାନାୟକ ସେବା ଦେଇ ରାଜା ସ୍ଥାୟୀ ଗୋସ୍ୱାମୀ ପରିବାରର ସନ୍ମାନ ପ୍ରଦାନ କରି ସ୍ୱୟଂ କଟକ ଗଲେ, ୪୫ ଲୀଳାର ଅବସାନ ଘଟିଲା । ପ୍ରତାପରୁଦ୍ରଙ୍କର ମଧ୍ୟ ଭଗବତ୍ ଲୋକ ପ୍ରାପ୍ତ ହେଲା । ସବୁ କାଳର ପ୍ରବାହରେ ଯାଉଛି ମାତ୍ର ଦୀର୍ଘ ପାଞ୍ଚଶତ ବର୍ଷ ହେଲେ ମଧ୍ୟ ଶ୍ରୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମୃତି ଜଗନ୍ନାଥ ମନ୍ଦିରରେ ଅକ୍ଷୁର୍ଣ୍ଣ ରହିଛି । ଶ୍ରୀ ଚୈତନ୍ୟ ଦେବଙ୍କ ଶ୍ରୀମନ୍ଦିରରେ କୃତ୍ୟ, ପ୍ରଭାବ ଓ ବିବିଧ ଅନୁଷ୍ଠାନକୁ ଆଲୋଚନା କଲେ ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ । ବହୁ ଉପାଖ୍ୟାନ ଏବେ ମଧ୍ୟ ଅପ୍ରକାଶିତ ଅବସ୍ଥାରେ ଅଛି । ତାହା ମଧ୍ୟରୁ କେତେକ ଶ୍ରୀ ଚୈତନ୍ୟ ଚକଡ଼ା ଉଭୟ ଗ୍ରନ୍ଥ (ଏମ୍.ଏସ୍.ଏସ୍.) ଓ ଅନ୍ୟାନ୍ୟ ପ୍ରକାଶିତ ଗ୍ରନ୍ଥର ପ୍ରମାଣ ସହ ଏଠାରେ ଅତି ସଂକ୍ଷିପ୍ତ ଭାବରେ ପ୍ରଦତ୍ତ ହେଉଛି ମାତ୍ର ।

ଶ୍ରୀ ମନ୍ଦିର ଗବେଷକ ଲକ୍ଷ୍ମଣ ମୁଖ୍ୟ, ପୁରୀ

# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଦୁଇଟି ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ' ଓଡ଼ିଶା ରିଭ୍ୟୁ' ପାଇଁ ଲବ୍ଧ ପ୍ରତିଷ୍ଠିତ ଲେଖକ, ଗବେଷଣାକାରୀ ଓ ଗ୍ରନ୍ଥକାରମାନଙ୍କଠାରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ରାଜ୍ୟର ବିଭିନ୍ନ ଉତ୍ସବ ଅର୍ଥାତ୍ ପ୍ରାଚ୍ୟବିଦ୍ୟା, ଐତିହାସିକ ଘଟଣାବଳୀ ସହିତ ଓଡ଼ିଶାର ପ୍ରସଙ୍ଗ, ଓଡ଼ିଶାର ଜଙ୍ଗଲ ତଥା ବନ୍ୟପ୍ରାଣୀ ସମ୍ପଦ, ନୃତତ୍ତ୍ୱ, ପରମ୍ପରା ଓ ଆଗ୍ରହବର୍ଦ୍ଧୀ, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ ଉନ୍ନୟନ, ଗ୍ରାମାଞ୍ଚଳ ଉନ୍ନୟନ ଓ ପରିଚାଳନା, ବ୍ୟବସାୟ, ବାଣିଜ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ମନସ୍ତତ୍ତ୍ୱ, ଶାସନ ପଦ୍ଧତି, ପର୍ଯ୍ୟଟନ ପୀଠସ୍ଥଳୀ, ପରିବେଶ ସମ୍ପର୍କୀୟ ତଥ୍ୟ, ପର୍ଯ୍ୟଟନ, ବନ୍ୟପ୍ରାଣୀ, ପ୍ରତ୍ନତତ୍ତ୍ୱ ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପରେଖ ପ୍ରଭୃତି ସମ୍ପର୍କରେ ଲେଖାମାନ ସଂଗ୍ରହ କରାଯାଉଛି । ସମ୍ପାଦନା ଓ ମୁଦ୍ରଣ କାର୍ଯ୍ୟର ସୁବିଧା ନିମନ୍ତେ ଲେଖକମାନେ ଫୁଲସ୍କେପ୍ କାଗଜର ଗୋଟିଏ ପୃଷ୍ଠାରେ ଯଥେଷ୍ଟ ମାର୍ଜିନ୍ ରଖି ସେମାନଙ୍କ ଲେଖାକୁ ସୁନ୍ଦର ଅକ୍ଷରରେ ବା ଟାଇପ୍ କରି ତହିଁରେ ଦୁଇକପି ନକଲ ପଠାଇବା ଆବଶ୍ୟକ । ପ୍ରକାଶନ ଯୋଗ୍ୟ ଲେଖାଗୁଡ଼ିକ ଲାଗି ଲେଖକମାନଙ୍କୁ ପାରିତୋଷିକ ଦିଆଯିବ ଓ ପ୍ରକାଶନ ଉପଯୋଗୀ ନ ହେବା ଲେଖାଗୁଡ଼ିକୁ ଲେଖକମାନଙ୍କୁ ଫେରସ୍ତ ଦିଆଯିବ । ଲେଖାଗୁଡ଼ିକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱର 751001 ଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।


**ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ**
**ଓଡ଼ିଶା, ଭୁବନେଶ୍ୱର**



ଶହୀଦ ମାନଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା • Homage to martyrs.



ରାଜ୍ୟ ଯୋଜନା ବୋର୍ଡ଼ ବୈଠକରେ •• State Planning Board meets.




ଆଗାମୀ ଦଶନ୍ଧିରେ ଓଡ଼ିଶାରେ ଶିଳ୍ପାୟନ ••••



ପ୍ରାକ୍ତନ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଉଦ୍‌ଘାଟନ ଉତ୍ସବରେ..

In the inaugural function C.M., Finance minister & Health minister.




[illegible]

C.M. observing the functioning of Supper-16 computor.



ଆଦିବାସୀ ପ୍ରଦର୍ଶନୀ ମଣ୍ଡପରେ ମୁଖ୍ୟ...

C.M going round a stall in the tribal welfare Exhibition



କୃତୀଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ ।
state awards to teachers...




GOVERNOR RELEASING "GOVERNER"S SECRETARIAT HAND BOOK




କୃତୀ ପୋଲିସ୍ ଅଫିସରଙ୍କୁ ପଦକ ପ୍ରଦାନ ...
POLICE MEDALS FOR MERITORIOUS SERVICES.




# ରାଜ୍ୟରେ ସାଧାରଣତନ୍ତ୍ର ଦିବସ ପାଳନ






ଗଣକବି ସ୍ମୃତି ସଂସଦ ଅନୁଷ୍ଠାନ
ଗଣକବି ବୈଷ୍ଣବପାଣି
ଜୟନ୍ତୀ ସମାରୋହ





Sewing machine under I.R.D.P. Scheme.

ଆଇ.ଆର୍.ଡି.ପି. ଯୋଜନାରେ ସିଲେଇ ମେସିନ୍ ବାଣ୍ଟଣ....




ରାଜ୍ୟ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପଯୋଗୀ ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଶ୍ରୀ ବହେଡ଼ ...


ଓଡ଼ିଶା ଆଇନଗତ ସାହାଯ୍ୟ ଓ ଉପଦେଶ ବୋ
ଲୋକ ଅଦାଲ


ଅଭିମନ୍ୟୁ ସାମନ୍ତସିଂହାର
ଜୟନ୍ତୀ
ଭୁବନେଶ୍ୱର


ALL INDIA REGIONAL RURAL BANK EMPLOYEES ASSOCIA
4TH BI-ANNUAL CONFERENCE
BARABATI STADIUM, CUTTACK
RRBEA






# ପାଷାଣକାବ୍ୟ କଥାକହେ...

ଶ୍ରୀ ନୃସିଂହ ପ୍ରସାଦ ଦେବ

ରଥାକୃତିରେ ନିର୍ମିତ ବିଶ୍ୱ ବିସ୍ମୟ କୋଣାର୍କର ସୂର୍ଯ୍ୟ ମନ୍ଦିର ଓଡ଼ିଆ ଜାତିର ଅନୁପମ ସ୍ଥାପତ୍ୟ ଓ ବୈଷୟିକ କଳାକୃତିର ଚରମ-ନିଦର୍ଶନ । ରାଜଧାନୀ ଭୁବନେଶ୍ୱରଠାରୁ ଚଉଷଠି କିଲୋମିଟର ଦୂରରେ ବଙ୍ଗୋପସାଗର ତଟବର୍ତ୍ତୀ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ଏହି ମନ୍ଦିର ଅବସ୍ଥିତ । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ 'କୋଣାର୍କ' ଏକ ସଂସ୍କୃତ ଶବ୍ଦ । ଉଭୟ 'କୋଣ' ଓ 'ଅର୍କ' ଶବ୍ଦର ମିଶ୍ରଣରୁ ଏହାର ସୃଷ୍ଟି । 'ଅର୍କ' ଶବ୍ଦର ଅର୍ଥ 'ସୂର୍ଯ୍ୟ' । ଭୌଗୋଳିକ ଅବସ୍ଥିତି ଯୋଗୁଁ ଏଠାରେ ବର୍ଷର ବାରମାସ ସୂର୍ଯ୍ୟ ଏକ ନିର୍ଦ୍ଦିଷ୍ଟ କୋଣରେ ଉଦୟ ହେଉଥିବାରୁ ଏହାର ନାମକରଣ ଏପରି ହୋଇଅଛି । ମନ୍ଦିରଟି ଚବିଶଟି ରଥଚକ୍ର ସହ ସାତୋଟି ଧାବମାନ ଅଶ୍ୱକୁ ନେଇ ମୁଖ୍ୟତଃ ନିର୍ମିତ । ବାରମାସ ବା ଚବିଶଟି ପକ୍ଷର ପ୍ରତୀକ ଚବିଶଟି ଚକ୍ର ଏବଂ ସାତୋଟି ଅଶ୍ୱ ଗୋଟିଏ ସପ୍ତାହ ବା ସାତ ଦିନର ପ୍ରତୀକ । ପ୍ରତ୍ୟେକ ଚକରେ ଥିବା ଅଠଟି ପହି, ଦିନ ରାତି ଆଠ ପ୍ରହର ବା ଚବିଶ ଘଣ୍ଟାର ପ୍ରତୀକ । ପହିଗୁଡ଼ିକ ଉପରେ ଖୋଦିତ ଚିହ୍ନଗୁଡ଼ିକ ତଳ ଉପର ହୋଇ କ୍ରମାଗତ ଘୂର୍ଣ୍ଣାୟମାନ ସଦୃଶ ପ୍ରତୀୟମାନ । ଅଶ୍ୱ ଚାଳକ ହେଉଛନ୍ତି ଅରୁଣ । କାଳ ଗର୍ଭରେ କୋଣାର୍କର ମୁଖ୍ୟ ମନ୍ଦିର ଲୁପ୍ତ ହୋଇଯାଇଥିଲେ ମଧ୍ୟ ଅଧୁନା ଏହାର ଭଗ୍ନାବଶେଷ ଉତ୍କଳୀୟ ଶିଳ୍ପୀଙ୍କର ଅପରିସୀମ ସୃଜନଶୀଳ ପ୍ରତିଭାର ଚରମ ପରାକାଷ୍ଠା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଭାରତୀୟ କଳା, ଭାସ୍କର୍ଯ୍ୟ ଓ ନିର୍ମାଣ ଶିଳ୍ପ ଭଣ୍ଡାରକୁ ସେମାନଙ୍କର ବହୁମୂଲ୍ୟ ଅବଦାନ ଥିବା ପ୍ରତି ଗଭୀର ଆଲୋକପାତ କରୁଛି ।

ସମୁଦାୟ ସୂର୍ଯ୍ୟମନ୍ଦିରଟି ମୁଖ୍ୟତଃ ତିନିଭାଗରେ ବିଭକ୍ତ ଯଥା :—ନାଟ ମନ୍ଦିର, ଜଗମୋହନ ବା ମୁଖଶାଳା ଓ ବିମାନ ବା ଦେଉଳ । ନାଟ ମନ୍ଦିରଟି ଭାଙ୍ଗିରୁଜି କିଛି ଅଂଶ ମାତ୍ର ରହିଛି । ଦେଉଳଟି ସଂପୂର୍ଣ୍ଣ ଭାଙ୍ଗି ଯାଇଛି ଏବଂ ଏହାର ଭଗ୍ନାବଶେଷ ସହ ୧୩୦ ଫୁଟ ଉଚ୍ଚତାବିଶିଷ୍ଟ ମୁଖଶାଳା କେବଳ ମୁଣ୍ଡଟେକି ଅତୀତର ଗୌରବ ଗାନ କରୁଛି । ମନ୍ଦିରର ମୁଖଶାଳା ସୁରକ୍ଷିତ ହୋଇ ରହିଛି । ଶିଳ୍ପଶାସ୍ତ୍ର ନିୟମାନୁଯାୟୀ ମୁଖଶାଳା ଅନୁପାତରେ ମୁଖ୍ୟ ମନ୍ଦିରର ଉଚ୍ଚତା ୨୩୦ ଫୁଟ ଥିଲା । ୨୩୦ ଫୁଟ ଉଚ୍ଚତା-ବିଶିଷ୍ଟ ମନ୍ଦିରର ଓଜନକୁ ଧରି ରଖିବା ପାଇଁ ମାଟି ତଳେ ୨୩୦ ଫୁଟ ଗଭୀରରୁ ମୂଳଦୁଆ ଦିଆଯାଇଥିବାର ଅନୁମାନ କରାଯାଏ । ମୁଖଶାଳାଟି ଭଦ୍ରଶୈଳୀରେ ନିର୍ମିତ । ନାଟ ମନ୍ଦିର ଗୋଟିଏ ଅତି ଉଚ୍ଚ ଓ ବିରାଟ ବେଦୀ ଉପରେ ନିର୍ମିତ ଏବଂ ଏହାର ଚତୁଃପାର୍ଶ୍ୱସ୍ଥ ବେଦୀ ବହୁ ପାବଚ୍ଛ ଦ୍ୱାରା ସଂଯୁକ୍ତ । ଏହାର ଛାତ ଖୁବ୍ ମୋଟା ଥିଲା । ଏସବୁ ବ୍ୟତୀତ, ଚତୁଃସୀମାରେ ପ୍ରାଚୀର, ଷୋହଳଟି ପାର୍ଶ୍ୱ ଥିବା କଳା ମୁଗୁନି ପଥରର ଅରୁଣ ସ୍ତମ୍ଭ, ଯୁଦ୍ଧରତ ଦୁଇଟି ଅଶ୍ୱ, ମୁଗୁନି ପଥରର ଦୁଇଟି ହସ୍ତୀ, ଛାୟାଦେବୀଙ୍କ ଭଗ୍ନ ମନ୍ଦିର ଓ ନବଗ୍ରହ ମୂର୍ତ୍ତି ରହିଛି । ୧୭୫୧ ଖ୍ରୀଷ୍ଟାବ୍ଦ ପରେ କୋଣାର୍କର ଅରୁଣ ସ୍ତମ୍ଭ ସ୍ଥାନାନ୍ତରିତ କରାଯାଇ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଅବସ୍ଥାପିତ କରାଯାଇଛି । ପୂର୍ବେ ମୁସଲିମ୍ ଶାସକଙ୍କ ଦୌରାତ୍ମ୍ୟ ଯୋଗୁଁ ସୂର୍ଯ୍ୟଙ୍କ ପ୍ରତିମାକୁ ସ୍ଥାନାନ୍ତରିତ କରାଯିବା ଦ୍ୱାରା ମନ୍ଦିରରେ ସେବା ପୂଜା ବନ୍ଦ ହୋଇଗଲା । ଫଳରେ କୋଣାର୍କରେ ଜନପଦ ନିଶ୍ଚିହ୍ନ ହୋଇଗଲା । ତେଣୁ କାଳର ପ୍ରବାହରେ ବାଧ୍ୟମୁକ୍ତ ପ୍ରକୃତି କୋଣାର୍କ ମନ୍ଦିରକୁ ଭାଙ୍ଗି ଦେଇଥିବା ଅନୁମାନ କରାଯାଏ । ପୂର୍ବେ ଏକ ଦୀର୍ଘ ଓ ବିଶାଳକାୟ ମୁଗୁନି ପଥରରେ ସୁନ୍ଦର ଭାବେ ଖୋଦିତ ନବଗ୍ରହଙ୍କର ମୂର୍ତ୍ତି ମନ୍ଦିରର ପ୍ରବେଶ ଦ୍ୱାରର ଉପରି ଭାଗରେ ଅବସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହା ନିକଟସ୍ଥ ଅନ୍ୟ ଏକ ସ୍ଥାନରେ ପୂଜା ହେଉଛି ।

ଅତୀତରେ ଓଡ଼ିଶାରେ ଯେତେଗୁଡ଼ିଏ ବିଶାଳକାୟ ମନ୍ଦିର ନିର୍ମାଣ କରାଯାଇଛି, ତନ୍ମଧ୍ୟରେ କୋଣାର୍କର ସୂର୍ଯ୍ୟ ମନ୍ଦିର ସର୍ବଶେଷରେ ନିର୍ମିତ । ଉତ୍କଳୀୟ ଶିଳ୍ପୀମାନଙ୍କର



ଦୀର୍ଘକାଳର ନିର୍ମାଣ ଶୈଳୀର ଅଭିଜ୍ଞତା ଓ ଦକ୍ଷତା ଏହି ମନ୍ଦିରରେ ଏକତ୍ରିତ ହୋଇଛି । ଓଡ଼ିଶାରେ ମନ୍ଦିର ନିର୍ମାଣ କରିବା ୬ଷ୍ଠ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ସେ ସମୟରେ ଶିଳ୍ପୀମାନେ କେବଳ ମୁଖ୍ୟ ମନ୍ଦିରଟି ନିର୍ମାଣ କରୁଥିଲେ । ପରବର୍ତ୍ତୀ କାଳରେ ଶହ ଶହ ବର୍ଷ ପରେ ମୁଖଶାଳା, ନାଟ ମନ୍ଦିର ଓ ଭୋଗ ମଣ୍ଡପ ଆଦି ନିର୍ମାଣ କରିବାର ପରମ୍ପରା ପ୍ରଚଳନ କରାଗଲା ।



ଅଭିଲେଖରୁ ଜଣାଯାଇଛି ଯେ ଉତ୍କଳର ଗଙ୍ଗବଂଶର ପ୍ରବଳ ପ୍ରତାପୀ, ଅସୀମ ସାହସୀ, ଅତୁଳନୀୟ ଯୋଦ୍ଧା ତଥା ଅପ୍ରତିଦ୍ୱନ୍ଦ୍ୱୀ ରାଜା ପ୍ରଥମ ଲାଙ୍ଗୁଳା ନରସିଂହ ଦେବ (୧୨୩୮—୧୨୬୪) ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ

ତାଙ୍କର ସର୍ବଶ୍ରେଷ୍ଠ କୀର୍ତ୍ତି ଏହି ବିଶାଳକାୟ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଏହାର ନିର୍ମାଣ ବାବଦରେ ଉତ୍କଳର ବାରବର୍ଷର ରାଜସ୍ୱ ବ୍ୟୟ ହୋଇଥିଲା ଏବଂ ବାରଶହ କାରିଗର ବାରବର୍ଷ ଧରି ନିର୍ମାଣ କାର୍ଯ୍ୟ କରିଥିଲେ । ମଧ୍ୟ ଭାରତୀୟ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟକୁ ଭିତ୍ତିକରି ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଏହି ସମୟରେ ଗଙ୍ଗବଂଶର ଗୌରବ ଭାରତର ରାଜନୈତିକ ଗଗନରେ ଦେଦୀପ୍ୟମାନ ହୋଇ ରହିଥିଲା । ସାମ୍ରାଜ୍ୟ ବିସ୍ତାର କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଘଟିଥିଲା । ଭାରତର ଉତ୍ତର-ପଶ୍ଚିମ ଓ ଉତ୍ତରାଞ୍ଚଳ ଏବଂ ବଙ୍ଗ ଦେଶର ଅଧିକାଂଶ ଅଞ୍ଚଳକୁ ମୁସ୍‌ଲିମ୍ ପ୍ରଶାସକମାନେ ଦଖଲ କରି ନେଇଥିଲେ । ହିନ୍ଦୁ କଳିଙ୍ଗ ରାଜ୍ୟକୁ ସେମାନେ

ହୁଏତ ଦଖଲ କରିନେବେ ବୋଲି ଆଶଙ୍କା କରି ରାଜା ନରସିଂହ ଦେବ ମୁସଲିମ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । କାଟାସିନ୍‌ଠାରେ ପ୍ରବଳ ଯୁଦ୍ଧରେ ମୁସ୍‌ଲିମ୍‌ମାନେ ପରାସ୍ତ ହୋଇଥିଲେ । ବଙ୍ଗ ଦେଶର ଦକ୍ଷିଣାଞ୍ଚଳ ଜିଲ୍ଲା ମେଦିନୀପୁର, ହାବଡ଼ା ଓ ହୁଗୁଳି ପ୍ରଭୃତି ଉତ୍କଳ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା । ଏହି ବିଜୟୋଲ୍ଲାସର ସ୍ମାରକୀ ତଥା ସୂର୍ଯ୍ୟ ଦେବତାଙ୍କ ପ୍ରତି ଗଭୀର ଭକ୍ତିର ନିଦର୍ଶନ ସ୍ୱରୂପ ରାଜା ନରସିଂହ ଦେବ କୋଣାର୍କ ମନ୍ଦିର ନିର୍ମାଣ କରାଇଥିବା ଅନୁମାନ କରାଯାଏ ।



ମନ୍ଦିରରେ ବିଭିନ୍ନ ଭଙ୍ଗୀରେ କାର୍ଯ୍ୟରତ ମନୁଷ୍ୟ, ବୃକ୍ଷ ଲତା, ହସ୍ତୀଯୂଥ, ପଶୁ ପକ୍ଷୀ, ମାନବାକୃତିର ଅପ୍‌ସରା, ମିଥୁନ ଦମ୍ପତିମାନଙ୍କର ମୂର୍ତ୍ତି ଖୋଦିତ ହୋଇ ଶୋଭା ପାଉଛି । ଶୀକାରିମାନଙ୍କର ଚିତ୍ର ସହ ପଣ୍ୟ ଦ୍ରବ୍ୟ ବୋହିବା, ବାଦକ, ନର୍ତ୍ତକୀ, ସୈନ୍ୟ ସାମନ୍ତ ଓ ଛନ୍ଦାୟିତ ମୂର୍ତ୍ତିଗୁଡ଼ିକ ଅତି ଜୀବନ୍ତ ହୋଇଛି । ଶିଳ୍ପୀର ସମସ୍ତ ସୃଷ୍ଟି ସତେ ଯେପରି ଏଠାରେ ସୁଦୀର୍ଘ ନାଟକୀୟ ପରିବେଶ ସୃଷ୍ଟି କରୁଛନ୍ତି । ଜୀବନର ସମସ୍ତ ଆନନ୍ଦ ଏଠାରେ ଯେପରି ପରିପ୍ରକାଶ ହୋଇଛି, ତାହା ଉପଭୋଗ କରିବା ପାଇଁ କୌଣସି ଦର୍ଶକ ବିମୁଖ ପ୍ରକାଶ କରିବ ନାହିଁ । ବ୍ୟାପକ ଅର୍ଥରେ କହିବାକୁ ଗଲେ ଏହି ମନ୍ଦିର ସମର, ପୂଜା ଆରାଧନା ଓ ପ୍ରଣୟର ପୁଣ୍ୟପୀଠ । କାରଣ, ଏହି ତିନୋଟି ଦିଗ ମାନବ ଜୀବନର ତିନୋଟି ମୁଖ୍ୟ ବିଷୟ । ଜୀବଜଗତର ରକ୍ଷାକର୍ତ୍ତା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପ୍ରଣୟ ଓ ବିଜୟ ଉଲ୍ଲାସର ନିଦର୍ଶନ ସ୍ୱରୂପ କୋଣାର୍କ ମନ୍ଦିର ଏକ ଉତ୍ସର୍ଗୀକୃତ ପାଷାଣ କାବ୍ୟ [illegible] ନାହିଁ ।

କୋଣାର୍କ ମନ୍ଦିର ଗାତ୍ରରେ ରୂପାୟିତ ସମଗ୍ର କଳାକୃତିକୁ ବ୍ୟାପକ ଅନୁଧ୍ୟାନ କଲେ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ପାରେ । ଏ ଗୁଡ଼ିକ ହେଲା; ବିଭୂଷିତ, ସାମାଜିକ, ଧାର୍ମିକ, ପାରମ୍ପରିକ ଓ ଶୃଙ୍ଗାର । ସଂଖ୍ୟା ଓ ପ୍ରକାର ଦୃଷ୍ଟିରୁ ମୂର୍ତ୍ତିଗୁଡ଼ିକ ଏତେ ବହୁତ ଯେ ଦର୍ଶକ ମନରେ ଏହା ସୌନ୍ଦର୍ଯ୍ୟ ଓ ଆନନ୍ଦର ସ୍ୱପ୍ନପୁରୀ ରୂପେ ପ୍ରତିଭାତ ହେବ । ଜୀବନର ମାର୍ଗ ପ୍ରଦର୍ଶନ ପାଇଁ ହିନ୍ଦୁଧର୍ମ ଓ ସଂସ୍କୃତିର ଉଜ୍ଜ୍ୱଳ ପ୍ରବାହ ସମାଜର ବିଭିନ୍ନ ପର୍ଯ୍ୟାୟରେ ଅନୈକ୍ୟ ପଥରେ ପ୍ରବାହିତ । ଅଳିକ କ୍ଷମତା ବୃକ୍ଷର ପ୍ରାଚୁର୍ଯ୍ୟ ଭିତରେ ନିମଜ୍ଜିତ ନ ରହି ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିବା ସକାଶେ ନୂତନ ଦୃଷ୍ଟିଭଙ୍ଗୀ ଓ ଅର୍ଥବୋଧର ଚିତ୍ର ଏହାର କଳାକୃତିରେ ପ୍ରତିଫଳିତ ।

ବିଭୂଷିତ ସ୍ଥାପତ୍ୟ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ମୁଖ୍ୟମନ୍ଦିର ଓ ଏଥିସହ ସଂଲଗ୍ନ ଅନ୍ୟାନ୍ୟ ବିଭାଗଗୁଡ଼ିକରେ ଉପଯୁକ୍ତ ଆନୁପାତିକ ରକ୍ଷା କରାଯାଇଛି । ମଧ୍ୟ ଭାଗରେ ଖଚିତ ପ୍ରସ୍ତରଖଣ୍ଡଗୁଡ଼ିକରେ ବୃକ୍ଷଲତା, ପତ୍ର, ପୁଷ୍ପାଦି ଯେପରି ଅତୀବ କମନୀୟଭାବେ ଖୋଦିତ ହୋଇଛି, ତାହା ପ୍ରାଚୀନ ସମାଜର କଳାଗ୍ରାହୀତ ସ୍ୱାକ୍ଷର ବହନ କରିଛି । ଫୁଟି ପଡ଼ିଥିବା ପଦ୍ମଫୁଲର ପାଖୁଡ଼ା, ନାଗକନ୍ୟା, ମର୍କଟ ଇତ୍ୟାଦିର ଦୃଶ୍ୟ ମନ୍ଦିରର ବାହ୍ୟ ଦେଶରେ ଅତୀବ ଆକର୍ଷଣୀୟ ହୋଇଛି ।

ଭାରତର ମନ୍ଦିରଗୁଡ଼ିକ କଳା ଓ ସଂସ୍କୃତିର ପୀଠସ୍ଥଳୀ । ନୃତ୍ୟ ସଙ୍ଗୀତ ସେସବୁର ଅବିଚ୍ଛେଦ ଅଙ୍ଗ । ସମାଜର ଲୋକେ ଯେଉଁ ମୌଳିକ ମୂଲ୍ୟବୋଧର ପ୍ରେରଣାରେ ଜୀବନ ନିର୍ବାହ କରନ୍ତି, ସଂସ୍କୃତି ହେଉଛି ସେସବୁର ସମନ୍ୱିତ ଶକ୍ତି । ତେଣୁ, ଗୋଟିଏ ସମାଜର ସଂସ୍କୃତି ବିଷୟରେ ଅବଗତ ହେବାକୁ ହେଲେ, ତତ୍‌କାଳୀନ ସମାଜର ଲୋକମାନଙ୍କ ସମସ୍ତ ବିଭାବ ବିଷୟରେ ଅନୁଧ୍ୟାନ କରିବାକୁ ପଡ଼ିବ । ନୃତ୍ୟସଙ୍ଗୀତ ଉଭୟ ଦେବତା ଓ ମନୁଷ୍ୟଙ୍କର ଆନନ୍ଦ ଉପଭୋଗ ନିମନ୍ତେ ଚିରକାଳ ଧରି ରହି ଆସିଛି ।

କୋଣାର୍କରେ ଯେଉଁ ସାମାଜିକ ଜୀବନର ପରିସ୍ଫୁଟନ ହୋଇଛି, ତାହା ଦୈନନ୍ଦିନ ଜୀବନ ଲୀଳାର ଦୃଶ୍ୟ ଓ ନାରୀ ସୁଲଭ ସୌନ୍ଦର୍ଯ୍ୟ ଉପରେ ଆଧାରିତ । ସୁକୋମଳ ଲାବଣ୍ୟବତୀ ନାରୀ ପ୍ରତିମାଗୁଡ଼ିକ ବୃକ୍ଷଲତାରୁ ଫୁଲ ତୋଳୁଥିବା, ଶିଶୁ ସନ୍ତାନକୁ ସ୍ତନ୍ୟପାନ କରାଉଥିବା ଇତ୍ୟାଦି ବହୁ ଦୃଶ୍ୟରେ ତତ୍‌କାଳୀନ ସାମାଜିକ ଜୀବନର ନିଖୁଣ ଚିତ୍ର ଫୁଟି ଉଠିଛି । ନାଟ ମନ୍ଦିରର ଉପରି ଭାଗରେ ବଂଶୀ, ମୃଦଙ୍ଗ, କରତାଳ ଇତ୍ୟାଦି ବାଦ୍ୟଯନ୍ତ୍ର ବଜାଉଥିବା ମାନବାକୃତିର ଅପ୍‌ସରାଗଣ ସମଗ୍ର ପରିବେଶ ମଧ୍ୟରେ ନୈସର୍ଗିକ ଭାବ ଉଦ୍ରେକ କରୁଛନ୍ତି । ନାଟ ମନ୍ଦିରର ସ୍ତମ୍ଭ ଓ କାନ୍ଥ ଅଗଣିତ ନୃତ୍ୟରତା ମୂର୍ତ୍ତିରେ ପରିଶୋଭିତ । ଏହି ମୂର୍ତ୍ତିଗୁଡ଼ିକ ପାଇଁ ଓଡ଼ିଶାର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପୁନରୁଜ୍ଜୀବନ ଲାଭ କରିବା ସଙ୍ଗେ ସଙ୍ଗେ ଏବେ ସୁଦ୍ଧା ବଞ୍ଚି ରହିଛି । ଅନ୍ୟ ଏକ ନିର୍ଦ୍ଦିଷ୍ଟ ଦୃଶ୍ୟରେ କେତେକ ବିଦେଶୀ ଲୋକଙ୍କ ଗହଣରେ ରାଜା ନରସିଂହ ଦେବ ଗୋଟିଏ ଜିରାଫ୍ ଉପହାର ଗ୍ରହଣ କରୁଥିବା ଦୃଶ୍ୟରୁ ସ୍ପଷ୍ଟ ଅନୁମେୟ ଯେ ସେ କାଳରେ ସୁଦୂର ଆଫ୍ରିକା ସହିତ ଓଡ଼ିଶାର ସଂପର୍କ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ।

ପ୍ରାଚୀନ କଳା, ସ୍ଥାପତ୍ୟ ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ ଥିଲା ଧର୍ମ । ଧର୍ମର ପ୍ରଭାବ ଫଳରେ ଏକଦା ମନ୍ଦିରମାନ ନିର୍ମିତ ହୋଇଥିଲା, ଦେବଦେବୀଙ୍କ ମୂର୍ତ୍ତି ଖୋଦିତ ହୋଇଥିଲା, ପର୍ବପର୍ବାଣୀ ପାଳନ କରାଯାଉଥିଲା ଏବଂ ବିଭିନ୍ନ ସମୟରେ ଯୁଦ୍ଧମଧ୍ୟ ହେଉଥିଲା । ମୂର୍ତ୍ତିଖୋଦନ ଶିଳ୍ପଶାସ୍ତ୍ରର ସମସ୍ତ ନୀତିନିୟମ ଅନୁସରଣ କରାଯାଇ କୋଣାର୍କ ମନ୍ଦିରରେ ବହୁ ଦେବାଦେବୀଙ୍କ ମୂର୍ତ୍ତି ଅତି ନିଖୁଣଭାବେ ଖୋଦିତ ହୋଇଛି ।



ଏହି ମନ୍ଦିରର କାନ୍ଥରେ ପ୍ରଣୟ ନିମଜ୍ଜିତ ଦଂପତି ମୂର୍ତ୍ତିଗୁଡ଼ିକ ବହୁଳ ସଂଖ୍ୟାରେ ସ୍ଥାନ ପାଇଥିବାରୁ ଅନେକ ସମୟରେ ଏହାର ସମାଲୋଚନା କରାଯାଇଥାଏ । କିନ୍ତୁ ଏହା ନିରର୍ଥକ ମନେହୁଏ । ଧର୍ମପୀଠଗୁଡ଼ିକ ପ୍ରଣୟ ନିମଜ୍ଜିତ ମୂର୍ତ୍ତିଗୁଡ଼ିକରେ ସୁସଜ୍ଜିତକରିବା ତତ୍କାଳୀନ ସମାଜରେ ଏକ ସଉକ୍‌ରୂପେ ବିବେଚିତ ହେଉଥିଲା । ଏଥିପାଇଁ ଧର୍ମଦୃଷ୍ଟିରୁ ଅନୁମତି ମଧ୍ୟ ମିଳୁଥିଲା । ପ୍ରଣୟ ଯୁଗଳ ମୂର୍ତ୍ତିଗୁଡ଼ିକ କେବଳ ଯେ ହିନ୍ଦୁ ଦେବାଳୟରେ ସ୍ଥାନ ପାଇଥିଲା, ତାହାନୁହେଁ ପରନ୍ତୁ ଭାରତର ବୌଦ୍ଧ, ଜୈନ, ଶୈବ ଓ ଶାକ୍ତ କୀର୍ତ୍ତିଗୁଡ଼ିକରେ ମଧ୍ୟ ସ୍ଥାନ ପାଇଥିଲା । ଶୃଂଗାରରସ, ହାସ୍ୟରସ ଓ ଶାନ୍ତରସ ଉପରେ ଆଧାରିତ ମୂର୍ତ୍ତିଗୁଡ଼ିକରେ ଦେବାଳୟ ଓ ରାଜପ୍ରାସାଦଗୁଡ଼ିକୁ ସଜ୍ଜିତକରିବା ପାଇଁ ବିଭିନ୍ନ ଧର୍ମ ପୁସ୍ତକରେ ବର୍ଣ୍ଣନା କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦେବାଳୟ ନିର୍ମାଣ କରିବା ସମୟରେ ବିଭିନ୍ନ ସୌନ୍ଦର୍ଯ୍ୟାତ୍ମକ କିମ୍ବା ଅନୁରାଗ ପ୍ରବଣ କଳ୍ପନାଗୁଡ଼ିକୁ ଭାସ୍କର୍ଯ୍ୟରେ ରୂପାୟିତ କରାଯାଇପାରେ । କିନ୍ତୁ ଭାସ୍କର୍ଯ୍ୟଗୁଡ଼ିକରେ ସଂଗୀତର ମାଧୁର୍ଯ୍ୟ ପରିସ୍ଫୁଟନ ହେବା ଆବଶ୍ୟକ । ବୃହତ୍ ସଂହିତାରେ ଉଲ୍ଲେଖ କରାଯାଇଛି ଯେ ମନ୍ଦିରର

ପ୍ରବେଶ ଦ୍ୱାରରେ ଶୃଙ୍ଗାର ରସରେ ନିମଜ୍ଜିତ ଦ
ଲତାକୁଞ୍ଜ, କାମନ ଦୃଶ୍ୟଗୁଡ଼ିକ ଖୋଦିତହେବା ବି
ଏ ସଂପର୍କରେ ଶୋଭନେଶ୍ୱର ମନ୍ଦିରରେ ଏକ ଶୀଳାଲେ
ଜଣାଯାଏ ଯେ ଏହି ମନ୍ଦିରଟି ଶୃଙ୍ଗକଳାର ଏକ ଭଣ୍ଡାର
କାମ-କ୍ରୀଡ଼ାର ଏକ ପୀଠ ।

ମନୁଷ୍ୟ ଜୀବନର ଚାରୋଟି ପ୍ରଧାନ ଲକ୍ଷ୍ୟ ବିଷ
ଧର୍ମଶାସ୍ତ୍ରଗୁଡ଼ିକରେ ବର୍ଣ୍ଣନା କରାଯାଇଛି । ଏଗୁଡ଼ିକ ହେଲା;
ଅର୍ଥ, କାମ ଓ ମୋକ୍ଷ । ଏହି ଚାରୋଟି ଦିଗ ମାନବ ଜୀ
ଜନ୍ମମୃତ୍ୟୁ ଚକ୍ର ମଧ୍ୟରେ ପର୍ଯ୍ୟବସିତ । ମହାନ୍ ଦା
କୌଟିଲ୍ୟଙ୍କ ମତରେ ଧର୍ମ ଓ କାମ ଉଭୟକୁ ଯଥାର୍ଥ
ଉପଭୋଗ କରାଯାଇ ପାରେ, ଯଦି ଧର୍ମ ଓ ଅର୍ଥ ମଧ୍
କୌଣସି ବୈଷମ୍ୟ ନ ଥାଏ । କୋଣାର୍କରେ ଥିବା ପ୍ର
ଯୁଗଳ ମୂର୍ତ୍ତିଗୁଡ଼ିକ ମନୁଷ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ପିପା
ଅନୁରଣିତ ସ୍ୱରଲିପି । ପ୍ରଣୟ ଭାବାବେଗରେ ମୂର୍ତ୍ତି
ଔଜ୍ଜ୍ୱଲ୍ୟମଣ୍ଡିତ । ସୁନ୍ଦର ସୁନ୍ଦରୀ ଦଂପତି ଓ ସଖା
ସେଇ ଆଦିମ ବାସନାର ଚରିତାର୍ଥ ପାଇଁ ନିଃସଙ୍କୋଚ ଚ
ମନପ୍ରାଣରେ ନିମଗ୍ନ । ଶତପଥ ବ୍ରାହ୍ମଣରେ ଉଲ୍ଲେଖ ର
ଯେ ମିଥୁନ ମୂର୍ତ୍ତିଗୁଡ଼ିକ ସୃଜନୀ ଶକ୍ତିର ପ୍ରତୀକ ।

ଆମର ଦେବାଦେବୀ ମନ୍ଦିରଗୁଡ଼ିକ ଆବାଳ ବୃଦ୍ଧ ବନିତ
ମିଳନ ପୀଠ । ଛୋଟ ଛୋଟ ପିଲାମାନେ ପଶୁପକ୍ଷୀ ଦେଖି
ଆଗ୍ରହ ପ୍ରକାଶ କରନ୍ତି, ଯୁବକ ଯୁବତୀମାନେ ପ୍ରଣୟ ଯୁ
ମୂର୍ତ୍ତିଗୁଡ଼ିକ ଦେଖି ଆନନ୍ଦ ଉପଭୋଗ କରନ୍ତି ଓ ପ୍ରୌ
ବୟସର ଲୋକେ ଦେବଦେବୀଙ୍କୁ ଦର୍ଶନ କରି ସନ୍ତୋଷ ଲା
କରନ୍ତି । କିନ୍ତୁ ବୃଦ୍ଧ ବୃଦ୍ଧା ସମସ୍ତ ସାଂସାରିକ ବାହ୍ୟ ଦୃଶ
ଅତିକ୍ରମ କରି ସିଧାସଳଖ ମନ୍ଦିର ଭିତରକୁ ପ୍ରବେଶ କ
ଥାଆନ୍ତି । ସାଂସାରିକ ଦୃଶ୍ୟ ଅବଲୋକନ କରିବା ସେମାନ
ପାଇଁ କୌଣସି ଆକର୍ଷଣର ବିଷୟ ହୋଇ ନଥାଏ । ତେ
ସମସ୍ତଙ୍କ ନିମନ୍ତେ ମନ୍ଦିର ଏକ ବିସ୍ମୟକର କୀର୍ତ୍ତି । ଆମ
ପ୍ରତ୍ୟେକ ମନ୍ଦିରରେ ଯେପରି ନାଗକନ୍ୟା, ସିଂହ ଆକ୍ରମି
ହସ୍ତୀ, ଅପ୍ସରା, କିନ୍ନର ପ୍ରଭୃତି ମୂର୍ତ୍ତିଗୁଡ଼ିକ ପ୍ରାଚୀନ ପ୍ର
ଅନୁଯାୟୀ ଶୋଭା ପାଉଛନ୍ତି, କୋଣାର୍କ ମନ୍ଦିରରେ ମଧ
ଏ ସମସ୍ତ ଅତି ସୁନ୍ଦରଭାବେ ଖୋଦିତ ।

କୋଣାର୍କ ମନ୍ଦିରର ଗଠନ ଶୈଳୀ ସଂପର୍କରେ ଚଳି
ଶତାବ୍ଦୀର ଇଂଜିନିୟରମାନେ ଗବେଷଣା କରିବା ଆବଶ୍ୟକ
ଆଜକୁ ପ୍ରାୟ ସାତଶହ ବର୍ଷ ପୂର୍ବେ ଯେତେବେଳେ ସିମେଣ୍ଟ
ବ୍ୟବହାର ନଥିଲା, ସେତେବେଳେ କିପରି ବିଶାଳକାୟ
ମନ୍ଦିରମାନ ନିର୍ମାଣ କରାଯିବା ସମ୍ଭବ ହୋଇଥିଲା । କେବ
ଭାରସାମ୍ୟକୁ ପାଥେୟ କରି ବିଭିନ୍ନ ଗାଣିତିକ ସୂତ୍ର ଅନୁସାରେ
ଏହାର ନିର୍ମାଣ ସାରା ବିଶ୍ୱକୁ ଚକିତ କରି ଦେଇଛି । କଳି
ଇଂଜିନିଅରମାନଙ୍କର ଗାଣିତିକ ଜ୍ଞାନ ସାତଶହ ବର୍ଷ ପୂର୍ବେ
କିଭଳି ପ୍ରଖର ଥିଲା, ତାହା ବାସ୍ତବିକ୍ ପ୍ରଶଂସନୀୟ ।
ଚଟାଣ ସ୍ତରରୁ ୬୦।୭୦ ଫୁଟ ଉଚ୍ଚରେ ମାନବାକୃତିର ବିଭି
ମୂର୍ତ୍ତିଦ୍ୱାରା ମନ୍ଦିରକୁ ଯେପରି ସଜାଇ ଦିଆଯାଇଛି, ତାହା
ଯଥାର୍ଥ ଏବଂ ସେଥିରୁ ଶିଳ୍ପୀମାନଙ୍କର କାମକଳା ଓ ଶରୀ
ବିଜ୍ଞାନ ବିଷୟରେ ଗଭୀର ଜ୍ଞାନ ରହିଥିବା ପ୍ରମାଣିତ ।
ପ୍ରକାଣ୍ଡକାୟ ପ୍ରସ୍ତରମାନ ମନ୍ଦିର ନିକଟରୁ ...

ଏବେ ଉଚ୍ଚକୁ କିପରି ଉଠିଲା ତାହା ମଧ୍ୟ ଇଂଜିନିଅରମାନେ ଚିନ୍ତା କରିବା ବିଷୟ । ମନ୍ଦିରରେ ବହୁ ପରିମାଣରେ ଲୌହଖଣ୍ଡ ମଧ୍ୟ ବ୍ୟବହାର କରାଯାଇଛି । କଳିଙ୍ଗର ଲୋକେ ସେକାଳରେ ଲୌହ ଉତ୍ପାଦନ କରିପାରୁଥିଲେ ତାହା ଅଧୁନା ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ ।

ବର୍ତ୍ତମାନ ଆମ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ସୁନିପୁଣ କଳାକୃତି କାହାର ଗୌରବ ଏବଂ କିଏ ପ୍ରଶଂସାର ପାତ୍ର; ରାଜା ନରସିଂହ ଦେବ ନା ନିର୍ମାଣ ଦାୟିତ୍ୱରେ ଥିବା ତାଙ୍କର ବିଚକ୍ଷଣ ମନ୍ତ୍ରୀ ଶିବେଇ ସାମନ୍ତରାୟ? ଏହାର ଉତ୍ତର ଆମ ହୃଦୟର ନିଭୃତ କୋଣରୁ ସ୍ୱତଃସ୍ଫୁର୍ତ୍ତ ବାହାରି ଆସେ ଯେ ଏମାନେ କେହି ନୁହଁନ୍ତି । ସମସ୍ତ ଗୌରବ ଓ ପ୍ରଶଂସାର ଅଧିକାରୀ ହେଉଛନ୍ତି ପ୍ରାଚୀନ କଳିଙ୍ଗର ସେଇ ବାରଶହ ବଢ଼େଇ, ଯେଉଁମାନେ ବାରବର୍ଷକାଳ ଖରା, ବର୍ଷା, ଶୀତ, କାକର ସହି ଦିନରାତି ନମାନି ପାରିବାରିକ ସ୍ନେହ, ମମତା, ସୁଖ ଦୁଃଖକୁ ଜଳାଞ୍ଜଳି ଦେଇ ଓଡ଼ିଆ ଜାତିର ଶ୍ରେଷ୍ଠତ୍ୱ ପ୍ରମାଣିତ କରିବାକୁ ନିଜର ରକ୍ତ ପାଣି ଫଟେଇ ଦେଇଥିଲେ । ନିହାଣ ମୁନରେ କଠିନ ପାଷାଣ ବୁକୁରେ ଜୀବନ ସଂଚର କରିଥିଲେ, ଅମର ପାଷାଣ କାବ୍ୟ ରଚନା କରିଥିଲେ । କିନ୍ତୁ ଆଜି ସେଇ ବାରଶହ କବିଙ୍କ ସଂପର୍କରେ ଇତିହାସ ନୀରବ ରହିଛି, ଏହାର ଅନ୍ତକୂଳ ଖୋଜିଲେ ମିଳେ ନାହିଁ ।



କୋଣାର୍କର ସୂର୍ଯ୍ୟ ମନ୍ଦିର ତୋଳା ହେବା ବିଷୟରେ ଭବିଷ୍ୟ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଏକଦା ଦୁର୍ବାସା ଋଷିଙ୍କ ଅଭିଶାପ ଫଳରେ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ । ଶାମ୍ବ ନିଜ ପିତାଙ୍କ ନିକଟରେ ଏହାର ପ୍ରତିକାର ଭିକ୍ଷା କରିଥିଲେ । ଏହି ଭୟାନକ ବ୍ୟାଧିରୁ ମୁକ୍ତ ହେବାପାଇଁ ସୂର୍ଯ୍ୟଦେବଙ୍କୁ ତପସ୍ୟା କରିବାକୁ ଶ୍ରୀକୃଷ୍ଣ ପୁତ୍ର ଶାମ୍ବକୁ ଉପଦେଶ ଦେଇଥିଲେ । ପିତାଙ୍କ ଉପଦେଶକ୍ରମେ ଶାମ୍ବ ଚନ୍ଦ୍ରଭାଗା ନଦୀ ତଟସ୍ଥ ମୈତ୍ରୀବନରେ କଠୋର ତପ ଆଚରଣ କରି ସୂର୍ଯ୍ୟଦେବଙ୍କ ଦର୍ଶନ ଲାଭ କରିଥିଲେ ଏବଂ କୁଷ୍ଠବ୍ୟାଧିରୁ ମୁକ୍ତହୋଇ ପୂର୍ବ ଯୌବନଶ୍ରୀ ଫେରି ପାଇଥିଲେ । ତାପରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରୁଥିବା ସମୟରେ ଶାମ୍ବ ସୂର୍ଯ୍ୟଦେବଙ୍କର ଗୋଟିଏ ପ୍ରତିମା ପାଇଥିଲେ ଏବଂ ସୂର୍ଯ୍ୟଦେବଙ୍କ ପ୍ରତି ନିଜର ଗଭୀର ଭକ୍ତି ଓ କୃତଜ୍ଞତା ସ୍ୱରୂପ ସେଠାରେ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଏଥିରୁ ପ୍ରମାଣ ମିଳେ ଯେ ସୂର୍ଯ୍ୟ ସକଳ ରୋଗର ମୁକ୍ତିଦାତାବୋଲି ପ୍ରାଚୀନ ଭାରତର ଲୋକେ ମଧ୍ୟ ଗଭୀର ବିଶ୍ୱାସ କରୁଥିଲେ ।


ଶାମ୍ବ ପୁରାଣରେ ବର୍ଣ୍ଣିତ ଯେ ଭାରତର ପୂର୍ବ ଉପକୂଳରେ ଥିବା ତପୋବନ ନାମକ ଅରଣ୍ୟ ମଧ୍ୟରେ ମୁନିଋଷିମାନେ ବାସ କରୁଥିଲେ । ଦିନେ ସେମାନେ ଦେଖିଲେ ସୂର୍ଯ୍ୟଙ୍କର ଗୋଟିଏ ପ୍ରତିମା ସମୁଦ୍ରରେ ଭାସି ଚକ୍ ଚକ୍ କରୁଛି । ପ୍ରତିମାଟିକୁ କୂଳକୁ ଆଣିବା ପରେ ବୈବସ୍ୱତ ମୁନି ସୂର୍ଯ୍ୟଙ୍କ ପାଇଁ ଗୋଟିଏ ମନ୍ଦିର ତୋଳାଇ ଥିଲେ । ଏହି ତପୋବନ ଅର୍କ କ୍ଷେତ୍ର, ସୂର୍ଯ୍ୟକ୍ଷେତ୍ର ବା କୋଣାର୍କ ନାମରେ ଅଭିହିତ । କିମ୍ବଦନ୍ତୀ ରହିଛି ଯେ ଏହି ବିଶାଳକାୟ ଅନୁପମ ମନ୍ଦିରର ନକ୍ସାଙ୍କନ କରିଥିଲେ, ବାରଶହ କାରିଗରଙ୍କ ମଧ୍ୟରେ ଥିବା ମୁଖ୍ୟ ସ୍ଥପତି ବିଶୁ ମହାରଣା । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ନିର୍ମାଣ କରାଯାଉଥିବାରୁ ସେ ଗାଁରେ ପତ୍ନୀ ଓ ନବଜାତ ପୁତ୍ର ଧର୍ମପଦକୁ ଛାଡ଼ି ବାରବର୍ଷ କୋଣାର୍କରେ କାଳାତିପାତ କରିଥିଲେ । ବଡ଼ ହେବାରୁ ଧର୍ମପଦ ମା'ଙ୍କଠାରୁ ପିତାଙ୍କ ସ୍ଥାପତ୍ୟ ବିଦ୍ୟା ବିଷୟରେ ଶିକ୍ଷାଲାଭ କରିଥିଲେ । ବାରବର୍ଷ ପରେ ଧର୍ମପଦ ନିଜ ପିତାଙ୍କୁ ଖୋଜି ଖୋଜି କୋଣାର୍କରେ ପହଞ୍ଚିଲେ । ପିତାପୁତ୍ର ଚିହ୍ନାଚିହ୍ନି ହେଲେ । ଅପରପକ୍ଷେ, ତ୍ରୁଟିପୂର୍ଣ୍ଣ ଗାଣିତିକ ହିସାବଯୋଗୁଁ ମନ୍ଦିର ଶିଖରରେ କଳସ ବସାଯାଇ ପାରୁ ନ ଥିବାରୁ ବିଶୁ ଅତୀବ ବିମର୍ଷ ଓ ଚିନ୍ତିତ ହୋଇ ପଡ଼ିଥିଲେ । ମନ୍ଦିର ସଂପୂର୍ଣ୍ଣ ବିଳମ୍ବ ହେଉଥିବାରୁ ରାଜା ନରସିଂହ ଦେବ କ୍ଷୁବ୍ଧ ହୋଇ ଅତି କଠୋର ଆଦେଶ ଜାରୀ କରିଥିଲେ । ଏ ସମସ୍ତ ବିଷୟ ଅବଗତ ହୋଇ ସାମାନ୍ୟ ବାରବର୍ଷର ପିଲା ଧର୍ମପଦ ପିତାଙ୍କ ସହିତ ଏହି ଗାଣିତିକ ସୂତ୍ରର ସମାଧାନ କରିଦେଇ ମନ୍ଦିର ଶିଖରରେ କଳସ ସ୍ଥାପନ କରି ଦେଇଥିଲା । କିନ୍ତୁ ନିଜ ପିତାଙ୍କ ସୁଖ୍ୟାତି ତଥା ବାରଶହ ଶିଳ୍ପୀଙ୍କ ସମ୍ମାନ ବଜାୟ ରଖିବା ପାଇଁ ମନ୍ଦିର ଚୂଡ଼ାରୁ ନିକଟସ୍ଥ ଚନ୍ଦ୍ରଭାଗା ନଦୀକୁ ଲମ୍ଫ ପ୍ରଦାନ କରି ନିଜର ଜୀବନ ବିସର୍ଜନ କରିଥିଲା । ଏହି କିମ୍ବଦନ୍ତୀ "ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ" ନାମରେ ଓଡ଼ିଶାର ଜନମାନସରେ ଏବେସୁଦ୍ଧା ଜୀବନ୍ତ ହୋଇ ରହିଛି । ଓଡ଼ିଆ ଜାତି ଓ ଦେଶ ପାଇଁ ଧର୍ମପଦର ଏହି ଆତ୍ମୋତ୍ସର୍ଗ କାହାଣୀ ପରବର୍ତ୍ତୀ କାଳରେ ବହୁ କବି ଓ କଥାକାରଙ୍କୁ ମଧ୍ୟ ପ୍ରଲୁବ୍ଧ କରିଛି ।

ଅନ୍ୟ ଏକ କିମ୍ବଦନ୍ତୀ ରହିଛି ଯେ ରାଜା ନରସିଂହଦେବ ଥରେ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ । ଏହି ରୋଗରୁ ମୁକ୍ତ ହେବା ପରେ ସୂର୍ଯ୍ୟଦେବଙ୍କ ପ୍ରତି ନିଜର ଭକ୍ତି ଓ କୃତଜ୍ଞତା ସ୍ୱରୂପ ଏହି ମନ୍ଦିର ତୋଳାଇଥିଲେ । କିନ୍ତୁ ଇତିହାସରୁ ଜଣାଯାଏ, ରାଜା ନରସିଂହ ଦେବ ଜଣେ ପରାକ୍ରମୀ ଯୋଦ୍ଧା ଥିବାରୁ ବିଜୟର ନିଦର୍ଶନ ସ୍ୱରୂପ ଏହି ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ ।

ମୋଗଲ ସମ୍ରାଟ ଆକବରଙ୍କ ଦରବାରରେ ପ୍ରସିଦ୍ଧ ଐତିହାସିକ ଆବୁଲ୍‌ଫାଜଲ୍ କୋଣାର୍କ ମନ୍ଦିର ନିର୍ମିତ ହେବାର

ତିନିଶହ ବର୍ଷପରେ ସେହିମତ ଦେଉଥିଲେ, ଆଜି ସାତଶହ ବର୍ଷପରେ ମଧ୍ୟ ତାହା ସତ୍ୟବୋଲି ଅନୁଭବ କରିହେଉଛି । ଆବୁଲ୍ ଫାଜଲ୍‌ଙ୍କ ଭାଷାରେ "ଏପରିକି ସେହିମାନଙ୍କର ବିଗ୍ରହ ଅତ୍ୟନ୍ତ କଠିନ ଓ ସେହିମାନେ ସହଜରେ ସନ୍ତୁଷ୍ଟ ହୁଅନ୍ତିନାହିଁ ସେମାନେ ମଧ୍ୟ ଏହାର ଦୃଶ୍ୟ ଅବଲୋକନ କରି ବିସ୍ମୟାଭିଭୂତ ହୋଇଯାଆନ୍ତି ।"

କୋଣାର୍କ ମନ୍ଦିରର ଭାସ୍କର୍ଯ୍ୟ ସଂପର୍କରେ Mr. Percy Brown କହିଥିଲେ : Few buildings can boast of such an unrestrained abundance of plastic decoration as this vast structure, every portion of the exterior being moulded and chiselled either in the form of abstract geometrical arnament, conventional foliage, mythical animals, fabulous beings half human with half serpant coils, figures sanatic and figures divine, of every conceivble motif and subject known to Indian mind and in a technique which ranges from patterns cut with minute precision of a cameo to powerfully modelled groups of colossal size."



ମନ୍ଦିର ବେଢା ମଧ୍ୟରେ ଥିବା ସମରରତ ଅଶ୍ୱର ଶକ୍ତିଶାଳୀ କଳା ପରିପାଟୀ ଅବଲୋକନ କରି Mr. Havel ମତବ୍ୟକ୍ତ କରିଥିଲେ : " Had it by chance been labelled 'Roman' or 'Greek,' this magnificent work of art would now be the pride of some great metropolitan museum in Europe and America. Here Indian sculptures have shown that they can express with such fire and passion as the greatest Eropean art for the pride of victory and the glory of trumphant warfarer for not even the Homeric grandeur of the Elign marbles surpasses the magnificant movement modelling of the India Achilles and the supe monumental war.horse in its massive stre and vigour is not unworthy of comparison verochhio's famous master-piece in Venice."

କୋଣାର୍କ ମନ୍ଦିରର ପାଷାଣ ଗାତ୍ରରେ ଫୁଟିଉଠିଛି ଭାସ୍କର୍ଯ୍ୟ ପ୍ରତିଭାର ପ୍ରାଚୀନ ଗୌରବ । ଆମ ଦେଶ ବିଦେଶର ବହୁସଂଖ୍ୟକ ପର୍ଯ୍ୟଟକଙ୍କୁ ଏହା ଆକୃଷ୍ଟ କରି ଯୁଗଯୁଗ ଧରି । ବର୍ତ୍ତମାନର ପ୍ରଗତିଶୀଳ ସରକାର ମନ୍ଦିରର ସୁରକ୍ଷା ତଥା ସୌନ୍ଦର୍ଯ୍ୟବୃଦ୍ଧି ଦିଗରେ ଅନେକ ପଦକ୍ଷେପ ନେଇଥିବା ବିଶେଷ ପ୍ରଣିଧାନଯୋଗ୍ୟ । ହୋଟେ ଶିଳ୍ପରୂପେ ଘୋଷଣା କରାଯିବା ଫଳରେ କୋଣାର୍କ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ଗଢିଉଠିଛି ଭାରତର ଖ୍ୟାତ ହୋଟେଲ କଂପାନୀଗୁଡ଼ିକର ବଡବଡ ହୋଟେଲ । ପର୍ଯ୍ୟ ମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱର-ପୁରୀ-କୋଣାର୍କ ତ୍ରିଭୁଜ'କୁ ସଂଯୋଗ କରିବାପାଇଁ, ପୁରୀ ସମୁଦ୍ର ବେଳା ଧାରେଧାରେ ନିର୍ମିତ ହୋଇଛି 'ମେରାଇନ୍ ଡ୍ରାଇଭ୍' ଏହା ବ୍ୟତୀତ, ଭୁବନେଶ୍ୱରକୁ 'ବୋଇଂ ବିମାନ ସେବା' ପର୍ଯ୍ୟଟକ କ୍ଷେତ୍ରରେ ଏକ ଅଭିନବ ଦ୍ୱାର ଉନ୍ମୁକ୍ତ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା, କୋଣାର୍କର ଦୂରରେ ସୂର୍ଯ୍ୟ ମନ୍ଦିରର ଏକ ପ୍ରତିକୃତି ନିର୍ମାଣ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିବା, ଅତୀବ ଆନନ୍ଦର କ୍ଷୁଦ୍ରହେଲେ ମଧ୍ୟ ମନ୍ଦିରରେଥିବା ସମସ୍ତ କଳାକୃତିକୁ ପ୍ର ଖୋଦନକରି ନୂତନ କୋଣାର୍କ ମନ୍ଦିର ନିର୍ମାଣ କରା ଏହା ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ କୀର୍ତ୍ତି ହେବା ସଙ୍ଗେ ଆଗାମୀ ବଂଶଧରମାନଙ୍କପାଇଁ ପ୍ରେରଣାର ଉତ୍ସ ହୋଇ

'ଇ'–୨୧, ୟୁନିଟ୍–୮, ଭୁବନେଶ୍ୱର ।



# ଦୋଳୋତ୍ସବେ ଦୋଳଗୋବିନ୍ଦମ୍

ଶ୍ରୀ ପଙ୍କଜ ସାହୁ

ବାସ୍ତୁବାଦୀ ଦୁନିଆରେ ବିଷୟାସକ୍ତ ମନୁଷ୍ୟର ଜଞ୍ଜାଳଗ୍ରସ୍ତ କର୍ମମୟ ଜୀବନରେ ସାମୟିକ ଚିତ୍ତବିନୋଦନ ପରିକଳ୍ପନାରୁ ହିଁ ବିଭିନ୍ନ ପର୍ବପର୍ବାଣି ପ୍ରବର୍ତ୍ତନ ହୋଇଅଛି । ସାଧାରଣତଃ ବିଭିନ୍ନ ଦେବାଦେବୀଙ୍କ ଉପାସନାକୁ ଆଧାର କରି ଉକ୍ତ ଯାନିଯାତ୍ରା-ପର୍ବପର୍ବାଣି ପାଳିତ ହୋଇଥାଏ । ମନୁଷ୍ୟ ଜୀବନ ଉପରେ କେବଳ ଆଧ୍ୟାତ୍ମିକତାର ଅପ୍ରତିହତ ପ୍ରଭାବ ନିମିତ୍ତ ଯେ ବିଭିନ୍ନ ଯାନିଯାତ୍ରାର ଉଦ୍‌ଭବ ତାହାନୁହେଁ ; ସାମାଜିକ ସଂହତି, ସମୟୋପଯୋଗୀ ସ୍ୱାସ୍ଥ୍ୟ ନିୟନ୍ତ୍ରଣ, ସାମୟିକ ଚିତ୍ତବିନୋଦନ ଓ ସାର୍ବଜନୀନ ବନ୍ଧୁତ୍ୱ ତଥା ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରାର ପ୍ରବର୍ତ୍ତନ ଅପରିହାର୍ଯ୍ୟ ମନେହୁଏ । ବର୍ଷର ଭିନ୍ନ ସମୟରେ ହରିପୂଜନପାଇଁ ଯେଉଁ ବ୍ୟବସ୍ଥା ରହିଛି, ତନ୍ମଧ୍ୟରୁ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ଅନ୍ୟତମ । କଳିଯୁଗରେ ବିଷ୍ଣୁଙ୍କର ଦୋଳୋତ୍ସବ ସମସ୍ତ ଉତ୍ସବ ମଧ୍ୟରେ ପ୍ରଧାନ । ଏହି ପରିପ୍ରେକ୍ଷୀରେ 'ପଦ୍ମପୁରାଣ' ପାତାଳ ଖଣ୍ଡରେ ବର୍ଣ୍ଣିତ ଅଛିଯେ :-

"ବିଶେଷତଃ କଳିଯୁଗେ ଦୋଳୋତ୍ସବ ବିଧିୟତେ
ଫାଲ୍‌ଗୁନେ ଚ ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମ ସଂଜ୍ଞକେ
ଅଥବା ପୌର୍ଣ୍ଣମସ୍ୟାନ୍ତୁ ପ୍ରତିପଦ ସନ୍ଧି ସଂଜ୍ଞକେ
ପୂଜୟେତ୍ ତ୍ରିବିଧଦ୍ ରକ୍ତ୍ୟା ଫଲ୍ଗୁଚୂର୍ଣ୍ଣେ ଶ୍ଚତୁର୍ବିଧୈଃ
ସିତରକ୍ତୈଃ ଗୌରପୀତୈଃ କର୍ପୂରାଦି ବିମିଶ୍ରିତୈଃ"

ଅର୍ଥାତ୍ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଅଷ୍ଟମ ଯାମରୁ ଅଥବା ପୂର୍ଣ୍ଣମୀ-ପ୍ରତିପଦ୍ ସନ୍ଧିକ୍ଷଣରେ ସିତ; ରକ୍ତ, ଗୌର ଓ ପୀତ ପ୍ରଭୃତି ଚତୁର୍ବର୍ଣ୍ଣର ଫଲ୍‌ଗୁଚୂର୍ଣ୍ଣସହ କର୍ପୂର ପ୍ରଭୃତି ନାନାବିଧ ସୁଗନ୍ଧ ଦ୍ରବ୍ୟ ସମ୍ମିଶ୍ରଣରେ ଶ୍ରୀକୃଷ୍ଣଙ୍କୁ ଆପ୍ୟାୟିତ କରିବା ସଙ୍ଗେ ସଙ୍ଗେ ଦୋଳାରେ ଝୁଲାଇ ପ୍ରୋକ୍ତ ଦୋଳୋତ୍ସବ ପାଳନକରିବା ବିଧେୟ ।

ଦୋଳୋତ୍ସବର ପ୍ରାଚୀନତା—ବସନ୍ତମହୋତ୍ସବ ବା ମଦନ ମହୋତ୍ସବରୁ ଦୋଳୋତ୍ସବର ପରିକଳ୍ପନା ଆମର ପ୍ରାଚୀନ ସଂସ୍କୃତ ଗ୍ରନ୍ଥମାନଙ୍କରୁ ପ୍ରଭୂତ ଉଦାହରଣ ପାଠକର ଦୃଷ୍ଟି ପଥାରୂଢ଼ ହୋଇ ଥାଏ । ତନ୍ମଧ୍ୟରୁ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତକର କବି ବାତ୍ସାୟନଙ୍କ 'କାମସୂତ୍ର'ରେ ବର୍ଣ୍ଣିତ ତିନିଗୋଟି ଉତ୍ସବ ମଧ୍ୟରୁ ମଦନ ମହୋତ୍ସବ ଅନ୍ୟତମ । ଏହି ଶତକର ଅନ୍ୟତମ କବିଭାସ ପ୍ରଣିତ 'ଶୁଦ୍ରକର' ନାଟକରେ କାମଦେବାନୁଯାନ ଅର୍ଥାତ୍ କାମଦେବୋତ୍ସବ ସମ୍ବନ୍ଧରେ ସମ୍ୟକ୍ ସୂଚନା ପ୍ରଦାନ କରାଯାଇଛି । ଖ୍ରୀଷ୍ଟାବ୍ଦ ଷଷ୍ଠ ଶତକରେ ମହାକବି କାଳିଦାସଙ୍କ ସ୍ୱୀୟକୃତି ଅଭିଜ୍ଞାନଶାକୁନ୍ତଳଂ' ମେଘଦୂତମ୍" ଓ 'ଋତୁସଂହାରମ୍'ରେ ମଦନୋତ୍ସବ ସମ୍ବନ୍ଧୀୟ ବର୍ଣ୍ଣନା ସ୍ଥାନପାଇଛି । ଖ୍ରୀଷ୍ଟୀୟ ସପ୍ତମ ଶତକରେ ଆଚାର୍ଯ୍ୟ ଦଣ୍ଡୀ ରଚିତ 'ଦଶ କୁମାର ଚରିତ'ରେ ମନୋଭବମର୍ଚ୍ଚନା ପରିଦୃଷ୍ଟ ହୋଇଥାଏ । ଏହି ଶତକରେ ହର୍ଷ ରଚିତ 'ରତ୍ନାବଳୀ' ନାଟିକାରେ ବସନ୍ତ ମହୋତ୍ସବର ଭୂୟସୀ ବର୍ଣ୍ଣନା କରାଯାଇଛି । ସର୍ବୋପରି ଭବିଷ୍ୟୋତ୍ତର ପୁରାଣର

...ରେ

୧୩୫ ଅଧ୍ୟାୟରେ ବସନ୍ତ ଉପାସନା ସମ୍ବନ୍ଧୀୟ ଆଲୋଚନା ପାଠକମନରେ ଗଭୀର ରେଖାପାତ କରିଥାଏ । ଉପର୍ଯ୍ୟୁକ୍ତ ସଂସ୍କୃତ ସାହିତ୍ୟରେ ଆଲୋଚ୍ୟ ମଦନୋତ୍ସବର ସ୍ମାରକୀ ବହନକରି ବର୍ତ୍ତମାନର ଦୋଳୋତ୍ସବ ପାଳିତ ହେଉଅଛି । ତେଣୁ ପ୍ରାଚ୍ୟ ସଂସ୍କୃତ ସାହିତ୍ୟର ପ୍ରାଚୀନତା ହିଁ ଦୋଳୋତ୍ସବ ପାଳନର ପ୍ରାଚୀନତା ସମ୍ବନ୍ଧରେ ଅବଧାରଣା କରିବାପାଇଁ ମାର୍ଗୋନ୍ମୁକ୍ତ କରିଥାଏ ।

ଦୋଳୋତ୍ସବର ଉତ୍ସ—ବସନ୍ତ କନ୍ଦର୍ପର ସଖା । ଯୋଗେଶ୍ୱର ଶିବଙ୍କୁ ସଂସାରପ୍ରତି ଆସକ୍ତକରିବା ନିମିତ୍ତ ରୂପଲାବଣ୍ୟମୟୀ ଏକ ମୋହିନୀ କନ୍ୟା ସୃଷ୍ଟି କରିବା ପ୍ରୟାସରେ ଚିନ୍ତାବିଷ୍ଟ ବିଧାତାଙ୍କର ସୌନ୍ଦର୍ଯ୍ୟ ଚେତନାରୁ ବସନ୍ତର ଉଦ୍‌ଭବ । ଏହି ବସନ୍ତକୁ ରୂପକଳ୍ପ ପ୍ରଦାନ ପୂର୍ବକ ମହାକବି କାଳିଦାସ କହିଛନ୍ତି—

"ସାକ୍ଷାନ୍ମନୋଜୋ ନୃପକୋଟୀତୁଲ୍ୟ
ପରାଗକେଶୋ ଗଜରାଜ ପର୍
ପୀତାମ୍ବରୋ ମୌକ୍ତିକମାଳ ଭୂଷୋ
ଧନୁର୍ଦ୍ଧରଶ୍ଚାସ୍ତୁ ବସନ୍ତ କାଳଃ ॥"

ଅର୍ଥାତ୍ ବସନ୍ତ ସାକ୍ଷାତ କନ୍ଦର୍ପତୁଲ୍ୟ କମ୍ର ଓ ସୁନ୍ଦର । ଐରାବତ ବାହକ ଇନ୍ଦ୍ର ସଦୃଶ ସେ ଗଜରାଜ ବାହନ । ପୁଷ୍ପ ପରାଗରେ କେଶରାଜି ତାଙ୍କର ଅଳଙ୍କୃତ । ପୀତାମ୍ବର ଓ ମୌକ୍ତିକ ମାଳାରେ ସେ ବିଭୂଷିତ । ପୁଷ୍ପଧନ୍ୱା ପୁଷ୍ପଗୁଚ୍ଛରେ ଆପାଦ ମସ୍ତକ ତାଙ୍କର ସୁଶୋଭିତ । ଏହି ବସନ୍ତର ବର୍ତ୍ତମାନରେ ପ୍ରକୃତିରାଣୀ ନବସମ୍ଭାରରେ ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ କାଳିଦାସ ଯଥାର୍ଥରେ କହିଛନ୍ତି—

"ଦ୍ରୁମାଃ ସପୁଷ୍ପାଃ ସଲିଳଂ ସପଦ୍ମଂ
ସ୍ତ୍ରିୟଃ ସକାମାଃ ପବନ ସୁଗନ୍ଧଃ
ସୁଖା ପ୍ରଦୋଷାଃ ଦିବାସାଶ୍ଚ ରମ୍ୟାଃ
ସର୍ବଂପ୍ରିୟେ ଚାରୁତରଂ ବସନ୍ତେ ।"

ଅର୍ଥାତ୍ ବସନ୍ତର ଆବିର୍ଭାବରେ ବୃକ୍ଷରାଜି ପଲ୍ଲବିତ ତଥା ପୁଷ୍ପିତ, ଜଳାଶୟ ପଦ୍ମ ବିଭୂଷିତ, କାମିନୀ କାମାସକ୍ତ, ପବନପୁଷ୍ପ ସୌରଭ ବହନକରି ସୁଗନ୍ଧଯୁକ୍ତ ପ୍ରଦୋଷ ସୁଖକର ଓ ଦିବସ ରମଣୀୟ ବୋଧ ହୋଇଥାଏ । ଏହିହେତୁ ବସନ୍ତର ଋତୁରାଜନାମ ସାର୍ଥକ ଅଟେ । ଯେହେତୁ ବସନ୍ତର ସମସ୍ତ ବିଭାବ କାମୋଦ୍ଦୀପକ ; ତେଣୁ ବସନ୍ତ ଋତୁରେ କାମଦେବୋପାସନା ଅବଶ୍ୟମ୍ଭାବୀ ମନେହୁଏ । 'ଭବିଷ୍ୟୋତ୍ତର ପୁରାଣ' ଅନୁଧ୍ୟାନରୁ ଜଣାଯାଏ ଯେ ଅବିର, ପିଚିକାରୀ, ନାଚ, ଗୀତ, ବିଶେଷତଃ ଚର୍ଚ୍ଚରୀ ବାଦ୍ୟ, ମଦିରାପାନ, ମଦମତ୍ତ କାମିନୀ, ହାସପରିହାସ ଓ ଉଦ୍ଦାମତା ମଦନ ମହୋତ୍ସବର ପ୍ରଧାନ ଉପାଦାନ ଅଟେ । ବସନ୍ତ ଋତୁର ଆଗମନରେ ପ୍ରକୃତି ଯେତେବେଳେ ନବପୁଷ୍ପ-ଦଳ ସମ୍ଭାରରେ ସୁସଜ୍ଜିତହୁଏ, ଦକ୍ଷିଣ ଦିଗରୁ ମଳୟାନିଳ ପ୍ରବାହିତହୁଏ, କୋକିଳ କଣ୍ଠରୁ ଝରିପଡ଼େ ଶ୍ରୁତିସୁଖଦାୟୀ କୁହୁତାନ ; ସେହି ସମୟରେ ଧରଣୀରାଣୀ ନବଯୌବନା ହୋଇଉଠେ । ଏହି ଅବସରରେ ସୌନ୍ଦର୍ଯ୍ୟର ପ୍ରତୀକ ସ୍ୱୟଂ କନ୍ଦର୍ପ ଓ ତାଙ୍କର ସହଗାମିନୀ ରତିଦେବୀଙ୍କ ଉପାସନା ଯୁକ୍ତି-ଯୁକ୍ତ ମନେ ହୋଇଥାଏ । ସଂଯମତାଭୁଲି ଉନ୍ମୁକ୍ତଭାବେ ପ୍ରତ୍ୟେକ ନରନାରୀ ଏହି ଉତ୍ସବ ପାଳନ କରିଥାନ୍ତି । କାମକ୍ରୀଡ଼ାରେ ଉନ୍ମତ୍ତ ହୋଇ ପରସ୍ପରକୁ ଫଗୁ ଓ ତରଳ ରଙ୍ଗରେ ରଂଜିତ କରି...

ବସନ୍ତ ଋତୁରେ ସାଧାରଣତଃ ମଦନୋତ୍ସବ ଅନୁଷ୍ଠିତ ହୋଇ... "ବସନ୍ତ୍ୟତ୍ର ମଦନୋନ୍ମୁଖାଃ ଇତି ବସନ୍ତଃ"—ଅର୍ଥାତ୍ ମଦନ... ଅନୁଷ୍ଠାନହେତୁ ଏହି ଋତୁ ବିଶେଷ ବସନ୍ତନାମରେ ... ହୋଇଅଛି । ସାଧାରଣତଃ ଋତୁଚକ୍ରର ଆଉ ଆବର୍ତ୍ତନରେ ... ହୃଦୟ ମନ୍ଥିତ ଶୀତଳତା ପରେ ଓ ପ୍ରଚଣ୍ଡ ଗ୍ରୀଷ୍ମର ... ରୌଦ୍ର ସନ୍ତାପରେ ଧରଣୀବକ୍ଷ ବିଦୀର୍ଣ୍ଣ ହେବାର ଅବ... ପୂର୍ବରୁ ଅର୍ଥାତ୍ ଫାଲ୍‌ଗୁନ-ଚୈତ୍ରମାସରେ ବସନ୍ତ ଋତୁ ଧରା... କରିଥାଏ । ମାତ୍ର ମତାନ୍ତରରେ "ମଧୁଶ୍ଚ ମାଧବଶ୍ଚ ... ଋତୁଃ"—ଅର୍ଥାତ୍ ମଧୁ (ଚୈତ୍ର) ମାସ ଓ ମାଧବ (ବୈ... ମାସ ବସନ୍ତଋତୁ ଅନ୍ତର୍ଭୁକ୍ତ ଅଟେ । ବିଶେଷତଃ ମଧୁ... ବସନ୍ତୋତ୍ସବ ବା ମଦନମହୋତ୍ସବ ପାଇଁ ପ୍ରକୃଷ୍ଟ ... ଚୈତ୍ର ଶୁକ୍ଳାଷ୍ଟମୀରେ ଅନୁଷ୍ଠିତ 'ବାସନ୍ତିକ ଦୁର୍ଗାପୂଜା' ... 'ମଧୁପାର୍ବଣ' ନାମରେ ସର୍ବଜନ ବିଦିତ । ଚୈତ୍ରଶୁକ୍ଳ ... ଦଶୀରେ ରତିକନ୍ଦର୍ପ ଉପାସନା ଆମ ସଂସ୍କୃତିରେ ପ୍ର... 'ଭବିଷ୍ୟୋତ୍ତର ପୁରାଣ' ଅନୁଶୀଳନରୁ ଜଣାଯାଏ ଯେ ... ତୃତୀୟ ନେତ୍ର ନିର୍ଗତ ପ୍ରଳୟାଗ୍ନିରେ ମଦନ ଦଗ୍ଧୀଭୂତ ହେ... ରତିଦେବୀଙ୍କ କାତର ପ୍ରାର୍ଥନାରେ ଶିବ ସନ୍ତୁଷ୍ଟହୋ... ପୁଣ୍ୟତିଥିରେ ମଦନଙ୍କୁ ପୁନର୍ଜୀବନ ପ୍ରଦାନ କରିଥିଲେ । ତାର ସ୍ମାରକୀ ସ୍ୱରୂପ ଏହି ପବିତ୍ର ଦିନରେ ସିନ୍ଦୁରରେ ... କନ୍ଦର୍ପ ଯନ୍ତ୍ର ନିର୍ମାଣକରି ପାରମ୍ପରିକ ରୀତିରେ ପୂ... ଅନୁଷ୍ଠିତ ହୋଇଥାଏ । ରୂପକଳ୍ପ ଧର୍ମୀ ବସନ୍ତକୁ ... ମୂର୍ତ୍ତିମନ୍ତ ପ୍ରତୀକରୂପେ ଗ୍ରହଣ କରାଯାଏ ।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଉତ୍ସବ ସା... ପାଳିତ ହେଉଥିଲେ ମଧ୍ୟ ତତ୍ ପରବର୍ତ୍ତୀ ସମୟରେ ... ପାସକ ତଥା ଶୈବଧର୍ମର ପୃଷ୍ଠପୋଷକମାନେ ଏହି ... ବିରୋଧ କରିଥିଲେ । ଯେପରିକି ରାବଣ ସମର୍ଥ... ରାମଲୀଳାର ବିରୋଧ କରୁଥିବାର ଦୃଷ୍ଟାନ୍ତ ...ବେ ମଧ... ସମାଜରେ ଦୃଷ୍ଟି ଗୋଚର ହୋଇଥାଏ । କ୍ରମେ କ୍... ପ୍ଲାବନ ଫଳରେ ଏହି ମଦନ ମହୋତ୍ସ... ରୂପାନ୍ତ... ଶ୍ରୀକୃଷ୍ଣଙ୍କ ଦୋଳୋତ୍ସବରେ । ରତିମଦନ ... କୋଟିକନ୍ଦର୍ପର ଅବତାର ସ୍ୱୟଂ ପୁରୁଷୋ... ରସମୟୀ ଶ୍ରୀରାଧାଙ୍କ ସହ ଦୋଳାରୂଢ଼ ... ମହୋତ୍ସବରେ ବ୍ୟବହୃତ ଉପଭୋଗ୍ୟ ସାମଗ୍ରୀ ... ଅବ୍ୟାହତ ରହିଲା । ହର କୋପାନଳରେ ଭସ୍ମୀଭୂ... କନ୍ଦର୍ପ ଥିଲେ ବାସୁଦେବ ଶ୍ରୀକୃଷ୍ଣଙ୍କର ଅଂଶାବତାର ... କାମଦହନପରେ-ସେ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ରୂ... ନେଲେ । ଏହି ପରିପ୍ରେକ୍ଷୀରେ 'ଶ୍ରୀମଦ୍‌ଭାଗବତ'ର ଦଶମ... ଉକ୍ତିଟି ଅନୁଧ୍ୟେୟ । ଯଥା—

"କାମସ୍ତୁ ବାସୁଦେବାଂଶୋ ଦଗ୍‌ଧପ୍ରାଗ୍ ରୁଦ୍ରମନ୍ୟୁ...
ଦେହୋପପତ୍ତୟେ ଭୂୟସ୍ତମେବ ପ୍ରତ୍ୟପଦ୍ୟତ ॥
ସ ଏବ ଜାତୋ ବୈଦର୍ଭ୍ୟାଂ କୃଷ୍ଣବୀର୍ଯ୍ୟ ସମୁଦ୍ଭବଃ
.......................ପ୍ରଦ୍ୟୁମ୍ନ ଇତି ବିଖ୍ୟାତଃ

କୃଷ୍ଣ ବିଷ୍ଣୁଙ୍କସହ କାମଦେବଙ୍କ ସମ୍ପ... ଏହି ଉତ୍ସବ ମାଧ୍ୟମରେ କୃଷ୍ଣହେଲେ ମଦ...

ରୂପେ ବୈଷ୍ଣବ ଧର୍ମର ମହାପ୍ଲାବନରେ ରତିକନ୍ଦର୍ପୋପାସନା ଜନିତ ମଦନୋତ୍ସବ ଅବଲୁପ୍ତ ହୋଇ ରାଧାକୃଷ୍ଣ ଉପାସନା ପ୍ରାଧାନ୍ୟ ଲାଭକରି ଦୋଳୋତ୍ସବରେ ପରିଣତ ହେଲା ।

**ଦୋଳୋତ୍ସବର କାରଣ**—ସୌରଧର୍ମାନୁଶୀଳନରୁ ପ୍ରତୀତି ଜନ୍ମେ ଯେ ସୂର୍ଯ୍ୟଦେବଙ୍କ ବାର୍ଷିକ ବିଶ୍ୱ ପରିକ୍ରମଣ ସମୟ ମଧ୍ୟରେ ତିନିଥର ରଥୋତ୍ସବ ପାଳିତ ହୋଇଥାଏ । ଯଥା—ଚୈତ୍ର ଶୁକ୍ଳାଷ୍ଟମୀରେ ପୁଷ୍କରଥୋତ୍ସବ, ଶ୍ରୀଗୁଣ୍ଡିଚ୍ଚା ଓ ମାଘସପ୍ତମୀ ରଥଯାତ୍ରା । ସୌର ଧର୍ମରେ ପାଳିତ ପୁଷ୍କରଥୋତ୍ସବ ବୈଷ୍ଣବ ଧର୍ମ ଦୋଳୋତ୍ସବରେ ରୂପାୟିତ ହୋଇଥିବା ଅନୁମେୟ । ପୁନଶ୍ଚ ବିଷୁବ ରେଖା ଉପରେ ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ତାରିଖରେ ସୂର୍ଯ୍ୟଦେବଙ୍କ ଅବସ୍ଥିତି ଯୋଗୁଁ ଏହି ଦିନଦ୍ୱୟ ସମଦିବାରାତ୍ର ରୂପେ ଉପଲବ୍ଧ ହୋଇଥାଏ । ମାର୍ଚ୍ଚ ୨୧ ତାରିଖ ପରେ ପଡୁଥିବା ମେଷ ଅର୍ଥାତ ପଣା ସଂକ୍ରାନ୍ତିକୁ ଓ ସେପ୍ଟେମ୍ବର ୨୩ ତାରିଖ ପରେ ପଡୁଥିବା ତୁଳ ଅର୍ଥାତ ଗର୍ଭଣା ସଂକ୍ରାନ୍ତିକୁ ଜଳବିଷୁବ ସଂକ୍ରାନ୍ତି କୁହାଯାଏ । ବିଷୁବ ରେଖା ପରିତ୍ୟାଗ ପରେ ସୂର୍ଯ୍ୟଦେବଙ୍କ ଦୋଳନଗତି ଅବଶ୍ୟମ୍ଭାବୀ ଅର୍ଥାତ ସୂର୍ଯ୍ୟ ଗୋଟିଏ ଗୋଲାର୍ଦ୍ଧ ପରିତ୍ୟାଗ କରି ଅପର ଗୋଲାର୍ଦ୍ଧରେ ପ୍ରବେଶ କରିଥାନ୍ତି । ସୂର୍ଯ୍ୟଦେବଙ୍କ ଏହି ଦୋଳନରୁ ଦୋଳୋତ୍ସବ ଓ ପୁଷ୍ପରଥୋତ୍ସବକୁ ଦୋଳଯାତ୍ରାରୂପେ ପାଳନ କରାଯାଏ ।

ସୂର୍ଯ୍ୟଦେବଙ୍କ ସଦୃଶ ଶ୍ରୀକୃଷ୍ଣଙ୍କର ବର୍ଷ ମଧ୍ୟରେ ଦୁଇଥର ଦୋଳନଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରଥମତଃ ଶ୍ରାବଣ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣ କଂସ ପ୍ରେରିତ ପୁତନା ସମେତ ସମସ୍ତ ଅସୁରଙ୍କୁ ବିନାଶ କରି ଗୋପପୁରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିଥିବାରୁ ଗୋପପୁରବାସୀ ମହାନନ୍ଦରେ ରାଧାକୃଷ୍ଣଙ୍କୁ ଦୋଳିରେ ବସାଇ ଶ୍ରାବଣ ଶୁକ୍ଳ ଏକାଦଶୀଠାରୁ ଝୁଲଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଦୋଳନ ଉତ୍ସବ ବା ଝୁଲଣ ଉତ୍ସବ ପାଳନ କରିଥିଲେ । ଅପରନ୍ତୁ ଦୋଳପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଶଙ୍ଖଚୂଡ଼ ଓ ହୋଲିକା ଶ୍ରୀକୃଷ୍ଣ କର୍ତ୍ତୃକ ବିନାଶ ହୋଇଥିବାରୁ ଗୋପୀଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ ଦୋଳାରେ ଝୁଲାଇ ଦୋଳୋତ୍ସବ ପାଳନ କରିଥିଲେ । ପ୍ରୋକ୍ତ ପୌରାଣିକ ଆଖ୍ୟାୟିକା ଦ୍ୱୟରେ ଆସୁରିକ ଶକ୍ତିର ବିଲୋପ ...ନ କରି ଜଗତରେ ସତ୍, ଶାନ୍ତି ଓ ଆଦର୍ଶ ପ୍ରତିଷ୍ଠା କରିବା ...ଙ୍କ ମୁଖ୍ୟ କର୍ମ ରୂପେ ପ୍ରତିଭାତ ହୋଇଛି । ପୁରାଣ ... ଉତ୍ତରାଧିକାରୀ ବହନ କରି ଆଜି ଆମ ଦେଶରେ ଏହି ... ଦ୍ୱୟ ଝୁଲଣଯାତ୍ରା ଓ ଦୋଳଯାତ୍ରା ରୂପେ ପାଳିତ ... ଅଛି । ମତାନ୍ତରରେ ବସନ୍ତ ଋତୁରେ କନ୍ଦର୍ପର ପୁଷ୍ପବାଣ ...କାମଜର୍ଜ୍ଜରିତା ଶ୍ରୀରାଧା ରାମେଶ୍ୱର ଶ୍ରୀକୃଷ୍ଣଙ୍କ ଅବର୍ଣ୍ଣ... ...ରି ମାନ କରିଥିଲେ । ବିପ୍ରଲବ୍ଧା—ଖଣ୍ଡିତା—ବିରହିଣୀ ...ଧାଙ୍କର ମାନବିମୋଚନ ପାଇଁ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ...କି—"ସ୍ମର ଗରଳ ଖଣ୍ଡନଂ ମମଶିରସି ମଣ୍ଡନଂ ଦେହି "ପଦ୍ମପଲ୍ଲବ ମୁଦାରମ୍ ।।" ଶ୍ରୀକୃଷ୍ଣଙ୍କର ଏତାଦୃଶ ଆବୃତ୍ତିରେ ମାନଭଞ୍ଜନ ଘଟିଛି ଶ୍ରୀରାଧାଙ୍କର । କୋଟି କନ୍ଦର୍ପ ସମ ...ଙ୍କ ଚରଣ କମଳରେ ଆତ୍ମସମର୍ପଣ କରିଛନ୍ତି ମାନିନୀ ... ତଦନନ୍ତର ଆରମ୍ଭହୋଇଛି ଅବ୍ୟକ୍ତ ରାସଲୀଳା ...ରସ ନାମରେ ସର୍ବଜନ ବିଦିତ । ପୁଷ୍ପଲତା ...ରେ ରାଧାକୃଷ୍ଣଙ୍କୁ ଝୁଲାଇ ଗୋପାଙ୍ଗନାମାନେ ଫାଲ୍‌ଗୁନପୂର୍ଣ୍ଣିମାରେ ଅପୂର୍ବ ରାସ ରଚନାକଲେ । ଏହି ଉତ୍ସବର ପରିସମାପ୍ତିରେ ଅବିର ଓ ଚର୍ଚ୍ଚରୀରେ ରାଧାକୃଷ୍ଣଙ୍କୁ ରଙ୍ଗରଂଜିତ କରିବାକୁ ଭୁଲିଲେନି ସେମାନେ । ସେହି ପୃଷ୍ଠଭୂମି ଉପରେ ଆଜିର ଦୋଳୋତ୍ସବ ଓ ହୋଲିପର୍ବ ଆନଗର ଜାନପଦ ସର୍ବତ୍ର ପାଳିତ ହେଉଅଛି ।

**ଦୋଳୋତ୍ସବ ପାଳନ ବିଧି**—ପଦ୍ମପୁରାଣ' ପାତାଳ ଖଣ୍ଡ ପଞ୍ଚାଅଶୀତମ ଅଧ୍ୟାୟରେ ଦୋଳୋତ୍ସବ ପାଳନବିଧି ସବିସ୍ତୃତ ବର୍ଣ୍ଣନା କରାଯାଇଛି ।

ତତ୍ରାଦୌତୁ ସିତେ ପକ୍ଷେ
ଚୈତ୍ରେମାସେ ସୁଶୋଭନେ
ଏକାଦଶ୍ୟାଂ ବିଶେଷତଃ
ଦୋଳାରୂଢ଼ଂ ପ୍ରପୂଜୟେତ୍ ।।"

ଏହି ଉତ୍ସବ ଅମାନ୍ତମାସ ଗଣନାନୁସାରେ ଅମାବାସ୍ୟାରେ ମାସ ଶେଷ ହୋଇଥାଏ । ଧର୍ମଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଚୈତ୍ର ଶୁକ୍ଳ ପ୍ରତିପଦଠାରୁ ବୈଶାଖ ମାସ ତଥା ନୂତନବର୍ଷ ଆରମ୍ଭ ହୋଇଥାଏ । ଏହି ଦୃଷ୍ଟିରୁ ଫାଲ୍‌ଗୁନ ଶୁକ୍ଳ ପ୍ରତିପଦଠାରୁ ଚୈତ୍ର ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ଚୈତ୍ରମାସ ରୂପେ ଗ୍ରହଣ କରାଯାଇଛି । 'ପଦ୍ମପୁରାଣ'ରେ ଚୈତ୍ରଶୁକ୍ଳ ଏକାଦଶୀଠାରୁ ଦୋଳାରୂଢ଼ ରାଧାକୃଷ୍ଣଙ୍କ ଉପାସନା ପାଇଁ ଯେଉଁ ବ୍ୟବସ୍ଥା ରହିଛି ସେହି ଅନୁସାରେ ବର୍ତ୍ତମାନ ଫାଲଗୁନ ଶୁକ୍ଳ ଏକାଦଶୀଠାରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ ।

ପୁନଶ୍ଚ "ଏକାଦଶ୍ୟା ସମାରଭ୍ୟ
ପଞ୍ଚମ୍ୟନ୍ତଂ ସମାପୟେତ୍
ପଞ୍ଚାହନି ତ୍ର୍ୟହନି ବା
ଦୋଳୋତ୍ସବ ବିଧୀୟତେ ।।"

ଅର୍ଥାତ୍ ଫାଲ୍‌ଗୁନ ଶୁକ୍ଳ ଏକାଦଶୀଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ ହେବାର ବିଧି ନିର୍ଦ୍ଦେଶ ଥିଲେ ମଧ୍ୟ କେତେକ ଏହାକୁ ପଞ୍ଚଦିନାତ୍ମକ କିମ୍ବା ତ୍ରିଦିନାତ୍ମକ ଯାତ୍ରାରୂପେ ପାଳନ କରିଥାନ୍ତି । ଦୋଳୋତ୍ସବ ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ପାଳନ କରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ ଫଗୁଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳିତ ଉତ୍ସବକୁ ରାଜଦୋଳ ବା ଫଗୁ ଦୋଳ କୁହାଯାଏ । ଅନ୍ୟ ପର୍ଯ୍ୟାୟରେ ଏହି ଉତ୍ସବ ପୂର୍ଣ୍ଣମୀଠାରୁ ପରବର୍ତ୍ତୀ ପାଞ୍ଚଦିନ ମଧ୍ୟରେ ପାଳନ କରାଯାଇଥାଏ ; ଯାହାକି ପଞ୍ଚଦୋଳ ନାମରେ ପ୍ରସିଦ୍ଧ । ହାନ୍ଦୋଳାମହୋତ୍ସବ, ହୋଲିକାଦହନ, ଦୋଳୋତ୍ସବ, ରଙ୍ଗଖେଳ ଓ ମହାମିଳନ ପ୍ରଭୃତି ଉକ୍ତ ଦୋଳ ଉତ୍ସବର ଅପରିହାର୍ଯ୍ୟ ପର୍ଯ୍ୟାୟକ୍ରମିକ ଅଙ୍ଗ ।

(କ) **ହାନ୍ଦୋଳା ମହୋତ୍ସବ**—ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁରଙ୍କୁ ହାନ୍ଦୋଳା ବା ବିମାନରେ ଉପବେଶନ ପୂର୍ବକ ଗ୍ରାମର ପ୍ରତି ଦ୍ୱାରରେ ଚଣା-ଶାକର ପ୍ରଭୃତି ଭୋଗ ଦିଆଯାଏ । ଏହାକୁ ଘଟେରୀ ଭୋଗ ବା ଦ୍ୱାରୀଭୋଗ କୁହାଯାଏ । ବର୍ଷସାରା ରାଧାକୃଷ୍ଣ ମନ୍ଦିରସ୍ଥ ଆସ୍ଥାନରେ ଭୋଗ ପାଉଥିବା ଯାଗେ ଏହି ପାଞ୍ଚଦିନ ଲୋକଦ୍ୱାରରୁ

ଭୋଗ ଗ୍ରହଣ କରି ଉକ୍ତ ଉତ୍ସବ ନାମରେ ସାର୍ଥକତା ପ୍ରତିପାଦନ କରିଥାନ୍ତି । ଅବିର ଚୂର୍ଣ୍ଣଦ୍ୱାରା ଏହି ସମୟରେ ଠାକୁରଙ୍କୁ ଅନୁରଞ୍ଜିତ କରାଯିବା ସଙ୍ଗେ ସଙ୍ଗେ ସମସ୍ତେ ଅବିର ମଣ୍ଡିତ ହେଉଥିବାରୁ କେହି କେହି ଏହାକୁ ରଙ୍ଗଦୋଳ ବୋଲି କହିଥାନ୍ତି ଠାକୁରଙ୍କୁ ଭୋଗଦେଇ ଆଶୀର୍ବାଦ ସ୍ୱରୂପ ରୋଗ ନିରାକରଣ କାମନାରେ ଉକ୍ତ ଅବିରଚୂର୍ଣ୍ଣ ପାଉଥାଏ । ଅବଶ୍ୟ ଠାକୁରଙ୍କ ସେବକଙ୍କ କରିଥାନ୍ତେ ଏହି ଅବିର ବଣ୍ଟନବିଧି ଓଡ଼ିଶାରେ ପ୍ରଚଳିତ "ଚର୍ଚ୍ଚରୀ ଗୀତେ କ୍ଳେଦେ ଚ କେଶରିତ୍ କରଣଦୟୋଃ"—

ଅର୍ଥାତ୍ ଏହି ହାଦୋଳା ମହୋତ୍ସବ ସମୟରେ ମର୍ଦ୍ଦଳୋପରି ଅଙ୍ଗୁଳି ସଞ୍ଚାଳନ ପୂର୍ବକ ବାଦ୍ୟଧ୍ୱନୀସହ ଠାକୁରଙ୍କୁ ଚର୍ଚ୍ଚରୀ ପରିକ୍ରମା କରାଯାଇଥାଏ । ଠାକୁର ସାଧାରଣତଃ ଏହି ସମୟ ମଧ୍ୟରେ ଭୋଗ ଗ୍ରହଣ କରିଥାନ୍ତି । ଯଦି କୌଣସି କାରଣରୁ କାହା ଦ୍ୱାରରେ ଥରେ ପାଇଁ ଭୋଗ ବନ୍ଦହୁଏ ; ତେବେ ବାରବର୍ଷ ପର୍ଯ୍ୟନ୍ତ ଠାକୁର ସେଦ୍ୱାରରୁ ଭୋଗ ଗ୍ରହଣ କରନ୍ତି ନାହିଁ ବୋଲି ଓଡ଼ିଶାରେ ଏକ ସାମାଜିକ ନୀତିପ୍ରଚଳିତ । ଯଦି କୌଣସି ବ୍ୟକ୍ତି ନିଜର ପ୍ରତିପତ୍ତିର ଅପବ୍ୟବହାର କରି ଗ୍ରାମନୀତିର ବିରୁଦ୍ଧାଚରଣ ଫଳରେ ସାମାଜିକ ବାରଣ ହୋଇଥାଏ ; ତାଦ୍ୱାରରୁ ଭୋଗ ବନ୍ଦହେବା ଭୟରେ ସେ ଗ୍ରାମବାସୀମାନଙ୍କ ସହ ସମସ୍ତ ମନୋମାଳିନ୍ୟ ଦୂରକରି ସଂହତି ସ୍ଥାପନ ପାଇଁ ବାଧ୍ୟ ହାଇଥାଏ । ସେଥିପାଇଁ ଓଡ଼ିଶାରେ 'ଦୋଳଗୋଳ' ବୋଲି ଏକ ପ୍ରବାଦ ଅଛି । ଅର୍ଥାତ୍ ବର୍ଷ ମଧ୍ୟରେ ଉପୁଜିଥିବା ନାନା ବିବାଦର ସମାଧାନ ସାଧାରଣତଃ ଏହି ସ୍ୱତେରୀ ଭୋଗଖିଆ ପୂର୍ବରୁ 'ହେଉଥିବାରୁ ଗ୍ରାମବାସୀ ସମସ୍ତେ ମିଳିମିଶି ମହୋତ୍ସବରେ ଏହି ହାଦୋଳା ମହୋତ୍ସବ ପାଳନ କରିଥାନ୍ତି ।

(ଖ) ହୋଲିକା ଦହନ—ଦଶଦିଗପାଳ ମଧ୍ୟରୁ ଆଗ୍ନେୟ କୋଣାଧିପତି ଅଗ୍ନି ଦେବୋପାସନା ସାଧାରଣତଃ ଏହି ହୋଲିକା ଦହନର ପୃଷ୍ଠ ଭୂମି । ମେଷ ଅଗ୍ନିଦେବଙ୍କ ବାହନ । ସ୍ୱତେରୀ ଭୋଗଖିଆ ପରେ ଚତୁର୍ଦ୍ଦଶୀର ନିଶାନ୍ତରେ ଦୋଳବେଦୀର ଆଗ୍ନେୟ କୋଣରେ ପୂର୍ବ ପ୍ରସ୍ତୁତ ଏକ କୁଡ଼ିଆ ମଧ୍ୟସ୍ଥ କୁଟା ନିର୍ମିତ ଏକ ମେଣ୍ଢାର ପ୍ରତିକୃତିରେ ଅଗ୍ନି ସଂଯୋଗ କରି ରାଧାକୃଷ୍ଣଙ୍କୁ ପରିକ୍ରମା କରାଯାଇଥାଏ । ଏହାକୁ "ମେଣ୍ଢା କୁଡ଼ିଆ ପୋଡ଼ି" କହିଥାନ୍ତି । ଏକ କିମ୍ବଦନ୍ତି ଅନୁସାରେ ବିଷ୍ଣୁଦ୍ୱେଷୀ ହିରଣ୍ୟକଶିପୁ ବିଷ୍ଣୁଭକ୍ତ ପୁତ୍ର ପ୍ରହ୍ଲାଦଙ୍କୁ ଅଗ୍ନିରେ ପୋଡ଼ି ମାରିବା ପାଇଁ ଅନ୍ୟାୟ ଆଦେଶ ପ୍ରଦାନ କରିବାରୁ ଭଗ୍ନି ହୋଲିକା ଭ୍ରାତୃସ୍ପୁତ୍ର ପ୍ରହ୍ଲାଦଙ୍କୁ କୋଳରେ ଧାରଣ କରି ଅଗ୍ନିରେ ଏହି ପୁଣ୍ୟ ତିଥିରେ ପ୍ରବେଶ କରିଥିଲ । ଫଳରେ ବିଷ୍ଣୁ କୃପାରୁ ପ୍ରହ୍ଲାଦ ଅଗ୍ନିରୁ ଅକ୍ଷତ ଶରୀରରେ ବହିର୍ଗତ ହେବା ସଙ୍ଗେ ସଙ୍ଗେ ଶାପଗ୍ରସ୍ତା ହୋଲିକା ଭସ୍ମହୋଇ ମୁକ୍ତି ପାଇଥିଲ । ଅନ୍ୟ ଏକ କିମ୍ବଦନ୍ତି ଅନୁସାରେ ବରୁଣ ରାଜାଙ୍କ ଅନ୍ୟତମ କନ୍ୟା ଅଲକ୍ଷ୍ମୀ (ହୋଲିକା) ପରିଣତ ବୟସରେ ଉଦ୍ଦାଳକ ଋଷିଙ୍କୁ ବିବାହ କରି ଋଷିଙ୍କର ବିରୁଦ୍ଧାଚରଣ କରିବାରୁ ଋଷି ଅଭିଶାପ କ୍ରମେ ଏହିଦିନ ହୋଲିକାର ଦହନ ହୋଇଥିଲ । ପୁନଶ୍ଚ କ୍ଷୀର ସଙ୍ଗେ ପ୍ରାଣ ଶୋଷିବା ବ୍ୟାଜରେ ଶିଶୁ କୃଷ୍ଣ କର୍ତ୍ତୃକ ନିହତ ହେବାପରେ ବ୍ରଜବାସୀମାନେ ପୂତନାର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦାହ କରିଥିଲେ । ସର୍ବୋପରି ବସନ୍ତ ରୋଗର ଅଧିଷ୍ଠାତ୍ରୀ ଦେବୀ ହରିକା ନାମ୍ନୀ ରାକ୍ଷସୀ ଶିବ କର୍ତ୍ତୃକ ନିହତ ହେବାପରେ ପୁରବାସୀମାନେ ମୃତ ରାକ୍ଷସୀ ଶରୀରରେ ଅଗ୍ନି ସଂଯୋଗ କରି ଏହି ଉତ୍ସବ ପାଳନ କରିଥିଲେ । ଏହିସବୁ ପ୍ରାଚୀନ ପୌରାଣିକ ଆଖ୍ୟାୟିକାକୁ ଆଧାର କରି ବର୍ତ୍ତମାନର ହୋଲି ଦହନ ଉତ୍ସବ ସର୍ବତ୍ର ପାଳିତ ହେଉଅଛି । ବାସ୍ତବରେ ଶୀତର ଅବସାନ ଓ ଗ୍ରୀଷ୍ମର ଆଗମନ ସନ୍ଧିକ୍ଷଣରେ ବସନ୍ତ ଋତୁରେ ଋତୁ ପରିବର୍ତ୍ତନ ଜନିତ ବସନ୍ତ ରୋଗ ହେବା ଅବଶ୍ୟମ୍ଭାବୀ । ତେଣୁ ବସନ୍ତର ନିରାକରଣ ଓ ପ୍ରତିଷେଧକ ରୂପେ ଗ୍ରାମରେ ଇତସ୍ତତଃ ପଡ଼ିଥିବା ଅଳିଆ ଆବର୍ଜନା ପୋଡ଼ି ଜାଳିଥାରେ ଏକ ସମୂହ ଗ୍ରାମ ସଫେଇ କରାଯାଇଥାଏ । କେତେକ ଅଞ୍ଚଳରେ ଏହାକୁ 'ଅଳିଆ ପୋଡ଼ି' ମଧ୍ୟ କୁହାଯାଇଥାଏ ।'

(ଗ) ଦୋଳସ୍ନାନ—'ଦୋଳଯାତ୍ରା ତତ୍ତ୍ୱ' ନାମକ ଗ୍ରନ୍ଥର ବିବରଣୀ ଅନୁସାରେ ଯେଉଁଦିନ ସୂର୍ଯ୍ୟୋଦୟ ସମୟରେ ପୂର୍ଣ୍ଣମୀ ଭୋଗ ହେଉଥାଏ; ସେହିଦିନ ରାଧାକୃଷ୍ଣଙ୍କ ଦୋଳୋତ୍ସବ ପାଳନୀୟ । 'ପଦ୍ମପୁରାଣ' ଅନ୍ତର୍ଗତ ପାତାଳଖଣ୍ଡ ବର୍ଣ୍ଣନାନୁସାରେ '–ଫାଲ୍‌ଗୁନ୍ୟାଂ– ପୌର୍ଣ୍ଣମାସ୍ୟାଂ ତୁ ବିଦ୍ଧ୍ୟାନ୍ ବୈଷ୍ଣବୈଃ ସହ ଶ୍ରୀକୃଷ୍ଣ ପ୍ରିୟ ଭକ୍ତୈ ବସନ୍ତସ୍ୟାର୍ଚ୍ଚନୋତ୍ସବମ୍ ।" ଅର୍ଥାତ୍ ଫାଲ୍‌ଗୁନ ପୂର୍ଣ୍ଣମୀ ଦିନ ବୈଷ୍ଣବମାନଙ୍କ ସହ ପ୍ରିୟ ଭକ୍ତମାନେ ଶ୍ରୀକୃଷ୍ଣଙ୍କ ଦୋଳୋତ୍ସବ ମାଧ୍ୟମରେ ବସନ୍ତ ଅର୍ଚ୍ଚନୋତ୍ସବ ପାଳନ କରିଥାନ୍ତି ଫଗୁଦଶମୀଠାରୁ ସ୍ୱତେରୀ ଭୋଗ ଖାଇବା ପରେ ଚତୁର୍ଦ୍ଦଶୀ ରାତ୍ରିରେ ଶେଷ ପ୍ରହରରେ ହୋଲିକା ଦହନ କରି ଗ୍ରାମବାସୀମାନେ ରାଧାକୃଷ୍ଣ ଯୁଗଳ ବିଗ୍ରହଙ୍କୁ ନେଇ ଦୋଳବେଦୀ ଝୋଲାରେ ଦକ୍ଷିଣାଭିମୁଖୀ କରି ଝୁଲାଇଥାନ୍ତି । ଶାସ୍ତ୍ର ଦକ୍ଷିଣାଭିମୁଖୀ ଶ୍ରୀକୃଷ୍ଣଙ୍କୁ ଦର୍ଶନକଲେ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ଏହି ପରିପ୍ରେକ୍ଷୀରେ କୁହାଯାଇଛି—

"ଦକ୍ଷିଣାଭିମୁଖଂ କୃଷ୍ଣ ଦୋଳମାନଂ ସକୃନ୍ନରାଃ ।
ଦୃଷ୍ଟ୍ୱାପେରାଧ ନିତ୍ୟଯେର୍ମୁକ୍ତା ସ୍ତେ ନା ତ୍ର ସଂଶୟଃ ।"

ଦୋଳବେଦୀରେ ସର୍ବସାଧାରଣ ଠାକୁରଙ୍କୁ ଦର୍ଶନ ସୌଭାଗ୍ୟ ଲାଭ କରିଥାନ୍ତି । ଏହି ସମୟରେ ଠାକୁରଙ୍କୁ ଫଗୁ, ଚଣା, ଖାଇର ଓ ଆମ୍ବକଷି ପ୍ରଭୃତି ଲାଗି କରାଯାଇଥାଏ ଆଗାମୀ ବର୍ଷର ପାଣିପାଗ, ପାଳକ ଶୁଭାଶୁଭକାଳ, ବିବାହ ବ୍ରତାଦି ନିମିତ୍ତ ଭବିଷ୍ୟ ପୁଣ୍ୟ ତିଥି ସର୍ବୋପରି ଗ୍ରହଗ୍ରହ ସମ୍ବନ୍ଧୀୟ ଧାରଣା ଦେବାପାଇଁ ଜ୍ୟୋତିଷ ଦୋଳବେଦୀ ଉପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନୂଆପାଞ୍ଜି ପଢ଼ିଥାଏ ଏହାପରେ ଠାକୁରଙ୍କୁ ଯଥାନୀତି ମନ୍ଦିରକୁ ବାହୁଡ଼ାଯାତ୍ରା କରାଇ ପାରଂପରିକ ନୀତି ସଂପନ୍ନ କରାଯାଇଥାଏ ।

ଦୋଳପୂର୍ଣ୍ଣମୀକୁ ଆମ ରାଜ୍ୟରେ ବର୍ଷାରମ୍ଭ ଅର୍ଥାତ୍ ନୂତନବର୍ଷ ରୂପେ ପ୍ରାଧାନ୍ୟ ଦେଇ ଘରେ ଘରେ ପିଠାପଣା କରି ମହା ଆନନ୍ଦରେ ଏହି ଉତ୍ସବ ପାଳନ କରିଥାନ୍ତି । ନୂତନ ବର୍ଷ ଯୋଗୁଁ ଦୋଳପୂର୍ଣ୍ଣମୀଠାରୁ ହଳିଆ, ଗୋତିମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । ପୁନଶ୍ଚ ଦୋଳପୂର୍ଣ୍ଣମୀ ଚୈତନ୍ୟଙ୍କର ଜନ୍ମଦିବସ । ଫୁଲ, ଚନ୍ଦନ ଓ ଅବିର

ଶୁମାନଙ୍କୁ ସଜାଇ ପୂଜା କରାଯାଇଥାଏ । ଗୋପାଳମାନେ । ବଳାର ଅଣ୍ଟାରେ ଘାଗୁଡ଼ି ବାନ୍ଧି ଲଉଡ଼ି ଖେଳି । ଆଡ଼ମ୍ବରରେ ଏହି ଉତ୍ସବ ପାଳନ କରିଥାନ୍ତି । ଏହି ଙ୍ଗରେ 'ଗୋପାଳଙ୍କ ଓଗାଳ'. ଅନୁଧ୍ୟେୟ ଯଥା—

"ଫଗୁଣେ ଦୋଳ ଗୋବିନ୍ଦ
ଫଗୁଖେଳୁଥିଲେ ପରମାନନ୍ଦ ମୋ କାହ୍ନୁରେ ।"

ଆମ ଓଡ଼ିଶାର କେତେକ ଅଞ୍ଚଳରେ ଗୋପାଳମାନେ ତାଙ୍କ ମାଠରେ ହୁଙ୍କୁଡ଼ା ବଳି ପକାଇ ଭୋଜି ଇତ୍ୟାଦି କରିଥାନ୍ତି ।

## ଘ) ରଙ୍ଗଖେଳ ବା ହୋଲ୍ୟୁତ୍ସବ

ହୋଲିକା ଦହନ ଓ ଅବିର ଖେଳର ଉନ୍ମାଦନାରୁ ଉକ୍ତ ହୋଲ୍ୟୁତ୍ସବର ପରିକଳ୍ପନା । ବସନ୍ତୋତ୍ସବରେ ବ୍ୟବହୃତ ଅବିର ପିଚକାରୀ (ଧାରାଯନ୍ତ୍ର) ଏହି ହୋଲ୍ୟୁତ୍ସବରେ ଉପଭୋଗ୍ୟ ସାମଗ୍ରୀ ରୂପେ ଗୃହିତ । ପୌରାଣିକ ତଥ୍ୟାନୁସାରେ କଂସ ପ୍ରେରିତ ହୋଲିକା ବା ହୋୟକା ନାମ୍ନୀ ଏକ ରକ୍ତବର୍ଣ୍ଣା ରାକ୍ଷସୀ ଆସି ବ୍ରଜଭୂମିରେ ଉତ୍ପାତ କଲା । ଏହି ଚୈତ୍ରକୃଷ୍ଣ ପ୍ରତିପଦ ତିଥିରେ ଶ୍ରୀକୃଷ୍ଣ ତାକୁ ଅବଲୀଳାକ୍ରମେ ବଧ କରିବାରୁ ତା' ଦେହରୁ ପିଚ୍‌କାରୀ ଅନୁରୂପେ ରକ୍ତ ନିଃସରଣ ହୋଇଥିଲା । ସେହି ସ୍ମାରକୀ ବହନ କରି ଆଜିର ରଙ୍ଗ ଖେଳ ବା ହୋଲ୍ୟୁତ୍ସବ ପାଳିତ ହେଉଅଛି । ପୂର୍ବେ ଅବଶ୍ୟ ସିନ୍ଦୁର, କୁଙ୍କୁମ ଓ ପାଳୁଅରୁ ପ୍ରସ୍ତୁତ ଅବିର ଯାହାର ସେବନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଅପରିହାର୍ଯ୍ୟ, ସେହି ଫଗୁ ହୋଲ୍ୟୁତ୍ସବରେ ବ୍ୟବହୃତ ହେଉଥିଲା । ମାତ୍ର ଆଜିକାଲି ଧାରାଯନ୍ତ୍ର ସାହାଯ୍ୟରେ ତରଳ ରଙ୍ଗ ପକାଇ ପରସ୍ପରକୁ ରଙ୍ଗ ରଞ୍ଜିତ କରାଯାଉଅଛି । କେତେକ ହୀନମତୀ ଯୁବକ ସ୍ଥାନେ ସ୍ଥାନେ ରଙ୍ଗ ପରିବର୍ତ୍ତେ ପୋଡ଼ା ମୋବିଲ, ଆଲକାତରା ଏପରିକି ଗୋମୂତ୍ର ପ୍ରଭୃତି ବ୍ୟବହାର କରୁଥିଲେ ମଧ୍ୟ ଆନୁପାତିକ ଦୃଷ୍ଟିରେ ଅନ୍ୟରାଜ୍ୟ ତୁଳନାରେ ଆମ ରାଜ୍ୟରେ ଆପାତତଃ ଅପେକ୍ଷାକୃତ ଅଧିକ ସଂଯମତା ରକ୍ଷା କରାଯାଇଥାଏ । ସେ ଯାହା ହେଉନା କାହିଁକି 'ଫଗୁଣେ ଶୀତ ଦ୍ୱିଗୁଣ' ପ୍ରବାଦାନୁସାରେ ବର୍ଷେ ବର୍ଷେ ଶୀତର ପ୍ରକୋପ ଫଗୁଣ ମାସ ପର୍ଯ୍ୟନ୍ତ ଅବ୍ୟାହତ ରହିଥାଏ । ପ୍ରଚଣ୍ଡ ଶୈତ୍ୟର ପ୍ରକୋପରେ ସ୍ନାନ କାତର ଲୋକମାନେ ସାଧାରଣତଃ ଶରୀରର ପରିଚ୍ଛନ୍ନତା ପ୍ରତି ଅବହେଳା ପ୍ରଦର୍ଶନ କରିବା ଫଳରେ ଚର୍ମ ଉପରେ ମଇଳାର ଆସ୍ତରଣ ଜମି ଯାଇଥାଏ । ହୋଲି ଖେଳ ପରେ ଦେହରୁ ରଙ୍ଗ ଛଡ଼ାଇବା ପାଇଁ ଉତ୍ତମ ରୂପେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୋଇ ସାଧାରଣତଃ ଚର୍ମରୋଗରୁ ରକ୍ଷା ମିଳିଥାଏ । ସର୍ବୋପରି ଗ୍ରାମର ସମସ୍ତ ମନୋମାଳିନ୍ୟ ଦୂରୀଭୂତ ପରେ ସମସ୍ତେ ଏହି ରଙ୍ଗ ଖେଳରେ ଅଂଶ ଗ୍ରହଣ କରିବା ଦ୍ୱାରା ଗ୍ରାମରେ ଏକ ଉତ୍ତମ ସାମାଜିକ ବାତାବରଣ ସୃଷ୍ଟି ହୋଇଥାଏ ।

(ଙ) **ମହାମିଳନ**—ଦୋଳ ପୂର୍ଣ୍ଣିମାର ଅବ୍ୟବହିତର ପାଞ୍ଚଦିନ ପୂର୍ବରୁ କିମ୍ବା ପରବର୍ତ୍ତୀ ଦିନମାନଙ୍କରେ ବିଭିନ୍ନ ଗ୍ରାମର ଠାକୁରମାନଙ୍କୁ ବିମାନ (ଚଉଦୋଳ)ରେ ଉପବେଶନ ପୂର୍ବକ ଗ୍ରାମର କୌଣସି ଏକ ସ୍ଥାନ ବା ମେଳଣ ପଡ଼ିଆରେ ସମବେତ କରାଯାଏ । ଏହା ମହାମେଳନ ନାମରେ ଅଭିହିତ । ଏହି ମେଳଣ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଦିନରେ ଅନୁଷ୍ଠିତ ହୋଇଥାଏ । ପୂର୍ଣ୍ଣମୀଠାରୁ ସାଧାରଣତଃ ପଞ୍ଚମଦିନ, ନବମ ଦିନ, ଦଶମ ଦିନ ଓ ଷୋଡ଼ଶ ଦିନରେ ଏହି ଯାତ୍ରା ପାଳନ କରାଯାଉଥିବାରୁ ଏହାକୁ ପଞ୍ଚଦୋଳ, ନବଦୋଳ, ଦଶଦୋଳ ଓ ଷୋଳଦୋଳ ନାମରେ ନାମିତ କରାଯାଇଛି । ଏହି ମହାମିଳନ ଯାତ୍ରା ବସ୍ତୁତଃ ପଡ଼ୋଶୀ ଗ୍ରାମମାନଙ୍କର ସଂହତି ସ୍ଥାପନ ପାଇଁ ଉଦ୍ଦିଷ୍ଟ ।

## ଶ୍ରୀ ମନ୍ଦିରରେ ଦୋଳଲୀଳା--

ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ପୁରୁଷୋତ୍ତମ ବିଷ୍ଣୁଙ୍କ ଲାଗି ବୈଷ୍ଣବାତ୍ମକ ଯାତ୍ରାସବୁ ଅନୁଷ୍ଠିତ ହୋଇଥାଏ । ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ବିଷ୍ଣୁ କୃଷ୍ଣ ଭାବେ ଅର୍ଚ୍ଚିତ ହେଉଥିବାରୁ ବାରମାସରେ ହରିପୂଜନ ପାଇଁ ଉଦ୍ଦିଷ୍ଟ ପର୍ବପର୍ବାଣି ଶ୍ରୀ ଜଗନ୍ନାଥଙ୍କ ପର୍ବପର୍ବାଣି ରୂପେ ଗୃହୀତ ହୋଇଅଛି । ଖ୍ରୀଷ୍ଟୀୟ ଅଷ୍ଟମ ଶତକରେ ମୁରାରୀ ମିଶ୍ରଙ୍କ ଲିଖିତ 'ଅନର୍ଘ ରାଘବ'ରେ ଉକ୍ତ ପର୍ବପର୍ବାଣି ସମ୍ବନ୍ଧରେ ସୂଚନା ଦିଆଯାଇଥିଲେ ହେଁ .ଏହି ଶତକରେ ଲିଖିତ 'ସ୍କନ୍ଦ ପୁରାଣ' ଉତ୍କଳ ଖଣ୍ଡରେ ମୌଳିକ ଦ୍ୱାଦଶଯାତ୍ରାର ଉତ୍ପତ୍ତି ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରାଯାଇ କୁହା ଯାଇଛି—

"ଗତାନୁଗତି ମୂଢ଼ାନାଂ ବିଶ୍ୱାସାୟ ଚ ଦୁରାତ୍ମନାମ୍
ଯାତ୍ରା ଏବଂବିଧ ବିପ୍ରା ବର୍ଷେ ବର୍ଷେ ପ୍ରବର୍ତ୍ତୟେତ୍ ।"

ଅର୍ଥାତ୍ ମହାତ୍ମାମାନଙ୍କ ସନ୍ତୋଷ ବିଧାନ, ମୂଢ଼ମାନଙ୍କର ମୋକ୍ଷ ପ୍ରାପ୍ତି ତଥା ଦୁରାତ୍ମାମାନଙ୍କ ବିଶ୍ୱାସ ନିମିତ୍ତ ସ୍ୱୟଂ ଶ୍ରୀ ଜଗନ୍ନାଥ ବିଭିନ୍ନ ଯାତ୍ରାର ପ୍ରବର୍ତ୍ତନ କରିଛନ୍ତି । । ଯାହାକି ବର୍ଷାବିଧି ପାରଂପରିକ ରୀତିରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇ ଆସୁଛି । ଅଧୁନା ଶ୍ରୀକ୍ଷେତ୍ରରେ ପାଳିତ ତେର ଯାତ୍ରା, ସତେଇଶି ଉପଯାତ୍ରା ଓ ଏକଶତ ଆଠ ପର୍ବ-ପର୍ବାଣି ମଧ୍ୟରୁ ଯେଉଁ ଦ୍ୱାଦଶ ଯାତ୍ରା ମୌଳିକ ଯାତ୍ରା ରୂପେ ପ୍ରାଧାନ୍ୟ ଲାଭ କରିଛି ସେ ସଂପର୍କରେ ସୂଚନା ଦେଇ 'ବିଚିତ୍ର ରାମାୟଣ'କାର ବିଶ୍ୱନାଥ ଖୁଣ୍ଟିଆ କହନ୍ତି—

" ଶ୍ରୀନୀଳଗିରି ଶିଖରେ ବିଜେ ହରି ଦ୍ୱାଦଶ ଯାତ୍ରା ବିନୋଦେ ।
ସ୍ନାନ ଶ୍ରୀଗୁଣ୍ଡିଚ୍ଚ ଅୟନ ଶୟନ ପାର୍ଶ୍ୱ ପାଲଟ ମୋଦେ ।
ଦେବ ଉତ୍‌ଥାପନ ମକର ଓଢ଼ଣ ଦୋଳ ଦମନକଶ୍ରେଣୀ
ଚନ୍ଦନ ଚମ୍ପକ ଉତ୍ସବ ସହିତେ ଏବିଧି ଲୀଳା ଆଚରୀ ॥ "

ଉପର୍ଯ୍ୟୁକ୍ତ ଦ୍ୱାଦଶ ଯାତ୍ର ମଧ୍ୟରେ ନିମ୍ନ ଯାତ୍ରା ତ୍ରୟର ବୈଶିଷ୍ଟ୍ୟ ପ୍ରତିପାଦନ କରି ' ବିଚିତ୍ର ରାମାୟଣ'ରେ କୁହାଯାଇଛି—

" ଦ୍ୱାଦଶ ଯାତ୍ରାରୁ ତିନିଯାତ୍ରା ସାର ଦୋଳସ୍ନାନ ଶ୍ରୀଗୁଣ୍ଡିଚ୍ଚ,
ସକଳ ଲୋକର ଅବଲୋକନରେ ପାତକ ସମୂହ ମୁଞ୍ଚା" ।

କାରଣ ଅନ୍ୟ ସମସ୍ତ ଯାତ୍ରାରେ ମହାପ୍ରଭୁଙ୍କ ଅର୍ଚ୍ଚା ପ୍ରତିମା ଅଂଶ ଗ୍ରହଣ କରୁଥିଲେ ହେଁ ପ୍ରୋକ୍ତ ଯାତ୍ରା ତ୍ରୟରେ ସ୍ୱୟଂ ଶ୍ରୀଜଗନ୍ନାଥ ଶ୍ରୀବତ୍ସ ଖଣ୍ଡଶାଳ ପ୍ରାସାଦ ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନରୁ ଆସି ଜନସମକ୍ଷରେ ଅବତୀର୍ଣ୍ଣ ହୋଇଥାଆନ୍ତି । ଉକ୍ତ ବହଳ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସୁଯୋଗରୁ ବଞ୍ଚିତ ଭକ୍ତଗଣ ଶ୍ରୀଜୀଉଙ୍କ ଦର୍ଶନ ସୌଭାଗ୍ୟ ଲାଭକରି ପାପ ପ୍ରକ୍ଷାଳନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରାରେ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । କାରଣ ରାଧାକୃଷ୍ଣ ପରିବର୍ତ୍ତେ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ତଥା ମହାସରସ୍ୱତୀ ଅଂଶ ଗ୍ରହଣ କରିଥାନ୍ତି ।

ମାଦଳା ପାଞ୍ଜିର ବର୍ଣ୍ଣନାନୁସାରେ ଆବାହମାନକାଳରୁ ଶ୍ରୀଜଗନ୍ନାଥଙ୍କୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଦୋଳମଣ୍ଡପ ସାହିସ୍ଥ ଦୋଳବେଦୀକୁ ନେଇ ଶ୍ରୀଜୀଉଙ୍କ ଦୋଳୋତ୍ସବ ଯଥାରୀତି ଅନୁଷ୍ଠିତ ହେଉଥିଲା । ମାତ୍ର ୧୪୮୧ ଖ୍ରୀଷ୍ଟାବ୍ଦରେ ଗଜପତି ପୁରୁଷୋତ୍ତମଦେବ ଶ୍ରୀମନ୍ଦିରର ଉତ୍ତର ପୂର୍ବ କୋଣରେ ବର୍ତ୍ତମାନର ଦୋଳବେଦୀ ନିର୍ମାଣ କରିବାରୁ ଶ୍ରୀଜୀଉଙ୍କୁ ଆଉ ପୂର୍ବୋକ୍ତ ଦୋଳବେଦୀକୁ ଯିବାକୁ ପଡ଼ିଲା ନାହିଁ । କେବଳ ସେତିକି ନୁହେଁ, 'ମାଦଳାପାଞ୍ଜି' କହେ ଯେ, "ଗଉଡ଼ିଆ ଗୋବିନ୍ଦ ଦେବ ରାଜତ୍ୱ କାଳେ ଦୁଇବର୍ଷ ସନ ୧୪୮୩ ପର୍ଯ୍ୟନ୍ତ । ଏ ରାଜାଙ୍କ ଦିନରେ ଦୋଳବେଦୀ ଉପରେ ଦୋଳି ଛିଡ଼ି ପଡ଼ିଲା । ବଡ଼ ଠାକୁରଙ୍କ ଭୁଜ ଭାଙ୍ଗିଗଲା । ଦେଉଳ ଭିତରେ ବିଜେ କରାଇ ଉଦାରୁ ଶ୍ରୀଭୁଜ ନିର୍ମାଣ ମହାସ୍ନାନ ହୋଇ ଏହିଠାରୁ ଦୋଳ ଯାତ୍ରାକୁ ଦୋଳଗୋବିନ୍ଦ ବିଜେ କଲେ ।" ମାଦଳାପାଞ୍ଜିର ପ୍ରୋକ୍ତ ଉଦ୍ଧୃତିରୁ ସ୍ପଷ୍ଟ ପ୍ରତୀୟମାନ ହୁଏଯେ, ୧୪୮୩ ଶକାବ୍ଦ ଅର୍ଥାତ ୧୫୬୧ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ଦୋଳଯାତ୍ରାରେ ଶ୍ରୀଜୀଉଙ୍କ ଶ୍ରୀଭୁଜ ଭଗ୍ନ ହୋଇଥିଲା । ପୁନର୍ବାର ଏତାଦୃଶ ଅଘଟଣର ସମ୍ମୁଖୀନ ନ ହେବା ପାଇଁ ୧୫୬୨ ଖ୍ରୀଷ୍ଟାବ୍ଦରୁ ଶ୍ରୀଜଗନ୍ନାଥଙ୍କ ପରିବର୍ତ୍ତେ ତାଙ୍କର ଅର୍ଚ୍ଚା (ଚଳନ୍ତି) ପ୍ରତିମା ମଦନ ମୋହନ (ଦୋଳଗୋବିନ୍ଦ)ଙ୍କୁ ଦୋଳବେଦୀରେ ବିଜେ କରାଇ ଉକ୍ତ ଉତ୍ସବ ପାଳିତ ହୋଇ ଆସୁଅଛି । କେବଳ ମହାପ୍ରଭୁଙ୍କୁ ନୁହେଁ ଦିନଥିଲା ଯେ ଯେତେବେଳେ ଏହି ଦୋଳ ପୂର୍ଣ୍ଣମୀରେ ଚଳନ୍ତି ବିଷ୍ଣୁ ଗଜପତିଙ୍କୁ ମଧ୍ୟ ଦୋଳାରେ ବସାଇ ଉତ୍ସବ କରାଯାଉଥିଲା ଶ୍ରୀଗୁଣ୍ଡିଚାରେ ରଥ ସମାର୍ଜ୍ଜନ ବ୍ୟତୀତ ଅନ୍ୟ ସମୟରେ ସର୍ବସାଧାରଣ ଗଜପତିଙ୍କ ଦର୍ଶନ ସୁଯୋଗ ପ୍ରାୟ ପାଉ ନ ଥାଆନ୍ତି । ମାତ୍ର ଦୋଳ ପୂର୍ଣ୍ଣମୀରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତେ ରାଜ ଦର୍ଶନ ଲାଭ କରିଥାନ୍ତି । କୋଣାର୍କରୁ ସଂଗୃହିତ ଏକ ପ୍ରସ୍ତର ଫଳକରେ ଗଜପତି ନରସିଂହ ଦେବଙ୍କୁ ରମଣୀମାନେ ଦୋଳାରେ ଝୁଲାଉଥିବା ଏକ ସ୍ଥାପତ୍ୟ ଶିଳ୍ପ ଏହାର ପ୍ରାମାଣିକ ତଥ୍ୟ ରୂପେ ଅଦ୍ୟାବଧି ଦିଲ୍ଲୀ ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି । କିନ୍ତୁ ଦେଶର ଶାସନ ଢାଞ୍ଚାରେ ପରିବର୍ତ୍ତନ ସହିତ ରାଜ ତନ୍ତ୍ରର ବିଲୋପ ହେବାରୁ ଗଜପତିଙ୍କର ଏହି ଉତ୍ସବ ସଦୃଶ ଅନେକ ଉତ୍ସବ ମଧ୍ୟ ବନ୍ଦ ହୋଇ ଯାଇଛି । ଏହିପରି ନାନା ବିବର୍ତ୍ତନ ମଧ୍ୟ ଦେଇ ଶ୍ରୀଜଗନ୍ନାଥଙ୍କ ଦୋଳୋତ୍ସବ 'ପାଳନ ଅବ୍ୟାହତ ରହିଛି । ଏହି ଦୋଳୋତ୍ସବରେ ଦୋଳଗୋବିନ୍ଦଙ୍କ ଅଂଶ ଗ୍ରହଣକୁ ସ୍ୱୀକୃତି ଦେଇ ଯଥାର୍ଥରେ କୁହାଯାଇଛି —

"ଦୋଳେ ତ ଦୋଳ ଗୋବିନ୍ଦଂ ଚାପେ ତ ମଧୁସୂଦନମ୍
ରଥେ ତୁ ବାମନ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।"

ଅର୍ଥାତ ଦୋଳଯାତ୍ରାରେ ଦୋଳଗୋବିନ୍ଦ, ଚନ୍ଦନ ଚାପରେ ମଧୁସୂଦନ ଓ ଶ୍ରୀଗୁଣ୍ଡିଚାରେ ବାମନରୂପୀ ଜଗନ୍ନାଥ ଦର୍ଶନ ଫଳରେ ମନୁଷ୍ୟ ମୋକ୍ଷଲାଭ କରିଥାଏ ।

ଶ୍ରୀମନ୍ଦିରରେ ସାଧାରଣତଃ ଫାଲଗୁନ ଶୁକ୍ଳ ଦଶମୀ (ଫଗୁ ଦଶମୀ)ରୁ ଦୋଳଯାତ୍ରା ବିଧି ଅନୁଷ୍ଠିତ ହୋଇଥାଏ । ବାଲ୍ମୀକି ପାଠୀଙ୍କ ଲିଖିତ 'ଯାତ୍ରା ଭାଗବତ'ରେ ଉଲ୍ଲେଖ ଅଛି ଯେ—

"ଦଶମୀ ଦିନମାରଭ୍ୟ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତଂ ସନ୍ଧ୍ୟା ରାତ୍ରୌ କୃଷ୍ଣସ୍ୟ ବହିର୍ଭ୍ରମଣ ଫଲଗୁଯାତ୍ରା ଉତ୍ସ ଦଶମ୍ୟାଂ ସାୟଂକାଳେ ଶ୍ରୀ ରାଧାକୃଷ୍ଣାଭ୍ୟାଂ ନୀତ୍ୱା ମଣ୍ଡପମେକବାରଂ ପ୍ରଦକ୍ଷିଣାଂ କୃତ୍ୟ ଦେବଂ ଦକ୍ଷିଣା ସଂସ୍ଥାପ୍ୟ ତତ୍ର ପୂଜୟେତ୍ । ପୂଜା ରାତ୍ରି କାନା ଦେବଂ କର୍ପୂର ଚନ୍ଦନ ଚୂର୍ଣ୍ଣେନାଞ୍ଜଳି ତ୍ରୟଂ ଦଦ୍ୟା ତତଃ ଫଲଗୁ ଚୂର୍ଣ୍ଣେନାଞ୍ଜଳି ଦ୍ୱୟଂ । ଦେବ ଉର୍ଦ୍ଧ୍ୱମଞ୍ଜଳି ତ୍ରୟଂ ଦଦ୍ୟାତ୍ । କ୍ଷିପେଦିତ ତତୋ ବିମାନଂ ଅଧିରୁହ୍ୟ ତତ୍ର ପୂର୍ବବତଫଲଗୁନାପ୍ୟଞ୍ଜଳି ଦଦ୍ୟାତ୍ । ତଦ୍ୱତ୍ ଦେବୀଂ ପଦ୍ୟାତ୍ । ତର୍ଦ୍ଧତ୍ ମଞ୍ଜଳି ତୟଂ କ୍ଷିପେତ୍ । ତତୋ ବିମାନ ଯଥୋସ୍ଥାହଂ ଭ୍ରାମୟିତ୍ୱା । ଭ୍ରମଣ ନିବୃତ୍ତି ସ୍ଥାନେ ନୈବେଦ୍ୟଂ ଦତ୍ୱା ଆରାତ୍ରିକ ଦତ୍ୱା ବନ୍ଦାପନା କୃତ୍ୱା ସ୍ୱସ୍ଥା ପ୍ରତି ଦେବମାନୟେତ । ପ୍ରାସାଦ ଦ୍ୱାରଦେଶେ ଆର୍ତ୍ତ ବନ୍ଦାପନା କୃତ୍ୱା ସିଂହାସନେ ପ୍ରବେଶୟେତ୍ ।" ଶ୍ରୀମନ୍ଦିର ପ୍ରାୟ ଉପର୍ଯ୍ୟୁକ୍ତ ବିଧାନାନୁସାରେ ଦୋଳଯାତ୍ରା ନୀତି ଅନୁ ହୋଇଥାଏ । ଫଗୁ ଦଶମୀ ଦିନ ଶ୍ରୀଜୀଉଙ୍କ ମଧ୍ୟ ଧୂପ ଓ ମଇଲମ ଲାଗି ବଢ଼ିବାପରେ ଠାକୁରଙ୍କୁ ରତ୍ନବସ୍ତ୍ର କରାଯାଏ । କାରଣ ରତ୍ନବସ୍ତ୍ର ହେଉଛି ଶ୍ରୀଜୀଉଙ୍କ ବ କାଳୀନ ବେଶ । ତତ୍‌ପରେ ମହାପ୍ରଭୁଙ୍କ ସର୍ବାଙ୍ଗ ପରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ରତ୍ନସିଂହାସନରୁ ମୁକ୍ତିମ ସମ୍ମୁଖସ୍ଥ ଦକ୍ଷିଣ ଚୂହକୁ ଚାଚେରୀ ବେଶ ପାଇଁ ଅଣାଯାଏ । ଚାଚେରୀ ବେଶ ପରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଦୋଳ ଗୋବିନ୍ଦଙ୍କୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଏ । ପୂର୍ବ ପଞ୍ଚପାଣ୍ଡବ ମହାଦେବ ଆଦି ସେଠାରେ ଅପେକ୍ଷା କରିଥାଆନ୍ତି । ସେଠାରୁ ସମସ୍ତ ଦେବ ଦେବୀଙ୍କୁ ସମବେତଭାବେ ଅଣା ଚାମର-ଗୀତ-ବାଦ୍ୟଧ୍ୱନୀ ମଧ୍ୟରେ ବଡ଼ଦାଣ୍ଡ ବାଟେ ଜଗନ୍ନାଥ ବଲ୍ଲଭ ମଠକୁ ନିଆଯାଏ । ସେଠାରେ ଯଥାରୀତି ପନାତେ ଚାଚେରୀ ଭୋଗ ପରେ ଠାକୁରମାନଙ୍କ ଜଳ ନିର୍ମି ଫଗୁଖେଳ କରାଯାଇ ବିଗ୍ରହମାନଙ୍କୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତ କରାଯାଏ । ଏତାଦୃଶ ବିଧି ସାଧାରଣତଃ ଫାଲଗୁନ ଶୁ ତ୍ରୟୋଦଶୀ ପର୍ଯ୍ୟନ୍ତ ପାଳିତ ହୋଇଥାଏ ।

ଚତୁର୍ଦ୍ଦଶୀ ଦିନ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ପୂର୍ବ ବିଧି ଚାଚେରୀ ବେଶ କରାଯାଇ ସେଠାରେ ଦୋଳଗୋବିନ୍ଦ ସହ ଚାଚେରୀ ଭୋଗ ପରେ ଠାକୁରମାନଙ୍କୁ ଚିର ଦର୍ଶ ସ୍ଥାନ ମହାଲକ୍ଷ୍ମୀ ମନ୍ଦିର ସଂଲଗ୍ନ ମୋହନକୁ ନିଆଯାଏ । ସେଠାରେ ପାରମ୍ପରିକ ରୀତିରେ ଠାକୁରଙ୍କ ପକ୍ଷରୁ ମୁଦିର ଓ ଠାକୁରାଣୀଙ୍କ ତରଫରୁ ସଂପ୍ରଦାମାହାରୀ ଫଗୁ ଆଥାନ୍ତି । ତତ୍‌ପରେ ଠାକୁରମାନଙ୍କୁ ବନ୍ଦାପନା କରାଯା ଦୋଳବେଦୀକୁ ନିଆଯାଏ । ପୂର୍ବରୁ ସେଠାରେ ଅଗ୍ନି ପ୍ରସ୍ତୁତ ହୋଇ ସାରିଥାଏ । ଠାକୁରମାନେ ସେଠା ପହଞ୍ଚିବା ପରେ ହୋମକାର୍ଯ୍ୟ ତଥା ପଞ୍ଚୋପଚାର ଲାଗି ଶୀତଳ ମଣୋହି ହୁଏ । ତଦନନ୍ତର ଅଗ୍ନିଘରରେ ସଂଯୋଗ କରାଯିବା ପରେ ଠାକୁରମାନଙ୍କୁ ସପ୍ତବାର ପ୍ରଦକ୍ଷିଣ କରାଯାଇ ଶ୍ରୀମନ୍ଦିରକୁ ବିଜେ କରାଯାଏ । ଏ ରାକାଗ୍ନି ଉତ୍ସବ କୁହନ୍ତି ।

ଦୋଳ ପୂର୍ଣ୍ଣମୀଦିନ ସାଧାରଣତଃ ଦୋଳୋତ୍ସବ ପାଳନ ...ପାଇଥାଏ । ଦୋଳୋତ୍ସବ ପାଳନବିଧି ସମ୍ବନ୍ଧୀୟ ...ବିଧାନ 'ଯାତ୍ରା ଭାଗବତ'ରେ ସୁସ୍ପଷ୍ଟ । ଯଥା :— ...ର୍ଣ୍ଣମୀ ଦିବସେ ନିତ୍ୟକର୍ମାନନ୍ତରଂ କୃଷ୍ଣଂ ସିଂହାସନେ ...ତ୍ୟ ତତୋ ରାଧାକୃଷ୍ଣୌ ସୁବେଶୀ କୃତ୍ୱା । ପଞ୍ଚଘୋଷ ... ସର୍ବୈଃ ସିଂହାସନଂ ସପ୍ତବାରଂ ପ୍ରଦକ୍ଷିଣୀ କୃତ୍ୟ ...କୃଷ୍ଣୌ ବିମାନୋପରି ସଂସ୍ଥାପ୍ୟ ପ୍ରାସାଦଂ ସପ୍ତବାରଂ ...କ୍ଷିଣୀ କୃତ୍ୟ ଦୋଳମଣ୍ଡପ ସମୀପମାନୟେତ୍ । ...ଳମଣ୍ଡପଂ ସପ୍ତବାରଂ ପ୍ରଦକ୍ଷିଣୀ କୃତ୍ୟ ମଣ୍ଡପଂ ପ୍ରବେଶ-...ତ୍ । ମଣ୍ଡପୋପରି ସପ୍ତବାରଂ ପ୍ରଦକ୍ଷିଣ କୃତ୍ୱାଂ ...ଂ ଗୃହିତ୍ୱା । ଦୋଳା ସପ୍ତବାର କୁର୍ଯ୍ୟାତ୍ । ତତୋ ...ାୟାଂ ଦକ୍ଷିଣାଭିମୁଖେନ ଦେବଂ ସ୍ଥାପୟେତ । ତତୋ ...ପା ମଣ୍ଡପୋପରି ନାରିକେଳ କାଣ୍ଡେନ ପରିମାର୍ଜୟେତ୍ । ...ଶୁଦ୍ଧୋଦକେନାବସେଚନଂ କୁର୍ଯ୍ୟାତ୍ । ତତଃ ପଞ୍ଚ-...ାଷପୁରଃ ସରେଣ ନାନାବିଧ ଉପଚାରୋପ୍ୟାଦିଭିର୍ଦେବି ...ଂ ପୂଜୟେତ୍ । ପୂଜାନନ୍ତରଂ ଚତୁର୍ବିଧ ଆରତ୍ରିକ ...ଦ୍ୟାତ୍ । ତତୋ ରାଧାକୃଷ୍ଣୌ କର୍ପୂର ଚନ୍ଦନ ଚୂର୍ଣ୍ଣେନାଞ୍ଜଳି ...ୟଂ ଦଦ୍ୟାତ୍ ଏବଂ ଫଲଗୁ ଚୂର୍ଣ୍ଣେନାଞ୍ଜଳି ତ୍ରୟଂ ...ଦ୍ୟାତ୍ । ତଦନନ୍ତରଂ ଛତ୍ର ଚାମର ବ୍ୟଞ୍ଜନଦର୍ପଣାଭି ...ର୍ଦ୍ଧିଂ ସେବୟେତ୍ । ତତଃ ପୁଷ୍ପ ସୂତ୍ରେଣ ଦେବସ୍ୟ ...ାଳାଂ ସ୍ଥଳୟେତ୍ । ତତୋ ଦେବଂ ଚତୁର୍ଥବାର ...କ୍ଷିଣାନନ୍ତରଂ ଦଣ୍ଡ ପ୍ରଣାମ କୁର୍ଯ୍ୟାତ୍ । ତତଃ ପ୍ରସାଦ ...ହଣଂ । ଅତ୍ର ସମୟେ ଦେବ ନବୀନ ପଞ୍ଜିକା ...ାବୟେତ୍ । ତତୋ ଦେବଂ ପୂଜା ତ୍ରୟାନନ୍ତରଂ ଗୃହିତ୍ୱା ...ୋଳା ବହିଃ ସପ୍ତବାର ପ୍ରଦକ୍ଷିଣୀ କୃତ୍ୟ ବିମାନେ ...ାପୟେତ୍ । ତତ୍ସମୟେ ଦେବଂ ଦକ୍ଷିଣ ମୂର୍ତ୍ତି ବନ୍ଦାପନାଂ ...ର୍ଯ୍ୟାତ୍ । ଦୁର୍ବାକ୍ଷତେ ର୍ବନ୍ଦାପନାଂ କୁର୍ଯ୍ୟାତ୍ । ତତଃ ...ସିଂହାସନଂ ସପ୍ତବାରଂ ପ୍ରଦକ୍ଷିଣୀ କୃତ୍ୟ ଦେବଂ ସିଂହାସନେ ...ପ୍ରବେଶୟେତ୍ । ତତୋ ଦେବଂ ନିତ୍ୟ ପୂଜାଂ କୁର୍ଯ୍ୟାତ୍ ।"

ଶ୍ରୀଜଗନ୍ନାଥଙ୍କ ଦୋଳଯାତ୍ରା ବର୍ଣ୍ଣନାକରି କବି ଦିନହିନ ରଘୁନାଥ ଯାତ୍ରା କଦମ୍ବଂରେ କହିଛନ୍ତି —

"ଫାଲ୍ଗୁନ ପୌର୍ଣ୍ଣମି ଦିନ ଦୋଳଯାତ୍ରୀ
ଯେଉଁ ରୂପେ ହୋଏ ପୁଣ। (୨୬)

ଶ୍ରୀଜଗନ୍ନାଥଙ୍କ ଅଗ୍ରତେ କରିବ
ଦୋଳ ମଣ୍ଡପ ରଞ୍ଜନ
ଷୋଡ଼ଶ ଦିବ୍ୟ ଖମ୍ବଂ ପୋତିବ
ତହିଁ ଘରୁ ଚନ୍ଦୁଆ ଶୋଭନ। (୨୭)

ଶ୍ରୀଗୋବିନ୍ଦ ପ୍ରତିମା ପୂଜିବ
ବସାଇ ପ୍ରଭୁ ଅଗ୍ରତ ।୩୧

ଶ୍ରୀଜଗନ୍ନାଥଙ୍କୁ ପୂଜି ତାଙ୍କୁ
ପ୍ରଭୁର ବନ୍ଦମାଳ ଦେଇକରି
ଯକହ ଭାବି ରତ୍ନ ହାଦୋଳା ପରେ
କେମ ସ୍ନାନ ମଣ୍ଡପରି । ୩୨

ତହିଁ ମହାସ୍ନାନ କରାଇ ପୂଜିଣ
ବନ୍ଦାପନା କରି ସାତ
ବେଢ଼ା ବୁଲଇ ପ୍ରାସାଦ ତହୁ
ନେବ ଦୋଳମଣ୍ଡପ ତୁରିତ ।୩୩

ତହିଁ ସାତ ସ୍ତମ୍ଭଂ ବେଦୀ କି ହି
ସାତ ବେଢ଼ା ବୁଲଇ ଦୋଳାରେ
ବସାଇଣ ଦୋଳା ଉଂଛବ କରିବ
ଯୁକ୍ତ ହୋଇ ଭଗତିରେ । ୩୬

ଦୋଳ ପୂର୍ଣ୍ଣମୀ ଦିନ ଶ୍ରୀଜୀଉଙ୍କ ଅବକାଶ ପରେ ରୋଷହୋମ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ପ୍ରଭୃତି ସମାପନାନ୍ତେ ଦୋଳଗୋବିନ୍ଦଙ୍କୁ ରତ୍ନସିଂହାସନକୁ ନିଆଯାଏ । ସିଂହାସନପରି ପଞ୍ଚୋପଚାର ପୂଜା ହୋଇ ସାରିବା ପରେ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଦୋଳଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ସିଂହାସନ ତତଃ ପାର୍ଶ୍ୱରେ ସାତଥର ପରିକ୍ରମା କରି ଠାକୁରମାନଙ୍କୁ ନାଭିକଟା ମଣ୍ଡପକୁ ନିଆଯାଏ । ସେଠାରେ ବିମାନବଡୁ ଠାକୁରମାନଙ୍କୁ ବିମାନରେ ଦୋଳବେଦୀ ନିକଟକୁ ନେଇ ସାତଥର ପରିକ୍ରମା କଲାପରେ ଠାକୁରମାନଙ୍କୁ ଦୋଳବେଦୀସ୍ଥ ହାତୀଦାନ୍ତ ନିର୍ମିତ ଦୋଳାରେ ଦକ୍ଷିଣାଭିମୁଖୀ କରି ବିଜେ କରାଇଥାନ୍ତି । ଏଠାରେ ସର୍ବସାଧାରଣ ଠାକୁରମାନଙ୍କୁ ଚଣା, ଶାକର ଭୋଗକରିବା ସଙ୍ଗେ ସଙ୍ଗେ ଫଗୁ ଓ ଆମ୍ବକଷି ଲାଗି କରିଥାନ୍ତି । ଏହି ଫଗୁ ସାଧାରଣ ଫଗୁ ନୁହେଁ । ଏହା ଫାଲଗୁନ ରସ ନାମକ ଏକ ଚୂର୍ଣ୍ଣ ଅଟେ; ଯାହାକି ବସନ୍ତରୋଗ ପ୍ରଭାବ ପ୍ରତିହତ କରି ସ୍ୱାସ୍ଥ୍ୟନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ । ଏହି ପରିପ୍ରେକ୍ଷୀରେ "ଶ୍ରୀମନ୍ଦିର ସମାଚାର"ରେ ପ୍ରକାଶିତ ଏକ ଉଦ୍ଧୃତିରେ ସୂଚନା ଦିଆଯାଇ କୁହାଯାଇଛି :—

ଅଙ୍କରାନ୍ତି କର୍ପୂର ଚ ଉଶୀର ମୁତ୍‌ଥକ ତଥା,
ସତାବରି ସହ ତତ୍ର ଚୂର୍ଣ୍ଣକ ନାଗକେଶରଃ ।
ସିନ୍ଦୁର ସମ୍ୟକ୍ ରସ୍ୟ ଆୟୁଷ ବଳବର୍ଦ୍ଧକ,
ଫଲ୍‌ଗୁ ଶ୍ରୀଫାଲ୍‌ଗୁନାନନ୍ଦ ଦାୟକ ମନୋହାରଂକଃ" ।

ଏହି ଫଲ୍‌ଗୁ ବସନ୍ତ ରୋଗର ପ୍ରତିଷେଧକ ରୂପୀ ଭେଷଜ ଚୂର୍ଣ୍ଣ । ଏହି ଫଲ୍‌ଗୁ ହିଁ ଆୟୁଷ ତଥା ବଳବୃଦ୍ଧି ଅଭୀପ୍‌ସାରେ ଭକ୍ତବୃନ୍ଦ ଶ୍ରୀଫାଲ୍‌ଗୁନାନନ୍ଦ ଦୋଳଗୋବିନ୍ଦଙ୍କୁ ଲାଗି କରିଥାନ୍ତି । ତଦନ୍ତର ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥାଏ ।

"ଦକ୍ଷିଣାଭିମୁଖଂ ଦେବଂ ଦୋଳାରୂଢଂ ସୁରେଶ୍ୱରୀଂ
ସକୃଦ୍‌ଦୃଷ୍ଟ୍ୱା ତୁ ଗୋବିନ୍ଦଂ ମୁଚ୍ୟତେ ବ୍ରହ୍ମହତ୍ୟାୟା ॥"

ଅର୍ଥାତ୍ ଦୋଳଉପରେ ଦକ୍ଷିଣାଭିମୁଖ ଶ୍ରୀଜଗନ୍ନାଥ (ଦୋଳଗୋବିନ୍ଦ), ଶ୍ରୀଦେବୀ (ଲକ୍ଷ୍ମୀ) ଓ ଭୂଦେବୀ (ସରସ୍ୱତୀ)ଙ୍କୁ ଦର୍ଶନକଲେ ବ୍ରହ୍ମହତ୍ୟା ସ୍ୱରୂପ ପାପରୁ ରକ୍ଷାମିଳିଥାଏ ।

ପୁନଶ୍ଚ—

"ଦୃଷ୍ଟ୍ୱା ଦୋଳାୟିତଂ ଦେବଂ ସର୍ବପାପୈଃ ପ୍ରମୁଚ୍ୟତେ
ଆଧ୍ୟାତ୍ମିକୈ ରାଧିଭୌତୈ ରାଧିଦୈବୈ ର୍ବିମୁଚ୍ୟତେ ॥"

ଏହି ଯାତ୍ରା ଦର୍ଶନ ଫଳରେ ମନୁଷ୍ୟର ଆଧ୍ୟାତ୍ମିକ ଆଧିଦୈବିକ ଓ ଆଧି ଭୌତିକ ତ୍ରିତାପ ଖଣ୍ଡନ ହୋଇଥାଏ । ଦୋଳବେଦୀରେ

ବୈକଳ୍ପିକ ତିନିଧୂପ ଓ ଷୋଡ଼ଶ ଉପଚାର ପୂଜା, ଅଳତି ବନ୍ଦାପନା ଅବକାଶ ନୀତି, ଚୋଳାସ୍ନାନ ଏବଂ ପଶୁଖେଳ ବନ୍ଦାପନା ଅବକାଶ ନୀତି, ଦୋଳାଷ୍ଟକନା ଏବଂ ପଗୁଖେଳ

ବୈକଳ୍ପିକ ତିନିଧୂପ ଓ ଷୋଡ଼ଶ ଉପଚାର ପୂଜା, ଅଳତି ବନ୍ଦାପନା ଅବକାଶ ନୀତି, ଦୋଳାସ୍ନାନ ଏବଂ ପଗୁଖେଳ ବନ୍ଦାପନା ଅବକାଶ ନୀତି

ସମାହିତ ହୋଇଥାଏ । ଏହାପରେ ଠାକୁରମାନଙ୍କୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଯାଇଥାଏ । ଏହି ସମୟରେ ସାଧାରଣତଃ ଶ୍ରୀଜଗନ୍ନାଥଙ୍କର ରାଜବେଶ ହୋଇଥାଏ । ସେଥିଯୋଗୁଁ ଏହି ପର୍ଯ୍ୟାୟକ୍ରମିକ ଦୋଳୋତ୍ସବ ବିଧିକୁ ରାଜଦୋଳ କୁହାଯାଇଥାଏ ।

ପୂର୍ଣ୍ଣମୀ ପରଦିନ ଦୋଳଗୋବିନ୍ଦଙ୍କ ହୋରି ଉତ୍ସବ ଅନୁଷ୍ଠିତ ହୋଇଥାଏ । ବାଜୁଁଳି ପାଠୀଙ୍କ 'ଯାତ୍ରା' ଭାଗବତମ୍' ଅନୁସାରେ "ଦୋଳପୌର୍ଣ୍ଣମ୍ୟ ପରଦିନେ ଦେବଂ ସଂପୂଜ୍ୟ ଚନ୍ଦନୋଦକେନ ହରଦ୍ରୋଦକେନ ଦେବସ୍ୟ ଶରୀରେ ଅବସେଚନଂ । ନୃପ ଶାଟିକାଂ ଦଦ୍ୟାତ୍ । " ଚୈତ୍ର କୃଷ୍ଣ ପ୍ରତିପଦ ତିଥିରେ ଶ୍ରୀଜୀଉଙ୍କ ମଧ୍ୟାହ୍ନ ଧୂପ ସରିବାପରେ ଦୋଳଗୋବିନ୍ଦ ଓ ଲକ୍ଷ୍ମୀ ସରସ୍ବତୀଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରାକରାଇ ଚନ୍ଦନ ଓ ହରିଦ୍ରାଜଳ ଅବସେଚନ ପରେ ବନ୍ଦାପନା ଇତ୍ୟାଦି କରାଯାଇ ହୋରି ଉତ୍ସବ ସମାହିତ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ସମସ୍ତ ଯାତ୍ରା ପରି ଦୋଳଯାତ୍ରା ସାଧାରଣତଃ ଭ… ଚତୁର୍ବର୍ଗ ଫଳ ପ୍ରଦାନ ପାଇଁ ଅଭିପ୍ରେତ । ପ୍ରା… ଦୃଷ୍ଟିରୁ 'ସ୍କନ୍ଦ ପୁରାଣ 'ର ନିମ୍ନ ଉଦ୍ଧୃତି ଉଲ୍ଲେଖନୀୟ ।

"ଏକୈକା ମୁକ୍ତିଦା ସର୍ବାଧର୍ମ କାମାର୍ଥ ବହୁନା
ଶୋକଂ ତରତିଂ ଯଂ ଦୃଷ୍ଟା ଭବପଯୋଧି ସମ୍ଭବ…

କେବଳ ଦୋଳୋତ୍ସବ ନୁହେଁ ହିନ୍ଦୁମାନେ ପାଳନ… ପର୍ବ ପର୍ବାଣି ଓ ଯାନିଯାତ୍ରା ମଧ୍ୟରେ ଏପରି ବିଧାନ… ଅଛି ଯାହାକି ପାରଂପରିକ ଧାର୍ମିକ ଅଭିବ୍ୟକ୍ତି ବହନ… ସଙ୍ଗେ ସଙ୍ଗେ ମାନବ ସମାଜରେ ସଂହତି ପ୍ରତିଷ୍ଠାକରି… ତଥା ଜୀବନୀଶକ୍ତି ନିୟନ୍ତ୍ରଣରେ ସହାୟକ ହୋଇଥା…

ନୂଆଗାଁ, ଭୁବନେଶ୍ବର-୨
ପୁରୀ

ବିଦ୍ୟାଧରପୁରଠାରେ, ୨,୦୦୦ ଏକର ପରିମିତ ଜମିରେ ନୂତନ କଟକ (ଅଭିନବ ବିଦ୍ୟାଧରପୁର କଟକ) ଏକ ଆଧୁନିକ ସହର ରୂପେ ବିକାଶ ଲାଭ କରୁଛି । ଏହା ଫଳରେ କଟକ ନଗରୀର ସଂପ୍ରସାରଣ ପାଇଁ କଟକବାସୀଙ୍କର ଦୀର୍ଘ ଦିନର ଆବଶ୍ୟକତା ପୂରଣ ହୋଇପାରିବ ।

ଏହି ସହରରେ ଯେପରି ଦୁଇ ଲକ୍ଷ ଲୋକ ବସବାସ କରିପାରିବେ, ସେଥିପାଇଁ ସହର ଯୋଜନାର ଅତ୍ୟାଧୁନିକ ତଥା ସର୍ବଶେଷ ଚିନ୍ତାଧାରା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯାଇଛି, ଜନସାଧାରଣଙ୍କର ଆବଶ୍ୟକତା ପରିପୂରଣ ନିମନ୍ତେ ସମସ୍ତ ଆଧୁନିକ ଭିତ୍ତିଭୂମିକ ସୁବିଧା, ଯଥା—ଓସାରିଆ ପକ୍କା ରାସ୍ତା, ଭୂତଳ ନର୍ଦ୍ଦମା ଜଳ ନିଷ୍କାସନ ନାଳୀ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ପାର୍କ, ଖେଳପଡ଼ିଆ, ହାସପାତାଳ, ଡାକ୍ତରଖାନା, ସ୍କୁଲ କଲେଜ ଓ ମାର୍କେଟ ପ୍ରଭୃତି ପାଇଁ ଯୋଜନା କରାଯାଇଛି ।

ପ୍ରସ୍ତାବିତ ଅଭିନବ ବିଦ୍ୟାଧରପୁର କଟକ ସହରକୁ ବାରୋଟି ସେକ୍ଟର ଓ ଗୋଟିଏ କେନ୍ଦ୍ରୀୟ ବ୍ୟବସାୟ ଜିଲ୍ଲାରେ ବିଭକ୍ତ କରାଯିବ । ସଂପ୍ରତି ମାର୍କେଟ ନଗର ନାମରେ ଥିବା ସେକ୍ଟର ଛଅକୁ ଆବଶ୍ୟକ ଭିତ୍ତିଭୂମି ସହ ବସବାସର ସୁବିଧା ନିମନ୍ତେ ଉନ୍ନତ କରାଯାଉଛି । ସେକ୍ଟର ଛଅରେ ବିଭିନ୍ନ ଧରଣର ବାସ ଗୃହ ରହିଛି ଏବଂ ବିକ୍ରୟ ନିମନ୍ତେ କେତେକ ପ୍ଲଟ ଅଛି । ଆବଶ୍ୟକ ଭିତ୍ତିଭୂମିକ ସୁବିଧା ସହ ଉନ୍ନତ ପ୍ଲଟଗୁଡ଼ିକ ୧୯୮୭ ମଧ୍ୟ ଭାଗ ସୁଦ୍ଧା ବିକ୍ରୟ ପାଇଁ ପ୍ରସ୍ତୁତ ହୋଇ ପାରିବ ବୋଲି ଆଶା କରାଯାଉଛି ।

ଏଭଳି ସୁବର୍ଣ୍ଣ ସୁଯୋଗ ଜନସାଧାରଣ ଉପଯୋଗ କରିବେ ବୋଲି ଆମେ ଆଶା କରୁ ।

# ଚଳଚ୍ଚିତ୍ର ବିକାଶରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ




ଶ୍ରୀ ରଣଧୀର ଦାସ



୧୯୩୪ରୁ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ୧୯୭୯ ସୁଦ୍ଧା ମାତ୍ର ୮୩ଟି ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା । ଭାରତୀୟ ଚଳଚ୍ଚିତ୍ର ଇତିହାସରେ ୧୯୩୧ରେ ପ୍ରଥମ ହିନ୍ଦିଚିତ୍ର ରାଜା ହରିଶ୍ଚନ୍ଦ୍ର ନିର୍ମିତ ହେବାର ୩ବର୍ଷ ପରେ ପ୍ରଥମ ଓଡ଼ିଆଚିତ୍ର ମୋହନ ଗୋସ୍ୱାମୀଙ୍କ ପ୍ରଯୋଜିତ 'ସୀତାବିବାହ' ନିର୍ମିତ ହୋଇଥିଲା । ୧୯୬୦ ମସିହା ପର୍ଯ୍ୟନ୍ତ ଓଡ଼ିଆରେ ହାରାହାରି ବର୍ଷକୁ ଗୋଟିଏ ଚଳଚ୍ଚିତ୍ର ମୁକ୍ତି ପାଇଥିଲା ।

୧୯୭୫ରେ ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ମମତା ଚଳଚ୍ଚିତ୍ରର ଅପୂର୍ବ ସଫଳତା ଓଡ଼ିଆରେ ଚିତ୍ରନିର୍ମାତାଙ୍କର ଦୃଷ୍ଟି ଆକର୍ଷଣ କଲା । ଏହାପରେ ୧୯୭୫ରେ ଦୁଇଟି ରଙ୍ଗୀନ ଚିତ୍ର 'ଗପ ହେଲେବି ସତ' ଓ 'ଶେଷ ଶ୍ରାବଣ' କେବଳ ଉଚ୍ଚକୋଟୀର ଚଳଚ୍ଚିତ୍ର ନୁହେଁ ବକ୍ସ ଅଫିସ (Boxoffice) ଦୃଷ୍ଟି କୋଣରୁ ହିଟ୍ ଚିତ୍ର ଭାବେ ଖ୍ୟାତି ଅର୍ଜନ କଲା । ୧୯୭୭, ୭୮, ୭୯, ୮୦ରେ ଓଡ଼ିଆ ଚଳଚ୍ଚିତ୍ରର



• କଳିଙ୍ଗ ଷ୍ଟୁଡିଓ ଭୁବନେଶ୍ୱର

ନିର୍ମାଣ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା ଏବଂ ଏହି ଚାରିବର୍ଷ ମଧ୍ୟରେ ଯଥାକ୍ରମେ ୧୧, ୧୫, ୯, ଓ ୧୨ଟି ଲେଖାଏଁ ଚଳଚ୍ଚିତ୍ର ନିର୍ମିତ ହୋଇ ପାରିଲା ।

ଓଡ଼ିଆ ଚଳଚ୍ଚିତ୍ର ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଚିତ୍ରନିର୍ମାତାଙ୍କ ପାଇଁ ଦୁଇଟି ଅସୁବିଧା ମୁଖ୍ୟତଃ ଅନୁଭୂତ ହେଲା । ଓଡ଼ିଶାରେ ଗୋଟିଏ ଭଲ ଷ୍ଟୁଡିଓ (Studio) ଏବଂ ଚିତ୍ର ରିଲିଜ୍ କରିବା ପାଇଁ ଯଥେଷ୍ଟ ସଂଖ୍ୟକ ପ୍ରେକ୍ଷାଳୟ ନାହିଁ । ତେଣୁ ଚିତ୍ରନିର୍ମାତାମାନେ ବହୁ ଖର୍ଚ୍ଚାନ୍ତ ହୋଇ କଲିକତା, ବମ୍ବେ ଓ ମାଡ୍ରାଜରେ ଗୀତ ରେକର୍ଡିଂ, ଏଡିଟିଂ, ଓ ସୁଟିଂ କରୁଥିଲେ । ଦ୍ୱିତୀୟତଃ ସୀମିତ ସଂଖ୍ୟକ ପ୍ରେକ୍ଷାଳୟ ହେତୁ, ଚିତ୍ରଟିର ରିଲିଜ୍ ପାଇଁ ପ୍ରେକ୍ଷାଳୟ ପାଇବାରେ ନିର୍ମାତା ତଥା ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ୁଥିଲା ।

ରାଜ୍ୟ ସରକାର ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଚଳଚ୍ଚିତ୍ର ନିର୍ମାଣକୁ ଏକ ଶିଳ୍ପ ଭାବରେ ୧୯୮୦ ଠାରୁ ଗ୍ରହଣ କଲେ ଏବଂ ଏହାଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ବିକାଶ ଦିଗରେ ବିଭିନ୍ନ ସୁଯୋଗ ଓ ସୁବିଧା ଉଦ୍ୟୋଗୀମାନଙ୍କୁ ଦିଆ ଯିବାର ବ୍ୟବସ୍ଥା ହେଲା । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଜରିଆରେ ନିମ୍ନ ଲିଖିତ ସୁଯୋଗ, ସୁବିଧା ଉଦ୍ୟୋଗୀମାନେ ପାଇ ପାରିବେ ।

ଘରୋଇ ଉଦ୍ୟୋଗୀମାନଙ୍କୁ ଛୋଟ ସହରରେ ସୁଲଭ ମୂଲ୍ୟରେ ଜନତା ପ୍ରେକ୍ଷାଳୟ ନିର୍ମାଣ କରିବା ପାଇଁ ଆର୍ଥିକ ସହାୟତା ଓ ସବସିଡି ପ୍ରଦାନ କରାଯାଏ । ଏହି ଜନତା ପ୍ରେକ୍ଷାଳୟରେ ୫୦୦ ଲୋକ ବସିପାରିବେ । ଏହାର ମୋଟ ପ୍ରୋଜେକ୍ଟ ମୂଲ୍ୟ ୮ଲକ୍ଷ ଟଙ୍କାରୁ ଶତକଡ଼ା ୭୦ ଭାଗ ଋଣ ଅର୍ଥାତ୍ ୫ଲକ୍ଷ ୬୦ ହଜାର ବ୍ୟାଙ୍କ ଯୋଗାଇ ଦେବ । ଉଦ୍ୟୋଗୀଙ୍କୁ ମୋଟ ୮ଲକ୍ଷର ଶତକଡ଼ା ୨୦ ଭାଗ ଅର୍ଥାତ୍ ୧ଲକ୍ଷ ୬୦ ହଜାର ଟଙ୍କା ନିଜେ ବହନ କରିବାକୁ ପଡ଼ିବ । ଅବଶିଷ୍ଟ ୧୦ ଭାଗ କ୍ୟାପିଟାଲ (Seed Capital) ଭାବରେ ୮୦ ହଜାର ଋଣ ଚଳଚ୍ଚିତ୍ର ଉନ୍ନୟନ ନିଗମ ଉଦ୍ୟୋଗୀଙ୍କୁ ଦେବେ ।

ସେହିପରି ଭାବରେ ବ୍ଲକ ବା ତହସିଲ ଅଞ୍ଚଳରେ ... ଲୋକ ବସିପାରିବା ଭଳି 'ଗ୍ରାମ୍ୟ ପ୍ରେକ୍ଷାଳୟ' ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେଲା । ୪ଲକ୍ଷ ୩୫ ହଜାର ଟଙ୍କା ପ୍ରୋଜେକ୍ଟ ମୂଲ୍ୟର ଗ୍ରାମ୍ୟ ସିନେମାହଲ୍ ମଧ୍ୟ ବିଭିନ୍ନ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ସ୍କିମ୍ ଗ୍ରହଣ କରାଯାଇଛି ।

ଜନତା ସ୍କିମ୍ ଭଳିଆରେ ପ୍ରାୟ ୭୦ ଜଣ ଉଦ୍ୟୋଗୀ ଏବଂ ଗ୍ରାମ୍ୟ ସିନେମାହଲ ନିର୍ମାଣ କରିବା ପାଇଁ ୧୫ ଉଦ୍ୟୋଗୀଙ୍କୁ ଋଣ ଦେବା ପାଇଁ ସ୍ଥିର କରାଯାଇଛି ।

ପ୍ରେକ୍ଷାଳୟ ବୃଦ୍ଧି ପାଇବା ଫଳରେ ଓଡ଼ିଆ ନିର୍ମାତାମାନେ ଛବିଟି ଅଧିକ ଥର ପ୍ରଦର୍ଶିତ କରିପାରି ଗୋଟିଏ ଗୋଟିଏ ସ୍ଥାନରେ ଏକାଧିକ ପ୍ରେକ୍ଷାଳୟ ହେବା ଫଳରେ ଚିତ୍ର ନିର୍ମାତାମାନେ ଚିତ୍ର ରିଲିଜ୍ ଆଶାନୁରୂପ ଅଧିକ ଟଙ୍କା ମଧ୍ୟ ପାଇବା ସମ୍ଭବପର । ବର୍ତ୍ତମାନ ଜଣେ ମଧ୍ୟମ ଧରଣ ଓଡ଼ିଆ ଚିତ୍ର ନିର୍ମାତା ରିଲିଜ୍ ପୂର୍ବରୁ ଅନ୍ୟୂନ ୪-୫ ଲକ୍ଷ ଟଙ୍କା ପ୍ରେକ୍ଷା... ସଂଗ୍ରହ କରିବା ସମ୍ଭବପର ହୋଇ ପାରୁଛି ।

ଓଡ଼ିଶାରେ ୧୯୭୪-୭୫ ମଧ୍ୟରେ ପ୍ରେକ୍ଷାଳୟର ସଂଖ୍ୟା ୧୧୭ ଥିବାବେଳେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ଋଣ ବ୍ୟବସ୍ଥା ଫଳରେ ମାତ୍ର ୫ ବର୍ଷ ମଧ୍ୟରେ ନୂତନ ପ୍ରେକ୍ଷାଳୟ ଗଢି ଉଠିଛି । ଅନ୍ୟୂନ ୩୦ଟି ଓ ଗ୍ରାମ୍ୟ ପ୍ରେକ୍ଷାଳୟ ନିର୍ମାଣାଧୀନ ଅଛି ।

ଡ଼ିଆ ଚଳଚ୍ଚିତ୍ର ପ୍ରଯୋଜନାକୁ ଉତ୍ସାହିତ କରିବା ପାଇଁ ର୍ମାତାଙ୍କୁ ଚଳଚ୍ଚିତ୍ର ନିଗମ ଆର୍ଥିକ ସହାୟତା ପାଇଁ ଯୋଜନା କଲେ । ଶତକଡ଼ା ୧ ଟଙ୍କା ସୁଧରେ ସର୍ବୋଚ୍ଚ ଟଙ୍କା ପର୍ଯ୍ୟନ୍ତ ଚିତ୍ର ନିର୍ମାତା ପାଇପାରିବେ । ୧୯୮୦ରୁ ଫେବୃଆରୀ ମଧ୍ୟରେ ମୋଟ ୫୦ଟି ଓଡ଼ିଆ ଚଳଚ୍ଚିତ୍ର ଣ ପାଇଛନ୍ତି ।

ପ୍ରନଶ୍ଚ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅଧିକ ସଂଖ୍ୟାରେ ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବା ପାଇଁ କଳା ଧଳା ଚିତ୍ର ସର୍ବୋଚ୍ଚ ୧ଲକ୍ଷ ଓ ରଙ୍ଗୀନ ଚିତ୍ର ପାଇଁ ସର୍ବୋଚ୍ଚ ଦେଢ଼ ଟଙ୍କା ସବ୍‌ସିଡ଼ି (Subsidy) ଦେବାର ବ୍ୟବସ୍ଥା ହୋଇଛି । ଚିତ୍ରଗୁଡ଼ିକ ୧-୪-୧୯୭୮ ପରେ ପ୍ରଯୋଜିତ ହୋଇଥିବା ୟକ । ରାଜ୍ୟସରକାରଙ୍କ ନିର୍ମାତା କଳିଙ୍ଗ ଷ୍ଟୁଡିଓରେ ବା ବିଭିନ୍ନ ବୈଷୟିକ ସୁବିଧା ସୁଯୋଗ ବ୍ୟବହାର । ଏହି ସର୍ତ୍ତର ଅନ୍ତର୍ଭୁକ୍ତ । ୧୯୮୦ରୁ ୧୯୮୬ ଫେବୃଆରୀ ମୋଟ ୫୩ଟି ଓଡ଼ିଆ ଚଳଚ୍ଚିତ୍ରକୁ ସବ୍‌ସିଡି ଦିଆଯାଇଛି ।

ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଓଡ଼ିଆଚିତ୍ର ପ୍ରଦର୍ଶନ ପ୍ରତି ଶାଳୟ ବିଶେଷ ଆଗ୍ରହ ପ୍ରକାଶ କରୁନଥିଲେ । ଓଡ଼ିଶାର ୀ ଭାଗ ପ୍ରେକ୍ଷାଳୟ କଲିକତାର ପରିବେଷକ ଅଥବା ଓଡ଼ିଆ ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ । ତେଣୁ ଓଡ଼ିଆ ଚିତ୍ର ପ୍ରଦର୍ଶନ ପାଇଁ ସେମାନଙ୍କର ବିରୋଧ ଭାବ ଲକ୍ଷ୍ୟ ଗଲା । ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଶା ସିନେମା ନିୟନ୍ତ୍ରଣ ଧାରା ୧୯୫୪ରେ ପରିବର୍ତ୍ତନ କରି ତ୍ୟକ ପ୍ରେକ୍ଷାଳୟରେ ବର୍ଷକୁ ନ୍ୟୁନ ୮ ସପ୍ତାହ ବାଧ୍ୟତା-କ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ବ୍ୟବସ୍ଥା କଲେ । ରେ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଚଳଚ୍ଚିତ୍ର ଗୁଡ଼ିକ ଅନାୟସରେ ର୍ଶନ ହୋଇ ପାରୁଛି ଏବଂ ଓଡ଼ିଆ ଚିତ୍ର ନିର୍ମାତାମାନେ କୃତ ହେଉଛନ୍ତି ।

ଟଙ୍କା ସୁଧରେ ପାଇ ପାରିବେ । ଧାର୍ଯ୍ୟ ସମୟରେ ଋଣ ପରିଶୋଧ କଲେ ଶତକଡ଼ା ୨ ସୁଧ ରିହାତି ପାଇବେ । ଏହି ସ୍କିମ୍‌ରେ ୪ଜଣ ଚିତ୍ର ନିର୍ମାତା ଋଣ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଯୋଜକ ଶ୍ରୀ ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଶିଶିର ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଏଇ ଆମ ସଂସାର'ର ସୁଟିଂ ଶେଷ ହୋଇଛି । ଶ୍ରୀ ନିତାଇ ପାଲିତଙ୍କ ନିର୍ଦ୍ଦେଶିତ 'ରଘୁ ଅରକ୍ଷିତ' ଓ ସତ୍ୟ ମିଶ୍ର ପ୍ରଯୋଜିତ ବିମଳ ଦଉଙ୍କ ନିର୍ଦ୍ଦେଶନାରେ 'ତାରା' ପ୍ରସ୍ତୁତି ଚାଲିଛି ।

ଚଳଚ୍ଚିତ୍ର ଏକ ବଳିଷ୍ଠ ମାଧ୍ୟମ । ତେଣୁ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ଏବଂ ଅନ୍ୟାନ୍ୟ ରାଜ୍ୟର ଚଳଚ୍ଚିତ୍ରର ବିକାଶ ସଂପର୍କରେ ଦର୍ଶକ ତଥା ଚଳଚ୍ଚିତ୍ର ଶିଳ୍ପ ସହିତ ସଂପୃକ୍ତ ବ୍ୟକ୍ତିଙ୍କର ଭାବର ଆଦାନ ପ୍ରଦାନ ପାଇଁ ଚଳଚ୍ଚିତ୍ର ଉତ୍ସବ ବିଶେଷ ସହାୟକ ହୋଇଥାଏ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ୧୯୭୯ ଠାରୁ ୭ ବର୍ଷ ନିୟମିତ ଭାବରେ ଏକ ସପ୍ତାହ ବ୍ୟାପୀ ଆଞ୍ଚଳିକ ଚଳଚ୍ଚିତ୍ର ଉତ୍ସବ ଆୟୋଜନ କରି ଜାତୀୟ ପୁରସ୍କାର ପ୍ରାପ୍ତ ହିନ୍ଦି, ବଙ୍ଗଳା, ତାମିଲ, ତେଲୁଗୁ, ମାଲାୟମ ମରାଠୀ, ଆସାମୀ, ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସ୍ଥା କରିଛନ୍ତି । ଏହି ଉତ୍ସବରେ ଭାରତର ପ୍ରଖ୍ୟାତ ଚିତ୍ର ନିର୍ମାତା, ଚିତ୍ର ନିର୍ଦ୍ଦେଶକମାନେ ନିମନ୍ତ୍ରିତ ହୋଇ ଯୋଗ ଦେଇଛନ୍ତି ।

ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଷଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ଉତ୍ସବ ସହିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କଟକ ଗ୍ରାଣ୍ଡ ସିନେମାରେ ୨୮-୬-୮୪ରୁ ୫-୭-୮୪ ପର୍ଯ୍ୟନ୍ତ ପାଳିତ ହୋଇଥିଲା ।

ଓଡ଼ିଶା ଚଳଚ୍ଚିତ୍ରର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ୮୭ ଜଣ କଳାକାର, ଶିଳ୍ପୀ, କଳାକୁଶଳୀ-ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ଜାତୀୟ



ରେକର୍ଡିଙ୍ଗ୍ ଓ ଟ୍ରାନ୍ସଫର ବ୍ୟବସ୍ଥା



ଭରରେ ସୁନାମ ଅର୍ଜନ କରିଥିବା ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଶ୍ରୀ ସୀତାକାନ୍ତ ମିଶ୍ର, ଶ୍ରୀ ନୀରଦ ମହାପାତ୍ର । ଶ୍ରୀ ମନମୋହନ ମହାପାତ୍ର, ଶ୍ରୀ ସାଧୁ ମେହେର, ଶ୍ରୀ ବଂଶ୍ରୀ ବିହାଣୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା । ଚଳଚ୍ଚିତ୍ର ସଂପର୍କରେ ଏକ ଆଲୋଚନା ଚକ୍ର ବିଶିଷ୍ଟ ଚିତ୍ର ନିର୍ଦ୍ଦେଶକ ଓ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ହୃଷିକେଶ ଉଦ୍‌ଘାଟନ କରିଥିଲେ ।





ଏକ ସମୀକ୍ଷାରୁ ଦେଖାଯାଇଛି ୧୯୮୫ରେ ଅନ୍ୟାନ୍ୟ ଭାଷାଭାଷୀ ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ବୃଦ୍ଧି ଅନୁପାତରେ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ ସଂଖ୍ୟାର ହାର ବୃଦ୍ଧି ପାଇଛି । ୧୯୮୪ ସାଲରେ ବଙ୍ଗଳାରେ ୩୫, ଗୁଜରାଟୀରେ ୩୦ ମରାଠୀରେ ୨୫ ଟି ଓ ଓଡ଼ିଆରେ ୧୪ଟି ଚିତ୍ର ହୋଇଥିବା ସ୍ଥଳେ ୧୯୮୫ରେ ବଙ୍ଗଳାରେ ୨୮ଛି, ଗୁଜରାଟୀରେ ୨୨, ମରାଠୀରେ ୧୬ ଏବଂ ଓଡ଼ିଆରେ ୧୭ଟି ଚିତ୍ର ସେନ୍ସର ହୋଇଛି ଅର୍ଥାତ୍ ଅନ୍ୟାନ୍ୟ ଚଳଚ୍ଚିତ୍ରର ନିର୍ମାଣ ସଂଖ୍ୟା କମିଯାଇଥିବା ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ୩ଟି ବୃଦ୍ଧି ପାଇଛି । ୧୯୮୬ ଜାନୁଆରୀ-ଫେବୃଆରୀ ମଧ୍ୟରେ ୪ଟି ଓଡ଼ିଆ ଚିତ୍ର ମୁକ୍ତି ପାଇଛି ।





ଓଡ଼ିଶାରେ ଗୋଟିଏ ପୂର୍ଣ୍ଣାଙ୍ଗ ଷ୍ଟୁଡିଓ ନିର୍ମାଣ, ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଅଭିବୃଦ୍ଧି ଦିଗରେ ଏକାନ୍ତ ଆବଶ୍ୟକ । ପୂର୍ବରୁ ଚିତ୍ରନିର୍ମାତାମାନେ କଲିକତା, ବମ୍ବେ ଓ ମାଡ୍ରାଜରେ ଗୀତ ରେକର୍ଡିଂ ଏଡିଟିଂ, ସୁଟିଂ ପାଇଁ ଯାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୧୯୮୨ ମଇ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଳିଙ୍ଗ ଷ୍ଟୁଡିଓ ଖଣ୍ଡଗିରି ନିକଟରେ ଉଦ୍‌ଘାଟନ କଲେ । ଏହା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଓ ମାଡ୍ରାଜର ଶାରଦା ଏଣ୍ଟର ପ୍ରାଇଜରସଙ୍କ ମିଳିତ ଆର୍ଥିକ ସହାୟତା ଓ ଉଦ୍ୟମରେ କାର୍ଯ୍ୟକାରୀ ହୋଇଥିଲା । ସଂପ୍ରତି ଏହା ସଂପୂର୍ଣ୍ଣ ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନିୟନ୍ତ୍ରଣାଧୀନ ଅଛି ।

ଏହି ଷ୍ଟୁଡିଓରେ ୩୫ ଓ ୧୬ ମିଲିମିଟର କ୍ୟାମେରା ସହିତ ଅନ୍ୟାନ୍ୟ ଆନୁଷାଙ୍ଗିକ ବ୍ୟବସ୍ଥା, ଏଡିଟିଂ ପାଇଁ ସୁବିଧା ସୁଟିଂ ପାଇଁ ଇନ୍‌ଡୋର ଷ୍ଟୁଡିଓ, ଡବିଂ, ଗୀତ ରେକର୍ଡିଂ ଷ୍ଟୁଡିଓ, ଫିଲ୍ମ ପ୍ରିଭ୍ୟୁ ପାଇଁ ବ୍ୟବସ୍ଥା ରହିଛି ।

୧୯୮୬ ଫେବୃଆରୀ ସୁଦ୍ଧା ୪୯ଟି ଓଡ଼ିଆ ଚିତ୍ର କଳିଙ୍ଗ ଷ୍ଟୁଡିଓର୍ ବିଭିନ୍ନ ବୈଷୟିକ ସୁବିଧାର ସଦୁପଯୋଗ କରିଛନ୍ତି । ବଙ୍ଗଳା ଚିତ୍ର ବୈଦୁର୍ଯ୍ୟ ରହସ୍ୟ, ହିନ୍ଦି ଚିତ୍ର ଆଶ୍ରୟ, ଆଙ୍ଖି ଗଲି, ତସଖର, ଅପନି ଅପନି, ସେ କଲାନୀ ନେହିଁ; ମଧ୍ୟ କଳିଙ୍ଗ ଷ୍ଟିଡିଓରେ ବୈଷୟିକ ସୁବିଧାର ସଦୁପଯୋଗ କରି ସନ୍ତୋଷ ପ୍ରକାଶ କରିଛନ୍ତି । ଜାତୀୟ ପୁରସ୍କାର ପାଇଥିବା ଚିତ୍ର 'ମାୟା ମିରିଗ' ଗୀତରାତି, ନୀରବ ଝଡ଼, ସନ୍ଧନ, କ୍ଲାନ୍ତ ଅପରାହ୍ନ, କଳିଙ୍ଗ ଷ୍ଟୁଡିଓରେ ବିଭିନ୍ନ ବୈଷୟିକ ସୁବିଧା ସୁଯୋଗର ବ୍ୟବହାର କରିଛନ୍ତି ।

ସପ୍ତମ ଯୋଜନାରେ ଗୋଟିଏ ରଙ୍ଗୀନ ପ୍ରୋସେସିଂ ଲବୋରାଟୋରୀ ସ୍ଥାପନ ହେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି, ଫଳରେ ଏକ ସ୍ୱୟଂ ସଂପୂର୍ଣ୍ଣ ପୂର୍ଣ୍ଣାଙ୍ଗ ଷ୍ଟୁଡିଓ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ବିକାଶ ଦିଗରେ ବିଶେଷ ସହାୟକ ହେବ ।

ଓଡ଼ିଶାରେ ୧୯୩୪ରୁ ୧୯୭୯, ୪୬ ବର୍ଷ ମଧ୍ୟରେ ୮୩ ଟି ଚିତ୍ର ନିର୍ମିତ ହୋଇଥିବା ସ୍ଥଳେ ୧୯୮୦ରୁ ମାର୍ଚ୍ଚ ସୁଦ୍ଧା ୭୦ଟି ଚିତ୍ର ନିର୍ମାଣ ହୋଇଛି । ଓଡ଼ିଆ ଚି... ନିର୍ମାଣର ଦ୍ରୁତ ବିକାଶ ଦିଗରେ ଓଡ଼ିଶା ଚଳଚ୍ଚିତ୍ର ... ନିଗମର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅନସ୍ୱୀକାର୍ଯ୍ୟ ।

ଓଡ଼ିଆ ଚଳଚ୍ଚିତ୍ର ସମ୍ପୃତିର ମୋଟ ବଜେଟ୍‌ର ମୂ... ପାଇବା ଫଳରେ ଚିତ୍ର ନିର୍ମାତାମାନେ ଅସୁବିଧା ... ହେବା ଲକ୍ଷ୍ୟ କରି ଚଳଚ୍ଚିତ୍ର ଉନ୍ନୟନ ନିଗମ ... (Term Loan) ବ୍ୟବସ୍ଥା ୧୯୮୫-୮୬ରେ କାର୍ଯ୍ୟକାରୀ ... ଚିତ୍ର ନିର୍ମାତା ସର୍ବୋଚ୍ଚ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ...

ଓଡ଼ିଆ ଚଳଚ୍ଚିତ୍ରର ବିକାଶ ଗରେ ଓଡ଼ିଆ ... ଉନ୍ନୟନ ନିଗମର ଅବଦାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ର... କରିଛି, ତାହା ଅନୁଭୂତ ହୋଇଛି ।


ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଉତ୍କୃଷ୍ଟ ... ଚିତ୍ରର ବିକାଶ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କ... ଗୋଟିଏ ଚଳଚ୍ଚିତ୍ର ସଙ୍ଗ୍ରହାଳୟ ( Film Arc... ଚଳଚ୍ଚିତ୍ର ପୁସ୍ତକ ଲାଇବ୍ରେରୀ ସ୍ଥାପନ, ନ୍ୟାସନାଲ୍ ଆର୍କାଇଭ୍ ଓ ପୁନାର ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ସହା... ଚଳଚ୍ଚିତ୍ର ଆଲୋଚନା ଚକ୍ର, (Film appreciation ... ନିଗମ ସହାୟତାରେ ବିଭିନ୍ନ ସରକାରୀ ବିଭାଗ ଓ ... ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ, ଭ୍ରାମ୍ୟମାଣ ପ୍ରେ... ବିକାଶ ପ୍ରଭୃତି ଚଳଚ୍ଚିତ୍ର ନିଗମ ଭବିଷ୍ୟତରେ ... ଗ୍ରହଣ କରିବ ।

ମୁଖ୍ୟସଂପାଦକ
ଜୀବନରଙ୍ଗ-ରଙ୍ଗୀନ ଚିତ୍ର ଜୀବନ
ଷ୍ଟେସନ ରୋଡ୍, କଟକ—୭୫୩୦୦୨


OGP—MP-VI (I. & P. R.) 77—6,000—31-7-1986



ମାନଚିତ୍ର ପ୍ରକାଶନ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଜେରକ୍ସ ମେସିନ୍‌, ଉଦ୍‌ଘାଟନ .....
MORDENISED XEROX MACHINE INAUGURATED BY C.M.



ସୋରଡ଼ା ବ୍ଲକରେ ଦାରିଦ୍ର୍ୟ ନିବାରଣ କାର୍ଯ୍ୟକ୍ରମର ସମୀକ୍ଷା।
C.M. talking to the beneficianes.



ଫକୀର ମୋହନ ସେନାପତିଙ୍କ ଜୀବନୀ ପୁସ୍ତିକା ଉନ୍ମୋଚନ ଉତ୍ସବରେ ମୁଖ୍ୟମନ୍ତ୍ରୀ ....

Licence No. C. R. N. P. 5—Licensed to post without Pre-Payment



ଶହୀଦ ମାନଙ୍କ ପ୍ରତି ଜାତିର ଶ୍ରଦ୍ଧାଞ୍ଜଳି
*Nation pays Homage to martyrs*



ପାର୍ଲିଆମେଣ୍ଟ ବଜେଟ ଅଧିବେଶନକୁ
*To Address the Budget Session*




6437
23/1/73
GOVT. OF ... DEPT.
RESEARCH & REFERENCE LIBRARY